# ଧରିତ୍ରୀ DHARITRI

ଭୁବନେଶ୍ୱର, ଶନିବାର, ଅକ୍ଟୋବର ୨୧/୨୦୨୩ (୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, October 21/2023 Page 20 ₹ 7.00

୪୯ଶ ଭାଗ ୩୨୭ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 327 ମୂଲ୍ୟ ₹୭/-










**୧୦,୦୦୦ କୋଟିର ୨ ହଜାର ଟଙ୍କିଆ ନୋଟ୍ ଫେରିନି**

ଭାରତୀୟ ଅର୍ଥ ବ୍ୟବସ୍ଥାକୁ ମୋଟ ୧୦,୦୦୦ କୋଟିର ୨ ହଜାର ଟଙ୍କିଆ ନୋଟ୍ ଫେରିନାହିଁ। ଏତେ ପରିମାଣର ଦୁଇ ହଜାରିଆ ନୋଟ୍‌ଗୁଡ଼ିକୁ ଏବେ ମଧ୍ଯ ଲୋକେ ନିଜ ପାଖରେ ରଖିଛନ୍ତି ବୋଲି ଶୁକ୍ରବାର ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଗଭର୍ନର ଶକ୍ତିକାନ୍ତ ଦାସ ସୂଚନା ଦେଇଛନ୍ତି। ତେବେ ଏହି ନୋଟ୍‌ଗୁଡ଼ିକ ମଧ୍ୟ ଫେରିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ପ୍ରକାଶ ଯେ, ଗତ ମେ' ୧୯ରେ ଆର୍‌ବିଆଇ ୨ ହଜାର ଟଙ୍କିଆ ନୋଟ୍ ପ୍ରତ୍ୟାହାର ଘୋଷଣା କରି ଅର୍ଥ ଜଗତକୁ ବିସ୍ମିତ କରିଦେଇଥିଲା। ୨୦୧୬ର ବିମୁଦ୍ରାକରଣ ପରେ ଏହି ବଡ଼ ନୋଟ୍ ପ୍ରଚଳନ ହୋଇଥିଲା।

# ପୁଟିନ୍ ହମାସ୍ ସଦୃଶ

## ଯୁଦ୍ଧରେ ଆମେରିକା ମୁଣ୍ଡ ପୂରାଇବାର କାରଣ ଦର୍ଶାଇଲେ ବାଇଡେନ୍

**ୱାଶିଂଟନ୍,୨୦।୧୦**



ଇସ୍ରାଏଲ ଓ ୟୁକ୍ରେନ୍‌କୁ ଯୁଦ୍ଧରେ ସମର୍ଥନ ପାଇଁ ଆମେରିକୀୟମାନେ ଆହୁରି ଅନେକ ବିଲିୟନ୍ ଡଲାର ଖର୍ଚ୍ଚ କରିବା ଉଚିତ। ଦେଶବାସୀଙ୍କୁ ଏହା ବୁଝାଇବା ପାଇଁ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଏକ ନୂଆ ମିଶନ ଆରମ୍ଭ କରିଛନ୍ତି। ଆମେରିକା ହିଁ ବିଶ୍ୱରୁ ଅରାଜକତା ଦୂର କରିପାରିବ ବୋଲି ସେ ଯୁକ୍ତି ବାଢ଼ିଛନ୍ତି।

ଇସ୍ରାଏଲରୁ ଫେରିବା ପରେ ହ୍ୱାଇଟ୍ ହାଉସ୍‌ର ଓଭାଲ ଅଫିସରେ ଗୁରୁବାର ଦେଶବାସୀଙ୍କୁ ସମ୍ବୋଧିତ କରି ବାଇଡେନ୍ କହିଛନ୍ତି, ବିଶ୍ୱକୁ ଆମେରିକୀୟ ନେତୃତ୍ୱ ଏକାଠି କରି ରଖିଥାଏ। ଆମେରିକୀୟ ମେଣ୍ଟଗୁଡ଼ିକ ଆମକୁ ଓ ଆମେରିକାକୁ ସୁରକ୍ଷିତ ରଖିଥାଏ। ଏହି ଅବସରରେ ସେ ୨୦୨୨ ଫେବୃୟାରୀରେ ୟୁକ୍ରେନ୍ ଆକ୍ରମଣ କରିଥିବା ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କୁ ଗାଜା ଷ୍ଟ୍ରିପ୍‌ର ଶାସକ ତଥା ଆତଙ୍କବାଦୀ ସଙ୍ଗଠନ ହମାସ୍ ସହ ତୁଳନା କରିଛନ୍ତି। ବାଇଡେନ୍ କହିଛନ୍ତି, ହମାସ୍ ଓ ପୁଟିନ୍ ଭିନ୍ନ ଆତଙ୍କର ପ୍ରତୀକ। କିନ୍ତୁ ସେମାନଙ୍କଠାରେ ରହିଥିବା ବଡ଼ ସମାନତା ହେଉଛି, ଉଭୟ ହମାସ୍ ଓ ପୁଟିନ୍ ନିଜ ନିଜ ପଡ଼ୋଶୀ ରାଷ୍ଟ୍ରର ଗଣତନ୍ତ୍ରକୁ ମୂଳୋତ୍ପାଟନ କରିବାକୁ ଚାହୁଁଛନ୍ତି।

ଆମେରିକା ଯୁଦ୍ଧଗୁଡ଼ିକୁ କାହିଁକି ସମର୍ଥନ କରୁଛି ବୋଲି କେତେଜଣ ଦେଶବାସୀ ପ୍ରଶ୍ନ କରୁଛନ୍ତି। ଏଥିରୁ ଆମେରିକାକୁ କ'ଣ ମିଳିବ, ତାହା ସେମାନେ ଜାଣିବାକୁ ଚାହାନ୍ତି। ଏହି ସଂଘର୍ଷଗୁଡ଼ିକ ଲମ୍ବା ଚାଲିବ। ଆତଙ୍କବାଦୀମାନେ ନିଜ ଆତଙ୍କବାଦ କାର୍ଯ୍ୟକଳାପ ପାଇଁ ଦଣ୍ଡିତ ନ ହେଲେ ଓ ଏକଛତ୍ରବାଦୀମାନେ ନିଜ ଅତିକ୍ରମଣ ଲାଗି ମୂଲ୍ୟ ନ ଦେଲେ ସେମାନେ ଅଧିକ ଅରାଜକତା ସୃଷ୍ଟି କରି ଧ୍ୱଂସର ଲୀଳା ରଚିଥାଆନ୍ତି। ସେମାନେ ନିଜ ଅଭିଯାନ ଜାରି ରଖିଲେ ଆମେରିକା ସମେତ ବିଶ୍ୱ ପାଇଁ ବିପଦ ଦେଖାଦେଇଥାଏ। ଏକଥା ଇତିହାସ ଆମକୁ ଶିକ୍ଷା ଦେଇଛି। ପୁଟିନ୍‌ଙ୍କୁ ରୋକା ନ ଗଲେ ସେ ପୋଲାଣ୍ଡ, ଏଷ୍ଟୋନିଆ, ଲାଟ୍‌ଭିଆ ଓ ଲିଥୁଆନିଆ ସମେତ ନର୍ଥ ଆଟଲାଣ୍ଟିକ୍ ଟ୍ରିଟି ଅର୍ଗାନଇଜେଶନ୍ (ନାଟୋ) ପାଇଁ ବିପଦ ସାଜିବେ। ପୁଟିନ୍ କୌଣସି ନାଟୋ ସଦସ୍ୟ ରାଷ୍ଟ୍ରର ୧ ଇଞ୍ଚ ଭୂମି ଛଡ଼ାଇନେଲେ ଆମେ ଏହି ସାମରିକ ମେଣ୍ଟର ପ୍ରତି ଇଞ୍ଚ ଭୂମିକୁ ସୁରକ୍ଷା ଦେବୁ ବୋଲି ବାଇଡେନ୍ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଆମେରିକା କାର୍ଯ୍ୟାନୁଷ୍ଠାନ ନ ନେଲେ ମଧ୍ୟପ୍ରାଚ୍ୟ ସମେତ ଅନ୍ୟ ବିଶ୍ୱର ଭାଗଗୁଡ଼ିକରେ ସଂଘର୍ଷଜନିତ ବିପଦ ଓ ଅରାଜକତା ବଢ଼ିଚାଲିବ ବୋଲି ବାଇଡେନ୍ କହିଛନ୍ତି। ବାଇଡେନ୍ ଅତିରିକ୍ତ ଖର୍ଚ୍ଚ ପାଇଁ ୧୦୫ ବିଲିୟନ୍ ଡଲାର ମଞ୍ଜୁର କରିବାକୁ କଂଗ୍ରେସକୁ ଅନୁରୋଧ କରିଛନ୍ତି। ସେଥିରୁ ୟୁକ୍ରେନ୍‌କୁ ୬୦ ବିଲିୟନ୍ ଡଲାର ଏବଂ ଇସ୍ରାଏଲକୁ ୧୪ ବିଲିୟନ୍ ଡଲାର ସହାୟତା ଦିଆଯିବ ବୋଲି ସୂତ୍ରରୁ ଜଣାପଡ଼ିଛି।



❝ ୧୯୬୭ରେ ନିର୍ଦ୍ଧାରିତ ସୀମା ଭିତ୍ତିରେ ପାଲେଷ୍ଟିନୀୟ ରାଷ୍ଟ୍ର ଗଠନ କରାଯିବା ଉଚିତ। ଏପରି କରାଗଲେ ସମସ୍ତେ ସୁରକ୍ଷିତ ରହିବା ସହ ସମୃଦ୍ଧ ହେବେ।

**–ମହମ୍ମଦ ବିନ୍ ସଲମାନ୍, ସାଉଦି ଆରବ କ୍ରାଉନ୍ ପ୍ରିନ୍ସ ତଥା ପ୍ରଧାନମନ୍ତ୍ରୀ**

ଗଲ୍ଫ କୋଅପରେଶନ୍ କାଉନ୍‌ସିଲ (ଜିସିସି) ଏବଂ ଆସୋସିଏଶନ୍ ଅଫ୍ ସାଉଥ୍‌ଇଷ୍ଟ ଏସିଆନ୍ ନେଶନ୍ସ (ଆସିଆନ୍)ର ମିଳିତ ସମ୍ମିଳନୀରେ ମହମ୍ମଦ ବିନ୍ ସଲମାନ୍ ଉପରୋକ୍ତ ମନ୍ତବ୍ୟ ଦେଇଛନ୍ତି। ସେ କହିଛନ୍ତି, ବର୍ତ୍ତମାନ ଚାଲିଥିବା ଇସ୍ରାଏଲ-ହମାସ୍ ଯୁଦ୍ଧ ତାଙ୍କୁ ବ୍ୟଥିତ କରିଛି। ଗାଜାରେ ବର୍ଦ୍ଧିତ ହିଂସା ପାଇଁ ନିରୀହମାନଙ୍କୁ ମୂଲ୍ୟ ଦେବାକୁ ପଡୁଛି।

**ନିଠାରି ମାମଲା**

## ଜେଲରୁ ମୁକୁଳିଲେ ପାନ୍ଧେର

**ନୋଏଡ଼ା,୨୦।୧୦(ପି.ଟି.):** ୨୦୦୬ର ସମ୍ବେଦନଶୀଳ ନିଠାରି ସିରିଏଲ୍ ହତ୍ୟା ମାମଲାରେ ଗିରଫ ହୋଇ ଜେଲରେ ଥିବା ମନିନ୍ଦର ସିଂ ପାନ୍ଧେର୍ ଶୁକ୍ରବାର ଗ୍ରେଟର ନୋଏଡ଼ାର ଲୁକ୍‌ସାର ଜେଲ୍‌ରୁ ମୁକୁଳିଛନ୍ତି। ନିଠାରି ମାମଲାରେ ଆବଶ୍ୟକ ତଥ୍ୟ ପ୍ରମାଣ ଅଭାବରୁ ଆ।ଲ୍ଲା।ହା।ବା।ଦ ହାଇକୋର୍ଟ ପାନ୍ଧେର ଓ ତାଙ୍କ ଘରୋଇ ସହାୟକ ସୁରେନ୍ଦ୍ର କୋଲିଙ୍କୁ ସୋମବାର ଦୋଷମୁକ୍ତ କରିଥିଲେ। ଉଭୟଙ୍କ ବିରୋଧରେ ବଳାତ୍କାର ଓ ହତ୍ୟା ମାମଲା ରୁଜୁ ହେବା ସହ ତଳକୋର୍ଟ ଦ୍ୱାରା ସେମାନଙ୍କୁ ମୃତ୍ୟୁଦଣ୍ଡାଦେଶ ମିଳିଥିଲା। କୋର୍ଟ ନିର୍ଦ୍ଦେଶନାମା ପାଇବା ପରେ ଔପଚାରିକତା ଶେଷ ହେବା ପରେ ପାନ୍ଧେରଙ୍କୁ ମୁକ୍ତ କରାଗଲା ବୋଲି ଲୁକ୍ସାର ଜେଲ୍ ସୁପରିଣ୍ଟେଣ୍ଡେଣ୍ଟ ଅରୁଣ ପ୍ରତାପ ସିଂ କହିଛନ୍ତି। ଗାଜିଆବାଦର ଦସନା ଜେଲରେ ଥିବା ମୁଖ୍ୟ ଅଭିଯୁକ୍ତ କୋଲି ଅନ୍ୟ ମାମଲାରେ ଆଜୀବନ ଜେଲ ଦଣ୍ଡାଦେଶ ପାଇଥିବାରୁ ତାଙ୍କୁ ମୁକ୍ତ କରାଯାଇ ନାହିଁ। ୨୦୦୬ ଡିସେମ୍ବର ୨୯ରେ ପାନ୍ଧେରଙ୍କ ଘର ପଛପାର୍ଶ୍ୱ ଡ୍ରେନ୍‌ରୁ ୮ ନାବାଳିକାଙ୍କ କଙ୍କାଳ ମିଳିବା ପରେ ଏହି ବଳାତ୍କାର ଓ ହତ୍ୟା ମାମଲା ସାମ୍ନାକୁ ଆସିଥିଲା।



ମନିନ୍ଦର ସିଂ ପାନ୍ଧେର୍

## ମହୁଆଙ୍କୁ ସମନ କରିବ ଏଥିକ୍ସ କମିଟି

**ନୂଆଦିଲ୍ଲୀ,୨୦।୧୦**

ପାର୍ଲାମେଣ୍ଟରେ ପ୍ରଶ୍ନ କରିବା ପାଇଁ ଲାଞ୍ଚ ନେବା ଅଭିଯୋଗରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏମ୍‌ପି ମହୁଆ ମୋଇତ୍ରଙ୍କ ବିରୋଧରେ ବ୍ୟବସାୟୀ ଦର୍ଶନ ହୀରାନନ୍ଦନୀଙ୍କ ସତ୍ୟପାଠ ଆମେ ପାଇଛୁ ବୋଲି ଲୋକ ସଭା ଏଥିକ୍ସ କମିଟି ଅଧ୍ୟକ୍ଷ ବିନୋଦ ସୋଙ୍କର ଶୁକ୍ରବାର କହିଛନ୍ତି। ଆସନ୍ତା ୨୬ ତାରିଖରେ ଭାଜପା ଏମ୍‌ପି ନିଶିକାନ୍ତ ଦୁବେ ଏବଂ ସୁପ୍ରିମକୋର୍ଟ ଆଇନଜୀବୀ ଜୟ ଅନନ୍ତ ଦେହଦ୍ରାଇଙ୍କ ବୟାନ ଶୁଣିବା ପରେ ଟିଏମ୍‌ସି ନେତ୍ରୀଙ୍କୁ ସମନ ପାଇଁ ନିଷ୍ପତ୍ତି ନିଆଯିବ ବୋଲି ବିନୋଦ କହିଛନ୍ତି। ବ୍ୟବସାୟୀଙ୍କଠାରୁ ଲାଞ୍ଚ ନେବା ଅଭିଯୋଗରେ ଯଦି ସିବିଆଇ ଏବଂ ସଂସଦୀୟ ଏଥିକ୍ସ କମିଟି ତାଙ୍କୁ ଡାକନ୍ତି, ତେବେ ସେ ଉତ୍ତର ରଖିବା ପାଇଁ ପ୍ରସ୍ତୁତ ଅଛନ୍ତି ବୋଲି ଶୁକ୍ରବାର ମହୁଆ କହିଛନ୍ତି। ତେବେ ବ୍ୟବସାୟୀଙ୍କ ସତ୍ୟପାଠ ଗଣମାଧ୍ୟମରେ ପହଞ୍ଚିଲା ବୋଲି ସେ ପ୍ରଶ୍ନ କରିବା ସହ ଏଥିକ୍ସ କମିଟି ଅଧ୍ୟକ୍ଷ ପ୍ରଥମେ ଏହାର ତଦନ୍ତ କରନ୍ତୁ ବୋଲି କହିଛନ୍ତି। ଆଦାନୀଙ୍କ ବିରୋଧରେ ଅଭିଯୋଗ ଆଣୁଥିବାରୁ ତାଙ୍କୁ ଲୋକ ସଭାରୁ ବହିଷ୍କାର କରିବା ଭାଜପାର ଏକମାତ୍ର ଏଜେଣ୍ଡା ବୋଲି ମହୁଆ ମାଇକ୍ରୋବ୍ଲଗିଙ୍ଗ ସାଇଟ୍‌ରେ ଲେଖିଛନ୍ତି।

**ପ୍ରଶ୍ନ ପଚାରିବାକୁ ଲାଞ୍ଚ ଅଭିଯୋଗ**



ମହୁଆ ମୋଇତ୍ର

## ୨ ଆମେରିକୀୟ ପଣବନ୍ଦୀଙ୍କୁ ମୁକ୍ତକଲା ହମାସ୍

**ତେଲ୍ ଆଭିଭ୍/ଗାଜା ସିଟି,୨୦।୧୦**

ଇସ୍ରାଏଲ-ଗାଜା ଯୁଦ୍ଧର ଚତୁର୍ଦ୍ଦଶ ଦିନରେ ଶୁକ୍ରବାର ହମାସ୍ ପକ୍ଷରୁ ୨୦୦ ପଣବନ୍ଦୀଙ୍କ ମଧ୍ୟରୁ ୨ ଜଣଙ୍କୁ ମୁକ୍ତ କରାଯାଇଛି। ଏନେଇ ସଙ୍ଗଠନର ମୁଖପାତ୍ର ଗାଜି ହମାଦ୍ ସୂଚନା ଦେଇଛନ୍ତି। ସେ କହିଛନ୍ତି, ମାନବିକ ଦୃଷ୍ଟିକୋଣରୁ ଜଣେ ଆମେରିକୀୟ ମହିଳା ଓ ତାଙ୍କ ଝିଅଙ୍କୁ ଛାଡ଼ିଦେଇଛୁ। ଏହି ମୁକ୍ତି ପାଇଁ କାତାର ମଧ୍ୟସ୍ଥତା କରିଥିଲା। ଅନ୍ୟପକ୍ଷେ ଇଜିପ୍ଟ, ତୁର୍କୀ, ଇସ୍ତାନବୁଲ, ଆଫଗାନିସ୍ତାନ, ଇଣ୍ଡୋନେସିଆ ଓ ମାଲେସିଆ ସମେତ ମୁସଲମାନ ବହୁଳ ରାଷ୍ଟ୍ରଗୁଡ଼ିକରେ ଇସ୍ରାଏଲ ବିରୋଧୀ ବିକ୍ଷୋଭ ବଢ଼ିବାରେ ଲାଗିଛି। ବିକ୍ଷୋଭକାରୀମାନେ ଗାଜା ଷ୍ଟ୍ରିପ୍‌ରେ ପାଲେଷ୍ଟିନୀୟଙ୍କୁ ସମର୍ଥନ ଜଣାଇ ଇସ୍ରାଏଲର 'ସମ୍ପୂର୍ଣ୍ଣ କଟକଣା' ଏବଂ ଏୟାରଷ୍ଟ୍ରାଇକ୍‌କୁ କଡ଼ା ବିରୋଧ କରିଛନ୍ତି। ଇତିମଧ୍ୟରେ ଗାଜାରେ ମୃତ୍ୟୁସଂଖ୍ୟା ୪,୦୦୦ ଟପିଛି। ଅକ୍ଟୋବର ୭ରୁ ଇସ୍ରାଏଲ ପକ୍ଷରୁ କରାଯାଉଥିବା ଏୟାରଷ୍ଟ୍ରାଇକ୍‌ରେ ଅନ୍ୟୁନ ୪,୧୩୭ ପାଲେଷ୍ଟିନୀୟ ନିହତ ହୋଇଥିବାବେଳେ ହମାସ୍ ଆତଙ୍କବାଦୀଙ୍କ ଆକ୍ରମଣରେ ୧୪୦୦ରୁ ଊର୍ଦ୍ଧ୍ୱ ଇସ୍ରାଏଲୀଙ୍କ ଜୀବନ ଯାଇଛି। ଇସ୍ରାଏଲର ଆକ୍ରମଣ ଯୋଗୁ ଲେବାନନ୍ ସୀମାନ୍ତ ଅଞ୍ଚଳରୁ ୪୨୦୦ ଜଣ ବିସ୍ଥାପିତ ହୋଇ ଅନ୍ୟତ୍ର ପଳାୟନ କରିଛନ୍ତି। ବ୍ରିଟେନ୍ ପ୍ରଧାନମନ୍ତ୍ରୀ ଋଷି ସୁନକ ଶୁକ୍ରବାର ଇଜିପ୍ଟ ଗସ୍ତ କରି ସେଠାର ରାଷ୍ଟ୍ରପତି ଅବ୍‌ଦେଲ ଫତହ ଏଲ୍-ସିସିଙ୍କ ସହ ଇସ୍ରାଏଲ-ଗାଜା ସଂଘର୍ଷରୁ ଉପୁଜିଥିବା ସଙ୍କଟ ଉପରେ ଆଲୋଚନା କରିଛନ୍ତି।

**ଇ-ସ୍କୁଟର ଦୁର୍ଘଟଣା**

## ଯୁବ ଆହତଙ୍କ ସଂଖ୍ୟା ୭୧% ବଢ଼ିଛି

**ୱାଶିଂଟନ,୨୦।୧୦**

ବିଦ୍ୟୁତ୍‌ଚାଳିତ ସ୍କୁଟର (ଇ-ସ୍କୁଟର) ପରିବହନର ଏକ ଲୋକପ୍ରିୟ ମାଧ୍ୟମରେ ପରିଣତ ହୋଇଥିବାବେଳେ କ୍ୱଚିତ୍ ହେଲ୍‌ମେଟ୍ ବ୍ୟବହାରରୁ ନାବାଳକ ଓ ଯୁବବର୍ଗଙ୍କ ମଧ୍ୟରେ ଦୁର୍ଘଟଣାଜନିତ ଆହତ ସଂଖ୍ୟା ବର୍ଷକ ମଧ୍ୟରେ ୭୧ ପ୍ରତିଶତ ବୃଦ୍ଧି ପାଇଛି। ଜଣେ ଭାରତୀୟ ବଂଶୋଦ୍ଭବ ବୈଜ୍ଞାନିକଙ୍କ ନେତୃତ୍ୱରେ କରାଯାଇଥିବା ନୂତନ ଗବେଷଣାରୁ ଏହା ଜଣାପଡ଼ିଛି। ୨ ବର୍ଷର ଅଧ୍ୟୟନକୁ ଆଧାରକରି ଆମେରିକା ଏମର୍ଜେନ୍ସି ବିଭାଗ ପକ୍ଷରୁ ପ୍ରକାଶିତ ରିପୋର୍ଟ ଅନୁଯାୟୀ ଇ-ସ୍କୁଟର ଦୁର୍ଘଟଣାରେ ୧୩,୫୫୭ ପିଲା ଆହତ ହୋଇଛନ୍ତି। ୨୦୨୦ରେ ଆହତଙ୍କ ସଂଖ୍ୟା ୫,୦୧୨ ଥିବାବେଳେ ୨୦୨୧ରେ ଏହା ୮,୫୪୫କୁ ବଢ଼ିଛି। ମୁଖ୍ୟତଃ ସେମାନଙ୍କ ହାଡ଼ରେ ଫାଟ ହୋଇଥିବାବେଳେ ସର୍ବାଧିକ ମୁଣ୍ଡରେ ଆଘାତ ଲାଗିଛି। ଅଧିକରୁ ଅଧିକ ନାବାଳକ ଓ କିଶୋର କିଶୋରୀ ଇ-ସ୍କୁଟର ବ୍ୟବହାର କରୁଥିବାବେଳେ ନିରାପଦ ଡ୍ରାଇଭିଂ ଲାଗି ଡାକ୍ତର, ନୀତି ନିର୍ଦ୍ଧାରକ ଓ ଗବେଷକମାନେ ଏକାଠି କାମ କରୁଛନ୍ତି। ଡ୍ରାଇଭିଂ ବେଳେ ହେଲ୍‌ମେଟ୍ ବ୍ୟବହାରକୁ ବାଧ୍ୟତାମୂଳକ କରିବା ଏବଂ ଅଧିକ ବାଇକ୍ ଓ ସ୍କୁଟର ଲେନ୍ ନିର୍ମାଣ ଆବଶ୍ୟକ ବୋଲି ପେରେଲମାନ୍ ସ୍କୁଲ୍ ଅଫ୍ ମେଡିସିନ୍‌ର ରାଧିକା ଗୁପ୍ତା କହିଛନ୍ତି। ମୁଣ୍ଡରେ ଆଘାତ ଲାଗିଥିବା ପିଲାଙ୍କ ମଧ୍ୟରୁ ୬୭ ପ୍ରତିଶତ ହେଲ୍‌ମେଟ୍ ପିନ୍ଧି ନ ଥିବା ଜଣାପଡ଼ିଛି।

## ପାର୍ଟନରଙ୍କୁ ଛାଡ଼ିଦେଲେ ଇଟାଲୀ ପ୍ରଧାନମନ୍ତ୍ରୀ

**ରୋମ୍,୨୦।୧୦**



ଜିଓର୍ଜିଆ ମେଲୋନି



ଆଣ୍ଡ୍ରେଆ ଜିଆମବ୍ରୁନୋ

ଇଟାଲୀ ପ୍ରଧାନମନ୍ତ୍ରୀ ଜିଓର୍ଜିଆ ମେଲୋନି ତାଙ୍କ ଟିଭି ଜର୍ନାଲିଷ୍ଟ ପାର୍ଟନର ଆଣ୍ଡ୍ରେଆ ଜିଆମବ୍ରୁନୋଙ୍କୁ ଛାଡ଼ିଦେଇଥିବା ଶୁକ୍ରବାର ସ୍ପଷ୍ଟ କରିଛନ୍ତି। ନିକଟରେ ଆଣ୍ଡ୍ରେଆ ଲିଙ୍ଗଗତ ମନ୍ତବ୍ୟ ପାଇଁ ସମାଲୋଚିତ ହୋଇଥିଲେ। ଗତମାସରେ ମେଲୋନି ଖବରଦାତାମାନଙ୍କୁ କହିଥିଲେ, ତାଙ୍କୁ ଆଣ୍ଡ୍ରେଆଙ୍କ ମନ୍ତବ୍ୟକୁ ନେଇ ବିଚାର କରା ନ ଯାଉ। ଆଣ୍ଡ୍ରେଆଙ୍କ ଆଚରଣ ସମ୍ପର୍କରେ ସେ କୌଣସି ପ୍ରଶ୍ନର ଉତ୍ତର ଦେବେ ନାହିଁ।

୪୬ ବର୍ଷୀୟା ପ୍ରଧାନମନ୍ତ୍ରୀ ମେଲୋନି ଦକ୍ଷିଣପନ୍ଥୀ ମେଣ୍ଟ ସରକାର ମୁଖ୍ୟ ଭାବେ ପ୍ରଥମ ବର୍ଷ ପୂରଣ କରିଥିବାବେଳେ ଏହି ବିଚ୍ଛେଦ ଖବର ସାମ୍ନାକୁ ଆସିଛି। ନିଜ ସାମାଜିକ ଗଣମାଧ୍ୟମ ଆକାଉଣ୍ଟରେ ମେଲୋନି ଲେଖିଛନ୍ତି, ଆଣ୍ଡ୍ରେଆଙ୍କ ସହ ତାଙ୍କ ସମ୍ପର୍କ ୧୦ ବର୍ଷ ତିଷ୍ଠି ରହିଥିଲା। ସେଥିରେ ଏବେ ପୂର୍ଣ୍ଣଚ୍ଛେଦ ପଡ଼ିଛି। ତେବେ ନିଜ ବ୍ୟକ୍ତିଗତ ଜୀବନର କଠିନତାକୁ ନେଇ ସେ ପ୍ରଭାବିତ ହେବେ ନାହିଁ। ଘରେ ତାଙ୍କୁ ଯେଉଁମାନେ ଦୁର୍ବଳ କରିବାକୁ ଉଦ୍ୟମ ଚଳାଇଥିଲେ, ସେମାନେ କେବେହେଲେ ସଫଳ ହେବେ ନାହିଁ। ୨୦୧୪ରେ ଏକ ଟିଭି ଷ୍ଟୁଡିଓରେ ପରସ୍ପରକୁ ଭେଟିଥିବା ଏହି ଯୋଡ଼ିଙ୍କ ଜଣେ ୭ ବର୍ଷୀୟା ଝିଅ ଅଛନ୍ତି। ୪୨ ବର୍ଷୀୟ ଆଣ୍ଡ୍ରେଆ 'ମିଡିଆ ଇଷ୍ଟ' ଦ୍ୱାରା ପ୍ରସାରିତ ଏକ ନ୍ୟୁଜ୍ କାର୍ଯ୍ୟକ୍ରମରେ ଉପସ୍ଥାପକ ଅଛନ୍ତି। 'ମିଡିଆ ଇଷ୍ଟ' ହେଉଛି ପୂର୍ବତନ ପ୍ରଧାନମନ୍ତ୍ରୀ ସିଲଭିଓ ବେର୍ଲୁସ୍କୋନିଙ୍କ ଉତ୍ତରାଧିକାରୀମାନଙ୍କ ଦ୍ୱାରା ପରିଚାଳିତ ଏମ୍‌ଏଫ୍‌ଇ ମିଡିଆ ଗ୍ରୁପ୍‌ର ଏକ ଅଂଶ।

ଚଳିତ ସପ୍ତାହରେ ଆଣ୍ଡ୍ରେଆ ଏକ ଶୋ' ବେଳେ ନିଜ ଗୁପ୍ତାଙ୍ଗକୁ ଧରି ତାଙ୍କ ମହିଳା ସହଯୋଗୀଙ୍କୁ କହିଥିଲେ, ତୁମେ ମୋତେ ପୂର୍ବରୁ କାହିଁକି ଭେଟି ନ ଥିଲ? ଏହାର ଭିଡିଓ ଭାଇରାଲ ହୋଇଥିଲା। ଗୁରୁବାର ପ୍ରସାରିତ ଅନ୍ୟ ଏକ ଅଡିଓ ରେକର୍ଡିଂରେ ଆଣ୍ଡ୍ରେଆ ଆଉ ଜଣେ ମହିଳା ସହକର୍ମୀଙ୍କୁ କହୁଥିଲେ, ତାଙ୍କ ସହ କାମ କରିବାକୁ ହେଲେ ଗ୍ରୁପ୍ ସେକ୍ସରେ ସାମିଲ ହେବାକୁ ପଡ଼ିବ। ତାଙ୍କର ଏଭଳି ମନ୍ତବ୍ୟକୁ ବିଭିନ୍ନ ମହଲରେ ସମାଲୋଚନା କରାଯାଇଛି।

## ଏକସଙ୍ଗେ ନିର୍ବାଚନ: ୨୫ରେ ମତାମତ ଜଣାଇବ ନ୍ୟାୟିକ କମିଟି

**ନୂଆଦିଲ୍ଲୀ,୨୦।୧୦(ପି.ଟି.)**

ଏକସଙ୍ଗେ ନିର୍ବାଚନ କରାଇବା ନେଇ ରୂପରେଖ ପ୍ରସ୍ତୁତି ନିମନ୍ତେ ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଅଧ୍ୟକ୍ଷତାରେ ଗଠିତ ଉଚ୍ଚସ୍ତରୀୟ କମିଟିକୁ ଆସନ୍ତା ୨୫ ତାରିଖରେ ନ୍ୟାୟିକ ଆୟୋଗ ଏହାର ମତାମତ ଜଣାଇବ। ଦେଶରେ ଏକସଙ୍ଗେ ନିର୍ବାଚନ କିପରି କରାଯାଇପାରିବ, ତାହା ଉପରେ କୋବିନ୍ଦ କମିଟି ଲ' କମିଶନଙ୍କ ମତାମତ ଲୋଡ଼ିଥିଲେ। ଆପୋସ ସହମତିକ୍ରମେ ନିର୍ଦ୍ଦିଷ୍ଟ ତାରିଖରେ ବିଭିନ୍ନ ରାଜନୈତିକ ଦଳ ସହ କମିଟି ଏନେଇ ଆଲୋଚନା କରିବେ ବୋଲି ଏକ ସୂତ୍ରରୁ ଜଣାପଡ଼ିଛି। ଏହା ସହ ଆଗାମୀ ୩ ମାସ ମଧ୍ୟରେ ଦଳଗୁଡ଼ିକ ଚାହିଁଲେ ସେମାନଙ୍କ ମତାମତ ଲିଖିତ ଭାବେ ଦାଖଲ କରିପାରିବେ। ୨୦୨୯ ଲୋକ ସଭା ନିର୍ବାଚନ ସହ ସମସ୍ତ ରାଜ୍ୟ ବିଧାନସଭା ନିର୍ବାଚନ ଏକସଙ୍ଗେ କରିବା ପାଇଁ ଯୋଜନା ରହିଛି। ଏଥିପାଇଁ ବିଭିନ୍ନ ରାଜ୍ୟ ବିଧାନସଭାର କାର୍ଯ୍ୟକାଳକୁ ବଢ଼ାଇ କିମ୍ବା ହ୍ରାସ କରି ଏକତ୍ର ନିର୍ବାଚନ କରାଇବା ନିମନ୍ତେ ଏକ ସୂତ୍ର ବାହାର କରିବା ପାଇଁ ଜଷ୍ଟିସ୍ ଋତୁରାଜ ଅୱସ୍ଥିଙ୍କ ଅଧ୍ୟକ୍ଷତାରେ ନ୍ୟାୟିକ ଆୟୋଗ କାର୍ଯ୍ୟ କରୁଛି।

## ବ୍ରିଟେନ ନିର୍ବାଚନ: ଲେବର ପାର୍ଟି ବିଜୟୀ

**ଲଣ୍ଡନ,୨୦।୧୦**

ବ୍ରିଟେନ୍‌ର ଦୁଇଟି ସ୍ୱତନ୍ତ୍ର ନିର୍ବାଚନରେ ମୁଖ୍ୟ ବିରୋଧୀ ଦଳ ଲେବର ପାର୍ଟି ବିଜୟ ହାସଲ କରିବା ସହ ଶାସକ କଞ୍ଜରଭେଟିଭ୍ ପାର୍ଟିର ସୁରକ୍ଷିତ ପାର୍ଲାମେଣ୍ଟ ଆସନ ଛଡ଼ାଇ ନେଇଛି। ଫଳରେ ପ୍ରଧାନମନ୍ତ୍ରୀ ଋଷି ସୁନକ୍‌ଙ୍କୁ ବଡ଼ ଝଟ୍‌କା ଲାଗିଛି। କେନ୍ଦ୍ରୀୟ ଇଂଲଣ୍ଡର ଟାମୱର୍ଥ ଏବଂ ଉତ୍ତର ଲଣ୍ଡନର ମିଡ୍-ବେଡ୍‌ଫୋର୍ଡଶାୟାର ଆସନର ଭୋଟରମାନେ କଞ୍ଜରଭେଟିଭ୍ ପାର୍ଟିରୁ ମୁହଁ ଫେରାଇ ଲେବର ପାର୍ଟିକୁ ବିପୁଳ ସମର୍ଥନ ଜଣାଇଛନ୍ତି। ଜାତୀୟ ନିର୍ବାଚନ ପୂର୍ବରୁ ଲେବର ପାର୍ଟି ଫ୍ରଣ୍ଟ-ରନର୍ ଷ୍ଟାଟସ୍‌କୁ ପକ୍କା କରିଛି। ଟାମୱର୍ଥରୁ ଲେବର ପାର୍ଟି ପ୍ରାର୍ଥୀ ସାରା ଏଡ୍‌ୱାର୍ଡ ବିଜୟୀ ହୋଇଥିବାବେଳେ ମିଡ୍-ବେଡ୍‌ଫୋର୍ଡଶାୟାରରୁ ଉକ୍ତ ଦଳର ଆଲିଷ୍ଟାର ଷ୍ଟ୍ରାଥେର୍ନ ନିର୍ବାଚିତ ହୋଇଛନ୍ତି।




# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଅକ୍ଟୋବର ୨୧/୨୦୨୩ | Bhubaneswar, Saturday, October 21/2023 | ପୃଷ୍ଠା-୧




**ୱାର୍ନରଙ୍କ ଦ୍ରୁତ ଶତକ**

ପାକିସ୍ତାନ ବିପକ୍ଷ କ୍ରିକେଟ ବିଶ୍ୱକପ୍ ମ୍ୟାଚରେ ଡେଭିଡ ୱାର୍ନରଙ୍କ ଦ୍ରୁତ ଶତକ ସହାୟତାରେ ଅଷ୍ଟ୍ରେଲିଆ ବୃହତ୍ ସ୍କୋର କରିପାରିଛି।

୧୭

୧୪

**ଶାହରୁଖଙ୍କ ସହ ନଜର ଆସିବେ ଝିଅ ସୁହାନା**

ଶାହରୁଖ ଖାନ୍‌ଙ୍କ ଅଭିନୀତ ପରବର୍ତ୍ତୀ ଫିଲ୍ମ 'ଡଙ୍କି'ରେ ତାଙ୍କ ସହ ଝିଅ ସୁହାନା ଏକାଠି ନଜର ଆସିବେ। ଖୁବ୍‌ଶୀଘ୍ର ଏହି ଫିଲ୍ମର ଶୁଟିଂ ଆରମ୍ଭ ହେବାକୁ ଯାଉଛି।



# ୪% ବଢ଼ିଲା ମହଙ୍ଗା ଭତ୍ତା

ଭୁବନେଶ୍ୱର,୨୦।୧୦(ଅନିଲ ଦାସ)

■ ରାଜ୍ୟ ସରକାରୀ କର୍ମଚାରୀଙ୍କ ପାଇଁ ଖୁସି ଖବର

ଦଶହରା ପୂର୍ବରୁ ରାଜ୍ୟ ସରକାର କର୍ମଚାରୀମାନଙ୍କୁ ପୂଜାଭେଟି ଦେଇଛନ୍ତି। କର୍ମଚାରୀମାନଙ୍କର ମହଙ୍ଗା ଭତ୍ତା ୪% ବୃଦ୍ଧି କରିଛନ୍ତି। ଏହି ବୃଦ୍ଧି ସହିତ ରାଜ୍ୟ ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତା ୪୨ରୁ ୪୬%ରେ ପହଞ୍ଚିଛି। ବର୍ଦ୍ଧିତ ମହଙ୍ଗା ଭତ୍ତା ଜୁଲାଇ ପହିଲାରୁ ପିଛିଲା ଭାବେ ଲାଗୁ ହେବ। ଏହାଦ୍ୱାରା ୪.୫ ଲକ୍ଷ କର୍ମଚାରୀ ଓ ୩.୫ ଲକ୍ଷ ପେନ୍‌ସନଭୋଗୀ ଉପକୃତ ହେବେ।





On the occasion of the 64th annual Police Commemoration Day being observed across the country on 21st October this year I pay my sincere tribute to all the fearless police personnel who had embraced martyrdom sacrificing their lives in the line of duty. The glorious trend of supreme sacrifices in Police Force that began since 1959 while defending borders with China continues exhibiting the high degree of bravery in executing duties.

Odisha Police is proud of its martyred Personnel. No value can be attached to the sacrifice made by a martyr. Martyrdom of our brave hearts would continue to inspire our police personnel and make Odisha Police more storng and determined. I take this opportunity to convey my best wishes to all police personnel in Odisha Police.

I wish the 64th annual Police Commemoration Day all success.

(Prof. Ganeshi Lal)
Hon'ble Governor, Odisha




## ପୋଲିସ୍ ଶହୀଦ ସ୍ମୃତି ଦିବସ ଉପଲକ୍ଷେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

ଦେଶ ମାତୃକାର ସେବା ପାଇଁ ପ୍ରାଣବଳି ଦେଇଥିବା ବୀର ପୋଲିସ୍‌ମାନଙ୍କର ସ୍ମୃତି ଉଦ୍ଦେଶ୍ୟରେ ଓଡ଼ିଶା ପୋଲିସ୍ ପ୍ରତିବର୍ଷ ଅକ୍ଟୋବର ୨୧ ତାରିଖକୁ ପୋଲିସ୍ ଶହୀଦ ଦିବସ ଭାବେ ପାଳନ କରି ଆସୁଅଛି ।

ଜନସାଧାରଣଙ୍କ ଧନ ଜୀବନର ସୁରକ୍ଷା ସହିତ ରାଜ୍ୟରେ ଶାନ୍ତି ଶୃଙ୍ଖଳା ରକ୍ଷା ଦିଗରେ ଓଡ଼ିଶା ପୋଲିସ୍ ସବୁବେଳେ ଦକ୍ଷତାର ସହ କାର୍ଯ୍ୟ କରି ଜନସାଧାରଣଙ୍କ ମଧ୍ୟରେ ଭରସା ସୃଷ୍ଟି କରିପାରିଛି । ରାଜ୍ୟରେ ଶାନ୍ତି ରକ୍ଷା ତଥା ଉଗ୍ରବାଦ ନିୟନ୍ତ୍ରଣ ସମୟରେ ବହୁ କର୍ତ୍ତବ୍ୟରତ ସାହସୀ ପୋଲିସ ଅଧିକାରୀ ଓ କର୍ମଚାରୀ ରାଜ୍ୟ ତଥା ରାଜ୍ୟବାସୀଙ୍କ ସୁରକ୍ଷା ପାଇଁ ପ୍ରାଣବଳି ଦେଇଛନ୍ତି । ଏହି ଶହୀଦ ବୀର ପୋଲିସ୍‌ମାନଙ୍କ ନିକଟରେ ରାଜ୍ୟ ତଥା ଜାତି ସବୁବେଳେ କୃତଜ୍ଞ । ସେମାନଙ୍କ ତ୍ୟାଗ ଓ ବଳିଦାନ ତାଙ୍କୁ ସବୁଦିନ ପାଇଁ ଅମର କରି ରଖିବ । ଦେଶ ପାଇଁ ଜାତି ପାଇଁ ସର୍ବୋଚ୍ଚ ତ୍ୟାଗ ସ୍ୱୀକାର କରିବା ଜୀବନର ସବୁଠାରୁ ବଡ଼ ଉପଲବ୍ଧି ।

ଆଜିର ଏହି ପବିତ୍ର ଦିବସରେ ମୁଁ ସେହି ଶହୀଦ ବୀର ପୋଲିସ୍‌ମାନଙ୍କ ଅମର ଆତ୍ମା ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ଓ ସେମାନଙ୍କ ପରିବାରବର୍ଗଙ୍କୁ ମୋର ସମବେଦନା ଜଣାଉଛି ।

(ନବୀନ ପଟ୍ଟନାୟକ)

OIPR-12029/13/0026/2324


# ୩୧ ଯାଏ ଧର୍ମଘଟ ସ୍ଥଗିତ



ବସ୍ ଧର୍ମଘଟ ପ୍ରତ୍ୟାହାର ପୂର୍ବରୁ ଗନ୍ତବ୍ୟସ୍ଥଳକୁ ଯିବା ପାଇଁ ବ୍ୟସ୍ତ ହୋଇପଡ଼ିଥିବା ଯାତ୍ରୀମାନେ ଭୁବନେଶ୍ୱର ରେଳଷ୍ଟେଶନରେ ଟ୍ରେନ୍‌କୁ ଅପେକ୍ଷା କରିଛନ୍ତି।

■ ବସ୍ ଗଡ଼ିଲା, ଯାତ୍ରୀ ଆଶ୍ୱସ୍ତ

■ ୨୬ରେ ପରବର୍ତ୍ତୀ ବୈଠକ

ଭୁବନେଶ୍ୱର,୨୦।୧୦ (ଅନିଲ ଦାସ)

ରାଜ୍ୟ ଘରୋଇ ବସ୍ ମାଲିକ ସଂଘ ପକ୍ଷରୁ ରାଜ୍ୟବ୍ୟାପୀ ଚାଲିଥିବା ବସ୍ ଧର୍ମଘଟ ଆସନ୍ତା ୩୧ ତାରିଖ ଯାଏ ସ୍ଥଗିତ ରଖାଯାଇଛି। ରାଜ୍ୟ ସରକାରଙ୍କ ସହ ଆଲୋଚନା ପରେ ଶୁକ୍ରବାର ରାତ୍ରିରେ ଭୁବନେଶ୍ୱରରେ ଅନୁଷ୍ଠିତ ସଂଘର ଜରୁରୀ ବୈଠକ ପରେ ଏହି ଘୋଷଣା କରାଯାଇଛି। ବୈଠକ ପରେ ସଂଘର ସାଧାରଣ ସମ୍ପାଦକ ଦେବେନ୍ଦ୍ର ସାହୁ ଗଣମାଧ୍ୟମକୁ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ଓ ପରିବହନ ମନ୍ତ୍ରୀଙ୍କ ଅନୁରୋଧ ଏବଂ ଯାତ୍ରୀମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଶୁକ୍ରବାର ରାତିରୁ ବସ୍ ଚଳାଚଳ ସ୍ୱାଭାବିକ ହୋଇଛି। ଦାବି ପୂରଣ ପାଇଁ ସରକାର କିଛି ମହଲତ ନେଇଛନ୍ତି। ଆସନ୍ତା ୨୬ ତାରିଖରେ ରାଜ୍ୟ ସରକାରଙ୍କ ସହ ପରବର୍ତ୍ତୀ ବୈଠକ ଅନୁଷ୍ଠିତ ହେବ। ସେହି ବୈଠକରେ କି ପ୍ରତିଶ୍ରୁତି ମିଳୁଛି ଆମେ ତାହାକୁ ଅପେକ୍ଷା କରିଛୁ। ଆସନ୍ତା ୩୧ ତାରିଖ ସୁଦ୍ଧା ଦାବି ପୂରଣ ନ ହେଲେ ସଂଘ ପୁଣି ଧର୍ମଘଟ କରିବାକୁ ବାଧ୍ୟ ହେବ ବୋଲି ସେ କହିଛନ୍ତି। ତେବେ ☞ପୃଷ୍ଠା–୨

## ଟାଙ୍କି ସଫାବେଳେ ମେହେନ୍ତରଙ୍କ ମୃତ୍ୟୁ ହେଲେ ସରକାର ଦେବେ ୩୦ ଲକ୍ଷ

**ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ**

ନୂଆଦିଲ୍ଲୀ,୨୦।୧୦(ପି.ଟି)

ଦେଶରେ ମଇଳା ଟାଙ୍କି ସଫା କଲାବେଳେ ମେହେନ୍ତରଙ୍କ ମୃତ୍ୟୁ ଘଟଣାକୁ ନେଇ ସୁପ୍ରିମକୋର୍ଟ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏଭଳି ମୃତ୍ୟୁ ଘଟଣାରେ ସରକାରୀ କର୍ତ୍ତୃପକ୍ଷ ମେହେନ୍ତରଙ୍କ ପରିବାରକୁ ୩୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ଲାଗି ସୁପ୍ରିମକୋର୍ଟ କହିଛନ୍ତି। ଏଥିସହିତ ଟାଙ୍କି ସଫା ବେଳେ ମେହେନ୍ତର ସ୍ଥାୟୀ ଭାବେ ଅକର୍ମଣ୍ୟ ହେଲେ ତାଙ୍କୁ ଅନ୍ୟୂନ ୨୦ ଲକ୍ଷ ଟଙ୍କା ଏବଂ ଅନ୍ୟାନ୍ୟ ଅକର୍ମଣ୍ୟତା ପାଇଁ ୧୦ ଲକ୍ଷ ଟଙ୍କା ପ୍ରଦାନ କରିବାକୁ ଜଷ୍ଟିସ୍ ଏସ୍. ରବୀନ୍ଦ୍ର ଭଟ୍ଟ ଏବଂ ଅରବିନ୍ଦ କୁମାରଙ୍କ ଖଣ୍ଡପୀଠ କହିଛନ୍ତି। ☞ପୃଷ୍ଠା–୨

## ଏମ୍ସ ଭୁବନେଶ୍ୱରରେ ଇ-ପେମେଣ୍ଟ ବ୍ୟବସ୍ଥା ଆରମ୍ଭ

ଭୁବନେଶ୍ୱର, ୨୦।୧୦ (ଅସମାପିକା ସାହୁ)

ଏମ୍ସ ଭୁବନେଶ୍ୱରରେ ଶୁକ୍ରବାର ଇ-ପେମେଣ୍ଟ ବ୍ୟବସ୍ଥାର ଶୁଭାରମ୍ଭ ହୋଇଛି। ଏଣିକି ଚିକିତ୍ସା ବିଲ୍ ପେମେଣ୍ଟ ପାଇଁ କାଉଣ୍ଟରରେ ଦୀର୍ଘ ସମୟ ଧରି ଠିଆ ହେବାକୁ ପଡିବ ନାହିଁ। ଘରୁ ଥାଇ ମଧ୍ୟ ବିଭିନ୍ନ ପରୀକ୍ଷା ନିମନ୍ତେ ପେମେଣ୍ଟ କରିପାରିବେ ସାଧାରଣଲୋକ। ଏମ୍ସ ଭୁବନେଶ୍ୱର ସ୍ୱାସ୍ଥ୍ୟ ଆପ୍ ଜରିଆରେ ୟୁପିଆଇ ଆଇଡି ବ୍ୟବହାର କରି ବିଭିନ୍ନ କାର୍ଡ/ନେଟ୍ ବ୍ୟାଙ୍କିଙ୍ଗ୍ ମାଧ୍ୟମରେ ପେମେଣ୍ଟ ବ୍ୟବସ୍ଥା ହୋଇପାରିବ। ଏପରିକି ଦେଶର ଯେକୌଣସି ସ୍ଥାନରୁ ମଧ୍ୟ ରୋଗୀଙ୍କ ସମ୍ପର୍କୀୟମାନେ ଏହି ପେମେଣ୍ଟ କରିପାରିବେ। ☞ପୃଷ୍ଠା–୨

**ଆଜିର ସମ୍ପାଦକୀୟ**

ଆଇଏଫ୍‌ଏସ୍ କ୍ୟାଡରର ପୁନର୍ଗଠନ

# ଦୁଇ ସନ୍ତାନ ସହ ଟ୍ରେନରୁ ଡେଇଁଲେ ମହିଳା

ବଲାଙ୍ଗୀର/ସଇଁତଲା, ୨୦।୧୦ (ବୀରେନ୍ଦ୍ର କୁମାର ଝାଙ୍କର/ ରାଖାଲ ପ୍ରସାଦ ଶତପଥୀ)

**ମା'ମୃତ, ଦୁଇ ଛୁଆ ଅଳ୍ପକେ ବର୍ତ୍ତିଲେ**

ବଲାଙ୍ଗୀର ଜିଲା ସଇଁତଲା ଥାନା ଅନ୍ତର୍ଗତ ବଡ଼ମାଳ ରେଲ୍‌ୱେ ଷ୍ଟେଶନରେ ଜଣେ ମହିଳା ଟ୍ରେନ୍‌ରୁ ଡେଇଁ ମୃତ୍ୟୁବରଣ କରିଥିବା ଜଣାପଡ଼ିଛି। ଭୁଲ୍‌କ୍ରମେ ପାସେଞ୍ଜର ପରିବର୍ତ୍ତେ ଏକ୍ସପ୍ରେସ୍ ଟ୍ରେନ୍‌ରେ ଚଢ଼ିଯାଇଥିବା ମହିଳା ଜଣକ ନିଜ ଦୁଇ ଛୋଟଛୁଆଙ୍କୁ ଧରି ଚଳନ୍ତା ଟ୍ରେନ୍‌ରୁ ତଳକୁ ଓହ୍ଲାଇବାକୁ ଚେଷ୍ଟା କଲାବେଳେ ଏହି ଅଘଟଣ ଘଟିଥିବା ଜଣାପଡ଼ିଛି। ☞ପୃଷ୍ଠା–୨







**ଆଜିର ମନ୍ତବ୍ୟ**
"ୟୁକ୍ରେନ୍ ଯୁଦ୍ଧରେ ପ୍ରୟୋଗ ପାଇଁ ରୁଷିଆକୁ ଉତ୍ତର କୋରିଆ ଅସ୍ତ୍ରଶସ୍ତ୍ର ଯୋଗାଉଥିବା ନେଇ ଆମେରିକାର ଅପପ୍ରଚାର ଏକ ଗୁଜବ। ଏହି ଅଭିଯୋଗକୁ ପ୍ରମାଣିତ କରିବାରେ ୱାଶିଂଟନ୍ ବିଫଳ ହୋଇଛି। **-ସର୍ଗେଇ ଲାଭ୍ରୋଭ, ରୁଷିଆ ବହିର୍ବ୍ୟାପାର ମନ୍ତ୍ରୀ**

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଡାଆକେ ନାହିଁ କି ହାଆକେ ନାହିଁ**
**ଡର ନାହିଁ କାହାକୁ,**
**ଯୋଡ଼ା ଭାରିୟାର କି ଦଶା ଅଛି**
**ପଚାରେ ତୋ ମାଆକୁ।**

ଦି ନାଆରେ ପାଦ ଦେଇଥିବା ବ୍ୟକ୍ତିଙ୍କ ପରିଣତି ସାଂଘାତିକ ହୋଇଥାଏ। ସ୍ଥଳ ବିଶେଷରେ ଏଭଳି ବ୍ୟକ୍ତିଙ୍କ ଅବସ୍ଥା ସଙ୍କଟାପନ୍ନ ହୋଇଯାଏ। ଆଗପଛ ନ ବିଚାରି ଦୁଇ ଜଣ ସ୍ତ୍ରୀ ରଖିଥିବା ବ୍ୟକ୍ତି ଦୁଃଖ ଦୁର୍ଦ୍ଦଶା ଭୋଗିବା ସହ ଅନେକ ହଟହଟା ହୋଇଥାନ୍ତି ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**ଢାଙ୍କୁଣୀ ଘୋଡ଼େଇ ରଖିଲେ ଗୁହ**
**କେତେକାଳ ଲୁଚି ରହିବ କୁହ?**

ସତ କେବେ ଲୁଚି ରହେନାହିଁ। ସେହିଭଳି ଅସତ ଚରିତ୍ରକୁ ଯେତେ ପ୍ରସଙ୍ଗରେ ଲୁଚାଇଲେ ସୁଦ୍ଧା ସେ କେବେ ଲୁଚି ରହି ନ ଥାଏ,ଦିନେ ନା ଦିନେ ଏହା ପ୍ରକାଶ ପାଇଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ:




# ଗଜପତିରେ 'ଲକ୍ଷ୍ମୀ': ଚାଲିଲା ୩୬ ବସ୍

## ଯୋଜନାର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

- ୭ ବ୍ଲକର ୧୨୬ ପଞ୍ଚାୟତକୁ ଯୋଡ଼ିବ
- ୫ ଟଙ୍କାରେ ଗାଁରୁ ବ୍ଲକ
- ସାରା ରାଜ୍ୟରେ ଚାଲିବ ୧ ହଜାରରୁ ଅଧିକ ବସ୍



ଭୁବନେଶ୍ୱର, ୨୦।୧୦ (ଅନିଲ ଦାସ)/ ପାରଳାଖେମୁଣ୍ଡି (ଗିରିଧାରୀ ପରିଚ୍ଛା)

ମାଲକାନଗିରି ଜିଲା ପରେ ଗଜପତି ଜିଲାରେ ଲକ୍ଷ୍ମୀ ବସ୍ ସେବା ଆରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଏହି ଯୋଜନାର ଶୁଭାରମ୍ଭ କରିଛନ୍ତି। ଏଥିରେ ପଞ୍ଚାୟତରୁ ବ୍ଲକକୁ ବସ୍ ଚଳାଚଳର ସୁବିଧା କରାଯାଇଛି। ସାରା ରାଜ୍ୟରେ ୧ ହଜାରରୁ ଅଧିକ ବସ୍ ଚାଲିବ। ଏଥିରେ ମିଶନ ଶକ୍ତି ସଦସ୍ୟଙ୍କୁ ବସ୍ ପରିଚାଳନା ଦାୟିତ୍ୱ ଦିଆଯାଇଛି। ଏହି ଯୋଜନାରେ ମହିଳା, ଛାତ୍ରୀଛାତ୍ର ଓ ଭିନ୍ନକ୍ଷମ ବର୍ଗର ଲୋକମାନେ ମାତ୍ର ୫ ଟଙ୍କାରେ ଗାଁରୁ ବ୍ଲକକୁ ଯାଇପାରିବେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜିଲା ଗସ୍ତବେଳେ ଲୋକଙ୍କ ଯିବା ଆସିବାର ଅସୁବିଧା ବିଷୟରେ ଜଣାପଡ଼ିଥିଲା। ଏହାପରେ ଆମର ଏହି ଲକ୍ଷ୍ମୀ ଯୋଜନା ଆରମ୍ଭ କରାଯାଇଛି। ଆମର ଗମନାଗମନ ଓ ପରିବହନ ବ୍ୟବସ୍ଥାରେ ଏହି ଯୋଜନା ରୂପାନ୍ତର ଆଣିବ। ଗାଁକୁ ଗାଁ ସହିତ ଯୋଡ଼ିବ। ଲୋକଙ୍କ ସାମାଜିକ ସମ୍ପର୍କ ମଜଭୁତ ହେବ। ଏହାଦ୍ୱାରା ଆମର ଅର୍ଥନୀତି ମଧ୍ୟ ଆହୁରି ଦୃଢ଼ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ପ୍ରଥମ ପର୍ଯ୍ୟାୟରେ ଏହି ଯୋଜନାରେ ମାଲକାନଗିରି ଓ ଗଜପତି ସହିତ ନବରଙ୍ଗପୁର, କୋରାପୁଟ, ରାୟଗଡ଼ା ଓ କନ୍ଧମାଳ ଜିଲାରେ ବସ୍ ଚାଲିବ। ଗଜପତିରେ ୩୬ଟି ବସ୍ ଚଳାଚଳ ଆରମ୍ଭ କରାଯାଇଛି। ଗଜପତି ଜିଲାର ୭ ବ୍ଲକର ୧୨୬ ପଞ୍ଚାୟତକୁ ବସ୍ ସୁବିଧା ହୋଇଛି। ଏହି ଯୋଜନା ପାଇଁ ଗଜପତିରେ ୬୯ଟି ନୂଆ ବସ୍ ଷ୍ଟପେଜ୍ ତିଆରି କରାଯାଇଛି। ପୂର୍ବରୁ ଥିବା ୬୪ଟି ବସ୍ ଷ୍ଟପେଜର ଉନ୍ନତୀକରଣ କରାଯାଇଛି। ଲକ୍ଷ୍ମୀ ଯୋଜନା ମାଧ୍ୟମରେ ଏସବୁ ପଞ୍ଚାୟତରେ ବିକାଶର ନୂଆ ଧାରା ଆରମ୍ଭ ହେଲା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଯୋଗାଯୋଗ ହେଉଛି ବିକାଶର ଆଧାର। ଲକ୍ଷ୍ମୀ ଯୋଜନା ସମସ୍ତଙ୍କୁ ବିକାଶ ସହିତ ଯୋଡ଼ିବ। ଘର ପାଖକୁ ଆସିବ ବସ୍। ପିଲାଙ୍କୁ ସ୍କୁଲ, କଲେଜ ସହିତ ଯୋଡ଼ିବ। ଚାଷୀଙ୍କୁ ମାର୍କେଟ ସହିତ ଯୋଡ଼ିବ। ରୋଗୀଙ୍କୁ ହସ୍ପିଟାଲ ଯିବା ପାଇଁ ସୁବିଧା ହେବ। ଲକ୍ଷ୍ମୀ ଯୋଜନା ଘରେ ଘରେ ଖୁସି ଆଣିବ। ଏବେ ଆମ ରାଜ୍ୟରେ ଗାଁର ବିକାଶ ପାଇଁ 'ଆମ ଓଡ଼ିଶା ନବୀନ ଓଡ଼ିଶା' ଚାଲିଛି। ଖୁବ୍‌ଶୀଘ୍ର ଗଜପତି ଜିଲାରେ ମଧ୍ୟ ଏହି କାର୍ଯ୍ୟକ୍ରମ ଆରମ୍ଭ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏଥିରେ ଗାଁରେ ମିଳିବ ସହରର ସୁବିଧା। ବ୍ୟାଙ୍କିଂ, ଇଣ୍ଟରନେଟ, ଡିଜିଟାଲ ଭିତ୍ତିଭୂମି ସବୁର ବିକାଶ ହେବା ସହିତ ସଂସ୍କୃତିର ମଧ୍ୟ ପ୍ରସାର ହେବ। ସମସ୍ତଙ୍କ ସହଯୋଗରେ ଏହି କାମ ସବୁ ଠିକ୍ ସମୟରେ ଶେଷ ହେବ ଏବଂ ଗଜପତିର ବିକାଶ ଆହୁରି ଉଜ୍ଜ୍ୱଳ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଛନ୍ତି।

କାର୍ଯ୍ୟକ୍ରମରେ ଯୋଗଦେଇ ପରିବହନ ମନ୍ତ୍ରୀ ଟୁକୁନି ସାହୁ କହିଛନ୍ତି, ଓଡ଼ିଶାର ସାଢ଼େ ୪ କୋଟି ଲୋକ ମୁଖ୍ୟମନ୍ତ୍ରୀଙ୍କ ପରିବାର। ସେମାନେ ଯେପରି ଭଲରେ ରହିବେ ସେଥିପାଇଁ ମୁଖ୍ୟମନ୍ତ୍ରୀ ସବୁବେଳେ ଚିନ୍ତାକରି ଆସୁଛନ୍ତି। ଓଡ଼ିଶାବାସୀଙ୍କ ଉନ୍ନତି ପାଇଁ ନୂଆ ନୂଆ ଯୋଜନା କରୁଛନ୍ତି। ଲକ୍ଷ୍ମୀ ବସ୍ ଯୋଜନା ଗାଁର ଯୋଗାଯୋଗ ବ୍ୟବସ୍ଥାରେ ରୂପାନ୍ତର ଆଣିବ ବୋଲି ସେ କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସଚିବ(୫-ଟି) ଭି. କେ. ପାଣ୍ଡିଆନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ବିଧାୟକ କେ. ନାରାୟଣ ରାଓ, ଜିଲା ପରିଷଦ ସଭାପତି ଜି. ତିରୁପତି ରାଓ ଓ ସ୍ୱତନ୍ତ୍ର ବିକାଶ ପରିଷଦର ଅଧ୍ୟକ୍ଷା ମାରିୟାମ ରାୟତ ପ୍ରମୁଖ ମତବ୍ୟକ୍ତ କରି ରାଜ୍ୟ ବିକାଶରେ ମୁଖ୍ୟମନ୍ତ୍ରୀଙ୍କ ଦୃଢ଼ ନେତୃତ୍ୱର ଉଚ୍ଚପ୍ରଶଂସା କରିଛନ୍ତି।

# ଆଥ୍‌ଲେଟଙ୍କ ପାଇଁ ଆର୍ଥିକ ସହାୟତା ଘୋଷଣା କଲେ ମୁଖ୍ୟମନ୍ତ୍ରୀ

## ପାରା ଏସିଆନ ଗେମ୍ସ

ଭୁବନେଶ୍ୱର,୨୦।୧୦ (ଅନିଲ ଦାସ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏସିଆନ ପାରା ଗେମ୍ସର ଆଥ୍‌ଲେଟ୍ସଙ୍କ ପାଇଁ ଶୁକ୍ରବାର ଆର୍ଥିକ ସହାୟତା ଘୋଷଣା କରିଛନ୍ତି। ୭ ଜଣ ଓଡ଼ିଆ ପାରା ଆଥ୍‌ଲେଟଙ୍କ ପାଇଁ ୧୦ ଲକ୍ଷ ଟଙ୍କା ଲେଖାଏ ଆର୍ଥିକ ସହାୟତା ଘୋଷଣା କରାଯାଇଛି। ଆସନ୍ତା ୨୨ରୁ ଚାଇନାର ହାଙ୍ଗଝୋରେ ଏସିଆନ ପାରା ଗେମ୍ସ ଆରମ୍ଭ ହେଉଛି। ସେଠାରେ ସଫଳତା ପାଇଁ ପାରା ଆଥ୍‌ଲେଟମାନଙ୍କୁ ମୁଖ୍ୟମନ୍ତ୍ରୀ ଶୁଭକାମନା ଜଣାଇଛନ୍ତି । ଓଡ଼ିଶାରୁ ଯାଉଥିବା ପାରା ଆଥ୍‌ଲେଟ୍ସମାନେ ହେଲେ ପ୍ରମୋଦ ଭଗତ, ଜୟନ୍ତୀ ବେହେରା, ସୌନ୍ଦର୍ଯ୍ୟ କୁମାର ପ୍ରଧାନ, ରଖାଲ କୁମାର ସେଠୀ, ଭି. ରମେଶ ରାଓ, ପ୍ରଫୁଲ୍ଲ କୁମାର ଖଣ୍ଡାୟତରାୟ ଏବଂ ପୂଜାସ୍ୱିନୀ ନାୟକ। ସେମାନେ ଏସିଆନ ପାରା ଗେମ୍ସକୁ ମନୋନୀତ ହେବା ପାଇଁ କଠିନ ପରିଶ୍ରମ କରିଛନ୍ତି। ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏସିଆନ ପାରା ଗେମ୍ସ-୨୦୨୨ ପାଇଁ ଯୋଗ୍ୟତା ଅର୍ଜନ ସକାଶେ ଅକ୍ଳାନ୍ତ ପରିଶ୍ରମ କରିଥିବା ଆମ ପାରା ଆଥ୍‌ଲେଟମାନଙ୍କ ପାଇଁ ଆମେ ଗର୍ବିତ। ଗେମ୍ସରେ ମଧ୍ୟ ଭଲ ପ୍ରଦର୍ଶନ କରିବେ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଛନ୍ତି।

# ଓଏଏସ୍ ଅଫିସର ସ୍ତରରେ ଅଦଳବଦଳ

ଭୁବନେଶ୍ୱର, ୨୦।୧୦(ସୁନିତ୍ ମିଶ୍ର)

ରାଜ୍ୟ ସରକାର ଓଏଏସ୍ ଅଫିସର ସ୍ତରରେ ଏକ ଅଦଳବଦଳ କରିଛନ୍ତି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଶୁକ୍ରବାର ଜାରି ହୋଇଥିବା ବିଜ୍ଞପ୍ତି ଅନୁସାରେ, କାଜୁ ଉନ୍ନୟନ ନିଗମ ଏମ୍‌ଡି ଦିପ୍ତୀ ମହାପାତ୍ରଙ୍କୁ ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗର ଯୁଗ୍ମ ସଚିବ ଭାବେ ନିଯୁକ୍ତି ମିଳିଛି। ନବକୃଷ୍ଣ ଜେନାଙ୍କୁ ଯାଜପୁର ଏଡିଏମ୍ ଭାବେ ବଦଳି କରାଯାଇଛି। ଫୁଲବାଣୀ ଆଇଟିଡିଏ ପିଏ ନରେଶ ଚନ୍ଦ୍ର ସବରଙ୍କୁ ଗଜପତି ଛେଳିଗଡ଼ ଜଳସେଚନ ପ୍ରକଳ୍ପର ସ୍ୱତନ୍ତ୍ର ଏଲ୍‌ଏଓ ଭାବେ ନିଯୁକ୍ତି ମିଳିଛି। ଯାଜପୁର ଏଡିଏମ୍ ଦୁଖବନ୍ଧୁ ନାୟକଙ୍କୁ ସୁକିନ୍ଦା ସ୍ୱତନ୍ତ୍ର ଏଲ୍‌ଏଓ ଏବଂ ଆରଆର ଭାବେ ଅବସ୍ଥାପିତ କରାଯାଇଛି। ସରକାରୀ ଉପ ମୁଖ୍ୟ ସଚେତକଙ୍କ ବ୍ୟକ୍ତିଗତ ସଚିବ ଚିନ୍ମୟ କୁମାର ଆଚାର୍ଯ୍ୟଙ୍କୁ ଭୁବନେଶ୍ୱର ସବ୍‌କଲେକ୍ଟର ଭାବେ ନିଯୁକ୍ତି ଦିଆଯାଇଛି। କୁଚିଣ୍ଡା ଆଇଟିଡିଏ ପିଏ ହେମସାଗର ଭୋଇଙ୍କୁ କୁଚିଣ୍ଡାର ଅତିରିକ୍ତ ସବକଲେକ୍ଟର ନିଯୁକ୍ତି ମିଳିଛି।

# 'ଧରିତ୍ରୀ' ଖବରଦାତାଙ୍କ ପିତୃ ବିୟୋଗ

ଭୁବନେଶ୍ୱର,୨୦।୧୦(ଅନୁରାଧା ମହାରଣା)

'ଧରିତ୍ରୀ'ର ଖବରଦାତା ଅଭୟ ଦାଶଙ୍କ ପିତା ତଥା ଭଦ୍ରକ ଜିଲା ଚାନ୍ଦବାଲି ଟାଉନ୍ ନିବାସୀ କାଳନ୍ଦୀ ଦାଶଙ୍କ ଶୁକ୍ରବାର ଅପରାହ୍ନ ୩ଟା ୪୦ ମିନିଟ୍‌ରେ କଟକ ବଡମେଡିକାଲରେ ଦେହାନ୍ତ ହୋଇଯାଇଛି। ତାଙ୍କୁ ୬୩ ବର୍ଷ ବୟସ ହୋଇଥିଲା। ମଧ୍ୟାହ୍ନରେ ସେ ଅସୁସ୍ଥତା ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଦେଖା ନ ଦେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ନିଆଯାଇଥିଲା। ସ୍ୱର୍ଗତ ଦାଶ ଜଣେ କୃଷକ ନେତା, ଧର୍ମପରାୟଣ ବ୍ୟକ୍ତି ଭାବେ ସ୍ଥାନୀୟ ଅଞ୍ଚଳରେ ପରିଚିତ ଥିଲେ। ବହୁ ଅନୁଷ୍ଠାନ ସହ ଜଡ଼ିତ ରହି ବିଭିନ୍ନ ଉଲ୍ଲେଖନୀୟ କାର୍ଯ୍ୟ କରି ପ୍ରଶଂସିତ ହୋଇଛନ୍ତି। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ସ୍ତ୍ରୀ, ୨ପୁଅ, ୨ଝିଅ, ଭାଇ ଓ ଭଉଣୀ ଉପସ୍ଥିତ ଥିଲେ। ଦାଶଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ପ୍ରଥମ ପୃଷ୍ଠାରୁ...

### ଏମ୍ସ ଭୁବନେଶ୍ୱରରେ ...

ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡା. ଆଶୁତୋଷ ବିଶ୍ୱାସ ଶୁକ୍ରବାର ଏହି ଜନହିତକାରୀ ବ୍ୟବସ୍ଥାର ଉଦ୍‌ଘାଟନ କରିଛନ୍ତି। ସେ କହିଛନ୍ତି, ଏହି ବ୍ୟବସ୍ଥା ଦ୍ୱାରା ସମୟ ସଞ୍ଚୟ ହେବା ସହିତ ଚିକିତ୍ସା ସେବା ଶୀଘ୍ର ହୋଇପାରିବ। ଏହି ଜାତୀୟ ଅନୁଷ୍ଠାନ ପକ୍ଷରୁ ଆରମ୍ଭ ହୋଇଥିବା ଡିଜିଟାଲ୍ ପେମେଣ୍ଟ ବ୍ୟବସ୍ଥା ପୂରା ଦେଶରେ ମଧ୍ୟ ଅଭିନବ ବୋଲି ଡା. ବିଶ୍ୱାସ ସୂଚନା ଦେଇଛନ୍ତି। ଏମ୍ସ ଭୁବନେଶ୍ୱରର ଏହି ଇ-ପେମେଣ୍ଟ ବ୍ୟବସ୍ଥାର ଲାଭ ପାଇବାକୁ ହେଲେ ଜଣେ ବ୍ୟକ୍ତିଙ୍କୁ ନିଜ ମୋବାଇଲରେ କିଛି ପ୍ରକ୍ରିୟା ଅନୁସରଣ କରିବାକୁ ପଡ଼ିବ। ପ୍ରଥମ ସୋପାନରେ ବ୍ୟକ୍ତିଙ୍କୁ ଗୁଗଲ୍ ପ୍ଲେ ଷ୍ଟୋର୍‌ରୁ ଏମ୍ସ ଭୁବନେଶ୍ୱର ସ୍ୱାସ୍ଥ୍ୟ ଆପ୍ ଡାଉନ୍‌ଲୋଡ୍ କରିବାକୁ ପଡ଼ିବ। ଦ୍ୱିତୀୟ ପର୍ଯ୍ୟାୟରେ ତାଙ୍କୁ ପଞ୍ଜୀକୃତ ମୋବାଇଲ ନମ୍ବର ସହିତ ଲଗ୍‌ଇନ୍ କରିବାକୁ ହେବ। ପରବର୍ତ୍ତୀ ପଦକ୍ଷେପ ସ୍ୱରୂପ ହିତାଧିକାରୀଙ୍କ ମୋବାଇଲକୁ ଏକ ଓଟିପି ନମ୍ବର ଆସିବ। ଓଟିପି ନମ୍ବର ଦେବା ପରେ ସ୍ୱାସ୍ଥ୍ୟ ଆପ୍‌ର ପେଜ୍ ମୋବାଇଲରେ ଡିସ୍‌ପ୍ଲେ ହେବ। ଏହା ପରେ ଉପଭୋକ୍ତାଙ୍କୁ ବିଲିଂ ଓ ଡିଜିଟାଲ ପେମେଣ୍ଟ ପ୍ରକ୍ରିୟା ଆରମ୍ଭ ହେବ। ଏହି ପର୍ଯ୍ୟାୟରେ ଉପଭୋକ୍ତା ନିଜର ସୁବିଧା ଅନୁଯାୟୀ ଡିଜିଟାଲ ପେମେଣ୍ଟ ବ୍ୟବସ୍ଥା ଚୟନ କରିବେ। ପେମେଣ୍ଟ ପ୍ରକ୍ରିୟା ସରିବା ପରେ ଏକ ରସିଦ ପ୍ରଦର୍ଶିତ ହେବ, ଯାହାକୁ ଡାଉନଲୋଡ୍ କରି ପରବର୍ତ୍ତୀ ବ୍ୟବହାର ପାଇଁ ରଖିପାରିବେ। ରୋଗୀ ନିଜେ କିମ୍ବା ସମ୍ପର୍କୀୟଙ୍କ ମାଧ୍ୟମରେ ଏହି ଡିଜିଟାଲ୍ ପେମେଣ୍ଟ କରିପାରିବେ ବୋଲି ସୂଚନା ଦିଆଯାଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମେଡିକାଲ ଅଧୀକ୍ଷକ ଡା. ଦିଲୀପ କୁମାର ପରିଡ଼ା, ଭାରପ୍ରାପ୍ତ ଡିଡିଏ ଡା. ରଶ୍ମି ରଞ୍ଜନ ସେଠୀ, ଆଇଟି ଚେୟାରମ୍ୟାନ୍ ଡା. ମନୋଜ କୁମାର ମହାନ୍ତି ଓ ଆଇଟି ବିଭାଗର ସଦସ୍ୟମାନେ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ଏମ୍ସ ଭୁବନେଶ୍ୱରକୁ ଦୈନିକ ୪ହଜାରରୁ ଊର୍ଦ୍ଧ୍ୱ ରୋଗୀ ଚିକିତ୍ସା ସେବା ନିମନ୍ତେ ଆସୁଛନ୍ତି। ପ୍ରବଳ ଭିଡ଼ ଓ ସୁବିଧା ତଥା ତ୍ୱରିତ ଚିକିତ୍ସା ସେବା ଯୋଗାଇ ଦେବାକୁ ପେପରଲେସ ଅଫିସ୍ ନିମନ୍ତେ ଏମ୍ସ ଭୁବନେଶ୍ୱର ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନେଇଛି। କିଛିଦିନ ତଳେ ଏହି ଜାତୀୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ଇ-ଅଫିସ୍ ବ୍ୟବସ୍ଥାର ପ୍ରଚଳନ କରିସାରିଛି। ଏବେ ଆରମ୍ଭ ହୋଇଥିବା ଇ-ପେମେଣ୍ଟ ବ୍ୟବସ୍ଥାର ବ୍ୟାପକ ପ୍ରଚଳନ ନିମନ୍ତେ ଏମ୍ସ ପକ୍ଷରୁ ସମସ୍ତଙ୍କୁ ସଚେତନ କରାଯିବ।

### ଟାଙ୍କି ସଫାବେଳେ ...

ହାତରେ ମଇଳା ସଫା କରିବା ବ୍ୟବସ୍ଥା ସମ୍ପୂର୍ଣ୍ଣ ବନ୍ଦକୁ କେନ୍ଦ୍ର ଓ ରାଜ୍ୟ ସରକାର ସୁନିଶ୍ଚିତ କରିବାକୁ ହେବ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ମଇଳା ଟାଙ୍କି ସଫାବେଳେ ମେହେନ୍ତରଙ୍କ ମୃତ୍ୟୁ ଘଟଣା ଯେପରି ନ ଘଟେ, ସେ ଦିଗରେ ସରକାରୀ ସଂସ୍ଥା କାର୍ଯ୍ୟ କରିବାକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ୍)ର ବିଚାର କରି ସର୍ବୋଚ୍ଚ ଅଦାଲତ ଉପରୋକ୍ତ ରାୟ ଦେଇଛନ୍ତି। ସୂଚନାଯୋଗ୍ୟ, ଗତ ୫ ବର୍ଷରେ ଦେଶରେ ମଇଳା ଟାଙ୍କି ସଫା କରିବା ସମୟରେ ୩୪୭ ଜଣଙ୍କ ମୃତ୍ୟୁ ଘଟିଛି। ସେଥିରୁ କେବଳ ଉତ୍ତରପ୍ରଦେଶ, ତାମିଲନାଡୁ ଓ ଦିଲ୍ଲୀରେ ମୃତ୍ୟୁସଂଖ୍ୟା ୪୦ ପ୍ରତିଶତ। ୨୦୨୨ ଜୁଲାଇରେ ଲୋକ ସଭାରେ ସରକାର ରଖିଥିବା ତଥ୍ୟରୁ ଏହା ଜଣାପଡ଼ିଛି।

### ୩୧ ଯାଏ ଧର୍ମଘଟ ...

ଧର୍ମଘଟ ପ୍ରତ୍ୟାହାର ହେବା ପରେ ଶୁକ୍ରବାର ରାତ୍ରିରୁ ବସ୍ ଚଳାଚଳ ସ୍ୱାଭାବିକ ହୋଇଛି।

ଗୁରୁବାର ଧର୍ମଘଟ ନିଷ୍ପତ୍ତିରୁ ଓହରିବାକୁ ପରିବହନ ମନ୍ତ୍ରୀ ଟୁକୁନି ସାହୁ ଘରୋଇ ବସ୍ ମାଲିକ ସଂଘକୁ ଅନୁରୋଧ କରିଥିଲେ। ଏହାସତ୍ତ୍ୱେ ସଂଘ ନିଜ ଜିଦ୍‌ରେ ଅଟଳ ରହିଥିଲା। ଶୁକ୍ରବାର ଦିନତମାମ କୌଣସି ଘରୋଇ ବସ୍ ଚଳାଚଳ କରି ନ ଥିଲା। ଅପରାହ୍ନରେ ପରିବହନ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନଠାରେ ସଂଘର କର୍ମକର୍ତ୍ତାମାନଙ୍କ ସହ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଲକ୍ଷ୍ମୀ ଯୋଜନାରେ ବ୍ଲକରୁ ଜିଲାକୁ କୌଣସି ବସ୍ ଚଳାଚଳ କରିବ ନାହିଁ। ଏହା ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ରହିଛି। ସଂଘର ଦାବି ସମ୍ପର୍କରେ ଆସନ୍ତା ୨୬ ତାରିଖ ବୈଠକରେ ଲିଖିତ ପ୍ରତିଶ୍ରୁତି ଦିଆଯିବ। ଧର୍ମଘଟରୁ ଓହରିବାକୁ ମନ୍ତ୍ରୀ ସଂଘର କର୍ମକର୍ତ୍ତାମାନଙ୍କୁ ଅନୁରୋଧ କରିଥିଲେ। ରାଜ୍ୟ ସରକାରଙ୍କ ଅନୁରୋଧ ପରେ ସଂଘର ଏକ ଜରୁରୀ ବୈଠକରେ ଧର୍ମଘଟ ସ୍ଥଗିତ ରଖିବାକୁ ନିଷ୍ପତ୍ତି ହୋଇଛି।

ସୂଚନାଯୋଗ୍ୟ, ବ୍ଲକ ମୁଖ୍ୟାଳୟରୁ ଜିଲା ହେଡ୍‌କ୍ୱାର୍ଟର୍ସକୁ ଲକ୍ଷ୍ମୀ ବସ୍ ନ ଚଳାଇବା ଦାବିରେ ଘରୋଇ ବସ୍ ମାଲିକ ସଂଘ ଡାକରାରେ ଅକ୍ଟୋବର ୨୦ଠାରୁ ରାଜ୍ୟରେ ବସ୍ ଧର୍ମଘଟ କରାଯାଇଥିଲା। ଏହି ଧର୍ମଘଟ ଯୋଗୁ ରାଜ୍ୟରେ ଯାତ୍ରୀ ପରିବହନ ସେବା ଗୁରୁତର ଭାବେ ପ୍ରଭାବିତ ହୋଇଥିଲା । ଯାତ୍ରୀମାନେ ନାହିଁ ନ ଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଥିଲେ। ଆଗୁଆ ସିଟ୍ ବୁକ୍ କରି ମଧ୍ୟ ନିଜ ଗନ୍ତବ୍ୟ ସ୍ଥଳକୁ ଯାଇପାରି ନ ଥିଲେ। ଧର୍ମଘଟ କଥା ଶୁଣି ଗୁରୁବାର ରାଜ୍ୟର ବିଭିନ୍ନ ବସ୍‌ଷ୍ଟାଣ୍ଡରେ ଯାତ୍ରୀମାନଙ୍କର ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ଶୁକ୍ରବାର ମଧ୍ୟ ବସ୍‌ଷ୍ଟାଣ୍ଡଗୁଡ଼ିକରେ ଯାତ୍ରୀମାନେ ବସ୍‌କୁ ଅପେକ୍ଷା କରି ରହିଥିବା ଦେଖିବାକୁ ମିଳିଥିଲା। ବସ୍ ଚଳାଚଳ ବନ୍ଦ ଥିବା ଯୋଗୁ ଯାତ୍ରୀମାନେ ଟ୍ରେନ ଯାତ୍ରା କରିବାକୁ ଷ୍ଟେଶନରେ ଭିଡ ଜମାଇଥିଲେ।

### ଦୁଇ ସନ୍ତାନ ସହ ...

ଦେଓଗାଁ ଥାନା ଜରାସିଂହା ଗାଁର ଝରଣା ମହାନନ୍ଦ ନାମ୍ନୀ ମହିଳା ଜଣକ କୌଣସି କାମ ପାଇଁ ତାଙ୍କର ଦୁଇ ଛୋଟଛୁଆଙ୍କ ସହ ବଲାଙ୍ଗୀର ଆସିଥିଲେ। ଗାଁକୁ ଫେରିବା ପାଇଁ ବଲାଙ୍ଗୀର ରେଲ୍‌ୱେ ଷ୍ଟେଶନରେ ସେ ଦୀର୍ଘସମୟ ପର୍ଯ୍ୟନ୍ତ ପାସେଞ୍ଜର ଟ୍ରେନ୍‌କୁ ଅପେକ୍ଷା କରିଥିଲେ। ମାତ୍ର ପାସେଞ୍ଜର ଟ୍ରେନ୍‌ରେ ନ ଚଢ଼ି ସେ ଭୁଲ୍‌କ୍ରମେ ଦିନ୍‌ଦୟାଲ ଉପାଧ୍ୟାୟ ବିଶାଖାପାଟଣା ଏକ୍ସପ୍ରେସ୍ ଟ୍ରେନ୍‌ରେ ଚଢ଼ିଯାଇଥିଲେ। ଏହି ଟ୍ରେନ୍‌ଟି ଦେଓଗାଁରେ ଅଟକେନାହିଁ। ଦେଓଗାଁରେ ଟ୍ରେନ୍‌ଟି ନ ଅଟକିବାରୁ ଝରଣା ବ୍ୟତିବ୍ୟସ୍ତ ହୋଇପଡ଼ିଥିଲେ। ଟ୍ରେନ୍‌ଟି ବଡ଼ମାଳ ରେଳଷ୍ଟେଶନ ନିକଟରେ ଗତି ଧୀର କରିବାବେଳେ ମହିଳା ଜଣକ ଦୁଇଛୁଆଙ୍କୁ ଧରି ଓହ୍ଲାଇବାକୁ ଯାଇ ଟ୍ରେନ୍‌ରୁ ଡେଇଁପଡ଼ିଥିଲେ। ଫଳରେ ସେ ଟ୍ରେନ୍ ବଗିରେ ପିଟିହୋଇ ଭାରସାମ୍ୟ ହରାଇ ପଡ଼ିଯାଇଥିଲେ। ଘଟଣାସ୍ଥଳରେ ମହିଳାଙ୍କ ମୃତ୍ୟୁ ହୋଇଯାଇଥିଲା। ମାତ୍ର ଛୁଆ ଦୁଇଟି ଟ୍ରେନ୍ ଉପରେ ରହିଯାଇଥିଲେ ଓ ସେମାନେ ଅଳ୍ପକେ ବର୍ତ୍ତି ଯାଇଥିଲେ। ବଡ଼ମାଳ ପୋଲିସ ଏବଂ ରେଳ ବିଭାଗ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଏକାଧିକଗ୍ରହ ଯୁକ୍ତ ମଙ୍ଗଳଙ୍କର ରାଶିକୁ ଦୃଷ୍ଟି ହେତୁ ଶାରୀରିକ ସୁସ୍ଥତା ପୂର୍ବପରି ଭଲ ଥିଲେ ମଧ୍ୟ ସମସ୍ୟା ବିଜଡ଼ିତ ରହିବ। ସମ୍ମୁଖରେ ଭଲ କହୁଥିବା ଲୋକଟି ପଛରେ ବିଭିନ୍ନ କଥା କହୁଥିବାର ଶୁଣିବାକୁ ପାଇବେ। ଆର୍ଥିକ ସ୍ଥିତି ଚିନ୍ତାର କାରଣ ହୋଇପାରେ। ପରିବାରରେ ଅବସ୍ଥା ଦେଖି ବ୍ୟବସ୍ଥା ନ କଲେ ଅନୁତାପ କରିବାକୁ ପଡ଼ିବ।

**ବୃଷ**
ରାଶ୍ୟାଧିପ ଶନିଙ୍କ ଦୃଷ୍ଟିପଥାରୂଢ଼ ଯୋଗୁ ପାରିବାରିକ କ୍ଷେତ୍ରରେ ସାମାନ୍ୟ କଥାରେ ମନୋମାଳିନ୍ୟ ଘଟିପାରେ। ପଡ଼ୋଶୀ ସହଯୋଗର ହାତ ବଢ଼ାଇବେ ଓ କାମଟି ସୁବିଧାରେ ହୋଇଯିବ। କାର୍ଯ୍ୟବ୍ୟସ୍ତ ଯୋଗୁ କେତେକ କାମ ଠିକ୍ ସମୟରେ କରିପାରିବେ ନାହିଁ। ଆନୁଷ୍ଠାନିକ କାମରେ ଯାଇ ଜଣେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ ଲାଭ କରିପାରନ୍ତି।

**ମିଥୁନ**
କୋଣଭାବସ୍ଥ ବୁଧଙ୍କ ଯୋଗୁ ସ୍ୱାସ୍ଥ୍ୟ ଭଲ ରହିବ ଏବଂ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ସଭାସମିତି ଓ ଆନୁଷ୍ଠାନିକ କ୍ଷେତ୍ରରେ ନୂତନ କାମ ଆରମ୍ଭ କରି ପ୍ରଶଂସିତ ହେବେ। ସହକର୍ମୀଙ୍କ ସୌହାର୍ଦ୍ଦ୍ୟରୁ ପାରିବାରିକ ଜୀବନ ସୁଖ ସନ୍ତୋଷରେ କଟିବ। ଆବଶ୍ୟକତା ଅନୁଯାୟୀ ନିଜର ପ୍ରିୟଜନଙ୍କ ସହଯୋଗରୁ ଉପକୃତ ହେବେ।

**କର୍କଟ**
ପାପଗ୍ରହ ଯୁକ୍ତ ଚନ୍ଦ୍ରଜନିତ ବିଭିନ୍ନ ବିଷୟରେ ଚିନ୍ତା କରି ମନରେ ଅସ୍ଥିରତା ସୃଷ୍ଟି ହେବ। ଭାଇ, ବନ୍ଧୁ ଓ କୁଟୁମ୍ବ ଲୋକଙ୍କ ସହ ସମ୍ପର୍କରେ ଉନ୍ନତି ପରିଲକ୍ଷିତ ହୋଇପାରେ। ଜଣେ ପ୍ରତିଷ୍ଠାବାନ୍ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରି ଆତ୍ମବିଭୋର ହୋଇପାରନ୍ତି। ବିବାଦୀୟ ଘଟଣାରେ, ମାଲିମକଦ୍ଦମାରେ ଜୟଲାଭ କରିବାର ଆଶା ବୃଦ୍ଧି ପାଇବ।

**ସିଂହ**
ତୃତୀୟଭାବରେ ଏକାଧିକଗ୍ରହ ହେତୁ ସହକର୍ମୀଙ୍କ କଥାରେ ପ୍ରଭାବିତ ହୋଇ କୌଣସି ନୂତନ କାମ କରିପାରନ୍ତି। କ୍ରୀଡ଼ା, କଳା, ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ସମସ୍ୟା ସମାଧାନ କରିବାରେ ସଫଳ ହେବେ। ଶିଳ୍ପ, ବ୍ୟବସାୟ ଓ ପରିବହନରେ ଲାଭବାନ ହେବେ। ଆତ୍ମୀୟଙ୍କ ସହାୟତା ପାଇ କାମ ହାସଲ କରିବେ।

**କନ୍ୟା**
ସ୍ୱଗୃହୀ ଶନି ପ୍ରଭାବରେ ଶତ୍ରୁତା କରୁଥିବା ଲୋକଟି ମନକୁ ବାଧିଲା ଭଳି କଥା କହିପାରେ। ବ୍ୟବସାୟ କିମ୍ବା ପରିବହନ କ୍ଷେତ୍ରରେ ଅଧିକ କିଛି ଆଶା ମନରେ ଦୁଃଖ ଦେବାର ସମ୍ଭାବନା ରହିଛି। ଆଜିର ପ୍ରତ୍ୟୁଷ ଯାତ୍ରାରେ ଅଭିଳଷିତ କାମ ମଧ୍ୟ ହୋଇଯିବ। ଆଳସ୍ୟ ଯୋଗୁ କାର୍ଯ୍ୟହାନି କାରଣରୁ ବନ୍ଧୁମହଲରେ ଅପମାନିତ ହୋଇପାରନ୍ତି।

**ତୁଳା**
ବ୍ୟୟାଧିପ ରାଶିରେ ଥିବାରୁ ଆଜିର କାମରେ ଆବଶ୍ୟକତାରୁ ଅଧିକ ଖର୍ଚ୍ଚ କରିବାକୁ ବାଧ ହେବେ। ବିଭିନ୍ନ ସମସ୍ୟାରେ ବୁଡ଼ିରହି ନିଜ କାମ ସମ୍ପନ୍ନ କରିବାରେ ବ୍ୟସ୍ତତା ବଢ଼ିଯାଇପାରେ। ଅଫିସ୍ କାମରେ ସହକର୍ମୀଙ୍କ ସହ ବିବାଦ ବୃଦ୍ଧି ହେବ ମାତ୍ର ଆପଣଙ୍କୁ ଅନ୍ୟମାନେ ସାହାଯ୍ୟ କରିବେ। ପରିବାରରେ ସମସ୍ୟା ବଢ଼ିଯିବ।

**ବିଛା**
କର୍ମଭାବରେ ଶୁକ୍ର ହେତୁ ଆଜି ଯେଉଁ କାମରେ ହାତ ଦେବେ ସଫଳତା ପାଇବେ। ବନ୍ଧୁଙ୍କ ନିକଟରୁ ଯେତେ ପାଇଲେ ମଧ୍ୟ ଆହୁରି ପାଇବା ସକାଶେ ବ୍ୟାକୁଳତା ପ୍ରକାଶ କରିବେ। ଶିଳ୍ପ ଓ ବାଣିଜ୍ୟରେ ପ୍ରତିବନ୍ଧକ ଦୂରେଇବା ପାଇଁ ପ୍ରଯତ୍ନ କରି ସଫଳ ହେବେ। ପରିବାର ସଦସ୍ୟଙ୍କଠାରୁ କିମ୍ବା ସହକର୍ମୀଙ୍କ ତରଫରୁ ସମସ୍ୟା ଆସିପାରେ।

**ଧନୁ**
ଧନାଧିପ ଉପଚୟସ୍ଥ ଯୋଗୁ ଆର୍ଥିକ ଦିଗରୁ ସମସ୍ୟା ଲାଗି ରହିବ, ଅବଶ୍ୟ ସମାଧାନର ପନ୍ଥା ଖୋଜି ପାଇବେ। ଶିକ୍ଷାରେ କୃତିତ୍ୱ ହାସଲ କାରଣରୁ ପିଲାମାନଙ୍କ ସଫଳତାରେ ଆନନ୍ଦ ଅନୁଭବ କରିବେ। ଯାନ୍ତ୍ରିକ ତ୍ରୁଟି ଅସୁବିଧାରେ ପକାଇପାରେ। ଚେଷ୍ଟା କରୁଥିବା କାମରେ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ।

**ମକର**
ଚତୁଃଗ୍ରହ ଯୋଗ କର୍ମସ୍ଥ ହେତୁ ଆଜି ଅଫିସରୁ ହଠାତ୍ କୌଣସି ଖବର ପାଇ ବିଚଳିତ ବୋଧ କରିବେ। ଉପରିସ୍ଥ ଅଧିକାରୀ କାମହାସଲ ସକାଶେ ସହଯୋଗ ଲୋଡ଼ିପାରନ୍ତି। ଆର୍ଥିକ ସ୍ଥିତି ମନ୍ଦ ହେବନି କିନ୍ତୁ ଆବଶ୍ୟକତା ପୂରଣ କାଠିକର ପାଠ ହେବ। ବ୍ୟବସାୟ, ନିର୍ମାଣ, ସଭାସମିତି, ଲେଖାପଢ଼ା ପ୍ରଭୃତିରୁ ସୁଫଳ ପାଇବେ।

**କୁମ୍ଭ**
ସ୍ୱଗୃହୀ ଶନିଙ୍କ ଯୋଗୁ ଉପଯୁକ୍ତ ଚିକିତ୍ସା ହେତୁ ସ୍ୱାସ୍ଥ୍ୟ ନିୟନ୍ତ୍ରଣାଧୀନ ରହିବ। ସଭାସମିତିରେ ସାଧାରଣ କଥାକୁ କେନ୍ଦ୍ରକରି ପାଟିତୁଣ୍ଡ ଲାଗି ରହିବ। ପାରିବାରିକ ସମସ୍ୟାର ସମାଧାନ ସକାଶେ ନିଜର ବନ୍ଧୁମାନଙ୍କ ସାହାଯ୍ୟ ଭିକ୍ଷା କରିପାରନ୍ତି। ବନ୍ଧୁ ଗହଣରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ।

**ମୀନ**
ଚନ୍ଦ୍ର କର୍ମଭାବରେ ଥିବାରୁ ପ୍ରତ୍ୟେକ କ୍ଷେତ୍ରରେ ଆପଣ ଯେତେଟା ପରିସ୍ଥିତିକୁ ଜଟିଳ ମନେ କରୁଛନ୍ତି ବାସ୍ତବରେ ସେପରି କିଛି ହେବନି। ପରିବାର ଭିତରେ ଅଯଥା ବ୍ୟସ୍ତତା ପ୍ରକାଶ କରି ସମାଲୋଚିତ ହେବେ। ପରିବହନରେ ଦେଖିଚାହିଁ ପଦକ୍ଷେପ ନିଅନ୍ତୁ, ନତୁବା ସମସ୍ୟା ଉପୁଜିପାରେ। କୌଣସି ଅପରିଚିତ ବ୍ୟକ୍ତିଙ୍କୁ ବିଶ୍ୱାସ କରି ଖାଲରେ ପଡ଼ିପାରନ୍ତି।

ଆଜି ଆଶ୍ୱିନ ଶୁକ୍ଳ ସପ୍ତମୀ ଶନିବାର, ପୀଠେ ମହାଷ୍ଟମୀ, ନବପତ୍ରିକା ପ୍ରବେଶ, ମଣ୍ଡଳପୂଜା ବା ଫଳଥୁଆ, ଭାଇ ଜିଉନ୍ତିଆ, ଅକ୍ଟୋବର ୨୧ ତାରିଖ, ରାଶି ନକ୍ଷତ୍ର-ପୂର୍ବଷାଢ଼ା/ଧନୁ, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ଦିବା ଘ.୦୭।୧୮ ଗତେ ଘ. ୦୮।୩୯ ମଧ୍ୟେ, ଘ.୧୧।୫୭ ଗତେ ଘ.୧୨।୫୭ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୮।୩୯ ଗତେ ଘ.୧୦।୦୫ ମଧ୍ୟେ ରାହୁକାଳ।


Reliance
Growth is Life
SMART BAZAAR
SMART SUPERSTORE
ପୂଜା ବଜାର ସ୍ମାର୍ଟ ବଜାର
ଉତ୍ସବର ପ୍ରସ୍ତୁତି କରନ୍ତୁ
ସ୍ମାର୍ଟ ବଜାର ଚାଲନ୍ତୁ
ନୂଆ ଷ୍ଟୋର୍ ଏବେ ଖୋଲାଅଛି
ଫୋରମ୍ ମାର୍ଟ, ୟୁନିଟ-3, ରାମ ମନ୍ଦିର ନିକଟ, ସତ୍ୟ ନଗର, ଭୁବନେଶ୍ୱର
ଭୁବନେଶ୍ୱର: ନେକ୍ସସ୍ ଏସପ୍ଲାନେଡ୍ ମଲ୍, ରସୁଲଗଡ଼ • ସିମ୍ଫୋନୀ ମଲ୍, ରୁଦ୍ରପୁର • ଡିଏନ୍ ରେଗାଲିଆ, ପାତ୍ରପଡ଼ା • କ୍ରିଷ୍ଣା ପ୍ଲାଜା, ନୟାପଲ୍ଲୀ • ଫୋରମ ମାର୍ଟ, ସତ୍ୟ ନଗର • ସେଣ୍ଟ୍ରାଲ ବ୍ୟାଙ୍କ ପାଖ, ସାମନ୍ତରାପୁର • ରିଲାଏନ୍ସ ମଲ , ରେଲୱେ ଷ୍ଟେସନ ପ୍ଲାଟଫର୍ମ 1 ନିକଟ, ମାଷ୍ଟର କ୍ୟାଣ୍ଟିନ୍ • ଇସ୍କନ୍ ମନ୍ଦିର ସାମ୍ନା, ନୟାପଲ୍ଲୀ • ରିଲାଏନ୍ସ ଡିଜିଟାଲ ନିକଟ, ପଟିଆ । କଟକ : ଏନ୍ଏସ୍‌ସିବି ଆର୍କେଡ୍, ଓଲ୍ଡ଼ଜେଲ ରୋଡ୍, ଦରଘା ବଜାର • ମୁନିସିପାଲିଟି କାର୍ଯ୍ୟାଳୟ ପଛ ପାର୍ଶ୍ୱ, ଚୌଦ୍ୱାର • ଷ୍ଟୁଆର୍ଟ କଲେଜ ସାମ୍ନା, ବକ୍ସି ବଜାର • କିତାବମହଲ ନିକଟ, କଲେଜ ଛକ • ଇପିକଲ ସର୍କଲ ନିକଟ, ଜଗତପୁର
SMART BAZAAR NOW ON JioMart
ବଡ଼ ନଡ଼ିଆ 1 ୟୁନିଟ
ସ୍ମାର୍ଟ ପ୍ରାଇସ୍ ₹24
ବଜାର ମୂଲ୍ୟ ₹30
କମଳା 1 kg
ସ୍ମାର୍ଟ ପ୍ରାଇସ୍ ₹59
ବଜାର ମୂଲ୍ୟ ₹70
ପ୍ରଭୁଜୀ / ଭିଖାରାମ ଚାନ୍ଦମାଲ / ସ୍ନାକଟ୍ୟାକ୍ (ସୋନପାପଡି / ବେସନ ଲଡ୍ଡୁ) 336 g ଡେଣିକି / ଲାଲ ଶାହି ମଇସୋର୍ ପ୍ୟାକ୍ 200 g ଡେଣିକି (ନିର୍ଦ୍ଦିଷ୍ଟ ପ୍ରକାରର)
BUY ANY 1 GET ANY 1 FREE
MRP ₹159 ଡେଣିକି
ବିକାଜୀ / ସ୍ନାକଟ୍ୟାକ୍ ସେଲିବ୍ରେଶନ୍ ରସଗୁଲା / ଗୁଲାବ ଜାମୁନ 1 kg (ନିର୍ଦ୍ଦିଷ୍ଟ ପ୍ରକାରର)
BUY ANY 1 GET ANY 1 FREE
MRP ₹289 ଡେଣିକି
ଅମୁଲ କାଜୁ କତ୍ରୀ 200 g / 500 g
ସ୍ମାର୍ଟ ପ୍ରାଇସ୍ ₹170/ ₹385
MRP ₹190 / ₹435
ସଞ୍ଚନ୍ତୁ ₹20 / ₹50
ଡ୍ରାଏଫ୍ରୁଟ୍ସ୍ ଗିଫ୍ଟ ପ୍ୟାକ୍ 225 g ଡେଣିକି (ନିର୍ଦ୍ଦିଷ୍ଟ ପ୍ରକାରର)
(ଗୁଡ୍ ଲାଇଫ୍ / ତୁଲସୀ / ନଟରାଜ / ଓଣ୍ଡରଲ୍ୟାଣ୍ଡ / ନଟ୍ରୋଭ୍)
BUY 1 GET 1 FREE
MRP ₹399 ଡେଣିକି
ଗୁଡ୍ ଲାଇଫ୍ ଆଲମଣ୍ଡ / କ୍ୟାଶ୍ୟୁ (W320) 500 g
ସ୍ମାର୍ଟ ପ୍ରାଇସ୍ ₹369/ ₹399
MRP ₹549 / ₹499
ସଞ୍ଚନ୍ତୁ ₹180 / ₹100
ଖୋଲା HMT କୋଲମ୍ ରାଇସ୍ 1 kg
ସ୍ମାର୍ଟ ପ୍ରାଇସ୍ ₹59
ବଜାର ମୂଲ୍ୟ ₹66
ଫର୍ଚ୍ୟୁନ ରିଫାଇନ୍ଡ ରାଇସ୍ ବ୍ରାନ୍ ହେଲ୍ଥ ତେଲ 5 ℓ + ଫର୍ଚ୍ୟୁନ ରୋଜାନା ବାସମତି ରାଇସ୍ 5 kg
ସ୍ମାର୍ଟ ପ୍ରାଇସ୍ ₹999
କମ୍ବାଇଣ୍ଡ MRP ₹1425
ସଞ୍ଚନ୍ତୁ ₹426
ଗୁଡ୍ ଲାଇଫ୍ ରିଫାଇନ୍ଡ ସନ୍‌ଫ୍ଲାୱାର ଅଏଲ / ଫର୍ଚ୍ୟୁନ ପ୍ରିମିୟମ କଚି ଘାନି ପିୟୋର ମଷ୍ଟାର୍ଡ ଅଏଲ 1 ℓ
ସ୍ମାର୍ଟ ପ୍ରାଇସ୍ ₹99/ ₹123
MRP ₹150 / ₹155
ସଞ୍ଚନ୍ତୁ ₹51 / ₹32
ଓମ୍‌ଫେଡ୍ ଘିଅ 1 ℓ
ସ୍ମାର୍ଟ ପ୍ରାଇସ୍ ₹685
MRP ₹720
ସଞ୍ଚନ୍ତୁ ₹35
ବିସ୍କୁଟ୍ - ଲାର୍ଜ ପ୍ୟାକ୍ 300 g ଡେଣିକି (ନିର୍ଦ୍ଦିଷ୍ଟ ପ୍ରକାରର)
BUY ANY 2 GET ANY 1 FREE
MRP ₹130 ଡେଣିକି / ୟୁନିଟ
କୋକାକୋଲା / ସ୍ପ୍ରାଇଟ୍ / ଥମ୍ସ ଅପ୍ 600 ml ଡେଣିକି (ନିର୍ଦ୍ଦିଷ୍ଟ ପ୍ରକାରର)
BUY ANY 3 GET ANY 1 FREE
MRP ₹38 ଡେଣିକି / ୟୁନିଟ
ଚକୋଲେଟ୍ ହୋମ୍ ପ୍ୟାକ୍ (କାଡ୍‌ବରୀ ଡେରୀ ମିଲ୍କ / ଫାଇଭ୍ ଷ୍ଟାର / ନେସ୍ଲେ କିଟକ୍ୟାଟ୍ / ମଞ୍ଚ୍) 126 g ଡେଣିକି / ଲୋଟି / ଓରିଅନ୍ ଚୋକୋ ପାଇ (12 ପ୍ୟାକ୍ 336 g) (ନିର୍ଦ୍ଦିଷ୍ଟ ପ୍ରକାରର)
BUY ANY 2 GET ANY 1 FREE
MRP ₹100 ଡେଣିକି / ୟୁନିଟ
ପେଅର୍ସ / ଡଭ୍ / ଲକ୍ସ / ଗୋଦରେଜ୍ ନଂ.1 / ସିନ୍ଥଲ / ସନ୍ତୁର ସୋପ୍ 125 g ଡେଣିକି (ମଲ୍ଟି ପ୍ୟାକ୍) (ନିର୍ଦ୍ଦିଷ୍ଟ ପ୍ରକାରର)
BUY ANY 2 GET ANY 1 FREE
MRP ₹175 ଡେଣିକି / ୟୁନିଟ
ମେନ୍ସ ଆଣ୍ଡ ଓମେନ୍ସ ଡିଓ 135 ml ଡେଣିକି (ନିର୍ଦ୍ଦିଷ୍ଟ ରେଞ୍ଜ)
BUY 1 GET 1 FREE
MRP ₹275 ଡେଣିକି
ବ୍ୟୁଟି ଏସେନସିଆଲ୍ 0.35 g ଡେଣିକି (ନିର୍ଦ୍ଦିଷ୍ଟ ରେଞ୍ଜ)
50% ଛାଡ଼
MRP ₹99 ଡେଣିକି
ସ୍ମାର୍ଟ ପ୍ରାଇସ୍ ₹50 ଡେଣିକି
ଡଭ୍ / ହେଡ୍ ଆଣ୍ଡ ଶୋଲ୍ଡର୍ସ / ଟ୍ରେସମି / ସନ ସିଲ୍କ / କୋରିଅନ୍ ଶାମ୍ପୁ 580 ml ଡେଣିକି (ନିର୍ଦ୍ଦିଷ୍ଟ ପ୍ରକାରର)
50% ଛାଡ଼
MRP ₹645 ଡେଣିକି
ସ୍ମାର୍ଟ ପ୍ରାଇସ୍ ₹323 ଡେଣିକି
ସାଇକେଲ୍ ଓମ୍ ଶାନ୍ତି ଚନ୍ଦନମ୍ ପୂଜା ଅଏଲ 1 ℓ
ସ୍ମାର୍ଟ ପ୍ରାଇସ୍ ₹149
MRP ₹230 ଡେଣିକି
ସଞ୍ଚନ୍ତୁ ₹81 ଡେଣିକି
SINGER Surya flame
3 ବର୍ନର ଗ୍ଲାସ୍ ଟପ୍ ଗ୍ୟାସ୍ ଷ୍ଟୋଭ୍
ସ୍ମାର୍ଟ ପ୍ରାଇସ୍ ₹2099
MRP ₹7560 ଡେଣିକି
PARAS
3 ପିସ୍ କେସରୋଲ୍ ସେଟ୍
ସ୍ମାର୍ଟ ପ୍ରାଇସ୍ ₹349
MRP ₹1170
Raymond TRIDENT HAPPY LIVING Ulhaas
ଡବଲ୍ ବେଡ୍‌ସିଟ୍ ପିଲୋ କଭର ସହିତ (ନିର୍ଦ୍ଦିଷ୍ଟ ରେଞ୍ଜ)
BUY 1 GET 2 FREE
MRP ₹1199 ଡେଣିକି
KAMILIANT
କ୍ୟାବିନ୍ ଟ୍ରଲି (55 cm)
ସ୍ମାର୍ଟ ପ୍ରାଇସ୍ ₹1899
MRP ₹7500 ଡେଣିକି
ଫେଷ୍ଟିଭ୍ ଏସେନଶିଆଲ୍ସ (ଦୀପ / ରଙ୍ଗୋଲି / ତୋରଣ ଏବଂ ଟି ଲାଇଟ୍)
ସ୍ମାର୍ଟ ପ୍ରାଇସ୍ ₹49 ଡେଣିକି
MRP ₹149 ଡେଣିକି
ପୂଜାରେ ଖୁବ ସଜବାଜ ହୁଅନ୍ତୁ
ସ୍ମାର୍ଟ ବଜାର ଚାଲନ୍ତୁ
ପୂଜା
ମହିଳା
କୁର୍ତ୍ତା ₹299
ଡୁଡିକୋ ₹299
ଦୁପଟ୍ଟା ₹199
ଡ୍ରେସ୍ ₹599
ପୁରୁଷ
କୁର୍ତ୍ତା ₹299
ଜ୍ୟାକେଟ୍ ₹699
ଟି-ଶାର୍ଟସ୍ ₹199
ଚେକ୍‌ସିଟ୍ ₹599
ପିଲାମାନଙ୍କ
କୁର୍ତ୍ତା ପାଇଜାମା ସେଟ୍ ₹749
ଲେହେଙ୍ଗା ସେଟ୍ ₹599
ଟି-ଶାର୍ଟସ୍ ₹129
* T & C Apply
ଅଫର୍‌ସ୍ ଏଠାରେ ମଧ୍ୟ ଉପଲବ୍ଧ ଅଛି
fresh Signature
ICICI Bank
10% Instant Discount* On Credit & Debit Cards
On Min. Transaction of ₹3,000/- Max Discount up to ₹500/-
Valid From 18th to 24th Oct 2023 I Valid Once per Card
T & C Apply*
Paytm CASHBACK
Paytm Postpaid
Paytm Wallet
UP TO ₹300
Min. payment of ₹ 1000
Get ₹50 Minimum Cashback. Offer Valid Once per user
from 18th Oct to 24th Oct 2023. Paytm Postpaid facility provided by NBFC partners.
ଆପଣଙ୍କ ନିକଟତମ ଷ୍ଟୋର୍ ବିଷୟରେ ଜାଣିବା ପାଇଁ ସ୍କାନ୍ କରନ୍ତୁ
ସର୍ତ୍ତ ଓ ନିୟମାବଳୀ ଲାଗୁ । କାର୍ଡ଼ / ୱାଲେଟ୍ ଅଫର୍ସ କେବଳ ସ୍ମାର୍ଟ୍ ବଜାର, ସ୍ମାର୍ଟ୍ ସୁପରଷ୍ଟୋର, ସ୍ମାର୍ଟ୍ ପଏଣ୍ଟ ଏବଂ ଫ୍ରେଶ୍ ସିଗ୍ନେଚରରେ ବୈଧ ଅଟେ । ଅଫର୍ ଷ୍ଟକ୍ ଶେଷ ପର୍ଯ୍ୟନ୍ତ ବୈଧ । ସମସ୍ତ ଅଫର୍ ବିନା ବିଜ୍ଞପ୍ତିରେ ପରିବର୍ତ୍ତନଶୀଳ ଅଟେ । ପ୍ରଦର୍ଶିତ ଦ୍ରବ୍ୟର ଚିତ୍ର / ଫଟୋଗ୍ରାଫ୍ କେବଳ ଉପସ୍ଥାପନ ଉଦ୍ଦେଶ୍ୟ ପାଇଁ । ହୋମୱେୟାର ଏବଂ ଆପାରେଲ୍ସ ଅଫର୍ କେବଳ ସ୍ମାର୍ଟ୍ ବଜାର ଏବଂ ସ୍ମାର୍ଟ୍ ସୁପରଷ୍ଟୋର୍‌ରେ ବୈଧ ଅଟେ । ସମସ୍ତ ଉତ୍ପାଦର ଏମ୍ଆର୍‌ପିରେ ସମସ୍ତ ଟିକସ ସାମିଲ ଅଟେ । ରିହାତି ପ୍ରତିଶତକୁ ଅଫର୍ ପ୍ରାଇସ୍‌ର ନିକଟତମ ପ୍ରତିଶତକୁ ପୂର୍ଣ୍ଣାଙ୍କିତ କରାଯିବ। ସମସ୍ତ ଅଫର୍ 24 ଅକ୍ଟୋବର 2023 ପର୍ଯ୍ୟନ୍ତ ବୈଧ ଅଟେ । ସମସ୍ତ ବିବାଦ କେବଳ ମୁମ୍ବାଇରେ କୋର୍ଟର ସ୍ୱତନ୍ତ୍ର ଅଧିକାର ଅଧୀନ ଅଟେ ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୨୧ ଅକ୍ଟୋବର, ୨୦୨୩



❝ ଆଉ ଥରେ ପୃଥିବୀର ଇତିହାସରେ ଆମେ ଏକ ଛକ ଜାଗାରେ ଆସି ପହଞ୍ଚିଛୁ। ଏହା ହେଉଛି ସିଦ୍ଧାନ୍ତ ନେବାର ସମୟ। ଚାରିଆଡୁ ପ୍ରଶ୍ନ ହେଉଛି– ଏହା ପରେ କ'ଣ ଘଟିବ ? ଗୋଟିଏ ଉତ୍ତର ଯଦି ମଣିଷ ଆଧ୍ୟାତ୍ମିକ ହେବା ପାଇଁ ସମ୍ମତ ହୁଅନ୍ତା ! –ଶ୍ରୀମା

# ଆଇଏଫ୍‌ଏସ୍ କ୍ୟାଡରର ପୁନର୍ଗଠନ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଭାରତୀୟ ବୈଦେଶିକ ସେବା (ଆଇଏଫ୍‌ଏସ୍) କ୍ୟାଡରର ଶେଷ ପୁନର୍ଗଠନ ହେବାର ପ୍ରାୟ ଦୁଇ ଦଶନ୍ଧି ପରେ ମୋଦି ସରକାର ଆସନ୍ତା ୫ବର୍ଷ ମଧ୍ୟରେ ୨୧୫ ଅଧିକାରୀଙ୍କୁ ନେଇ କ୍ୟାଡରର ଶକ୍ତି ବୃଦ୍ଧି ପାଇଁ ଏକ ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି। ସୂତ୍ରରୁ ଜଣାପଡ଼ିଛି, ବିଶ୍ୱରେ ଭାରତର ବଢୁଥିବା ପ୍ରଭାବ ଏବଂ ଆଗାମୀ ବର୍ଷଗୁଡ଼ିକରେ ୯ଟି ନୂଆ ଭାରତୀୟ ମିଶନ ବା ଦୂତାବାସ ଆରମ୍ଭ କରିବାରେ ସରକାରଙ୍କ ଯୋଜନା ପରିପ୍ରେକ୍ଷୀରେ କ୍ୟାଡର ସମୀକ୍ଷା ଓ ପୁନର୍ଗଠନ ବିଷୟ ବିଚାର କରାଯାଉଛି। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ(ଏମ୍‌ଇଏ) ପ୍ରକାଶ କରିଛି ଯେ, ଭାରତୀୟ ମିଶନ ଥିବା ଦେଶଗୁଡ଼ିକୁ ହାରାହାରି ବରିଷ୍ଠ ସରକାରୀ କର୍ମଚାରୀଙ୍କ ବାର୍ଷିକ ଗସ୍ତ ସଂଖ୍ୟା ପ୍ରାୟ ୯–୧୦ରୁ ବୃଦ୍ଧି ପାଇ ୨୦୨୩ରେ ଏହା ୩୫–୪୦ରେ ପହଞ୍ଚିଛି। ଏଥିପାଇଁ ଉଭୟ ନୂଆଦିଲ୍ଲୀ ଏବଂ ବିଦେଶରେ ଭାରତର ମିଶନରେ ବିଶେଷ କର୍ମକର୍ତ୍ତାମାନଙ୍କ ଅଧିକ ଆବଶ୍ୟକତା ରହିଛି। ଏହି ଦୃଷ୍ଟିକୋଣକୁ ସଂସଦୀୟ ବୈଦେଶିକ ବ୍ୟାପାର କମିଟି ସମର୍ଥନ କରିଥିଲା, ଯାହାକି ଅନ୍ୟ ଦେଶ ତୁଳନାରେ ଆଇଏଫ୍‌ଏସ୍ ସଂଖ୍ୟା କମ୍ ଥିବା ଦର୍ଶାଇ ଏହାର କୂଟନୈତିକ ପ୍ରତିନିଧି ବଢ଼ାଇବାକୁ ମଧ୍ୟ ପରାମର୍ଶ ଦେଇଥିଲା। ଆଇଏଫ୍‌ଏସ୍ ବର୍ତ୍ତମାନ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଶ୍ରମଶକ୍ତିର ମାତ୍ର ୨୨.୫ ପ୍ରତିଶତ । କୌତୂହଳର ବିଷୟ, ଏହି ପଦକ୍ଷେପକୁ ନେଇ ସମୀକ୍ଷକମାନେ କହିଛନ୍ତି ଯେ, କେବଳ ଆଇଏଫ୍‌ଏସ୍ ନୁହେଁ ସବୁ ସେବାରେ ଅଧିକ ଅଧିକାରୀ ଆବଶ୍ୟକ । ଆକଳନରୁ ଜଣାପଡ଼େ, ୧୯୮୬ରେ ଭାରତରେ ବାବୁଙ୍କ ସଂଖ୍ୟା ଶୀର୍ଷରେ ପହଞ୍ଚିଥିଲା, ଯେଉଁଥିରେ ପ୍ରତି ୧୦ ଲକ୍ଷ ଲୋକଙ୍କ ପିଛା ୧୯,୦୦୦ ଅଧିକାରୀ ଥିଲେ। ସେବେଠାରୁ ଏହି ଅନୁପାତ ହ୍ରାସ ପାଇ ପ୍ରାୟ ୨ ପ୍ରତିଶତକୁ ଖସି ଆସିଛି ଏବଂ ଏହା ଏସିଆର ହାରାହାରି ୨.୬ ପ୍ରତିଶତରୁ କମ୍‌ରେ ଅଛି।

### ବଦଳିକୁ ନେଇ ପ୍ରଶ୍ନ

ପାର୍ଲାମେଣ୍ଟରେ ଉପସ୍ଥାପିତ ପ୍ରମୁଖ ଅଡିଟ ରିପୋର୍ଟ ସହିତ ଜଡ଼ିତ କମ୍ପ୍ଟ୍ରୋଲର୍ ଆଣ୍ଡ୍ ଅଡିଟର ଜେନେରାଲ (ସିଏଜି) ଅଧିକାରୀମାନଙ୍କର ଏବକାର ବଦଳିକୁ ନେଇ ଅଡିଟ ପ୍ରକ୍ରିୟାର ସ୍ୱଚ୍ଛତା ଉପରେ ଚିନ୍ତା ପ୍ରକଟ କରାଯାଇଛି। ଏହି ରିପୋର୍ଟଗୁଡ଼ିକ କେନ୍ଦ୍ରୀୟ ମନ୍ତ୍ରଣାଳୟ ଏବଂ ବିଭାଗଗୁଡ଼ିକରେ ଦୁର୍ନୀତି ଓ ଅନିୟମିତତାକୁ ସାମ୍ନାକୁ ଆଣିଥିଲା। ତିନି ଜଣ ଭାରତୀୟ ଅଡିଟ ଏବଂ ଆକାଉଣ୍ଟସ ସେବା ଅଧିକାରୀଙ୍କ ବଦଳି ଏବେ ଚିନ୍ତାର ବିଷୟ ହୋଇଛି। ସେମାନଙ୍କ ମଧ୍ୟରୁ ଦୁଇଜଣ ଦ୍ୱାରକା ଏକ୍ସପ୍ରେସୱେ ପ୍ରକଳ୍ପ ଏବଂ ଆୟୁଷ୍ମାନ ଭାରତରେ ହୋଇଥିବା ଦୁର୍ନୀତିର ଅଡିଟ ଦାୟିତ୍ୱରେ ଥିଲେ। ଆୟୁଷ୍ମାନ ଭାରତ ଅଡିଟ ଆରମ୍ଭ କରିଥିବା ଅନ୍ୟ ଜଣେ ଅଧିକାରୀଙ୍କୁ ମଧ୍ୟ ସ୍ଥାନାନ୍ତର କରାଯାଇଛି। ଭିତ୍ତିଭୂମି ପାଇଁ ଅଡ଼ିଟର ପ୍ରମୁଖ ନିର୍ଦ୍ଦେଶକ ଅତୁର୍ଭ ସିହ୍ନା ରାଜପଥ ପ୍ରକଳ୍ପର ସିଏଜି ରିପୋର୍ଟ ଉପରେ ସମୀକ୍ଷା ପରେ ତାଙ୍କ ରିପୋର୍ଟ ପ୍ରସ୍ତୁତ କରିଥିଲେ। ଦ୍ୱାରକା ଏକ୍ସପ୍ରେସୱେ ପ୍ରକଳ୍ପରେ ଅନିୟମିତତା ଏବଂ ଅତ୍ୟଧିକ ଖର୍ଚ୍ଚ ହୋଇଥିବା ସେ ଦର୍ଶାଇଥିଲେ। ଏହି ବଦଳିର ସମୟ ଏବଂ ପରିସ୍ଥିତି ସହ ରିପୋର୍ଟଗୁଡିକର ସମ୍ବେଦନଶୀଳତା ଅଡିଟ ପ୍ରକ୍ରିୟା ଉପରେ ପ୍ରଶ୍ନ ଉଠାଇଛି। ୟୁପିଏ ସରକାର ସମୟରେ ବହୁଚର୍ଚ୍ଚିତ ୨ଜି ଏବଂ କୋଇଲା ବ୍ଲକ ଆବଣ୍ଟନ ସ୍କାମ୍ ଉପରେ ସିଏଜିଙ୍କ ରିପୋର୍ଟ ସରକାରଙ୍କ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଥିଲା। ସିଏଜି ଗିରିଶ ଚନ୍ଦ୍ର ମୁର୍ମୁ କହିଛନ୍ତି ଯେ, ବଦଳି ଏବଂ ନିଯୁକ୍ତି ପ୍ରକ୍ରିୟା ସମ୍ପୂର୍ଣ୍ଣ ପ୍ରଶାସନିକ ବିଷୟ, କିନ୍ତୁ ଅଡିଟ ପ୍ରକ୍ରିୟାରେ ଜନସାଧାରଣଙ୍କ ବିଶ୍ୱାସ ବଜାୟ ରଖିବା ମଧ୍ୟ ସମାନ ଭାବେ ଗୁରୁତ୍ୱପୂର୍ଣ୍ଣ ।

### ଆର୍‌ଟିଆଇରେ ସମସ୍ୟା

୧୮ ବର୍ଷ ପୂର୍ବେ କାର୍ଯ୍ୟକାରୀ ହୋଇଥିବା ସୂଚନା ଅଧିକାର ଆଇନ (ଆର୍‌ଟିଆଇ) ଏକଦା ସରକାରୀ ସଂସ୍ଥାଠାରୁ ସୂଚନା ପାଇବା ପାଇଁ ନାଗରିକମାନଙ୍କୁ ସଶକ୍ତ କରୁଥିବା କୁହାଯାଉଥିଲା। ହେଲେ ସାମ୍ପ୍ରତିକ ତଥ୍ୟରୁ ଜଣାପଡ଼ିଛି ଯେ ଆର୍‌ଟିଆଇ ଅଧିନିୟମ ଅନୁଯାୟୀ ଆବେଦନ ଏବଂ ଅଭିଯୋଗ ଉପରେ ଅନେକ କାର୍ଯ୍ୟ କରିବାକୁ ବାକିରହିଛି, ଯାହା ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱ ପ୍ରତି ପ୍ରତିବନ୍ଧକ ସୃଷ୍ଟିକରିଛି। ଚଳିତ ବର୍ଷ ଜୁନ୍‌ରେ ଦେଶରେ ୨୭ଟି ସୂଚନା ଆୟୋଗରେ ୩.୨ ଲକ୍ଷ ଆବେଦନ ଏବଂ ଅଭିଯୋଗ ସମାଧାନ ହୋଇପାରି ନାହିଁ। ଏହା ନ ହେବାର ମୁଖ୍ୟ କାରଣ ହେଉଛି କେନ୍ଦ୍ର ସରକାର ଠିକ୍ ସମୟରେ କେନ୍ଦ୍ର ସୂଚନା କମିଶନ(ସିଆଇସି)ରେ ସୂଚନା କମିଶନରଙ୍କୁ କିମ୍ବା ରାଜ୍ୟ ସରକାର ରାଜ୍ୟ ସୂଚନା କମିଶନର(ଆଇସିଏସ୍)ଙ୍କୁ ନିଯୁକ୍ତ କରିବାକୁ ପଦକ୍ଷେପ ନେବାରେ ବିଫଳତା। ଏକ ଅଧ୍ୟୟନରୁ ଜଣାପଡିଛି, ସିଆଇସି ସମେତ ୬ଟି କମିଶନ ଏବଂ ମଣିପୁର, ଛତିଶଗଡ଼, ମହାରାଷ୍ଟ୍ର, ବିହାରରେ ଆଇସିଏସ୍ ଏବେ କେହି ନାହାନ୍ତି। ୭ଟି ପଦବୀ ଖାଲି ଥିଲେ ମଧ୍ୟ ସିଆଇସି କେବଳ ୪ କମିଶନରଙ୍କୁ ନେଇ କାର୍ଯ୍ୟକରୁଛି। ବାସ୍ତବରେ ମୁଖ୍ୟ ସୂଚନା କମିଶନର ୱାଇ.କେ. ସିହ୍ନାଙ୍କ କାର୍ଯ୍ୟକାଳ ଏହି ମାସ ଆରମ୍ଭରେ ଶେଷ ହୋଇଛି। ସିହ୍ନା ତାଙ୍କ କାର୍ଯ୍ୟକାଳ ମଧ୍ୟରେ କମିଶନଙ୍କ ନିକଟରେ ବିଚାରାଧୀନ ମାମଲା ସଂଖ୍ୟାକୁ ୫୦ ପ୍ରତିଶତରୁ ଅଧିକ ହ୍ରାସ କରିବାରେ ସଫଳ ହୋଇଥିଲେ। ତେବେ କାର୍ଯ୍ୟରତ କମିଶନରମାନେ ପଦବୀ ଛାଡ଼ିବା ପରେ କୌଣସି ନୂତନ କମିଶନର ନିଯୁକ୍ତ ହୋଇ ନ ଥିବାରୁ ଝାଡ଼ଖଣ୍ଡ, ତେଲଙ୍ଗାନା, ମିଜୋରାମ ଏବଂ ତ୍ରିପୁରାର ୪ କମିଶନ କାର୍ଯ୍ୟକ୍ଷମ ହୋଇପାରିନାହିଁ। ଯଦି ଏହି ଜଟିଳ ସମସ୍ୟାର ସମାଧାନ ନ ହୁଏ, ତେବେ ଭାରତରେ ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱର ଯୁଗ ଶେଷ ହୋଇପାରେ।

Email: dilipcherian@gmail.com

# ଖେଳ ପଡ଼ିଆକୁ ଯିବା



ଅକ୍ଷୟ କୁମାର ମିଶ୍ର

ଭବିଷ୍ୟତରେ ଜୀବନ ଓ ଜୀବିକା କ୍ଷେତ୍ରରେ ଉପୁଜିବାକୁ ଥିବା ସମସ୍ୟାର ସର୍ବଶ୍ରେଷ୍ଠ ସମାଧାନ ସୂତ୍ରର ଶିକ୍ଷଣୀୟ ସମୟ ହେଉଛି ପିଲାଦିନ। ଏଥିପାଇଁ ଯେଉଁ ସାହସ, ସହଯୋଗିତା, ସହଭାଗିତା, ସହିଷ୍ଣୁତା ଲୋଡ଼ା ଶିଶୁଟି ସେ ସମସ୍ତ ମାନବୀୟ ଗୁଣକୁ ଶିକ୍ଷାଲାଭ କରିଥାଏ ପରିବେଶ, ପରିବାର ତଥା ବିଦ୍ୟାଳୟ ଭିତରୁ। କିନ୍ତୁ ସମ୍ପ୍ରତି ଯାହା ଦେଖାଯାଉଛି ପିଲାଙ୍କୁ ଗଢ଼ିବା ନାମରେ ବାପା ମା'ମାନେ ଭୁଲିଯାଉଛନ୍ତି ଜଣେ ଭଲ ମଣିଷ ହେବା କ୍ଷେତ୍ରରେ ପରିବେଶ, ପରିବାର ଓ ବିଦ୍ୟାଳୟର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଅଛି ବୋଲି। ସେମାନେ ଚାହୁଁଛନ୍ତି ତାଙ୍କ ପିଲା କାହା ସହ ମିଳାମିଶା ନ କରୁ। ଖେଳକୁଦ ନ କରୁ। ଯାହା କରିବ ଘରେ କରୁ। ପାଠ ପଢୁ। ବଳକା ସମୟରେ ମୋବାଇଲରେ ଗେମ୍ ଖେଳୁ। ପରିବେଶ, ସମାଜ, ସଭ୍ୟତାଠାରୁ ପିଲାଙ୍କୁ ଦୂରରେ ରଖି ସେମାନଙ୍କୁ ଗଠନ କରିବା କ'ଣ ସତରେ ସମ୍ଭବ ?

ଶିଶୁ ନିମନ୍ତେ ସୁରକ୍ଷିତ ସାଧନ କେନ୍ଦ୍ର ହେଉଛି ତା'ର ପରିବାର, ଯେଉଁଠି ମମତାମୟୀ ମା'ର ନିରାପଦ କୋଳ, ବାପାଙ୍କ ଭରସା, ଜେଜେ ଓ ଜେଜେମା'ଙ୍କର ସଦା ଅଭୟବାଣୀ, ଅନ୍ୟମାନଙ୍କର ସମୟୋପଯୋଗୀ ଗଠନମୂଳକ ପରାମର୍ଶ ଶିଶୁକୁ ନିରାପତ୍ତା ଯୋଗାଏ। କିନ୍ତୁ ସମ୍ପ୍ରତି ପରିବାରର ସଂଜ୍ଞା ବଦଳିଯାଇଛି। ପରିବାର ସାଥିରେ ରହିଲେ ପିଲାକୁ ମଣିଷ କରିବା କଷ୍ଟକର ବୋଲି ବିଚାର କରାଯାଉଛି। ଏଣୁ ଘରଦ୍ୱାର ଛାଡ଼ି ସହରର ଭଡ଼ାଘରେ ରହିବାକୁ ନିଷ୍ପତ୍ତି ନିଆଯାଉଛି। ଏପରିକି ଜେଜେବାପା ଓ ଜେଜେମା'ଙ୍କୁ ମଧ୍ୟ ପରିବାରର ସଦସ୍ୟସଦସ୍ୟା ଚିଠାରୁ କିଛି ଲୋକ ବାଦ୍ ଦେଇସାରିଲେଣି। ଏମାନଙ୍କର ଅନୁପସ୍ଥିତି ଶିଶୁ ମନରେ ଯେଉଁ ଶୂନ୍ୟତା ସୃଷ୍ଟି କରୁଛି ତା'ର ପ୍ରଭାବ ଭବିଷ୍ୟତ ଜୀବନରେ ଦେଖିବାକୁ ମିଳୁଛି। ପରିବାର ପ୍ରତି ଥିବା କର୍ତ୍ତବ୍ୟଠାରୁ ସେ ନିଜକୁ ଦୂରେଇ ରଖୁଛି।

ଶିଶୁ ପାଇଁ ଆଉ ଏକ ମୌଳିକ ସାଧନ କେନ୍ଦ୍ର ହେଉଛି ବିଦ୍ୟାଳୟ, ଯାହାର ବିକଳ୍ପ ନାହିଁ। ଶିଶୁର ସର୍ବାଙ୍ଗୀନ ବିକାଶର ଉପଯୁକ୍ତ ସ୍ଥାନ ହେଉଛି ବିଦ୍ୟାଳୟ। ଏଇଠି ସେ ନିଜକୁ ସମ୍ପୂର୍ଣ୍ଣ ପ୍ରଦର୍ଶିତ କରିବାର ସୁଯୋଗ ପାଉଥିଲା। ସାଙ୍ଗସାଥୀ ମେଳରେ ଖୋଲା କଥା ହେଉଥିଲା। ବହୁ ଅନୁଭୂତି ଓ ଅଭିଜ୍ଞତା ହାସଲ କରୁଥିଲା। ଦୁନିଆକୁ ଚିହ୍ନୁଥିଲା। ଶୃଙ୍ଖଳା ଓ ସମୟାନୁବର୍ତ୍ତିତା ଜୀବନ ପାଇଁ କେତେ ଗୁରୁତ୍ୱପୂର୍ଣ୍ଣ ତାହା ସେ ଜାଣୁଥିଲା। ପାଠପଢ଼ା ସହ ଖେଳକସରତ ତାକୁ ଉତ୍ଫୁଲ୍ଲିତ କରୁଥିଲା। ତା' ଭିତରେ ଥିବା ଅନ୍ତର୍ନିହିତ ପ୍ରତିଭାର ଚିହ୍ନଟ ହୋଇପାରୁଥିଲା। ଏବେ



ସମୟ ବଦଳିଯାଇଛି। ଅଧିକାଂଶ ବାପାମା'ଙ୍କର କଡ଼ା ତାଗିଦ୍ ପଡ଼ିଆକୁ ଯାଇ ଖେଳିବା ଆବଶ୍ୟକ ନାହିଁ। ଗୋଡ଼ ହାତ ଅପରିଷ୍କାର ହେବ। ହ୍ୟାଣ୍ଡୱାଶ୍ ଦେଇ ନ ଧୋଇଲେ ବିଭିନ୍ନ ପ୍ରକାର ଜୀବାଣୁ ଶରୀର ଭିତରକୁ ଯିବେ। ଶିକ୍ଷକମାନେ ମଧ୍ୟ ଏ ଦିଗରେ ବେଶ୍ ସଚେତନ। ଖେଳିବାକୁ ଛାଡ଼ିବେ କାହିଁକି, ବିପଦକୁ ନିମନ୍ତ୍ରଣ କରିବେ କାହିଁକି? ଖେଳିବା ସମୟରେ ଦୈବାତ୍ ଯଦି କେଉଁ ପିଲାର କିଛି ହୋଇଗଲା ତେବେ କଥା ସରିଲା। ଫଳରେ ଖେଳ ଦୁନିଆଟା ସମ୍ପ୍ରସାରିତ ହେବା ପରିବର୍ତ୍ତେ ସଙ୍କୁଚିତ ହୋଇଯାଉଛି। କିନ୍ତୁ ପୂର୍ବାପେକ୍ଷା ଖେଳକୁଦ ଉପରେ ସରକାର ଅଧିକ ଗୁରୁତ୍ୱ ଦେଉଛନ୍ତି। ଖେଳପଡ଼ିଆର ରୂପାନ୍ତରଣ ହେଉଛି। ଲକ୍ଷ ଲକ୍ଷ ଟଙ୍କାର ଖେଳସାମଗ୍ରୀ ଯୋଗାଇ ଦିଆଯାଉଛି। ଏପରିକି ପ୍ରାଥମିକ ବିଦ୍ୟାଳୟରେ ଖେଳ ଶିକ୍ଷକ ନିଯୁକ୍ତି ଦିଆଗଲାଣି। ଖେଳ ପ୍ରତି ଆଗ୍ରହ ବୃଦ୍ଧି ନିମନ୍ତେ ବ୍ଲକସ୍ତରଠାରୁ ଜାତୀୟସ୍ତର ପର୍ଯ୍ୟନ୍ତ ବିଭିନ୍ନ ବିଭାଗରେ ପ୍ରତିଯୋଗିତା ଆୟୋଜନ ହେଉଛି। କିନ୍ତୁ ଆଖିଦୃଶିଆ ଉନ୍ନତମାନର ଖେଳାଳି ସୃଷ୍ଟି ହେଉନାହାନ୍ତି।

ପ୍ରଥମ କଥା ହେଲା–ପିଲା ପାରୁ ବା ନ ପାରୁ, ତା'ର ଆଗ୍ରହ ଥାଉ ଅଥବା ନ ଥାଉ ଅଧିକାଂଶ ବାପାମା' ଚାହାନ୍ତି ତାଙ୍କ ପୁଅଝିଅମାନେ ଭଲ ପାଠ ପଢ଼ନ୍ତୁ। ଭଲ ଖେଳି ପ୍ରମାଣପତ୍ରଟିଏ ପାଇଲେ ଯେତିକି ଖୁସି ହୁଅନ୍ତିନାହିଁ ପରୀକ୍ଷାରେ ଭଲ ନମ୍ବର ରଖିଦେଲେ ଖୁସିରେ ଗଦ୍‌ଗଦ୍ ହୋଇଯାଆନ୍ତି। ଖେଳିବାରେ ଅଯଥା ସମୟ ବରବାଦ୍ କରିବାକୁ ବାରଣ କରି ପିଲା ଭିତରେ ଥିବା ପ୍ରଚଣ୍ଡ ପ୍ରତିଭାର ଭ୍ରୂଣକୁ ହତ୍ୟା କରୁଛନ୍ତି ବାପା ମା'ମାନେ। ଦ୍ୱିତୀୟରେ ବିଦ୍ୟାଳୟ ଯଦିଓ ଏକ ପ୍ରଶିକ୍ଷଣ କେନ୍ଦ୍ର, ପ୍ରଶିକ୍ଷଣ ପାଇଁ ସ୍ୱତନ୍ତ୍ର ସମୟ ଓ ସରଞ୍ଜାମ ଉପଲବ୍ଧ, କିନ୍ତୁ ସୁଯୋଗର ସଦୁପଯୋଗ ହୁଏ ନାହିଁ। ଗତାନୁଗତିକ ଧାରାରେ ଚାଲିଛି ସବୁକିଛି। ନିୟମିତ ଅଭ୍ୟାସ ହୁଏନା। ପ୍ରତିଯୋଗିତା ଆସିଲେ କାହାକୁ କେମିତି ଅଂଶଗ୍ରହଣ କରିବା ପାଇଁ ପଠାଇ ଦିଆଯାଏ। ସଂଯୋଗକ୍ରମେ କେହି କେହି ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୁଅନ୍ତି ସତ କିନ୍ତୁ ସେଥିରେ ସେମାନଙ୍କର ନା ଥାଏ ଲୋଭ ନା ଥାଏ ଲାଭ। ତୃତୀୟରେ ଧାରାବାହିକତାକୁ ନେଇ ବହୁ ପ୍ରଶ୍ନ ଉଠୁଛି। ଯେଉଁସବୁ ପଦକ୍ଷେପ ନିଆଯାଉଛି ବର୍ଷେ କିମ୍ବା ଦୁଇବର୍ଷ ପରେ ସେଥିରେ ପୂର୍ଣ୍ଣଚ୍ଛେଦ ପଡ଼ିଯାଉଛି। ଯେମିତି ପଞ୍ଚାୟତ କ୍ରୀଡ଼ା ଅଭିଯାନ ନାମରେ ଏକ ଯୋଜନା ସରକାର ହାତକୁ ନେଇଥିଲେ। ଏହାଦ୍ୱାରା ପାଠ ପଢୁଥିବା, ଅଧାରୁ ପାଠ ଛାଡ଼ିଥିବା ପିଲାମାନେ ବିଭିନ୍ନ ପ୍ରକାର ଖେଳରେ ନିଜର ଦକ୍ଷତା ପ୍ରତିପାଦନ କରିବାରେ ସୁଯୋଗ ଥିଲା। ବିଶେଷକରି ଦଳଗତ ଖେଳଗୁଡ଼ିକ ପ୍ରତି ଆଗ୍ରହ ବଢୁଥିଲା। ଖେଳୁଆଡ଼ ମନୋଭାବ ସୃଷ୍ଟି ହେଉଥିଲା। ପଞ୍ଚାୟତର ସମ୍ପୃକ୍ତି ରହୁଥିଲା। ସାଧାରଣ ଜନତା ମଧ୍ୟ ଏଥିରେ ଯୋଡ଼ିହେଉଥିଲେ। ଏହି ପାଇକା ଯୋଜନା ଏବେ ଶୀତଳଭଣ୍ଡାରରେ।

ଉପରୋକ୍ତ ସମସ୍ତ କଥାକୁ ବିଚାରକଲେ ଏହା କୁହାଯାଇପାରିବ ଯେ ଆମେ ସଭିଏଁ ପିଲାଦିନକୁ ଝୁରିହେଉ କିନ୍ତୁ ଆମ ପିଲାଙ୍କ ପିଲାଦିନ ଚାପଶୂନ୍ୟ ହେଉ ଏକଥା ଚାହୁଁନା। ବହୁ ଖେଳାଳି ନିଜର ପାରଦର୍ଶିତା ବଳରେ ଆର୍ଥିକ ସ୍ୱାବଲମ୍ବୀ ହେବା ସହିତ ସୁଖ୍ୟାତି ଅର୍ଜନ କରିବାର ନଜିର ଆମ ଆଗରେ ରହିଛି। ଆମେ ସେଥିପାଇଁ ଗର୍ବ ମଧ୍ୟ ଅନୁଭବ କରୁ। କିନ୍ତୁ ଆମ ପିଲା ଭିତରେ ସେମିତି କିଛି ପ୍ରତିଭା ଥିଲେ ତା'ର ଉନ୍ମେଷ ପାଇଁ ଆମେ ସୁଯୋଗ ସୃଷ୍ଟିକରୁନା। ଆମେ ସଭିଏଁ ଅନୁଭବ କରୁ ଏକ ସୁସ୍ଥ, ସରସ, ସୁନ୍ଦର ଜୀବନଯାପନ ପାଇଁ ଶାରୀରିକ ବ୍ୟାୟାମ କେତେ ଅପରିହାର୍ଯ୍ୟ, ଯାହା ଖେଳ ଦ୍ୱାରା ସମ୍ଭବ ହୋଇଥାଏ। କିନ୍ତୁ ପିଲାଙ୍କୁ ଖେଳିବାର ସ୍ୱାଧୀନତା ଆମେ ବଡ଼ମାନେ ଦେଉନା। ପ୍ରଥମେ ପ୍ରତ୍ୟେକ ପିତାମାତାଙ୍କ ଭିତରେ ଖେଳ ପ୍ରତି ଥିବା ନକାରାତ୍ମକ ମନୋବୃତ୍ତିର ପରିବର୍ତ୍ତନ ହେବା ଆବଶ୍ୟକ। ପିଲାଙ୍କୁ ତାଙ୍କ ପିଲାଦିନ ଫେରାଇଦେବାକୁ ପଡ଼ିବ। ପ୍ରତ୍ୟେକ ଖେଳର ମୁଖଶାଳା ହେଉଛି ପିଲାଦିନ ଓ ଖେଳପଡ଼ିଆ ହେଉଛି ସେହି ମୁଖଶାଳାର ମୁଖବନ୍ଧ। ମୁଖଶାଳାର ଯତ୍ନ ନେବା ଓ ମୁଖବନ୍ଧର ମର୍ଯ୍ୟାଦା ବୃଦ୍ଧି କରାଯାଇପାରିଲେ ବ୍ୟକ୍ତିର ବିକାଶ ସାଙ୍ଗକୁ ଜାତିର ଜାଗରଣ ସମ୍ଭବ ହୋଇପାରିବ। କିନ୍ତୁ ଖେଳ ପଡ଼ିଆକୁ ସାଦରେ ସ୍ୱାଗତ ନ କଲେ, ଖେଳ ପଡ଼ିଆଠାରୁ କୁନି ଖେଳାଳିମାନଙ୍କୁ ଦୂରେଇ ରଖିଲେ ଏହାର ମର୍ଯ୍ୟାଦା ବଢ଼ିବ ବା କେମିତି?

ସଭାପତି, ଓଷ୍ଟା
ମୋ:୯୯୩୮୭୬୩୨୩୭

# ଅବସାଦଗ୍ରସ୍ତ ଜେନ୍ ଜି



ସପ୍ତର୍ଷି ନାୟକ

ଜେନ ଜି କ'ଣ? ଏ ଶବ୍ଦର ଉତ୍ପତ୍ତି କିପରି ହେଲା? ତେବେ ଜେନ ଜି ର ପୂରା ନାମ ଜେନେରେଶନ ଜି। ଏକ ବୈଜ୍ଞାନିକ ଗବେଷଣା ଅନୁସାରେ ସମୟଚକ୍ର ଅନୁସାରେ ଆମକୁ ବିଭିନ୍ନ ଜେନେରେଶନରେ ବିଭକ୍ତ କରାଯାଇଛି। ଯେପରି ପରିବାର ମଧ୍ୟରେ ଆମେ ଜେଜେବାପା, ବାପା ଏଭଳି ତିନି ପିଢ଼ି ରହିଆସୁଅଛୁ। ସେଇ ଭିତ୍ତିରେ ଆମକୁ ଇଂଲିଶରେ ଅଲଗା ଅଲଗା ଜେନେରେଶନରେ ଭାଗ କରାଯାଇଛି। ୧୯୬୫ରୁ ୧୯୮୦ ମଧ୍ୟରେ ଜନ୍ମ ଲୋକଙ୍କୁ ଜେନେରେଶନ–ଏକ୍ସ କୁହାଯାଏ। ୧୯୮୧ ରୁ ୧୯୯୬ରେ ଜନ୍ମ ଲୋକଙ୍କୁ ଜେନେରେଶନ–ମିଲେନିଆଲ ଓ ୧୯୯୬ ପର ପିଢ଼ିକୁ ଜେନେରେଶନ–ଜି ବା ଜେନ–ଜି କୁହାଯାଏ। ଆମେ ଆମ ପୂର୍ବପିଢ଼ିକୁ ତାଙ୍କର କଷ୍ଟକର ସହିଷ୍ଣୁତା ଗୁଣ ଯୋଗୁ ମନେପକାଉ। ଆମ ପୂର୍ବପିଢ଼ି ନିଜର ଓ ନିଜ ପରିବାରର ଭରଣପୋଷଣ ପାଇଁ ବହୁତ କଷ୍ଟ କରୁଥିଲେ। ଯେପରି ଜେନ–ଏକ୍ସ ର ଲୋକମାନେ ଅର୍ଥନୈତିକ ଅସମାନତା ଓ ଏଡ୍‌ସ ଭଳି ମହାମାରୀକୁ ସାମ୍ନା କରିଥିଲେ। ସେଭଳି ଜେନ–ମିଲେନିଆଲମାନେ ପୂର୍ବ ପିଢ଼ିର ଶ୍ରମ ଅର୍ଜିତ ଉତ୍ତମ ଜୀବନକୁ ଉପଭୋଗ କଲେ। ଯାହା ସେମାନଙ୍କୁ ମହତ୍ତ୍ୱାକାଂକ୍ଷୀ ଓ କିଛି ନୂଆ ରୂପେ ଦୁନିଆକୁ ଗଢ଼ିବାର ପ୍ରେରଣା ଦେଲା। ଏସବୁ ପରେ ଜେନ–ଜି ଜେନେରେଶନ ବା ଆମ ଜେନେରେଶନର ଅୟମାରମ୍ଭ ହେଲା। ଏକ ପିଢ଼ି ଯାହାକି ସାମାଜିକ ସାମ୍ୟତାଠାରୁ ନେଇକି ଟେକ୍ନୋଲୋଜି କ୍ଷେତ୍ରରେ ପୂର୍ବ ପିଢ଼ିଠାରୁ ବହୁତ ଉନ୍ନତ। କିନ୍ତୁ ଦୁଃଖର ବିଷୟ ଏହା ଯେ ଅନ୍ୟ ପିଢ଼ିଠାରୁ ଆମ ପିଢ଼ି ଅଧିକ ମାନସିକ ବିଷାଦ, ମାନସିକ ଚାପ ଓ ମୋଟାପଣର ଶିକାର ହେଉଛି।

ବୈଜ୍ଞାନିକଙ୍କ ମତ ଅନୁସାରେ ଜେନ–ଜି ସବୁଠାରୁ ଅଧିକ ମାନସିକ ବିଷାଦଗ୍ରସ୍ତ ପିଢ଼ି। ପି'ଉ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟର ରିପୋର୍ଟ ଅନୁସାରେ ୭୦ ପ୍ରତିଶତ ଜେନ–ଜି ମାନସିକ ରୋଗରେ ପୀଡ଼ିତ। କେବଳ ମାନସିକ ନୁହେଁ ଆର୍ଥିକ କ୍ଷେତ୍ରରେ ମଧ୍ୟ ଜେନ–ଜି ଦୁର୍ବଳ ହେବାର ଆଶଙ୍କା ବୈଜ୍ଞାନିକମାନେ କରିଛନ୍ତି। ବୈଜ୍ଞାନିକଙ୍କ ମତରେ ବର୍ତ୍ତମାନର ଜେନେରେଶନ ନିଜ ପାଇଁ ଘର କିଣିବାକୁ ମଧ୍ୟ ସକ୍ଷମ ହେବେନାହିଁ। ତେବେ ଏଠାରେ ପ୍ରଶ୍ନ ଉଠେ ଏତେ ସୁବିଧା ସୁଯୋଗ ଥାଇ ମଧ୍ୟ ଆଧୁନିକ ପିଢ଼ି ଏଭଳି କାହିଁକି ?

ସମସ୍ତଙ୍କ ଜୀବନରେ କିଛି ଉଦ୍ଦେଶ୍ୟ ଥାଏ। କିଏ ପରିବାରର ପ୍ରତିପୋଷଣ ତଥା କିଏ ଭଗବାନଙ୍କଠାରେ ନିଜ ଜୀବନର ଉଦ୍ଦେଶ୍ୟ ଖୋଜିକି ପାଇଥାଏ। କିନ୍ତୁ ଜେନ–ଜି ଏଭଳି ଏକ ପିଢ଼ି ହେବାକୁ ଯାଉଛି, ଯାହାର ଜୀବନରେ ସେଭଳି କିଛି ଉଦ୍ଦେଶ୍ୟ ସ୍ପଷ୍ଟ ନୁହେଁ। ଏସବୁର କାରଣ ହେଉଛି ଇଣ୍ଟରନେଟ। ଇଣ୍ଟରନେଟ ବହୁତ ସହଜରେ ସମସ୍ତଙ୍କ ପାଖରେ ଉପଲବ୍ଧ। ସୂଚନାର ବହୁଳତା ସେମାନଙ୍କ ମସ୍ତିଷ୍କରେ ବିଭିନ୍ନ ଦ୍ୱନ୍ଦ୍ୱ ସୃଷ୍ଟି କରୁଛି। ସେମାନେ ଜୀବନର କୌଣସି ପ୍ରକୃତ ଅର୍ଥ ଖୋଜି ପାଇବାରେ ଅସମର୍ଥ। ସେମାନେ ଜୀବନକୁ ଅର୍ଥହୀନ ଭାବୁଛନ୍ତି। ବାସ୍ତବରେ ଦେଖିବାକୁ ଗଲେ ଇଣ୍ଟରନେଟରେ ଜୀବନର ବଞ୍ଚିବାର ବିଭିନ୍ନ ମାର୍ଗ ପ୍ରଦର୍ଶନ କରାଯାଉଛି। ସେଥିମଧ୍ୟରୁ କ'ଣ ଠିକ୍ କ'ଣ ଭୁଲ୍ ସେସବୁ କହିବା ସମ୍ଭବପର ନୁହେଁ। ଏସବୁ ଦେଖିଲା ପରେ ଲାଗେ ଯେପରି ଜୀବନର କୌଣସି ଜିନିଷରେ କିଛି ମୂଲ୍ୟ ନାହିଁ। ଅଧିକନ୍ତୁ ଇଣ୍ଟରନେଟରେ ସଦା ସର୍ବଦା



ବିଭିନ୍ନ ଆଡମ୍ବରପୂର୍ଣ୍ଣ ଜୀବନଶୈଳୀର ପ୍ରଦର୍ଶନ କରାଯାଇଥାଏ। ଏସବୁକୁ ସୋସିଆଲ ମିଡିଆରେ ସବୁବେଳେ ଦେଖିଲେ ଜଣେ ଈର୍ଷାନ୍ୱିତ ହେବା ସହ ଶେଷରେ ଭାବି ଭାବି ବିଷାଦଗ୍ରସ୍ତ ହୋଇଥାଏ।

ବର୍ତ୍ତମାନର ପିଢ଼ି ଭଗବାନ ଓ ନିର୍ଦ୍ଦିଷ୍ଟ ଧର୍ମ ଉପରେ ବିଶ୍ୱାସ ରଖୁ ନ ଥିବାରୁ ମଧ୍ୟ ସେମାନଙ୍କ ଜୀବନ ମୂଲ୍ୟହୀନ ପ୍ରତୀୟ ହେବାରେ ଲାଗିଛି। ଏକ ବୈଜ୍ଞାନିକ ସର୍ଭେ ଅନୁସାରେ ୧୮ ପ୍ରତିଶତ ଯୁବ ପିଢ଼ି ନିଜକୁ ନାସ୍ତିକ ବୋଲି କହୁଛନ୍ତି। ନାସ୍ତିକ ଅର୍ଥାତ ଯାହାର ଭଗବାନଙ୍କ ଅସ୍ତିତ୍ୱ ଉପରେ ବିଶ୍ୱାସ ନ ଥାଏ। ଧର୍ମୀୟ ବିଶ୍ୱାସ ଆଦିମ ପିଢ଼ିରୁ ସମାଜର ଏକ ମାନଦଣ୍ଡ ରହିଆସିଅଛି। ଧର୍ମରେ ବା କୌଣସି ଭଗବାନଙ୍କ ଉପରେ ବିଶ୍ୱାସ ମଣିଷକୁ ଜୀବନ ବଞ୍ଚିବାର ଏକ ମାର୍ଗ ପ୍ରଦର୍ଶନ କରିଥାଏ। ନାସ୍ତିକମାନେ ମଧ୍ୟ କର୍ମ ଅଥବା କଳାରେ ନିଜ ଜୀବନର ଜୀବନର ଅର୍ଥ ଖୋଜିନିଅନ୍ତି। କିନ୍ତୁ ଜଣେ ଆସ୍ତିକ ତୁଳନାରେ ନାସ୍ତିକ ମଣିଷ ଅଧିକ ଅବସାଦଗ୍ରସ୍ତ ହେବାର ସମ୍ଭାବନା ରହିଛି। କାରଣ ବିଶ୍ୱାସ ମଣିଷକୁ ବଞ୍ଚିରହିବାର ଆଶା ଦେଇଥାଏ।

ଏକ ଗବେଷଣାରୁ ଜଣାପଡ଼ିଛି ଯେ ୧୮ ପ୍ରତିଶତ ବିଦ୍ୟାଳୟ ଯାଉଥିବା ଛାତ୍ର ଆତ୍ମହତ୍ୟା କରିବା ଭାବନାର ଶିକାର ହେଉଛନ୍ତି। ସେଥିମଧ୍ୟରୁ ୮ ପ୍ରତିଶତ ଛାତ୍ର କହିଛନ୍ତି ଯେ, ସେମାନେ ଏଭଳି କରିବାର ଚେଷ୍ଟା କରିଛନ୍ତି। ସେଥିମଧ୍ୟରୁ ୨.୫ ପ୍ରତିଶତ ଏବେ ମନସ୍ତତ୍ତ୍ୱ ଚିକିତ୍ସାରେ ଅଛନ୍ତି। ବର୍ତ୍ତମାନର ଯୁବପିଢ଼ି ମୋବାଇଲର ଅଧିକ ବ୍ୟବହାର କରୁଥିବାରୁ ସେମାନେ ବିଷାଦଗ୍ରସ୍ତ ହେବା ସହ ଏସବୁ ପ୍ରକାର ଚିନ୍ତା ମନକୁ ଆସୁଛି। ଆଗରୁ ଲୋକେ ଅବସର ସମୟରେ ବିଭିନ୍ନ ଖେଳ ଖେଳୁଥିଲେ। ଯାହା ସେମାନଙ୍କୁ ଶାରୀରିକ ତଥା ମାନସିକ ଭାବେ ସୁସ୍ଥ ରଖିବାରେ ସକ୍ଷମ ହେଉଥିଲା। କିନ୍ତୁ ଏବେର ପିଢ଼ି ହାରାହାରି ଦିନକୁ ୨ ଘଣ୍ଟାରୁ ଅଧିକ ସମୟ ନିଜକୁ ସୋସିଆଲ ମିଡିଆରେ ବ୍ୟସ୍ତ ରଖୁଛି। ସୋସିଆଲ ମିଡିଆର ସୃଷ୍ଟି ହୋଇଥିଲା ଲୋକଙ୍କୁ ପରସ୍ପରର ନିକଟକୁ ଆଣିବାକୁ। କିନ୍ତୁ ଏବେ ତାହାର ବିପରୀତ ପରିଲକ୍ଷିତ ହେଉଅଛି। ଲୋକଙ୍କର ଜୀବନ ଆଳସ୍ୟମୟ ହୋଇଯାଉଛି। ଆଳସ୍ୟମୟ ଜୀବନଯାପନ ଅବସାଦର ଅନ୍ୟ ଏକ କାରଣ।

ସାମ୍ପ୍ରତିକ ସାମାଜିକ ଚାପ ତଥା ଶିକ୍ଷାକ୍ଷେତ୍ରରେ ବଢୁଥିବା ପ୍ରତିଯୋଗିତା ମଧ୍ୟ ଯୁବପିଢ଼ିର ଅବସାଦର କାରଣ। ନିଯୁକ୍ତି କ୍ଷେତ୍ରରେ ଅଭାବ, ସରକାରୀ ନିଯୁକ୍ତି ପାଇବା ପାଇଁ ହେଉଥିବା ପ୍ରତିଯୋଗିତା, ଡାକ୍ତରୀ ପରୀକ୍ଷାରେ ହେଉଥିବା ପ୍ରତିଯୋଗିତା ବର୍ତ୍ତମାନର ଯୁବପିଢ଼ିର ମାନସିକ ଚାପକୁ ବଢ଼ାଇଚାଲିଛି। କୋଭିଡ ଦ୍ୱାରା ସୃଷ୍ଟି ହୋଇଥିବା ବେକାରି ସମସ୍ୟାର ସବୁଠୁ ବଡ଼ ଶିକାର ହେଉଛନ୍ତି ଯୁବ ପିଢ଼ି। ତେବେ ଏଠାରେ ପ୍ରଶ୍ନ ଉଠୁଛି ଏସବୁ ପରିସ୍ଥିତିର ସମାଧାନ କ'ଣ ?

ଇଣ୍ଟରନେଟର ବ୍ୟବହାରକୁ ସୀମିତ କରାଯିବା ଦରକାର। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଉପରେ ବେଶି ନିର୍ଭରଶୀଳ ନ ହୋଇ ନିଜର ପ୍ରତିତ୍ପନ୍ନମତିତାକୁ ବଢ଼ାଇବାର ଅଛି। ଏଥିସହ ନିଜ ପୂର୍ବ ପିଢ଼ିଠାରୁ ଉପଦେଶ ଗ୍ରହଣ କରାଯିବା ଦରକାର। ଆମ ପୂର୍ବ ପିଢ଼ି ଲୋକଙ୍କର ମଧ୍ୟ କର୍ତ୍ତବ୍ୟ ଏହା ଯେ ସେମାନେ ସେମାନଙ୍କ ଅଭିଜ୍ଞତା ଆମକୁ କହି ଆମ ପଥପ୍ରଦର୍ଶକ ହୋଇପାରିଲେ ଏକ ବିକାଶଶୀଳ ଯୁବପିଢ଼ିର ପରିକଳ୍ପନା କରାଯାଇପାରିବ।

ରିସର୍ଚ୍ଚ ସ୍କଲାର (ପଦାର୍ଥ ବିଜ୍ଞାନ),
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ
ମୋ–୮୨୪୯୯୭୬୭୭

## ଏଇ ଭାରତରେ

ସେବାର ତରିକା ଭିନ୍ନ ଭିନ୍ନ ହୋଇଥାଏ। କିଏ ରୋଗୀଙ୍କୁ ଚିକିତ୍ସା ସେବା ଯୋଗାଇ ଦେଇଥାନ୍ତି ତ ଆଉ କେହି ମାଗଣାରେ ହସ୍ପିଟାଲକୁ ନେଇଥାନ୍ତି। କିନ୍ତୁ ହସ୍ପିଟାଲ ବାହାରେ ଲୋକଙ୍କୁ ମାଗଣାରେ ଖାଦ୍ୟ ଦେଇ ସେବା ମନୋଭାବର ପରିଚୟ ଦେଉଛନ୍ତି ହାଇଦ୍ରାବାଦର ମହମ୍ମଦ ସୁଜାଥୁଲ୍ଲା। ଡି–ଫାର୍ମା ଶେଷ କରିଥିବା ମହମ୍ମଦ ହ୍ୟୁମାନିଟି ଫାଷ୍ଟ ଫାଉଣ୍ଡେଶନ ଗଠନ କରି ତା' ମାଧ୍ୟମରେ ସରକାରୀ ହସ୍ପିଟାଲ ବାହାରେ ଭୋକିଲାଙ୍କୁ ମାଗଣାରେ ଖାଦ୍ୟ ଦେଉଛନ୍ତି। ମହମ୍ମଦଙ୍କୁ ୨୨ ବର୍ଷ ହୋଇଥିବାବେଳେ ୨୦୧୬ରେ ସେ ସାମଜ ସେବା ଆରମ୍ଭ କରିଥିଲେ। ସେ ସେହି ସମୟରେ ଜଣେ ଛାତ୍ର ଥିଲେ ଓ ତାଙ୍କ ପକେଟ ମନିକୁ ଗରିବଙ୍କୁ ଖାଦ୍ୟ ଦେବାରେ ଖର୍ଚ୍ଚ କରୁଥିଲେ। ସିକନ୍ଦରାବାଦ ରେଲୱେ ଷ୍ଟେଶନରେ ବସିଥିବା ଜଣେ ବ୍ୟକ୍ତିଙ୍କୁ ସେ ପ୍ରଥମେ ଖାଇବାକୁ ଦେଇଥିଲେ ଓ ସେହିଦିନଠାରୁ ତାଙ୍କ ସେବା କାର୍ଯ୍ୟ ଆରମ୍ଭ ହୋଇଥିଲା। ତା'ପରଠାରୁ ସେ ସରକାରୀ ହସ୍ପିଟାଲ ବାହାରେ ପ୍ରତିଦିନ ୧,୦୦୦ରୁ ଅଧିକ ଲୋକଙ୍କୁ ଜଳଖିଆ ଖାଇବାକୁ ଦେଇଆସୁଛନ୍ତି। ପ୍ରତିଦିନ ସକାଳ ୮ଟାରେ ଉପମା ଓ ଚଟଣି ପ୍ରସ୍ତୁତ କରି ସେମାନଙ୍କୁ ଦେଉଛନ୍ତି। ୨୦୧୬ରୁ ଏଯାବତ ସେ ୧୦ ମିଲିୟନ ଲୋକଙ୍କୁ ମାଗଣାରେ ଖାଦ୍ୟ ଦେଇସାରିଲେଣି।

## ୨୫ ବର୍ଷ ତଳର ଧରିତ୍ରୀ

୨୧ ଅକ୍ଟୋବର ୧୯୯୮

- ମହାରାଷ୍ଟ୍ରର ପୂର୍ବତନ ମନ୍ତ୍ରୀ ତଥା ପ୍ରଦେଶ କଂଗ୍ରେସ କମିଟିର ଜନୈକ ସଦସ୍ୟ ଏସ୍. ମହମ୍ମଦ ଇସ୍‌ମାଇଲ ଆସୀରଙ୍କ ୭୧ ବର୍ଷ ବୟସରେ ପରଲୋକ।
- ନାଇଜେରିଆର ୱାରିସ୍ଥିତ ତୈଳକେନ୍ଦ୍ର ନିକଟବର୍ତ୍ତୀ ଏକ ତୈଳ ପାଇପ ଲାଇନରେ ବିସ୍ଫୋରଣ ଘଟି ୬୦୦ ମୃତ।
- ଚାନସେଲର ଜେରହାର୍ଡ ସ୍କ୍ରୋଏଡରଙ୍କ ନେତୃତ୍ୱରେ ଏକ ମିଳିତ ସରକାର ଗଠନ ଲାଗି ଜର୍ମାନୀର ବିଜୟୀ ସୋସିଆଲ ଡେମୋକ୍ରାଟ ଓ ଗ୍ରୀନ ଦଳଙ୍କ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ।

## ସୁ–ଡୋ–କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 7 | 9 | | 8 | 1 | | |
| | | | 2 | | 1 | 7 | | |
| | 5 | 4 | | | | | | |
| | | | 7 | 1 | 5 | | 8 | |
| | | | | 2 | | | | |
| 6 | | | | | | | | 4 |
| 8 | | | | | 7 | | | 2 |
| 4 | | 3 | | | | 8 | 1 | |
| 5 | 6 | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 7 | 8 | 2 | 3 | 4 | 9 | 1 | 6 |
| 6 | 4 | 2 | 1 | 5 | 9 | 8 | 7 | 3 |
| 3 | 1 | 9 | 8 | 6 | 7 | 2 | 4 | 5 |
| 9 | 3 | 4 | 6 | 2 | 1 | 7 | 5 | 8 |
| 1 | 2 | 7 | 4 | 8 | 5 | 3 | 6 | 9 |
| 8 | 5 | 6 | 7 | 9 | 3 | 4 | 2 | 1 |
| 2 | 9 | 1 | 3 | 7 | 6 | 5 | 8 | 4 |
| 4 | 8 | 3 | 5 | 1 | 2 | 6 | 9 | 7 |
| 7 | 6 | 5 | 9 | 4 | 8 | 1 | 3 | 2 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ନଦୀ ଜଳ ବିବାଦ ସମାଧାନ ଜରୁରୀ

ମହାଶୟ,

ଆମ ଦେଶରେ ନଦୀ ଜଳକୁ ନେଇ ରଜ୍ୟ–ରାଜ୍ୟ ମଧ୍ୟରେ ବିବାଦ ନୂଆ ନୁହେଁ। ଗଙ୍ଗା, ଗୋଦାବରୀ, କାବେରୀ, ମହାନଦୀ ଠାରୁ ଆରମ୍ଭ କରି ଯମୁନା ପର୍ଯ୍ୟନ୍ତ ଦେଶ ଭିତରେ ପ୍ରବାହିତ ବହୁ ଛୋଟ ଓ ବଡ ନଦୀର ଜଳକୁ ନେଇ ବିବାଦ ଏବେ ଜନଜୀବନକୁ ପ୍ରଭାବିତ କରିଛି। ଦକ୍ଷିଣ ଭାରତରେ ଗଙ୍ଗା ଭାବେ ପରିଚିତ କାବେରୀ ନଦୀର ଜଳକୁ ନେଇ କର୍ନାଟକ –ତାମିଲନାଡୁର ଜନସାଧାରଣଙ୍କ ବିବାଦ ଉଗ୍ରରୂପ ଧାରଣ କରିଛି। ଦୁଇ ରାଜ୍ୟର ଲୋକଙ୍କ ମଧ୍ୟରେ ସଂଘର୍ଷ, ପୋଡାଜଳା ଆଦି ଘଟଣା ଘଟିଥିବା କୁହାଯାଇଛି। ଜଳକୁ ନେଇ ପରିସ୍ଥିତି ଏପରି ହୋଇଛି ଯେ, ନିକଟ ଭବିଷ୍ୟତରେ କାବେରୀ ଜଳ ବିବାଦର ସ୍ଥାୟୀ ସମାଧାନ ଆଶା ନାହିଁ। ଆମ ଦେଶରେ ନଦୀ ଜଳ ବିବାଦର ସମାଧାନ ପାଇଁ ପୃଥକ ପୃଥକ ୫ଟି ଟ୍ରିବ୍ୟୁନାଲ ରହିଛି। କାବେରୀ ଜଳ ବିବାଦ ଟ୍ରିବ୍ୟୁନାଲ ଏବେ ଅନ୍ୟ ଟ୍ରିବ୍ୟୁନାଲଗୁଡିକ ନକଲ ପାଲଟିଥିବା ମନେହୁଏ। ମହାନଦୀର ଜଳକୁ ନେଇ ଓଡିଶା ଛତିଶଗଡ଼ ମଧ୍ୟରେ ବିବାଦ ଏବେ ମହାନଦୀ ଟ୍ରିବ୍ୟୁନାଲର ବିଚାରଧୀନ । ଦେଶରେ ଜଳ ବିବାଦର ସମାଧାନ ଲାଗି ଦଶନ୍ଧି ଦଶନ୍ଦି ଧରି ଟ୍ରିବ୍ୟୁନାଲରେ ମାମଲାର ଶୁଣାଣି ଚାଲିଥିବାବେଳେ କେବେ ଫଇସଲା ହେବ, ତାହା କେହି କହିପାରିବେ ନାହିଁ।

–ସୌଭାଗ୍ୟ ରଂଜନ ମହାନ୍ତି, ଗାଙ୍ଗୋତ୍ରୀ ନଗର, ଶିଶୁପାଳଗଡ଼

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ମୋର ପ୍ରେୟସୀର ସେହି ବିଦାୟ ଚାହାଣି,
କୋମଳ ମିନତିଭରା ସେ ମଧୁର ବାଣୀ
ଅଭିମାନେ ଛଳ ଛଳ
ନୟନୁଁ ତପତ ଜଳ
ବୁହାଇଲା ସେ ଦିନ ଯେ ମୋ ହୃଦୟରାଣୀ,
ଭୁଲିଯାଏଁ ଏଥି ସବୁ ଅତୀତ କାହାଣୀ।
–(ବନ୍ଦୀର ବିଳାପ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ୪ ହଜାର ବୋତଲ କଫ ସିରପ୍ ଜବତ, ୬ ଗିରଫ

## ୩୪ ହଜାର ଟଙ୍କା, କାର୍, ପିକ୍‌ଅପ୍, ବାଇକ୍ ଜବତ

ବଲାଙ୍ଗୀର,୨୦।୧୦
(ବୀରେନ୍ଦ୍ର କୁମାର ଝାଙ୍କର)

କଫ ସିରପ୍ ଚୋରାଚାଲାଣ କରୁଥିବା ଏକ ଗୋଷ୍ଠୀକୁ ବଲାଙ୍ଗୀର ଟାଉନ୍ ପୋଲିସ ଟିମ୍ ଶୁକ୍ରବାର ଭୋର ୬ଟାରେ କାବୁ କରିଛି। ସେମାନଙ୍କଠାରୁ ୪ ହଜାର ବୋତଲ କଫ ସିରପ୍ ଜବତ କରାଯାଇଛି। ଏଥିସହ ପୋଲିସ ୬ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ କଫ ସିରପ୍ ବୋଝେଇ ଏକ ମହିନ୍ଦ୍ରା ପିକ୍‌ଅପ୍ (ଓଡି ୧୭ ଏସ୍ ୧୮୯୩), ଏକ କାର (ଓଡି ୧୭ ଡି ୦୮୮୮) ଏବଂ ଏକ ବାଇକ୍ (ଓଡି ୩୧ ଏ ୭୩୯୨)କୁ ଜବତ କରିଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ପୁଇଁତଲା ଥାନା ଭୁର୍ଷିପାଲି ଗାଁର ରଞ୍ଜନ ସ୍ୱାଇଁ, ରମାକାନ୍ତ ସ୍ୱାଇଁ, କୁଲଥିପାଲି ଗାଁର ପଦ୍ମନାଭ ଓରଫ୍ ପିଙ୍କୁ ପ୍ରଧାନ, ଟାଉନ୍ ଥାନା ହାତୀଶାଳପଡ଼ାର ପରମେଶ୍ୱର ଖର୍ସେଲ, ସୁବାଶିଷ ବଘାର ଓରଫ୍ ଶୁଭ, ଲୋଇସିଂହା ଥାନା ବୁର୍ଡା ଗାଁର ଶିବାଶିଷ ଅଭିଜିତ୍ ବଘାର। ଟାଉନ୍ ଥାନାରେ ଏନେଇ ଏକ ମାମଲା (ନଂ. ୫୭୦/୨୩) ରୁଜୁ କରାଯାଇଛି।



ଜବତ କଫ ସିରପ୍ ବୋଝେଇ ଗାଡ଼ି ଓ ବାଇକ୍।


ଗିରଫ ୬ ଅଭିଯୁକ୍ତ।

ବଲାଙ୍ଗୀର ଏସ୍‌ପି ଋଷିକେଶ ଡି ଖିଲାରି ଅପରାହ୍ନରେ ଟାଉନ୍ ଥାନାରେ ଏକ ଖବରଦାତା ସମ୍ମିଳନୀ ଡାକି କଫ ସିରପ୍ ଚୋରାଚାଲାଣ ସମ୍ପର୍କରେ ସୂଚନା ଦେଇଛନ୍ତି। ବଲାଙ୍ଗୀର ସହରର ଏହି ଗୋଷ୍ଠୀ କଫ ସିରପ୍ ଚୋରାଚାଲାଣ କରୁଥିବା ନେଇ ପୋଲିସକୁ ନିର୍ଭରଯୋଗ୍ୟ ସୂତ୍ରରୁ ଖବର ମିଳିଥିଲା। ଗାଡ଼ିରେ କଫ ସିରପ୍ ଚୋରାଚାଲାଣ ହେଉଥିବା ଜାଣିବା ପରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା। ଟାଉନ୍ ଥାନା ଆଇଆଇସି ବିଶ୍ୱଜିତ ମନବୋଧଙ୍କ ନେତୃତ୍ୱରେ ପୋଲିସ ଟିମ୍ ସମ୍ବଲପୁର ରାସ୍ତାର ରିଲାଏନ୍ସ ପେଟ୍ରୋଲ ପମ୍ପ ପଟକୁ ଧାଇଁ ସେଠାରେ ମହିନ୍ଦ୍ରା ପିକ୍‌ଅପ୍ ଗାଡ଼ି ସହ ଏକ କାର ଏବଂ ଏକ ବାଇକ୍‌କୁ ସନ୍ଦେହରେ ଅଟକାଇଥିଲା। ପରେ ସେହି ଗାଡ଼ିରୁ ୪ ହଜାର ବୋତଲ କଫ ସିରପ୍ ଜବତ କରାଯାଇଥିଲା। ବଲାଙ୍ଗୀରରୁ ବରଗଡ଼ ଓ ସମ୍ବଲପୁର ଜିଲାକୁ ଏହି କଫ ସିରପ୍ ଚାଲାଣ ହେଉଥିବା ଜଣାପଡ଼ିଛି। ବଲାଙ୍ଗୀର ଏସ୍‌ପି ସୂଚନା ଦେଇଛନ୍ତି ଯେ, କଫ ସିରପ୍ ଓ ଅନ୍ୟାନ୍ୟ ନିଶା କାରବାର ବିରୋଧରେ ପୋଲିସର ଅଭିଯାନ ଜାରି ରହିବ। କିଭଳି ବଲାଙ୍ଗୀର ଜିଲା ମଧ୍ୟକୁ କଫ ସିରପ୍ ଚୋରାଚାଲାଣ ବନ୍ଦ ହେବ, କେଉଁ ଜିଲାରୁ ଏଠାକୁ କଫ ସିରପ୍ ଆସୁଛି ତା' ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ନିଶା ସେବନରୁ ଯୁବତୀ ଯୁବକ ଏବଂ ଜନସାଧାରଣ କିଭଳି ଦୂରରେ ରହିବେ ଏବଂ ସ୍କୁଲ କଲେଜରେ କିଭଳି ପୋଲିସ ପ୍ରଶାସନ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ କରାଯିବ ସେନେଇ ଏସ୍‌ପି ଖିଲାରି ସୂଚନା ଦେଇଥିଲେ।

## ସଂକ୍ଷେପରେ

### ମାନସିକ ବିକୃତ ନାବାଳିକାଙ୍କୁ ବଳାତ୍କାର, ଅଭିଯୁକ୍ତ ଅଟକ

ଖଇରା, ୨୦।୧୦(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ଥାନା ଅଞ୍ଚଳରେ ଜଣେ ମାନସିକ ବିକୃତ ନାବାଳିକାଙ୍କୁ ବଳାତ୍କାର ଅଭିଯୋଗରେ ଖଇରା ପୋଲିସ ସଂଖ୍ୟାଲଘୁ ସମ୍ପ୍ରଦାୟର ଯୁବକଙ୍କୁ ଥାନାରେ ଅଟକ ରଖିଛି। ଶୁକ୍ରବାର ସକାଳେ ଉକ୍ତ ନାବାଳିକା ଘରେ ଏକୁଟିଆ ଥିବା ବେଳେ ତରାଙ୍ଗ ଛକରେ ସାଇକେଲ ଦୋକାନ କରିଥିବା ଏହି ଯୁବକ ଜଣକ କୁକୁଡା ଆଣିବା ବାହାନାରେ ଘରେ ପଶି ବଳାତ୍କାର କରିବା ପରେ ଅଚେତ ଅବସ୍ଥାରେ ଛାଡି ପଳାଇଯାଇଥିଲେ। ହେଲେ ତାଙ୍କ ପାଖରେ ମୋବାଇଲ ଫୋନକୁ ଭୁଲ୍‌ରେ ଛାଡି ଚାଲିଯାଇଥିଲେ। ସେ ବାଇକ୍ ଷ୍ଟାର୍ଟ କରି ଯିବା ସମୟରେ ଗାଁଲୋକେ ତାଙ୍କୁ କାବୁ କରି ନେଇଥିଲେ। ପୋଲିସକୁ ଖବର ଦିଆଯିବା ପରେ ପୋଲିସର ଏକ ଟିମ୍ ଗାଁକୁ ଯାଇ ଯୁବକଙ୍କୁ ଧରି ଥାନାକୁ ଆଣିଛି। ଖଇରା ପୋଲିସ ତଦନ୍ତ ଜାରି ରଖିଛି। ସେପଟେ ନ୍ୟାୟ ଦାବିରେ ଦିବ୍ୟାଙ୍ଗ ନାବାଳିକାଙ୍କ ପରିବାର ଓ ସମ୍ପୃକ୍ତ ଗ୍ରାମର ବାସିନ୍ଦା ଥାନା ଅଧିକାରୀଙ୍କୁ ଭେଟିଛନ୍ତି।

### ୨ ଦୋଷୀଙ୍କୁ ୩ ବର୍ଷ ଲେଖାଏ ଜେଲଦଣ୍ଡ

#### ନାବାଳିକାଙ୍କୁ ଅସଦାଚରଣ ମାମଲା

କେନ୍ଦୁଝର,୨୦।୧୦
(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

କେନ୍ଦୁଝର ଜିଲା ସ୍ୱତନ୍ତ୍ର କୋର୍ଟ (ପୋକ୍‌ସୋ) ବିଚାରପତି ବିଜୟ କୁମାର ମିଶ୍ର ନାବାଳିକାଙ୍କୁ ଅସଦାଚରଣ ମାମଲାର ବିଚାର କରି ରାୟ ଶୁଣାଇଛନ୍ତି। ମାମଲାରେ ସମ୍ପୃକ୍ତ ଦୁଇ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ୩ ବର୍ଷ ଲେଖାଏ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫ ହଜାର ଟଙ୍କା ଜରିମାନା ଓ ଅନାଦାୟ ୨ଜଣଙ୍କୁ ୨ ମାସ ଅଧିକ କାରାଦଣ୍ଡ ଭୋଗିବାକୁ ଆଦେଶ ହୋଇଛି।

ମାମଲାର ବିବରଣୀ ଅନୁଯାୟୀ, ୨୦୧୫ ଡିସେମ୍ବର ୧୬ରେ ଏକ ନମ୍ବର ବିହୀନ ଗାଡ଼ିରେ କରଞ୍ଜିଆ ଥାନା ଅଞ୍ଚଳର ବୁଲୁ ପାତ୍ର ଓ ରୁଦ୍ର ଦେହୁରୀ ଆସି ପୀଡ଼ିତାଙ୍କୁ ଅପହରଣ ଉଦ୍ୟମ ସହ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଫଳରେ ପୀଡ଼ିତାଙ୍କ କକା ତୁରୁମୁଙ୍ଗା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ତୁରୁମୁଙ୍ଗା ପୋଲିସ ଏକ ମାମଲା (ନଂ. ୧୨୨/୧୫) ରୁଜୁ କରି ୨ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ ପୂର୍ବକ ଚାର୍ଜସିଟ ଦାଖଲ କରିଥିଲା। ସାକ୍ଷୀଙ୍କ ବୟାନ ଓ ପୋଲିସ ତଦନ୍ତକୁ ଭିତ୍ତି କରି ବିଚାରପତି ଉକ୍ତ ରାୟ ପ୍ରକାଶ କରିଥିବା ପୀଡ଼ିତାଙ୍କ ତରଫରୁ ମାମଲା ପରିଚାଳନା କରୁଥିବା ସ୍ୱତନ୍ତ୍ର ପିପି ଜ୍ଞାନେନ୍ଦ୍ର ନାଥ ଜେନା ପ୍ରକାଶ କରିଛନ୍ତି।

# ଲୋକଙ୍କୁ ଦିଆଯିବ ବିପର୍ଯ୍ୟୟ ମୁକାବିଲା ପ୍ରଶିକ୍ଷଣ

ଭୁବନେଶ୍ୱର, ୨୦।୧୦(ସୁନିତ୍ ମିଶ୍ର)

**ଓସ୍‌ଡମା ପରିଚାଳନା କମିଟି ବୈଠକ**

ରାଜ୍ୟର ବ୍ଲକ, ପଞ୍ଚାୟତ ଓ ଗ୍ରାମ୍ୟ ସ୍ତରରେ ବିପର୍ଯ୍ୟୟ ପରିଚାଳନା ପ୍ରସ୍ତୁତି ଯୋଜନା କାର୍ଯ୍ୟକାରୀ କରାଯିବ। ବନ୍ୟା, ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ସହ ବିଜୁଳି ଓ ବଜ୍ରପାତ ଆଦି ବିପତ୍ତିର ପରିଚାଳନା ଉପରେ ମଧ୍ୟ ଗୁରୁତ୍ୱ ଦିଆଯିବ। ପ୍ରଥମ ପର୍ଯ୍ୟାୟରେ ବିଜୁଳି ଓ ବଜ୍ରପାତରେ ଅଧିକ ମୃତାହତ ହେଉଥିବା ମୟୂରଭଞ୍ଜ, ଗଞ୍ଜାମ, କେନ୍ଦୁଝର, ବାଲେଶ୍ୱର, କଟକ, ସୁନ୍ଦରଗଡ଼, ନବରଙ୍ଗପୁର, ଯାଜପୁର, ବଲାଙ୍ଗୀର, କୋରାପୁଟ ଆଦି ୧୦ ଜିଲାରେ ସତର୍କତା ସମ୍ପର୍କରେ ଜନସାଧାରଣଙ୍କୁ ପ୍ରଶିକ୍ଷଣ ଦିଆଯିବ। ପରବର୍ତ୍ତୀ ସମୟରେ ଅନ୍ୟ ସମସ୍ତ ଜିଲାରେ ଏହି କାର୍ଯ୍ୟକ୍ରମ ଚାଲିବା ନେଇ ବୈଠକରେ ନିଷ୍ପତ୍ତି ନିଆଯାଇଛି ବୋଲି ଗୁରୁବାର ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା କହିଛନ୍ତି।

ଲୋକସେବା ଭବନଠାରେ ଅନୁଷ୍ଠିତ ଓଡ଼ିଶା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଓସ୍‌ଡମା)ର ୩୬ତମ ପରିଚାଳନା କମିଟି ବୈଠକରେ ଅଧ୍ୟକ୍ଷତା କରି ମୁଖ୍ୟ ଶାସନ ସଚିବ କହିଛନ୍ତି, ସମସ୍ତ ବିଦ୍ୟାଳୟରେ ବଜ୍ରପାତ ନିରୋଧୀ ବ୍ୟବସ୍ଥା (ଲାଇଟନିଂ ଆରେଷ୍ଟର) ରଖାଯିବ ଓ ଏହାର କାର୍ଯ୍ୟକାରିତା ତଦାରଖ କରାଯିବ। ବଜ୍ରପାତ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଶିକ୍ଷୟିତ୍ରୀଶିକ୍ଷକ ସଚେତନ କରିବେ। ଫାୟାର ଆଲାର୍ମ ବ୍ୟବସ୍ଥା ସହ ଅଗ୍ନିଶମ ବିଭାଗ ତରଫରୁ ମକ୍‌ଡ୍ରିଲ୍ କରାଯିବା ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନିଆଯିବ। ସେହିଭଳି ଭୂକମ୍ପ, ପାଣିରେ ବୁଡିଯିବା, ସାପ କାମୁଡ଼ା ଭଳି ଆକସ୍ମିକ ବିପର୍ଯ୍ୟୟ ଓ ଦୁର୍ଘଟଣାର ତୁରନ୍ତ ଓ ତ୍ୱରିତ ମୁକାବିଲା ନେଇ ସଚେତନ କରିବା ପାଇଁ ପଦକ୍ଷେପ ନେବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ସମସ୍ତ ଆଶ୍ରୟସ୍ଥଳୀରେ ବଜ୍ରପାତ ନିରୋଧୀ ବ୍ୟବସ୍ଥା କାର୍ଯ୍ୟକ୍ଷମ ରଖିବା, କାର୍ଯ୍ୟକ୍ଷମ ନଥିବା କରତ ଓ ଟାୱାର ଆଲୋକ ସବୁକୁ ଅପସାରଣ କରାଯିବ। ବଜ୍ରପାତ ସମ୍ପର୍କରେ ଜନସାଧାରଣଙ୍କୁ ମୋବାଇଲ ବାର୍ତ୍ତା ପଠାଇବା ଉପରେ ଗୁରୁତ୍ୱାରୋପ କରାଯାଇଛି। ସରକାରୀ କର୍ମଚାରୀଙ୍କୁ ବିପର୍ଯ୍ୟୟ ପରିଚାଳନା ସମ୍ପର୍କିତ ଦକ୍ଷତାବୃଦ୍ଧି ପ୍ରଶିକ୍ଷଣ ପ୍ରଦାନ, ବିପର୍ଯ୍ୟୟ ସମ୍ପର୍କରେ ପୂର୍ବାନୁମାନ ଓ ଆଗୁଆ ସତର୍କ ସୂଚନା ବ୍ୟବସ୍ଥା କଥା ଆଲୋଚନା ହୋଇଛି। ଶିକ୍ଷାନୁଷ୍ଠାନରେ ସିଭିଲ ଡିଫେନ୍ସ ସ୍ୱେଚ୍ଛାସେବୀମାନଙ୍କୁ ପ୍ରଶିକ୍ଷଣ ଦିଆଯିବ। ବୈଠକରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ସଚିବ ସତ୍ୟବ୍ରତ ସାହୁ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପ୍ରମୁଖ ଶାସନ ସଚିବ ସୁଶୀଲ କୁମାର ଲୋହାନି ଉପସ୍ଥିତ ଥିଲେ।

# ପଶ୍ଚିମବଙ୍ଗରେ ପୂଜା ପେଣ୍ଡାଲ ବୁଲିଲେ ଧର୍ମେନ୍ଦ୍ର

ଭୁବନେଶ୍ୱର, ୨୦।୧୦(ସୁନିତ୍ ମିଶ୍ର)

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁକ୍ରବାର ପଶ୍ଚିମବଙ୍ଗର ଦୁର୍ଗାପୂଜା ପର୍ବରେ ସାମିଲହୋଇ ବିଭିନ୍ନ ପୂଜା ପେଣ୍ଡାଲ ବୁଲିଛନ୍ତି। ଧର୍ମେନ୍ଦ୍ର କହିଛନ୍ତି, ଦୁର୍ଗାପୂଜା କେବଳ ଏକ ପର୍ବ ନୁହେଁ ବରଂ ଆମର ସାଂସ୍କୃତିକ ଐତିହ୍ୟର ପ୍ରତୀକ ଏବଂ ପଶ୍ଚିମବଙ୍ଗର ଲୋକଙ୍କ ଜୀବନଶୈଳୀ, ସଂସ୍କାର ଓ ସଂସ୍କୃତିର ଅଭିନ୍ନ ଅଙ୍ଗ। ଦୁର୍ଗାପୂଜା ଧାର୍ମିକ ଉତ୍ସବ ନୁହେଁ ବରଂ ସାମାଜିକ ସରସତାର ପ୍ରତୀକ। କଳା ଓ ସଂସ୍କୃତିକୁ ପ୍ରସ୍ଫୁଟିତ କରିବାର ମହାନ୍ ଅବସର। କୋଲକାତା ଦୁର୍ଗାପୂଜା ମେଢ଼ଗୁଡ଼ିକ ଆକର୍ଷଣୀୟ। ଦୁର୍ଗାପୂଜା କୋଲକାତାକୁ ରଙ୍ଗ, ସଂସ୍କୃତି, ଖାଦ୍ୟ ଏବଂ ସାମୂହିକ ସଦ୍‌ଭାବନାର ଏକ ବଡ଼ କ୍ୟାନ୍‌ଭାସରେ ପରିଣତ କରିଥାଏ। ସନ୍ତୋଷ ମିତ୍ର ସ୍କୋୟାର ପୂଜା ପେଣ୍ଡାଲରେ ଦେବୀ ଦୁର୍ଗାଙ୍କ ସହ ପ୍ରଭୁ ଶ୍ରୀରାମଙ୍କ ପ୍ରତିମୂର୍ତ୍ତିକୁ ଦର୍ଶନକରି ସେ କହିଛନ୍ତି, ଅଯୋଧ୍ୟା ରାମମନ୍ଦିରରୁ ପ୍ରେରିତ ଏହି ପେଣ୍ଡାଲ ଶ୍ରଦ୍ଧାଳୁଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ। ଏଠାରେ ଶୋଭାପାଉଥିବା ଧ୍ୱଜା ମହାପ୍ରଭୁ ଶ୍ରୀଜଗନ୍ନାଥ ଧାମ ପୁରୀରୁ ଆସିଥିବା ଜାଣି କେନ୍ଦ୍ରମନ୍ତ୍ରୀ ଖୁସିବ୍ୟକ୍ତ କରିଛନ୍ତି। ଏହି ମହାପର୍ବ ସମସ୍ତଙ୍କ ଜୀବନରେ ସୁଖ, ଶାନ୍ତି ଏବଂ ସମୃଦ୍ଧି ଆଣୁ ବୋଲି ସେ ପ୍ରାର୍ଥନା କରିଛନ୍ତି। କେନ୍ଦ୍ରମନ୍ତ୍ରୀ ନର୍ଥ କୋଲକାତାର ତାଲା ବାୱାରୀ, ଶୋଭାବଜାର ରାଜବାଡି ଦୁର୍ଗାପୂଜା, କାଲି ଖତିକ୍ ଏବଂ ଦକ୍ଷିଣ କୋଲକାତାର ସେଭେନ୍ ତାରା ଚାନ୍ଦ ଦତ୍ତ ଷ୍ଟ୍ରିଟ୍ ଠାରେ ଥିବା ବିଭିନ୍ନ ଦୁର୍ଗାପୂଜା ମଣ୍ଡପ ଦର୍ଶନ କରିଛନ୍ତି।



# ପିପିଏରେ ନିବେଶ ହେବ ୯ ହଜାର କୋଟି ଟଙ୍କା

ପାରାଦୀପ,୨୦।୧୦(ଶରତ ରାଉତ)

**ମାରିଟାଇମ୍ ଅମୃତକାଳ ସମ୍ମିଳନୀ**

**୩ ବର୍ଥ ଯାନ୍ତ୍ରିକୀକରଣ ହେବ**

ମୁମ୍ବାଇରେ ଗତ ୧୭ରୁ ଚାଲିଥିବା ୩ ଦିନିଆ ମାରିଟାଇମ୍ ଅମୃତକାଳ ମହୋତ୍ସବ ଗୁରୁବାର ସନ୍ଧ୍ୟାରେ ଶେଷ ହୋଇଛି। ଏହି ଅବସରରେ କୁହାଯାଇଥିଲା, ୨୦୪୭ ସୁଦ୍ଧା ମାରିଟାଇମ୍‌ର କଳେବର ବୃଦ୍ଧି ପାଇଁ ଲକ୍ଷ୍ୟ ରଖାଯାଇଛି। ଅମୃତକାଳ ମଧ୍ୟରେ ପ୍ରାୟ ୧୦ ଲକ୍ଷ କୋଟି ଟଙ୍କା ପୁଞ୍ଜି ନିବେଶ ହେବ ବୋଲି ଖସଡ଼ା ପ୍ରସ୍ତୁତ କରାଯାଇଛି। ଏଥିରେ ପିପିଏ (ପାରାଦୀପ ପୋର୍ଟ ଅଥରିଟି)ର ନୂତନ ପ୍ରକଳ୍ପ ନିମନ୍ତେ ୯ ହଜାର କୋଟି ଟଙ୍କାର ପୁଞ୍ଜି ନିବେଶ କରାଯିବ। ଏ ସବୁ ପ୍ରକଳ୍ପ ମଧ୍ୟରେ ୧୦ ନିୟୁତ କ୍ଷମତାବିଶିଷ୍ଟ ଲୁହାପଥର ବୋଝେଇ ଖଲାସ ବର୍ଥ ରହିଛି। ଏହା ବିଓଟି (ବିଲ୍ଡ ଅପରେଟ୍ ଟ୍ରାନ୍ସଫର) ବେସିସ୍‌ରେ ହେବ। ଏଥିପାଇଁ ୬୫୫.୫୬ କୋଟି ଟଙ୍କା ପୁଞ୍ଜି ନିବେଶ ହେବ। ସେହିପରି ୧୪୩୭.୭୬ କୋଟି ଟଙ୍କା ବ୍ୟୟରେ ଇକ୍ୟୁ ୧,୨,୩ ନମ୍ବର ବର୍ଥକୁ ଯାନ୍ତ୍ରିକୀକରଣ କରାଯିବ। ଏହାଦ୍ୱାରା ବାର୍ଷିକ ୩୦ ନିୟୁତ ଟନ୍ ପଣ୍ୟ କାରବାର ହେବ। କୋଇଲା ବର୍ଥ ପାଇଁ ୬୫୫.୫୬ କୋଟି ଟଙ୍କା, ୮୨ କିମି ପାରାଦୀପ ହରିଦାସପୁର ରେଳଲାଇନ ବିକାଶ ପାଇଁ ୩୨୦୦ କୋଟି ଟଙ୍କା ଏବଂ ୱେଷ୍ଟର୍ନ ଡକ୍ ପାଇଁ ୩୦୦୪ କୋଟି ଟଙ୍କା ବ୍ୟୟ ହେବ। ଏହି ମାରିଟାଇମ୍ ସମ୍ମିଳନୀକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭିଡିଓ କନ୍‌ଫରେନ୍ସ ଜରିଆରେ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ପୀୟୂଷ ଗୋୟେଲ, ସର୍ବାନନ୍ଦ ସୋନୱାଲ, ଗୁଜରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ରଭାଇ ପଟେଲ, ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନବିସ, କେନ୍ଦ୍ର ରାଜ୍ୟମନ୍ତ୍ରୀ ଶ୍ରୀପଦ ନାୟକ, ଶାନ୍ତନୁ ଠାକୁର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପାରାଦୀପ ବନ୍ଦର କେତେକ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଁ ପୁରସ୍କୃତ ହୋଇଥିଲା। ବନ୍ଦର ଅଧ୍ୟକ୍ଷ ପି.ଏଲ. ହାରାନ୍ଧ, ଉପାଧ୍ୟକ୍ଷ ନୀଳାଦ୍ରି ଦାସଗୁପ୍ତା କେନ୍ଦ୍ରମନ୍ତ୍ରୀ ଗୋୟେଲଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ।



କେନ୍ଦ୍ରମନ୍ତ୍ରୀ ପୀୟୂଷ ଗୋୟେଲଙ୍କଠାରୁ ବନ୍ଦର ଅଧ୍ୟକ୍ଷ ପି.ଏଲ୍. ହାରାନ୍ଧ ପୁରସ୍କାର ଗ୍ରହଣ କରୁଛନ୍ତି।

# ଶକ୍ତି ବିଭାଗ ଦାୟିତ୍ୱରୁ ନିକୁଞ୍ଜ ଧଳଙ୍କୁ ଅବ୍ୟାହତି

ଭୁବନେଶ୍ୱର,୨୦।୧୦(ଅନିଲ ଦାସ)

**ବିଶାଳ ଦେବଙ୍କୁ ଅତିରିକ୍ତ ଦାୟିତ୍ୱ**

ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳଙ୍କୁ ଶକ୍ତି ବିଭାଗ ଏବଂ ଗ୍ରୀଡକୋ ଅଧ୍ୟକ୍ଷ ଅତିରିକ୍ତ ଦାୟିତ୍ୱରୁ ଅବ୍ୟାହତି ଦିଆଯାଇଛି। ତାଙ୍କ ସ୍ଥାନରେ ଅର୍ଥ ବିଭାଗ ପ୍ରମୁଖ ସଚିବ ତଥା ଓଡ଼ିଶା ଜଳ ବିଦ୍ୟୁତ ନିଗମ(ଓଏଚପିସି) ଚେୟାରମ୍ୟାନ ଥିବା ବିଶାଳ କୁମାର ଦେବକୁ ଶକ୍ତି ବିଭାଗ ସହିତ ଗ୍ରୀଡକୋ ଅଧ୍ୟକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଏ ନେଇ ଶୁକ୍ରବାର ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଏଠାରେ ସୂଚନା ଯୋଗ୍ୟ ଯେ ଆଗକୁ ସାଧାରଣ ନିର୍ବାଚନ ଆସୁଥିବାରୁ ନିର୍ବାଚନ ଦାୟିତ୍ୱରେ ଥିବା ଅଧିକାରୀମାନଙ୍କୁ ଅତିରିକ୍ତ ଦାୟିତ୍ୱରେ ନ ରଖିବା ପାଇଁ ଭାରତର ନିର୍ବାଚନ କମିଶନ ରାଜ୍ୟ ସରକାରଙ୍କୁ ଅବଗତ କରାଇଥିଲେ। ଏହି ପରିପ୍ରେକ୍ଷୀରେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଅତିରିକ୍ତ ଦାୟିତ୍ୱରୁ ମୁକ୍ତ କରାଯାଇଛି।

# ନଭେମ୍ବର ପହିଲାରୁ ଗହୀରମଥାରେ କଟକଣା

କେନ୍ଦ୍ରାପଡ଼ା,୨୦।୧୦(ଜଗନ୍ନାଥ ଧଳ)

ଆଗାମୀ କିଛିଦିନ ମଧ୍ୟରେ ବିରଳ ଅଲିଭ ରିଡ୍‌ଲେ କଇଁଛ ବିଶ୍ୱପ୍ରସିଦ୍ଧ ଗହୀରମଥାରେ ଚଳପ୍ରଚଳ ହେବେ। ଅନୁକୂଳ ପାଗ ଓ ପରିବେଶ ଥିଲେ ଏହି ପ୍ରଜନନସ୍ଥଳ ଲକ୍ଷ ଲକ୍ଷ ଶାବକରେ ପରିପୂର୍ଣ୍ଣ ହେବ। ବିରଳ କଇଁଛଙ୍କ ସୁରକ୍ଷା ପାଇଁ ଗହୀରମଥାର ସାମୁଦ୍ରିକ ଅଞ୍ଚଳ ଆସନ୍ତା ନଭେମ୍ବର ପହିଲାରୁ ମେ' ଶେଷ ପର୍ଯ୍ୟନ୍ତ କଟକଣା ରହିବ। ଏହି କଟକଣା ଅଲିଭ ରିଡ୍‌ଲେ କଇଁଛଙ୍କୁ ସୁରକ୍ଷା ଦେଉଥିବା ବେଳେ ସ୍ଥାନୀୟ ମତ୍ସ୍ୟଜୀବୀ ଏଥିରେ ଥିବା କେତେକ ସମସ୍ୟା ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସମୁଦ୍ର ମଧ୍ୟରେ ୨୦ କିମି ସୀମାରେଖା ଥିଲେ ମଧ୍ୟ ଏହାର ବାସ୍ତବିକ ଚିହ୍ନଟ ବ୍ୟବସ୍ଥା କରାଯାଉନାହିଁ। ସେହିପରି ବିଭିନ୍ନ ସମୟରେ ଏହି ସୀମାରେଖା ପାଇଁ ବନ ବିଭାଗ, ତଟରକ୍ଷୀ ବାହିନୀ ସହିତ ମତ୍ସ୍ୟଜୀବୀଙ୍କ ମତଭେଦ ସୃଷ୍ଟି ହେଉଛି। ଏପରିକି ସମୁଦ୍ର ମଝିରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଛି। ଗହୀରମଥା ସାମୁଦ୍ରିକ ଅଞ୍ଚଳ ଏକ ସୀମିତ ଓ ନିର୍ଦ୍ଦିଷ୍ଟ ଅଞ୍ଚଳ ହୋଇଥିବାରୁ ସମୁଦ୍ରର ସୀମାରେଖା ପାଇଁ ଅଧିକ ସଂଖ୍ୟକ ବଇଁଆ (ପ୍ଲାଷ୍ଟିକର ଭାସମାନ ବଲ ସମୂହ) ବ୍ୟବହାର ପାଇଁ



ମତ୍ସ୍ୟଜୀବୀ ଓ ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି। ଏ ସମ୍ପର୍କରେ ମତ୍ସ୍ୟଜୀବୀ ସଙ୍ଗଠନର କର୍ମକର୍ତ୍ତା ଅର୍ଜୁନ ମଣ୍ଡଳ, ସୁମନ୍ତ ବିଶ୍ୱାଳ, ରତ୍ନାକର ଦାସ ପ୍ରମୁଖ କହିଛନ୍ତି, କଇଁଛଙ୍କ ପାଇଁ ଗହୀରମଥାରେ ୭ମାସ ଧରି କଟକଣା ଜାରି କରାଯାଉଛି। ଏହିସମୟରେ ମହାନଦୀ ମୁହାଣରୁ ଧାମରା ପର୍ଯ୍ୟନ୍ତ ସମୁଦ୍ର ତଟଠାରୁ ୨୦ କିଲୋମିଟର ପର୍ଯ୍ୟନ୍ତ ମତ୍ସ୍ୟଜୀବୀଙ୍କୁ ମନା ହେଉଛି। ତେବେ ୨୦ କିମିର ସୀମାରେଖାର ବ୍ୟାପକ ଚିହ୍ନଟ ବ୍ୟବସ୍ଥା ବନ ବିଭାଗ କରୁନାହାନ୍ତି। ଫଳରେ ମତ୍ସ୍ୟଜୀବୀଙ୍କ ସହ ସୁରକ୍ଷାବଳର ମତଭେଦ ହେଉଛି। ଏହିପରି ଏକ ଘଟଣାରେ ସମୁଦ୍ର ତଟରକ୍ଷୀ ବାହିନୀ ସହିତ ସଂଘର୍ଷ ସମୟରେ ବାଲେଶ୍ୱରର ଜଣେ ମତ୍ସ୍ୟଜୀବୀଙ୍କର ସମୁଦ୍ର ମଝିରେ ମୃତ୍ୟୁ ହୋଇଛି। ଏପରି ଗୁଳି ବିନିମୟରେ ପୂର୍ବରୁ ମଧ୍ୟ ୩ ମତ୍ସ୍ୟଜୀବୀ ଓ ଜଣେ ବନ କର୍ମଚାରୀ ପ୍ରାଣ ହରାଇଛନ୍ତି। ସେହିପରି ସୀମାରେଖା ଚିହ୍ନଟ ହେଉ ନ ଥିବାରୁ ବିଭିନ୍ନ ସମୟରେ ବନ ବିଭାଗ, ସାମୁଦ୍ରିକ ଥାନା ଓ ତଟରକ୍ଷୀ ବାହିନୀର ଆକ୍ରୋଶର ଶିକାର ହେଉଛନ୍ତି। ପ୍ରତିବର୍ଷ ୫ରୁ ଅଧିକ ଗିରଫ ହେଉଛନ୍ତି। ସୀମା ଚିହ୍ନଟ ଦ୍ୱାରା ଏହାର ସମାଧାନ ହୋଇପାରିବ। ସେହିପରି ସ୍ଥାନୀୟ ଅଧିବାସୀ ସାମୁଦ୍ରିକ ମାଛ ଉପରେ ନିର୍ଭର କରିଥାନ୍ତି। ତେବେ କଟକଣା ବାବଦ ମିଳୁଥିବା ଅର୍ଥ ପର୍ଯ୍ୟାପ୍ତ ହେଉନାହିଁ ବୋଲି ସେମାନେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ରେଞ୍ଜର ପ୍ରଦୋଷ ମହାରଣାଙ୍କୁ ପଚାରିବାରେ ପ୍ରତ୍ୟେକ ବୋଟ, ଟ୍ରଲରରେ ଏବେ ଜିପିଏସ ଲାଗୁଛି। ଏଥିରୁ ସୀମା ଆକଳନ କରିବା କଥା। ତେବେ କୌଣସି ଏକ ଆଳ ଦେଖାଇ ସମୁଦ୍ରର ନିଷିଦ୍ଧାଞ୍ଚଳକୁ ପଶି ମାଛ ମାରିବା ଏମାନଙ୍କର ପ୍ରକୃତ ଉଦ୍ଦେଶ୍ୟ। ଏଥିପାଇଁ କଟକଣା ସମୟରେ ଶତାଧିକ ମାମଲା ରୁଜୁ ହେଉଥିବା ସେ ପ୍ରକାଶ କରିଛନ୍ତି।

# ପ୍ରତିରୋଧ ଶକ୍ତି ବଢ଼ାଇବ କୋରାପୁଟ ଔଷଧୀୟ ଧାନ

## କଳା, ନାଲି, ଧୂସର ଓ ନୀଳ ରଙ୍ଗ ହୋଇଥାଏ ଏହି ଧାନର ଚାଉଳ

କୋରାପୁଟ,୨୦।୧୦
(ଅମିତାଭ ବେହେରା)

**କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଗବେଷଣା**

- କୁପୋଷଣ ରୋକେ, ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ
- ପୁଷ୍ଟିର ସୁରକ୍ଷା ଦେଇଥାଏ

କୋରାପୁଟର ଆଦିବାସୀମାନେ ଚାଷ କରୁଥିବା ପାରମ୍ପରିକ ଔଷଧୀୟ ଧାନ ପୁଷ୍ଟିର ସୁରକ୍ଷା ଦେବ। ରୋଗ ପ୍ରତିରୋଧକ ଶକ୍ତି ବଢାଇବ ବୋଲି କହିଛନ୍ତି ବିଶ୍ୱବିଦ୍ୟାଳୟର ଜୈବ ବିବିଧତା ପ୍ରାକୃତିକ ସଂରକ୍ଷଣ ବିଭାଗ ସହାୟକ ପ୍ରଫେସର ଡ. ଦେବବ୍ରତ ପଣ୍ଡା।

କୋରାପୁଟ ମାଳଭୂମିରେ ଅଧିବାସୀମାନେ ଚାଷ କରୁଥିବା ୮ ପ୍ରକାର ରଙ୍ଗିନ ଓ ଔଷଧୀୟ ଧାନ ଯଥା କଳାଚୁଡ଼ି, ଭାଟମଲ୍ଲି, କାନ୍ଦୁଲକଠି, ହଳଦୀଗଣ୍ଠି, ଟିକିଚୁଡ଼ି, ବେଡ଼ାଗୁରୁମୁଖୀ, ପରାଧାନ ଓ ମାଲିମକଡାର ଗୁଣାତ୍ମକ ମାନ ଓ ଉପକାରିତା ଉପରେ ଗବେଷଣାକରି ସେ ଏହି ତଥ୍ୟ ଦର୍ଶାଇଛନ୍ତି। ଗବେଷଣାରୁ ଜଣାପଡ଼ିଛି, ୩ ପ୍ରକାର ପାରମ୍ପରିକ ଧାନ କଳାଚୁଡ଼ି, ବେଡ଼ାଗୁରୁମୁଖୀ ଓ କାନ୍ଦୁଲକାଠିରେ ଅଧିକ ପରିମାଣରେ ଆଇରନ, ଜିଙ୍କ୍, ଭିଟାମିନ୍ ସି, ଭିଟାମିନ୍ ଇ, ଫ୍ଲାବନୟାଡ୍ ଓ ଆଣ୍ଟିଅକ୍ସିଡାଣ୍ଟ ରହିଛି। ଏଥିସହ ପରାଧାନ, ଭାଟମଲ୍ଲି ଓ ହଳଦୀଗଣ୍ଠିରେ ଅଧିକ ପ୍ରୋଟିନ ଓ ଏନର୍ଜି ରହିଛି। ଏହି ତଥ୍ୟ ସେ ନିକଟରେ ଡିସ୍କୋଭରି ଫୁଡ୍ ଜର୍ନାଲରେ ତାଙ୍କର ରିସର୍ଚ୍ଚ ସ୍କଲାର କଳ୍ପନାରାଣୀ, ପ୍ରଫୁଲ୍ଲ ବେହେରା, ଭୁବନେଶ୍ୱର ପ୍ରଧାନ ଓ ସଂଗ୍ରାମ ଲେଙ୍କାଙ୍କ ସହିତ ମିଶି ଗତ ୧୬ରେ ପ୍ରକାଶ କରିଥିଲେ। ଏହି ଧାନର ଚାଉଳ ଦେଖିବାକୁ କଳା, ନାଲି, ଧୂସର ଓ ନୀଳ ରଙ୍ଗର। ଏହି ଧାନକୁ ଅଧିବାସୀମାନେ ବିଭିନ୍ନ ଔଷଧରେ ଲଗାଇଥାନ୍ତି। ଏହା ଆଦିବାସୀଙ୍କ କୁପୋଷଣ ରୋକିବା ସହ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ। କୋରାପୁଟର ଏହି ବିରଳ ଧାନ ବିଲୁପ୍ତହେବା ପୂର୍ବରୁ ଏହାର ସଂରକ୍ଷଣ ଓ ଚାଷକୁ ଉତ୍ସାହିତ କରିବାର ଆବଶ୍ୟକତା ରହିଛି। ଅଧିକ ପ୍ରଚାର, ପ୍ରସାର ଓ ବ୍ୟବହାର ଉପରେ ଧ୍ୟାନଦେବା ଆବଶ୍ୟକ ବୋଲି ଡ. ପଣ୍ଡା ସୂଚନା ଦେଇଛନ୍ତି। ଏହି ଔଷଧୀୟ ଚାଉଳକୁ ବିଭିନ୍ନ ଭାଲ୍ୟୁଏଡେଡ୍ ପ୍ରଡକ୍ଟରେ ବ୍ୟବହାର ଓ ଷ୍ଟାର୍ଟଅପ୍ ମାଧ୍ୟମରେ ପ୍ରଚାର ପ୍ରସାର କଲେ ଏହା କୋରାପୁଟକୁ ଏକ ସ୍ୱତନ୍ତ୍ର ପରିଚୟ ଦେବ ଏଥିରେ ସନ୍ଦେହ ନାହିଁ।


ଏକ ଔଷଧୀୟ ଧାନ କ୍ଷେତରେ ପ୍ରଫେସର ଡ. ଦେବବ୍ରତ ପଣ୍ଡା।


ଜେନାରି ଗଛ ମା'ରାମଚଣ୍ଡୀଙ୍କ ଭୁବନେଶ୍ୱରୀ ବେଶ ।


ମା' ଜହ୍ନିଖାଇ ଗୋଷାଣୀ ।


ମା' କାକୁଡ଼ିଖାଇ ଠାକୁରାଣୀ ।


ମା'କରତିସାହି ଗୋଷାଣୀ ।


ମା'ମଙ୍ଗଳାଙ୍କ ମହିଷମର୍ଦ୍ଦିନୀ ବେଶ ।

# ମା'ଙ୍କ ଆବାହନରେ ଉତ୍ସବମୁଖର ଶ୍ରୀକ୍ଷେତ୍ର

**ପୁରୀ, ୨୦।୧୦(ଅଜିତ ମହାନ୍ତି)**

- ବିଭିନ୍ନ ଦେବୀପୀଠରେ ସପ୍ତମୀ ପୂଜା ସମ୍ପନ୍ନ
- ଆଜି ମଣ୍ଡପରେ ମହାସପ୍ତମୀ ପୂଜା

ଶାରଦୀୟ ଦଶହରାକୁ ନେଇ ଉତ୍ସବମୁଖର ହୋଇଉଠିଛି ଧରାପୃଷ୍ଠ। ଗାଁଠୁ ସହର ସବୁଠି ପାର୍ବଣର ମହକ। ମା' ଦଶଭୁଜାଙ୍କ ଆବାହନ ମନ୍ତ୍ରରେ ଚଳଚଞ୍ଚଳ ପୁରୀ ସହର। ଶାରଦୀୟ ଦୁର୍ଗୋତ୍ସବର ସ୍ୱାତନ୍ତ୍ର୍ୟ ବହନ କରୁଥିବା ଶ୍ରୀକ୍ଷେତ୍ର ଏବେ ନବବଧୂଟିଏ ଭଳି ସଜେଇ ହୋଇଛି। ରଙ୍ଗିନ ଆଲୋକମାଳାରେ ଝଲସୁଛି ପୂଜାମଣ୍ଡପ ଓ ବିଭିନ୍ନ ଦେବୀପୀଠ। ସହରର ଗଳିକନ୍ଦିରେ ଆକର୍ଷଣୀୟ ଦେବୀ ମୂର୍ତ୍ତି ଏବଂ ନାଗା ଆକର୍ଷଣ ପାଲଟିଛି। ପ୍ରତ୍ୟେକ ଦେବୀ ମୂର୍ତ୍ତିଙ୍କ ଉପାସନା ସହିତ ସାହିର ଜାଗା, ଆଖଡ଼ା ସମ୍ପୃକ୍ତ ରହିଛି। ସେଥିଲାଗି ସମସ୍ତ ଜାଗା, ଆଖଡ଼ା ଚଳଚଞ୍ଚଳ ହୋଇପଡ଼ିଛି। ଶ୍ରୀକ୍ଷେତ୍ରର ବିଭିନ୍ନ ଶକ୍ତିପୀଠରେ ଶୁକ୍ରବାର ସପ୍ତମୀ ପୂଜା ସମ୍ପନ୍ନ ହୋଇଛି। ବିଶେଷକରି ଶ୍ରୀମନ୍ଦିରରେ ମା' ବିମଳାଙ୍କ ସମେତ ଭିତରବେଢ଼ା ପରିସରସ୍ଥ ମା' ଭୁବନେଶ୍ୱରୀ, ବଟମଙ୍ଗଳା, ଉତ୍ତରାୟଣୀଙ୍କ ସମେତ ଶ୍ରୀକ୍ଷେତ୍ର ଠାକୁରାଣୀ, ମା'ଦକ୍ଷିଣକାଳୀ, ଆଲାମଚଣ୍ଡୀ, କପିଳେଶ୍ୱର ଶାସନର ମା' ପଞ୍ଚମୁଖୀ, ମା' ବାସେଳୀ, ମା' ମଙ୍ଗଳା, ମା' ମରିଚୀ ଠାକୁରାଣୀ, ମା' ବାଟକାଳୀ, ମା' ବାଙ୍କୀମୁହାଣ ରାମଚଣ୍ଡୀ, ମା' ବାଟମଙ୍ଗଳା, ଜେନାରିଗଛ ରାମଚଣ୍ଡୀ, ଶ୍ୟାମାକାଳୀ ପ୍ରଭୃତି ପୀଠରେ ସପ୍ତମୀ ପୂଜା ଅନୁଷ୍ଠିତ ହୋଇଛି। ମା' ବିମଳାଙ୍କ ପ୍ରତିନିଧି ଭାବେ ପୂଜିତ କାକୁଡ଼ିଖାଇ ମୃଣ୍ମୟୀ ପ୍ରତିମାଙ୍କ ମଧ୍ୟ ସପ୍ତମୀ ପୂଜା କରାଯାଇଛି। ମହାସପ୍ତମୀ ତିଥି ଅବସରରେ ମା' ଦକ୍ଷିଣକାଳୀଙ୍କ ସୁନାବେଶ, ବାଙ୍କୀମୁହାଣ ରାମଚଣ୍ଡୀଙ୍କୁ ସିଂହବାହିନୀ ବେଶ, ଜେନାରୀ ଗଛ ରାମଚଣ୍ଡୀ ପୀଠରେ ଚନ୍ଦନ ବେଶ, ଶ୍ୟାମାକାଳୀଙ୍କର ମହିଷାମର୍ଦ୍ଦିନୀ, ଶ୍ରୀକ୍ଷେତ୍ର କଲୋନୀ ମା' ମଙ୍ଗଳାଙ୍କର ମହିଷା ମର୍ଦ୍ଦିନୀ ବେଶ କରାଯାଇଥିବା ବେଳେ ବାସେଳୀ ସାହି ବାସେଳୀ ଠାକୁରାଣୀ ସ୍ୱର୍ଣ୍ଣବେଶ ଏବଂ ମରିଚୀ ଠାକୁରାଣୀଙ୍କୁ ମହାଗାୟତ୍ରୀ ବେଶ ଅନୁଷ୍ଠିତ ହୋଇଛି। ଶ୍ରୀକ୍ଷେତ୍ରର ବିଭିନ୍ନ ସାହି ପୂଜାମଣ୍ଡପରେ ଶୁକ୍ରବାର ଷଷ୍ଠୀ ପୂଜା ଅନୁଷ୍ଠିତ ହୋଇଥିବାବେଳେ ଶନିବାର ସପ୍ତମୀ ପୂଜା ହେବ। ପୂଜା ମଣ୍ଡରେ ନିର୍ମିତ ବାରବାଟୀ, ଜହ୍ନିଖାଇ, ଶୂନ୍ୟଗୋସାଣୀ, ହରଚଣ୍ଡୀ, ଗେଲବାଇ ବନଦୁର୍ଗା, ଚକ୍ରକୋଟ, ଭୋଗଜାଗା, ବେଲବାଇ, ତ୍ରିପୁରା ସୁନ୍ଦରୀ ପ୍ରଭୃତି ଦେବୀ ମୂର୍ତ୍ତିଙ୍କୁ ଦୁର୍ଗାମନ୍ତ୍ର ଏବଂ ନାଗାଙ୍କୁ ବନଦୁର୍ଗା ମନ୍ତ୍ରରେ ଆବାହନ କରାଯିବ। ଏଥିପାଇଁ ବିଭିନ୍ନ ପୂଜାମଣ୍ଡରେ ପ୍ରସ୍ତୁତି ଶେଷ ହୋଇଛି।

## ସିଂହବାହିନୀ ବେଶରେ ଦର୍ଶନ ଦେଲେ ମା'ମଙ୍ଗଳା

**କାକଟପୁର, ୨୦।୧୦ (ଶୁଭଦର୍ଶନ ମିଶ୍ର) :**



ପୁରୀ ଜିଲା କାକଟପୁର ବାସିନୀ ମା ମଙ୍ଗଳାଙ୍କ ମନ୍ଦିରରେ ଚାଲିଛି ଶାରଦୀୟ ପାର୍ବଣ ପୂଜା ବା ଷୋଳପୂଜା। ସପ୍ତମୀ ପୂଜାରେ ମା'ଙ୍କୁ ସିଂହବାହିନୀ ବେଶରେ ସଜ୍ଜିତ କରାଯାଇଛି। ପୂର୍ବରୁ ମା'ଙ୍କୁ ପାଦପଦ୍ମ, ଭୁଜ, ଧନୁ, ତୀର, କମାଣ ପ୍ରଭୃତି ଅସ୍ତ୍ରଶସ୍ତ୍ର ଲାଗି କରାଯାଇଥିଲା। ଆଜି ଷୋଡ଼ଶ ଉପଚାର ପୂଜାପଣ୍ଡା ସଞ୍ଜୟ କୁମାର ଦୀକ୍ଷିତ, ପୂଜା ପଣ୍ଡା ସୁବାସ ଚନ୍ଦ୍ର ପାଢ଼ୀ, ପାଳିଆ ସେବକ କୃଷ୍ଣ ଚନ୍ଦ୍ର ଦୀକ୍ଷିତ୍ ପ୍ରମୁଖ ମା'ଙ୍କୁ ସିଂହବାହିନୀ ବେଶରେ ସଜ୍ଜିତ କରିବା ସହିତ ମା'ଙ୍କ ପୂଜାନୀତି ଅନୁଷ୍ଠିତ କରିଥିଲେ। ସେମାନଙ୍କୁ ପୂଜାପଣ୍ଡା ନରେଶ କୁମାର ଦୀକ୍ଷିତ, ବସନ୍ତ କୁମାର ଦୀକ୍ଷିତ, ରଘୁନାଥ ଦୀକ୍ଷିତ, ହେମନ୍ତ କୁମାର ପାଢ଼ୀ, ଅଶୋକ କୁମାର ପାଢ଼ୀ ସହାୟତା କରିଥିଲା ବେଳେ ସେବକସମିତି ପକ୍ଷରୁ ସଭାପତି ମନୋରଞ୍ଜନ ପଣ୍ଡା, ସମ୍ପାଦକ ପବିତ୍ର ଦୀକ୍ଷିତ, ଅଶୋକ କୁମାର ଦୀକ୍ଷିତ, ପ୍ରଦୀପ୍ତ କୁମାର ଦୀକ୍ଷିତ, ତୁଷାର ରଞ୍ଜନ ଦୀକ୍ଷିତ, କମଳ ଲୋଚନ ଦୀକ୍ଷିତ, ପ୍ରଦୀପ କୁମାର ପଣ୍ଡା, ପବିତ୍ର ମୋହନ ଦୀକ୍ଷିତ ପ୍ରମୁଖ ମନ୍ଦିରକୁ ଆସୁଥିବା ଯାତ୍ରୀମାନେ କିପରି ଶାନ୍ତିଶୃଙ୍ଖଳା ସହିତ ଦର୍ଶନ କରିପାରିବେ ତା' ଉପରେ ନଜର ରଖିଥିଲେ। ମା'ଙ୍କ ଏହି ପ୍ରସିଦ୍ଧ ବେଶକୁ ଦର୍ଶନ କରିବାକୁ ସ୍ଥାନୀୟ ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଛି। ସ୍ଥାନୀୟ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ମନ୍ଦିର ପ୍ରଶାସନ ପକ୍ଷରୁ ମା'ଙ୍କ ପୂଜାନୀତି ପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯାଇଥିବା କହିଛନ୍ତି ମନ୍ଦିର କାର୍ଯ୍ୟ ନିର୍ବାହୀ ଅଧିକାରୀ କୈଳାସ ଚନ୍ଦ୍ର ଦାଶ। ମନ୍ତ୍ରୀ ତୁଷାର କାନ୍ତି ବେହେରା ଓ ପୁରୀ ଜିଲା ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକଙ୍କ କରକମଳରେ ଭଜନ ସନ୍ଧ୍ୟା ଉଦ୍‌ଘାଟିତ ହେବା ପରେ ଓଡ଼ିଶାର ଲବ୍ଧପ୍ରତିଷ୍ଠିତ କଣ୍ଠଶିଳ୍ପୀମାନଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା।

### ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୦।୧୦।୨୦୨୩

| | |
|---|---|
| ୩,୭୪,୫୪୨ ଟଙ୍କା | |
| ସୁନା | ୬.୦୫୦ ଗ୍ରାମ୍ |
| ରୁପା | ୧୬.୨୫୦ ଗ୍ରାମ୍ |

## ବିଏ ପାସ୍ କରି ନ ଥିବା ଅଧ୍ୟାପକଙ୍କୁ +୩ ଖାତା ଦେଖା ଦାୟିତ୍ୱ

**କଣାସ, ୨୦।୧୦(ବିଭୂତି ଭୂଷଣ ତ୍ରିପାଠୀ):**

ଚଉଦମୌଜା ବିଦ୍ୟୁତ୍ ମହାବିଦ୍ୟାଳୟର ଜଣେ ଅଧ୍ୟାପକ ବି.ଏ ପାସ୍ ନ କରି ଜାଲ୍ ସାର୍ଟିଫିକେଟ୍ ଦେଇ ଏମ୍‌ଏ ପାସ୍ କରିଥିବା ପ୍ରମାଣପତ୍ର ଉତ୍କଳ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ପାଇବା ପରେ ତାଙ୍କୁ ଅଧ୍ୟାପକ ପଦରୁ ବିରତି ରହିବା ପାଇଁ ପୂର୍ବରୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ତାଙ୍କୁ +୩ ସେମିଷ୍ଟର ଖାତା ଦେଖିବା ପାଇଁ ଅନୁମତି ଦେବା ଘଟଣା ଏବେ ଚର୍ଚ୍ଚାକୁ ଆସିଛି। କୋଣାର୍କର ଭଗବତୀ କଲେଜରେ ପରୀକ୍ଷା ଖାତା ମୂଲ୍ୟାଙ୍କନ କରିବା ପାଇଁ ତାଙ୍କ ନିକଟକୁ ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ (ଚିଠି ନଂ–ଇସି–୩/ସିଓଇ/୭୯୩/୨୦୨୩ ତା୧୦.୧୦.୨୦୨୩ରେ ନିଯୁକ୍ତିପତ୍ର ଆସିଛି। ତେବେ ସମ୍ପୃକ୍ତ ଅଧ୍ୟାପକ ଖାତା ଦେଖିବା ପାଇଁ ସେହି କଲେଜରେ ପହଞ୍ଚିବା ପରେ ତାଙ୍କୁ କେତେକ ପ୍ରଶ୍ନ ପଚରାଯାଇଥିଲା। ସେ ଉତ୍ତର ଦେଇ ନ ପାରିବାରୁ ତାଙ୍କୁ ପରୀକ୍ଷା ନିୟନ୍ତ୍ରକଙ୍କ ପାଖକୁ ପଠାଇ ଦିଆଯାଇଥିଲା। ଏ ନେଇ ବିଦ୍ୟୁତ ମହାବିଦ୍ୟାଳୟର ଅଧ୍ୟକ୍ଷ କହିଛନ୍ତି, ମୁଁ ତାଙ୍କୁ କୌଣସି ନିର୍ଦ୍ଦେଶ ଦେଇନାହିଁ। ସେ ଅନ୍‌ଲାଇନ୍‌ରେ ଖାତା ଦେଖିବା ଲାଗି ଉତ୍କଳ ବିଶ୍ୱବିଦ୍ୟାଳୟକୁ ଦରଖାସ୍ତ ଦେଇଥିଲେ। ଅନ୍ୟପକ୍ଷରେ ସମ୍ପୃକ୍ତ ଅଧ୍ୟାପକ ବି.ଏ ପାସ୍ କରି ନ ଥିବା ଉତ୍କଳ ବିଶ୍ୱବିଦ୍ୟାଳୟର ଚିଠି ନଂ–୩୯୭, ତା–୩୦.୩.୨୦୨୨ ଏବଂ ୮୫୦୮, ତା–୧୭।୪।୨୦୨୩ରେ ନିଜେ ପରୀକ୍ଷା ନିୟନ୍ତ୍ରକ ସ୍ପଷ୍ଟ କରିଥିବା ଜଣାପଡ଼ିଛି। ଏହା ସତ୍ତ୍ୱେ କି ଉଦ୍ଦେଶ୍ୟ ରଖି ତାଙ୍କୁ ଖାତା ଦେଖିବା ପାଇଁ ସୁପାରିସ କରାଗଲା ତାହା ପ୍ରଶ୍ନ ପାଲଟିଛି।


ସାରସ୍ୱତ ବିଦ୍ୟା ମନ୍ଦିରର ଦ୍ୱାଦଶ ବାର୍ଷିକ ବିଜ୍ଞାନ ମେଳାରେ ଅତିଥିଙ୍କ ଗହଣରେ ପୁରସ୍କୃତ କୃତୀ ଛାତ୍ରୀଛାତ୍ର ।

## ସାରସ୍ୱତ ବିଦ୍ୟା ମନ୍ଦିର ପକ୍ଷରୁ ବିଜ୍ଞାନ ମେଳା

**ପୁରୀ, ୨୦।୧୦(ଅଜିତ୍ ମହାନ୍ତି)**

କରତିସାହିର ନେବଳଦାସ ମଠ ପରିସରସ୍ଥ ସାରସ୍ୱତ ବିଦ୍ୟା ମନ୍ଦିରର ଦ୍ୱାଦଶ ବାର୍ଷିକ ବିଜ୍ଞାନ ମେଳା ଶୁକ୍ରବାର ସ୍ଥାନୀୟ ବିଶ୍ୱମ୍ଭର ବିଦ୍ୟାପୀଠ ପରିସରରେ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ୍ ଶିକ୍ଷାଧିକାରୀ ପ୍ରମୋଦ କୁମାର କର ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ପ୍ରଦ୍ୟୁମ୍ନ କୁମାର ମିଶ୍ର, ଖବରଦାତା ଶଙ୍କର ବେହେରା, ଶିକ୍ଷାବିତ୍ ଗଦାଧର ନନ୍ଦ, ତତ୍ତ୍ୱାବଧାରକ ଶରତ ଚନ୍ଦ୍ର ମିଶ୍ର, ପ୍ରଧାନ ଆଚାର୍ଯ୍ୟ କାଳନ୍ଦୀ ଚରଣ ପଲେଇ, ସୁନିଲ କୁମାର ମିଶ୍ର, ଗୌରହରି ସାହୁ, ଶିଶୁ ସମାଚାର ସମ୍ପାଦକ ସୁକାନ୍ତ ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। ଅତିଥିମାନେ ବିଜ୍ଞାନ ପ୍ରକଳ୍ପ ବୁଲି ଦେଖିବା ସହ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ ଏବଂ ଆଗକୁ ବଢିବା ନିମନ୍ତେ ପରାମର୍ଶ ଦେଇଥିଲେ। ବିଚାରକ ଭାବେ ଭାରତ ସେବା ସଂଘର ବିଜ୍ଞାନ ଶିକ୍ଷକ ଜଳନ୍ଧର ସାହୁ, ବିଶ୍ୱମ୍ଭର ବିଦ୍ୟାପୀଠର ବିଜ୍ଞାନ ଶିକ୍ଷୟିତ୍ରୀ ରାଜଶ୍ରୀ ମିଶ୍ର, ପ୍ରିୟଦର୍ଶିନୀ ସାହୁ, ମହନ୍ତ ଗଦାଧର ହାଇସ୍କୁଲର ବିଜ୍ଞାନ ଶିକ୍ଷକ ଭରତ ସେନାପତି ପ୍ରମୁଖ ଯୋଗଦାନ କରିଥିଲେ। ଅପରାହ୍ନରେ ଅନୁଷ୍ଠିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ ବିଶ୍ୱଜିତ୍ ଘୋଷ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରିଥିଲେ। ଶଙ୍କର ବେହେରା ବିବରଣୀ ପାଠ କରିଥିବା ବେଳେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ପଲେଇ ଧନ୍ୟବାଦ ଦେଇଥିଲେ।

## ବାଲ୍ୟବିବାହମୁକ୍ତ ସତ୍ୟବାଦୀ ଗଠନ ପାଇଁ ଶପଥ

**ସାକ୍ଷୀଗୋପାଳ, ୨୦।୧୦ (କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ) :**

କେନ୍ଦ୍ର ସରକାରଙ୍କ ବାଲ୍ୟବିବାହମୁକ୍ତ ଭାରତ ଲକ୍ଷ୍ୟ ପୂରଣ ନିମନ୍ତେ ଭୁବନେଶ୍ୱର ରୁଚିକା ସଂଗଠନ ଓ ସତ୍ୟବାଦୀ ବ୍ଲକ ପ୍ରଶାସନର ମିଳିତ ଆନୁକୂଲ୍ୟରେ ଶୁକ୍ରବାର ପଞ୍ଚାୟତ ସମିତି ସଭାଗୃହରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ସତ୍ୟବାଦୀ ବ୍ଲକ ସିଡିପିଓ ତଥା ବାଲ୍ୟବିବାହ ପ୍ରୋଟେକ୍ସନ ଅଧିକାରୀ ରାଜଲକ୍ଷ୍ମୀ ଦାସ ସଭାରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ସତ୍ୟବାଦୀ ଅଞ୍ଚଳକୁ ବାଲ୍ୟବିବାହମୁକ୍ତ ଗଠନ କରିବା ପାଇଁ ଉପସ୍ଥିତ ଅତିଥି, ଅଧିକାରୀ, ସ୍ୱେଚ୍ଛାସେବୀ ଓ କର୍ମଚାରୀ ଶପଥପାଠ କରିଥିଲେ। ମୁଖ୍ୟ ଅତିଥି ଭାବରେ ସାକ୍ଷୀଗୋପାଳ କଲେଜ ଅଧ୍ୟକ୍ଷ ସତ୍ୟଶିବ ସୁନ୍ଦର ମିଶ୍ର ଯୋଗଦେଇ କନ୍ୟା ସନ୍ତାନମାନଙ୍କର ଉପଯୁକ୍ତ ଶିକ୍ଷା ପ୍ରତି ଅଭିଭାବକମାନେ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଏବିଇଓ କୁମୁଦିନୀ ମିଶ୍ର କିଶୋରୀମାନେ ଅଧାରୁ ପାଠ ପଢିବା ଯେପରି ବନ୍ଦ ନ କରିବେ ସେ ଦିଗରେ ସଚେତନ ଜରୁରୀ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ମହିଳା ମହାସଂଘ କର୍ମକର୍ତ୍ତା କନକଲତା ପଣ୍ଡା, ସାକ୍ଷୀଗୋପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ପ୍ରୀତମ ବାଗ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ମୋନିକା ଦାଶ, ପୁରୀ ଜିଲା ବାଲ୍ୟବିବାହ ପ୍ରୋଟେକ୍ସନ ସଂଯୋଜକ ହେମନ୍ତ କୁମାର ଦାଶ ଯୋଗଦେଇଥିଲେ। କାର୍ଯ୍ୟକ୍ରମର ଆୟୋଜକ ରୁଚିକା ସାମାଜିକ ସଂଗଠନର ମୁଖ୍ୟ କାର୍ଯ୍ୟନିର୍ବାହୀ ଡ. ବେଣୁଧର ସେନାପତି ପ୍ରାରମ୍ଭିକ ସୂଚନା ଦେଇ ବାଲ୍ୟବିବାହ ଭଳି ଏକ କଳଙ୍କିତ କାର୍ଯ୍ୟକୁ ରୋକିବା ପାଇଁ ସଭିଙ୍କର ସହଯୋଗ ଲୋଡିଥିଲେ।



ବୈଠକରେ ଉପସ୍ଥିତ ଅଧିକାରୀ ଏବଂ ଅନ୍ୟମାନେ ।

## ଖୁବ୍‌ଶୀଘ୍ର ଜମି ବିବାଦର ସମାଧାନ ହେବ

**ପୁରୀ,୨୦।୧୦ (ଅଜିତ ମହାନ୍ତି):**

**ଜିଲାପାଳଙ୍କ ସହ ଭୂ ସମ୍ପତ୍ତି ସୁରକ୍ଷା ପରିଷଦର ଆଲୋଚନା**

ପୁରୀ ସହରରେ ଥିବା ଜିମ୍‌ଗୁଡ଼ିକର ମାଲିକାନା ବିବାଦ (ମଠ ମନ୍ଦିର) ଏବଂ ଜମିପଟ୍ଟା ପାଇ ନ ଥିବା ବାସିନ୍ଦାଙ୍କୁ ଜମିପଟ୍ଟା ପ୍ରଦାନ କରିବା ସହ ବିବାଦଗୁଡ଼ିକର ଶୀଘ୍ର ସମାଧାନ ପାଇଁ ଭୂସମ୍ପତ୍ତି ସୁରକ୍ଷା ପରିଷଦ ପକ୍ଷରୁ ଗୁରୁବାର ଜିଲାପାଳ ସମର୍ଥ ବର୍ମାଙ୍କ ସହିତ ଆଲୋଚନା କରାଯାଇଛି। ପରିଷଦ ପକ୍ଷରୁ କୁହାଯାଇଛି ଯେ, ୫–ଟି ସଚିବ ପୁରୀ ଗସ୍ତ କରି ଲୋକଙ୍କ ଅଭିଯୋଗ ଶୁଣାଣି କରୁଥିବାବେଳେ ତାଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଅନୁରୋଧପତ୍ର ଦିଆଯାଇଥିଲା। ପରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜମି ମାଲିକାନା ବିବାଦ ତୁଟାଇବା ପାଇଁ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି। ତେଣୁ ମୁଖ୍ୟମନ୍ତ୍ରୀଙ୍କୁ ପରିଷଦ ପକ୍ଷରୁ ଧନ୍ୟବାଦ ଜ୍ଞାପନ କରାଯାଇଛି। ତେବେ ସମସ୍ୟାର ସମାଧାନ ନେଇ ଆଲୋଚନା ସମୟରେ ଜିଲାପାଳ ସୂଚନା ଦେଇ କହିଥିଲେ, ଦୁଇଜଣ ଅଧିକାରୀ ପୁରୀକୁ ବଦଳି ହୋଇ ଆସିବାର ଅଛି। ଶିଘ୍ର ଆସି ପହଞ୍ଚିବା ପରେ କାର୍ଯ୍ୟ ଆରମ୍ଭ କରିବେ। ଦରଖାସ୍ତ ଦେଇଥିବା ଜନସାଧାରଣଙ୍କର ପ୍ରତି ସପ୍ତାହରେ ୧୦୦ଟି ଦରଖାସ୍ତ ଫଏସଲା କରାଯିବ। ୟୁନିଫର୍ମ ପଲିସି –୨କୁ କାର୍ଯ୍ୟକାରୀ କରାଯିବ। ସେହିପରି ଦରଖାସ୍ତ ଦେଇ ନ ଥିବା ବ୍ୟକ୍ତିବିଶେଷ ମନ୍ଦିର କାର୍ଯ୍ୟାଳୟରେ ଦରଖାସ୍ତ ଦେବା ପାଇଁ ପରିଷଦ ପକ୍ଷରୁ ଅନୁରୋଧ କରାଯାଇଛି। ଆଲୋଚନା ସମୟରେ ପରିଷଦର ସଭାପତି ପୁଷ୍କର ମହାପାତ୍ର, ପୂର୍ବତନ ପୌରାଧ୍ୟକ୍ଷ ସୁରେନ୍ଦ୍ରନାଥ ଦାସ, ଉପସଭାପତି ବୀରେନ୍ଦ୍ର ଭୂଷଣ ହୋତା, ସମ୍ପାଦକ ଜଗନ୍ନାଥ ଦେଓ, ସହସମ୍ପାଦକ ସୁଧାଂଶୁ ଶେଖର ରାୟ, ସଭ୍ୟ ସଂଗ୍ରାମ ମିଶ୍ର ଏବଂ ଅଭିମନ୍ୟୁ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ୭ ସ୍ୱାସ୍ଥ୍ୟ ଆରୋଗ୍ୟ ଉପକେନ୍ଦ୍ରର ୩୧ ଜଣଙ୍କୁ ପୁରସ୍କାର

**ଗୋପ, ୨୦।୧୦(ଭାରତୀ ଭୂଷଣ ଉପାଧ୍ୟାୟ):**

ସରକାରଙ୍କ କାୟାକଳ୍ପ ଯୋଜନା ଆମମାନଙ୍କୁ ଅଧିକ ମାତ୍ରାରେ ଆକୃଷ୍ଟ କରିବା ସହ ଉତ୍ସାହିତ କରିପାରିଛି ବୋଲି ଶୁକ୍ରବାର ପୂର୍ବାହ୍ନରେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରିଣୀ ଡ. ଜସ୍ମିନ୍ ଆପ୍ରୋଜ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ୭ଟି ସ୍ୱାସ୍ଥ୍ୟ ଆରୋଗ୍ୟ ଉପକେନ୍ଦ୍ରର ୩୧ ଜଣଙ୍କୁ ପୁରସ୍କୃତ କରାଯାଇଥିଲା। କାୟାକଳ୍ପ ଯୋଜନାରେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରାଜ୍ୟ ଓ ଜିଲାସ୍ତରରେ ପୁରସ୍କୃତ ହୋଇଥିବା ବେଳେ ୨୦୨୨– ୨୩ ଆର୍ଥିକ ବର୍ଷରେ ମଧ୍ୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସହିତ ଏହା ଅଧୀନରେ ରହିଥିବା ଖଡିଶ, ମହଲପଡ଼ା, କୁଣ୍ଡେଷ, ଇଞ୍ଚରା ସହିତ ଆଉ କେତେକ ସ୍ୱାସ୍ଥ୍ୟ ଆରୋଗ୍ୟ ଉପ କେନ୍ଦ୍ରକୁ ରାଜ୍ୟ ସରକାରଙ୍କ ପକ୍ଷରୁ ପୁରସ୍କାର ମିଳିଥିଲା। ଏହି କାର୍ଯ୍ୟକ୍ରମରେ ଡ. ଶିବପ୍ରସାଦ ମଙ୍ଗରାଜ, ଡ. ସରିତା ମିଶ୍ର, ଜିଲା ସ୍ୱାସ୍ଥ୍ୟ ବିଭାଗର ଡାଟା ମ୍ୟାନେଜର ସୁଦାମ ଚରଣ ମହାରଣାଙ୍କ ସମେତ ଅନ୍ୟ ସ୍ୱାସ୍ଥ୍ୟ କର୍ମଚାରୀ ଯୋଗଦେଇଥିଲେ। କୁଣ୍ଡେଷ ସ୍ୱାସ୍ଥ୍ୟ ଆରୋଗ୍ୟ ଉପକେନ୍ଦ୍ରର ଆଞ୍ଚଳିକ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଯୋଜନା ଶତପଥୀ, ଖଡିଶ ସ୍ୱାସ୍ଥ୍ୟ ଆରୋଗ୍ୟ ଉପକେନ୍ଦ୍ରର ଅଧିକାରିଣୀ ବର୍ଷା ବେହେରା, ଏରବଙ୍ଗର ସରସ୍ୱତୀ ଜେନା, ସୁଶାନ୍ତ କୁମାର ରାଉତ, ସଚିତ୍ରା ନନ୍ଦ ମଲ୍ଲିକଙ୍କ ସମେତ ୩୧ ଜଣ ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବିପିଏମ୍ କୃତ୍ତିବିଭା ମହାନ୍ତି, ମନୋଜ କୁମାର ମହାନ୍ତି, ରାଜେଶ କୁମାର ପାଇକରାୟ, ସୌଭାଗିନି ସାହୁ, ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡା, ସବିତା ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ।



ପୁରସ୍କୃତ ସ୍ୱାସ୍ଥ୍ୟ ଅଧିକାରୀ ଓ କର୍ମୀମାନେ ।

## ମା' ବାଙ୍କୀମୁହାଣ ରାମଚଣ୍ଡୀଙ୍କ ପୀଠରେ ଷୋଳପୂଜା

**ପୁରୀ, ୨୦।୧୦(ଅଜିତ୍ ମହାନ୍ତି)**

ଆଶ୍ୱିନ ମାସ କୃଷ୍ଣପକ୍ଷ ପବିତ୍ର ମୂଳାଷ୍ଟମୀ ତଥା ଦ୍ୱିତୀୟା ଓଷାଠାରୁ ଶ୍ରୀକ୍ଷେତ୍ରରେ ବିଭିନ୍ନ ଦେବୀ ପୀଠରେ ଷୋଡ଼ଶ ପୂଜା ଆରମ୍ଭ ହୋଇଥାଏ। ଶ୍ରୀକ୍ଷେତ୍ରର ବିଭିନ୍ନ ଦେବୀପୀଠ ମଧ୍ୟରେ ବାଙ୍କୀମୁହାଣ ରାମଚଣ୍ଡୀ ସାହିର ମା' ରାମଚଣ୍ଡୀ ଅନ୍ୟତମ। ମା'ଙ୍କ ପ୍ରତିମୂର୍ତ୍ତି ପଥରରେ ନିର୍ମିତ ହୋଇଥିବାବେଳେ ସେ ଷଡ଼ଭୁଜା। ମା' ହସ୍ତରେ ଖଡ୍ଗ ଖର୍ପର, ଧନୁଶର, ମୂଷଳ ଧରି ତ୍ରିପୁରା ସୁରକୁ ବଧ କରିବା ମୁଦ୍ରାରେ ରହିଛନ୍ତି। ମନ୍ଦିର ମୁଖଶାଳା ଉପରେ ୧୦ ଦେବୀ ଶୋଭା ପାଉଥିବାବେଳେ ହାତୀ ଉପରେ ସିଂହ ଓ ଦ୍ୱାରପାଳ ଭାବେ ଗଣେଶ, କାର୍ତ୍ତିକ, ବ୍ୟାଘ୍ରମୁଖୀ, ସିଂହମୁଖୀ, ଗଙ୍ଗା ଯମୁନା ମୂର୍ତ୍ତି ଶୋଭା ପାଉଛନ୍ତି। ପ୍ରତ୍ୟେକ ଦିନ ଭୋରରେ ମନ୍ଦିର ଦ୍ୱାର ଫିଟାଯାଇ ମଙ୍ଗଳ ଆଳତି, ଅବକାଶ, ମହାସ୍ନାନ, ସକାଳ ବେଶ, ବାଲଭୋଗ, ସକାଳ ଧୂପ, ଦ୍ୱିପ୍ରହର ଧୂପ, ସନ୍ଧ୍ୟା ଆଳତି, ସନ୍ଧ୍ୟା ବେଶ, ସନ୍ଧ୍ୟାଧୂପ ଓ ରାତ୍ରପହୁଡ଼ କରାଯାଏ। ବିଭିନ୍ନ ପର୍ବପର୍ବାଣିରେ ଭକ୍ତଙ୍କ ଭିଡ଼ ହୁଏ। ଷୋଳପୂଜା ଅବସରରେ ବିଶେଷ ପୂଜା ଅନୁଷ୍ଠିତ ହେବା ସହ ମା'ଙ୍କୁ ବିଭିନ୍ନ ବେଶରେ ସଜ୍ଜିତ କରାଯାଏ। ପାର୍ବତୀ, ଭୁବନେଶ୍ୱରୀ, ସର୍ବମଙ୍ଗଳା, ମହାଲକ୍ଷ୍ମୀ, ବନଦୁର୍ଗା, ଜୟଦୁର୍ଗା, ମାତଙ୍ଗୀ, ସିଂହ ବାହିନୀ, ତ୍ରିପୁର ସୁନ୍ଦରୀ, ନାରାୟଣୀ ଓ ମହିଷମର୍ଦ୍ଦିନୀ ଆଦି ସମେତ ଅନ୍ୟାନ୍ୟ ବେଶ ହୋଇଥାନ୍ତି। ମୁଖ୍ୟ ପୂଜକ ଭବାନୀ ଶଙ୍କର ପାଣିଙ୍କ କହିବା ଅନୁଯାୟୀ, ଆଶ୍ୱିନ ମାସର ମୂଳାଷ୍ଟମୀଠାରୁ ମା'ଙ୍କ ନିକଟରେ ସହସ୍ର କୁମ୍ଭ ବରଣ ପରେ ଷୋଡ଼ଶ ଦିନାତ୍ମକ ପୂଜା ଆରମ୍ଭ ହୋଇଥାଏ। ଦୁଇଥର ଷୋଡ଼ଶ ପ୍ରକାର ପୂଜା ଓ ଦୁଇ ଥର ପଞ୍ଚ ପ୍ରକାର ପୂଜା ଅନୁଷ୍ଠିତ ହୋଇଥାଏ। ମା'ଙ୍କୁ ପ୍ରତିଦିନ ସକାଳେ ଓ ସନ୍ଧ୍ୟାରେ ବିଭିନ୍ନ ବେଶରେ ସଜାଯାଏ। ସକାଳ ଧୂପରେ ଖେଚୁଡ଼ି, ଦ୍ୱିପ୍ରହର ଧୂପରେ ଭାତ ଡାଲି, ଖେଚଡ଼ି, ତରକାରୀ, ଶାଗ, ବେସର ଆଦି ଭୋଗ କରାଯାଏ। ସନ୍ଧ୍ୟା ଧୂପରେ କାକରା, ମଣ୍ଡାପିଠା ଆଦି ଭୋଗ ହୋଇଥାଏ। ରାତ୍ର ଭୋଗରେ ପଣା ଭୋଗ କରାଯାଏ। ଶ୍ରୀମନ୍ଦିରରୁ ପ୍ରତ୍ୟେକ ଦିନ ମହାପ୍ରସାଦ ଓ ମାଳ ମାହାର୍ଦ୍ଦ ଆସିଥାଏ। ଆଶ୍ୱିନ ଅମାବାସ୍ୟା ଠାରୁ ନବରାତ୍ର ପୂଜା ଆରମ୍ଭ ହୁଏ। ତିନି ପୂଜା, ସପ୍ତମୀ ଆୟୁଧ ପୂଜା ସହ ବିଶେଷ ପୂଜା ଅନୁଷ୍ଠିତ ହୁଏ। ଅଷ୍ଟମୀ ତିଥିରେ ଆମିଷ ଭୋଗ କରାଯାଏ। ବର୍ଷରେ ଏହି ଗୋଟିଏ ଦିନ ଆମିଷ ଭୋଗ ହୋଇଥାଏ। ମା' ଏହି ଦିନ ମହିଷାମର୍ଦ୍ଦିନୀ ବେଶରେ ସଜ୍ଜିତ ହୋଇଥାନ୍ତି। ଅଷ୍ଟମୀ ଓ ନବମୀରେ ସନ୍ଧି ପୂଜା କରାଯାଏ। ଏହି ଦିନ ପାଣି କଖାରୁ ବଳି ପଡ଼ିଥାଏ। ମା'ଙ୍କୁ ୧୦୮ ପଦ୍ମ ଲାଗି କରାଯିବା ସହ ୧୦୮ ବଳିତାରେ ଆଳତି କରାଯାଏ।


ମା' ବାଙ୍କୀମୁହାଣ ରାମଚଣ୍ଡୀଙ୍କ ସିଂହବାହିନୀ ବେଶ

# ଦିନସାରା ଦହଗଞ୍ଜ, ସନ୍ଧ୍ୟାରେ ଖୁସ୍

ଭୁବନେଶ୍ୱର,୨୦।୧୦ (ସୂର୍ଯ୍ୟକାନ୍ତ ବେହେରା)

ରାଜ୍ୟ ସରକାରଙ୍କ ପକ୍ଷରୁ 'ଲକ୍ଷ୍ମୀ' ଯୋଜନାରେ ବ୍ଲକ୍‌ରୁ ଜିଲା ମୁଖ୍ୟାଳୟକୁ ବସ୍ ଚଳାଚଳକୁ ବିରୋଧ କରି ଘରୋଇ ବସ୍ ମାଲିକ ସଂଘର ଧର୍ମଘଟ ଯୋଗୁ ଶୁକ୍ରବାର ରାଜଧାନୀ ସମେତ ସାରା ରାଜ୍ୟରେ ଯାତ୍ରୀ ପରିବହନ ଗୁରୁତର ପ୍ରଭାବିତ ହୋଇଥିଲା। ବିଶେଷକରି ଭୁବନେଶ୍ୱରରେ ବସ୍‌ଷ୍ଟାଣ୍ଡ୍‌ରୁ ରେଳ ଷ୍ଟେଶନ ଯାଏ ଏକ ପ୍ରକାର ଦହଗଞ୍ଜ ସ୍ଥିତି ଦେଖିବାକୁ ମିଳିଥିଲା। ଲୋକେ ବରମୁଣ୍ଡା ସମେତ ବିଭିନ୍ନ ବସ୍ ଷ୍ଟାଣ୍ଡ ଓ ରାସ୍ତା ପାର୍ଶ୍ୱ ବସ୍‌ଷ୍ଟପ୍‌ରେ ଘଣ୍ଟା ଘଣ୍ଟା ଧରି ଖରା, ଗରମରେ ସରକାରୀ ବସ୍‌କୁ ଅପେକ୍ଷା କରିଥିଲେ। ଟିକେଟ ପାଇଁ ନାନା ହଟହଟା ହୋଇଥିଲେ। ବରମୁଣ୍ଡା ବସ୍ ଷ୍ଟାଣ୍ଡରେ ଗୁରୁବାର ରାତିରୁ ସରକାରୀ ଟିକେଟ କାଉଣ୍ଟରରେ ଧାଡ଼ି ଲଗାଇଥିଲେ। ଏପଟେ ବସ୍ ବନ୍ଦ ଥିବାରୁ ଟ୍ରେନ୍‌ରେ ଯିବା ପାଇଁ ଲୋକେ ଷ୍ଟେଶନକୁ ଯିବାବେଳେ ଭିଡ଼ରେ ଫସିଥିଲେ। ରେଳ ଷ୍ଟେଶନରେ ମଧ୍ୟ ସମାନ ସ୍ଥିତିକୁ ସାମ୍ନା କରିଥିଲେ। ଟିକେଟ ପାଇଁ ବହୁ ସମୟ ଧରି ଅପେକ୍ଷା କରିବାକୁ ପଡିଥିଲା। ଷ୍ଟେଶନ ପରିସର ଓ ପ୍ଲାଟ୍‌ଫର୍ମରେ ଭିଡ଼ ଏପରି ହୋଇଥିଲା ଯେ, ବସିବା ପାଇଁ ଯାଗା ନ ଥିଲା। ଦିନସାରା ଲୋକେ ଏପରି ଦହଗଞ୍ଜ ହୋଇଥିବାବେଳେ ସନ୍ଧ୍ୟାରେ ମିଳିଥିଲା ଖୁସି ଖବର। ରାଜ୍ୟ ସରକାରଙ୍କ ସହ ଆଲୋଚନା ପରେ ସଂଘ ଧର୍ମଘଟକୁ ସ୍ଥଗିତ ରଖିଥିଲା। ଏହାପରେ ବରମୁଣ୍ଡାରୁ ଚଳାଚଳ ଆରମ୍ଭ କରିଥିଲା ବସ୍। ବସ୍ ଚାଲିବା ଆଶା ରଖି ଜରୁରୀ କାମରେ ଘର ବା ଗନ୍ତବ୍ୟସ୍ଥଳକୁ ଯିବାକୁ ଚାହିଁ ବସିଥିବା ଲୋକେ ବେଶ୍ ଖୁସିରେ ବସ୍‌ରେ ଚଢୁଥିବା ଦେଖିବାକୁ ମିଳିଥିଲା।


ବସ୍‌କୁ ଅପେକ୍ଷା କରିଥିବା ଯାତ୍ରୀମାନେ।

### ବେଶି ହଇରାଣ ହେଲେ ରୋଗୀ, ବିଦେଶୀ ପର୍ଯ୍ୟଟକ

ବସ୍ ବନ୍ଦ ପାଇଁ ବେଶି ହଇରାଣ ହୋଇଥିଲେ ରୋଗୀ, ଛାତ୍ରୀଛାତ୍ର ଓ ପର୍ଯ୍ୟଟକ। ବ୍ରହ୍ମପୁର ଯିବାକୁ ବରମୁଣ୍ଡା ବସ୍‌ଷ୍ଟାଣ୍ଡରେ ଅପେକ୍ଷାରତ ଜଣେ ମହିଳା ଯାତ୍ରୀ ମେଡିକାଲ କାମରେ କଟକ ଯାଇଥିଲେ। ପାଖରେ ଯାହା କିଛି ଟଙ୍କାଥିଲା ଡାକ୍ତରଖାନାରେ ସରିଗଲା। ଟିକଟ ଖଣ୍ଡେ କରି ସରକାରୀ ବସ୍‌କୁ ଅପେକ୍ଷା କରି ରହିଥିଲେ ମଧ୍ୟ ବିଳମ୍ବରେ ଆସୁଥିବା ଶୁଣି ଅସନ୍ତୋଷ ପ୍ରକାଶ କରିଥିଲେ। ସେହିପରି ଅଷ୍ଟ୍ରିଆରୁ ଆସିଥିବା ବିଦେଶୀ ପର୍ଯ୍ୟଟକ କ୍ରିସ୍ ଭୁବନେଶ୍ୱରରୁ କୋଲକାତା ବସ୍‌ରେ ଯାଇଥାନ୍ତେ। ଏଥିପାଇଁ ସେ ବରମୁଣ୍ଡା ବସ୍‌ଷ୍ଟାଣ୍ଡକୁ ଆସିଥିଲେ। ହେଲେ ବସ ବନ୍ଦ ଥିବା ଜାଣିବା ପରେ ଏକ ଅଟୋରେ ରେଳ ଷ୍ଟେଶନକୁ ଯାଇଥିଲେ ମଧ୍ୟ ସେଠାରେ ବହୁ ସମସ୍ୟାର ସମ୍ମୁଖୀନ ହୋଇଥିଲେ। କ୍ରିସ୍‌ଙ୍କ ବହୁ ଯାତ୍ରୀ ବସ୍‌ଷ୍ଟାଣ୍ଡକୁ ଆସି ଟିକେଟ ନ ପାଇବାରୁ ଭୁବନେଶ୍ୱର ଷ୍ଟେଶନକୁ କ୍ୟାବ, ଅଟୋ ଭଡା କରି ଯାଉଥିବା ଦେଖିବାକୁ ମିଳିଥିଲା।

## ସଂକ୍ଷେପରେ

### ଟ୍ରକ୍ ଧକ୍କାରେ ଶ୍ରମିକ ମୃତ

ବେଗୁନିଆ,୨୦।୧୦(ହରପ୍ରସନ୍ନ ପଣ୍ଡା)

ଖୋର୍ଦ୍ଧା-ବଲାଙ୍ଗୀର ୫୭ ନଂ. ଜାତୀୟ ରାଜପଥ ଅଧୀନ ସାରୁଅ ଛକ ନିକଟରେ ଶୁକ୍ରବାର ଟ୍ରକ୍ ଧକ୍କାରେ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସ୍ଥାନୀୟ ସାରୁଅ ଗ୍ରାମର ନିତ୍ୟାନନ୍ଦ ମହାଭୋଇ। ସୂଚନା ମୁତାବକ, ସାରୁଅ ଶିଳ୍ପାଞ୍ଚଳର ଏକ ଘରୋଇ କମ୍ପାନୀରେ ନିତ୍ୟାନନ୍ଦ ଶ୍ରମିକ ଭାବେ କାର୍ଯ୍ୟ କରନ୍ତି। ସେ ଅପରାହ୍ଣରେ ନିଜ ଘରକୁ ଖାଇବାକୁ ଯାଉଥିଲେ। ଏହି ସମୟରେ ଏକ ଟ୍ରକ୍ ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସରେ ଚିକିତ୍ସା ପାଇଁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ବାଘମାରୀ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ବାଘମାରୀ ଥାନାରେ ଏକ ମାମଲା (ନଂ.୧୭୯/୨୩) ରୁଜୁ ହୋଇଛି।

### ସାଲିଆ ସାହି ଦେଶୀ ମଦ ଭାଟିରେ ଚଢ଼ାଉ, ୧୫ ଗିରଫ

ଭୁବନେଶ୍ୱର,୨୦।୧୦ (ସୂର୍ଯ୍ୟକାନ୍ତ ବେହେରା)

ରାଜଧାନୀ ଭୁବନେଶ୍ୱରରେ ବେଆଇନ ଭାବେ ତିଆରି ହେଉଛି ଦେଶୀ ମଦ। ବିଶେଷକରି ବସ୍ତି ଅଞ୍ଚଳରେ ଦେଶୀ ଭାଟି ରହିଥିବାବେଳେ ଏଠାରୁ ସହର ସମେତ ବାହାରକୁ ମଧ୍ୟ ମଦ ଚୋରା ଚାଲାଣ ହେଉଛି। ପୋଲିସ ଓ ଅବକାରୀ ବିଭାଗ ସବୁଜାଣି ଅଜଣା ରହୁଥିବାବେଳେ ପାର୍ବଣ ପାଇଁ ଏବେ ତତ୍ପରତା ଦେଖାଇଛି। ଘଟଣାକ୍ରମରେ ଶୁକ୍ରବାର ସାଲିଆସାହିରେ ଚାଲିଥିବା ଏକ ଦେଶୀ ମଦ ଭାଟିରେ ଅବକାରୀ ବିଭାଗର ଏକ ଟିମ୍ ଚଢ଼ାଉ କରି ବିପୁଳ ମଦ ଓ ଅନ୍ୟାନ ସାମଗ୍ରୀ ଜବତ କରିବା ସହ ମହିଳାଙ୍କ ସମେତ ୧୫ଜଣଙ୍କୁ ଗିରଫ କରିଛି। ଜବତ ଜିନିଷ ମଧ୍ୟରେ ୧୦ ହଜାର ଲିଟର ପୋଚ, ୧ ହଜାର ଲିଟର ଦେଶୀ ମଦ ଓ ମଦ ପ୍ରସ୍ତୁତ ପାଇଁ ବ୍ୟବହୃତ ସାମଗ୍ରୀ ରହିଛି। ଏଥିସହ ଶହ ଶହ ଲିଟର ମଦ ନଷ୍ଟ କରାଯାଇଛି। ଆଗକୁ ବସ୍ତି ଓ ଚୋରା ମଦ ଆଡ୍ଡା ଉପରେ ଚଢ଼ାଉ ଅଭିଯାନ ଜାରି ରହିବ ବୋଲି ଅବକାରୀ ବିଭାଗ ସୂଚନା ଦେଇଛି। ଅନ୍ୟପକ୍ଷରେ ପୋଲିସ ନିଷ୍କ୍ରିୟ ରହୁଥିବାରୁ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏପରିକି ଅଭିଯୁକ୍ତମାନେ ପୋଲିସର ଭିତିରି ସହଯୋଗରେ ବର୍ଷ ବର୍ଷ ଧରି ଏହି କାରବାର ଚଳାଉଥିବା ସ୍ଥାନୀୟ ଲୋକେ କହିଛନ୍ତି।

### ସ୍କୁଲ ଘର ତାଲା ଭାଙ୍ଗି ଚୋରି, ୨ ଗିରଫ

ଭୁବନେଶ୍ୱର,୨୦।୧୦ (ସୂର୍ଯ୍ୟକାନ୍ତ ବେହେରା)

କପିଳପ୍ରସାଦ ୟୁପି ସ୍କୁଲର ତାଲା ଭାଙ୍ଗି ଘର ଭିତରେ ଥିବା ଟିଭି, ଫ୍ୟାନ, ବିଜ୍ଞାନ ତଥା ଗଣିତ ସମ୍ପର୍କିତ ଉପକରଣ, ବାସନକୁସନ ସମେତ ୧୨ହଜାର ଟଙ୍କା ଚୋରି କରିବା ଅଭିଯୋଗରେ ଏୟାରଫିଲ୍ଡ ଥାନା ପୋଲିସ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲଣ କରିଛି। ସେମାନେ ହେଲେ ସ୍ଥାନୀୟ ଥାନା ଅଞ୍ଚଳର ବିଜୟ ମଲ୍ଲିକ ଓ ମୁନା ଜେନା। ଉଭୟଙ୍କଠାରୁ ଗୋଟିଏ ଟିଭି, ଫ୍ୟାନ, ଗଣିତ ସମ୍ପର୍କିତ ଉପକରଣ, ଗୋଟିଏ ବାଇକ, ନଗଦ ୧ ହଜାର ଟଙ୍କା ଜବତ ହୋଇଛି । ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

# ବ୍ୟକ୍ତିତ୍ୱର ପରିଚୟ ଦିଏ ସମ୍ବର୍ଦ୍ଧନା


ନାଟକ ଉତ୍ସବ ପରିପ୍ରେକ୍ଷୀରେ ମଞ୍ଚାସୀନ ଅତିଥିମାନେ।

ବୋଲଗଡ଼,୨୦।୧୦(ଦେବବ୍ରତ ହୋତା)

ମାଣିକାଗୋଡ଼ା ଚଣ୍ଡୀପାଟଣା ମୌଜାରେ ମା' ଚଣ୍ଡୀଦେବୀଙ୍କ ଷଷ୍ଠୀ ଯାତ୍ରା ଉପଲକ୍ଷେ ନାଟକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଇଂ. କର୍ପୂର ସାହୁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ପୂର୍ବତନ ସରପଞ୍ଚ ତଥା ବର୍ତ୍ତମାନ ସରପଞ୍ଚଙ୍କ ପ୍ରତିନିଧି ତ୍ରିନାଥ ସ୍ୱାଇଁ, ସମ୍ମାନିତ ଅତିଥିଭାବେ ସମିତିସଭ୍ୟା ପ୍ରତିନିଧି ତଥା କୁମୁଟିସାହି ମୌଜା ସଭାପତି ଶରତ କୁମାର ଦଳାଇ, ମୁଖ୍ୟ ବକ୍ତାଭାବେ ନୟାଗଡ଼ ଜିଲା ପୂର୍ବତନ ଓକିଲ ସଂଘ ସଭାପତି ଅଧିବକ୍ତା ଅମିୟ କୁମାର ପଟ୍ଟନାୟକ, ଗାନ୍ଧୀଛକ ବଣିକସଂଘ ସଭାପତି ଭୀମସେନ ଦଳାଇ, ଗ୍ରାମ ରୋଜଗାର ସେବକ ମାନଗୋବିନ୍ଦ ସାହୁ, ସ୍ୱାସ୍ଥ୍ୟକର୍ମୀ ସଂଗ୍ରାମ କେଶରୀ ସାହୁ, ନାଟ୍ୟ ପରିଚାଳକ ରବୀନ୍ଦ୍ର କୁମାର ପୁଷ୍ଟି, କ୍ଲବ ସଭାପତି ଆଲୋକ ବେହେରା, ସମ୍ପାଦକ ଅଶୋକ ସେଠୀ, ଖବରଦାତା ଦୀପକ କୁମାର ପାହାଡ଼ସିଂହ, ନିରଞ୍ଜନ ନାୟକ, ସତ୍ୟନାରାୟଣ ବାରିକଙ୍କ ସମେତ ନାଟ୍ୟ ନିର୍ଦ୍ଦେଶକ ସୌମ୍ୟରଞ୍ଜନ ସୁବୁଦ୍ଧି ପ୍ରମୁଖ ମଞ୍ଚାସୀନ ଥିଲେ। ମଞ୍ଚରେ ସାମ୍ବାଦିକ, ସଙ୍ଗୀତଜ୍ଞ, କଳାକାରମାନଙ୍କୁ ସମ୍ମାନିତ କରାଯାଇଥିଲା। ପରେ ନାଟକ 'ଭାଗ୍ୟ ଖେଳୁଛି ଖେଳ' ମଞ୍ଚସ୍ଥ ହୋଇଥିଲା।

# ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ସଚେତନତା ସଭା

ଖୋର୍ଦ୍ଧା,୨୦।୧୦(ପ୍ରଭାତ ପାଣିଗ୍ରାହୀ)

ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା-୨୦୨୩ ଉପଲକ୍ଷେ ଶୁକ୍ରବାର ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗ ଖୋର୍ଦ୍ଧା ବ୍ଲକ ପକ୍ଷରୁ ପଞ୍ଚାୟତ ସମିତି ସଭାଗୃହରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୮୦ ଜଣ ଚାଷୀଙ୍କ ସହିତ ୨୨ଟି ପଞ୍ଚାୟତର ସମସ୍ତ ସରପଞ୍ଚ ଓ ସମିତି ସଭ୍ୟାସଭ୍ୟ ଉପସ୍ଥିତ ଥିଲେ। ଡା. ମାନସ କୁମାର ଚାନ୍ଦ ସଭା ପରିଚାଳନା କରିଥିଲେ। ଏହି ସଭାରେ ରଞ୍ଜନ କୁମାର ସ୍ୱାଇଁ, ପ୍ରତାପ କୁମାର ଦାସ ଅତିଥିଭାବେ ଯୋଗଦେଇ ଏହି ସଚେତନତା ମେଳା ନେଇ ସରକାରଙ୍କ ଆଭିମୁଖ୍ୟ ଉପରେ କହିଥିଲେ। ସେହିପରି ଡ. ପ୍ରଜ୍ଞାପାରମିତା ହରିଚନ୍ଦନ ଏବଂ ମୋନାଲିସା ମଲ୍ଲିକ ଖୋର୍ଦ୍ଧା ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ପ୍ରଣୟନ କରାଯାଇଥିବା ବିଭିନ୍ନ ଯୋଜନା ସମ୍ବନ୍ଧରେ ଉପସ୍ଥିତ ସମସ୍ତ ଲୋକପ୍ରତିନିଧି ଓ ଚାଷୀଙ୍କୁ ଅବଗତ କରାଇଥିଲେ। ସେହିପରି ନଭେମ୍ବର ୧୮ ଓ ୧୯ ଦୁଇଦିନ ଧରି ଖୋର୍ଦ୍ଧା ସହର ହାବେଳି ପଡ଼ିଆଠାରେ ଅନୁଷ୍ଠିତ ହେବାକୁ ଯାଉଥିବା ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳାରେ ଅଧିକରୁ ଅଧିକ ସଂଖ୍ୟକ ଚାଷୀ ଯୋଗଦେଇ ସରକାରଙ୍କ ଲୋକାଭିମୁଖୀ ଯୋଜନା ଜାଣିବା ସହିତ ଏହି ମେଳାକୁ ସଫଳ କରିବାକୁ ଆହ୍ୱାନ ଦିଆଯାଇଥିଲା।



ସଚେତନତା ସଭାରେ ଉପସ୍ଥିତ ଅଧିକାରୀ ଏବଂ ଅନ୍ୟମାନେ।

# ବାଣ ଜବତ, ବେପାରୀ ଫେରାର

ଗମ୍ଭାରୀମୁଣ୍ଡା,୨୦।୧୦(ଦିଲୀପ ସ୍ୱାଇଁ)

ଆଗକୁ ଆସୁଛି ଦଶହରା ଓ ଆଲୋକର ପର୍ବ ଦୀପାବଳି। ଏଥିପାଇଁ ବିଭିନ୍ନ ସ୍ଥାନରେ ଏବେଠୁ ବାଣ ବିକ୍ରି ଚାଲିଲାଣି। ତେବେ ବେଆଇନ ଭାବେ ବାଣ ପ୍ରସ୍ତୁତ ହେବା ସହିତ ବିକ୍ରି ଚାଲିଛି। ନାରୁଣୀ ଥାନା ପୋଲିସ ଶୁକ୍ରବାର ଭୋରୁ ବାଣପୁର ବ୍ଲକ ଅନ୍ତର୍ଗତ ବେଲେଡିହ ଗ୍ରାମରେ ଚଢ଼ାଉକରି ବିପୁଳ ପରିମାଣର ବେଆଇନ ଭାବେ ଗଚ୍ଛିତ ଥିବା ବାଣ ଜବତ କରିଛି। ତେବେ ବାଣ ବ୍ୟବସାୟୀ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ସୂଚନା ମୁତାବକ, ନାରୁଣୀ ଥାନା ଆଇଆଇସି ଚନ୍ଦ୍ରଶେଖର ଜେନା କୌଣସି ସୂତ୍ରରୁ ଖବରପାଇ ଏକ ଟିମ୍ ସହ ବେଲେଡିହ ଗ୍ରାମର କୁମର ମୁଦୁଲିଙ୍କ ଘରେ ଚଢ଼ାଉ କରିଥିଲେ। ସେଠାରୁ ଲକ୍ଷାଧିକ ଟଙ୍କାର ବାଣ ଜବତ କରିଥିଲେ। ପରେ ଜବତ ବାଣକୁ ଥାନାକୁ ଅଣାଯାଇଥିଲା। ସେହିପରି ଗମ୍ଭାରୀମୁଣ୍ଡା ଅଞ୍ଚଳରେ ବେଆଇନ ଭାବେ ବାଣ ଗଚ୍ଛିତ ଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବା ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ୨ ଗୋଷ୍ଠୀ ଶୌଚାଳୟରେ ତାଲା




ଟାଙ୍ଗୀ,୨୦।୧୦(ରଘୁନାଥ ସାହୁ)

ଟାଙ୍ଗୀ ବ୍ଲକ ଅନ୍ତର୍ଗତ ମଙ୍ଗଳାଯୋଡ଼ି ପଞ୍ଚାୟତରେ ଓଡ଼ିଶା ପ୍ରାକୃତିକ ଗ୍ୟାସ୍ ନିଗମ ପକ୍ଷରୁ ନିର୍ମାଣ ହୋଇଥିବା ଦୁଇଟି ଗୋଷ୍ଠୀ ଶୌଚାଳୟରେ ତାଲା ଝୁଲୁଛି। ୨୦୧୭ ମସିହାରେ ମଙ୍ଗଳାଯୋଡ଼ି ଓ ଭଜାଗଡ଼ ଗ୍ରାମରେ ଦୁଇଟି ଗୋଷ୍ଠୀ ଶୌଚାଳୟ ସମେତ ଅବିଭକ୍ତ ସୁନ୍ଦରପୁର ପଞ୍ଚାୟତର ୭ଶହରୁ ଊର୍ଦ୍ଧ୍ୱ ପରିବାର ଲାଗି ପାଇଖାନା ତିଆରି ପାଇଁ ୩୫ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ବିଦେଶାଗତ ପକ୍ଷୀଙ୍କ ପାଇଁ ମଙ୍ଗଳାଯୋଡ଼ି ବେଶ୍ ଜଣାଶୁଣା। ପକ୍ଷୀ ଦେଖିବା ପାଇଁ ପର୍ଯ୍ୟଟକମାନେ ଏଠାକୁ ଆସିଥାନ୍ତି। ରାସ୍ତାଘାଟ ସ୍ୱଚ୍ଛତା ପାଇଁ ଓଡ଼ିଶା ପ୍ରାକୃତିକ ଗ୍ୟାସ୍ ନିଗମ ପରିବାର ପାଇଁ ପାଇଖାନା ସହ ଗୋଷ୍ଠୀ ଶୌଚାଳୟ କରିଥିଲା। ନିଗମର ଏହି କାର୍ଯ୍ୟକ୍ରମକୁ ପ୍ରଶଂସା କରାଯାଇଥିଲା। କିନ୍ତୁ ସେହିଦିନଠାରୁ ଶୌଚାଳୟରେ ତାଲା ଝୁଲୁଛି। ଜନସାଧାରଣଙ୍କ କାର୍ଯ୍ୟରେ ଆସୁନାହିଁ। ପଞ୍ଚାୟତକୁ ଏହାର ପରିଚାଳନା ଦାୟିତ୍ୱ ଦିଆଯାଇଥିଲେ ଜନସାଧାରଣ ବ୍ୟବହାର କରିପାରିଥା'ନ୍ତେ। ଶୌଚାଳୟକୁ ଜଳଯୋଗାଣ ବ୍ୟବସ୍ଥା କରାଯାଇ ପଞ୍ଚାୟତକୁ ପରିଚାଳନା ଦାୟିତ୍ୱ ପ୍ରଦାନ କରାଯିବା ପାଇଁ ସାଧାରଣରେ ଦାବି ହେଉଛି।

### ବାଇକ୍-ସ୍କୁଟି ମୁହାଁମୁହିଁ, ୪ ଗୁରୁତର

ବାରଙ୍ଗ,୨୦।୧୦(ଲିଙ୍ଗରାଜ ରାଉତ): ବାରଙ୍ଗରୁ କଟକ ସଂଯୋଗ କରୁଥିବା ତ୍ରିଶୂଳିଆ ସୁଭାଷ ସେତୁ ଉପରେ ଶୁକ୍ରବାର ବାଇକ୍-ସ୍କୁଟି ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ୪ଜଣ ଗୁରୁତର ଆହତ ହୋଇଛନ୍ତି। ଆହତଙ୍କୁ ବାରଙ୍ଗ ପୋଲିସ ଉଦ୍ଧାର କରି କଟକ ବଡ଼ ଡାକ୍ତରଖାନା ଚିକିତ୍ସା ପାଇଁ ପଠାଇଛି। ଶୁକ୍ରବାର ସନ୍ଧ୍ୟା ୬ଟାରେ ତ୍ରିଶୂଳିଆ ପଟୁ କଟକ ଅଭିମୁଖେ ଯାଉଥିବା ସ୍କୁଟି ଓ ବିପରୀତ ଦିଗରୁ ଆସୁଥିବା ବାଇକ୍ ମଧ୍ୟରେ ସୁଭାଷ ସେତୁ ଉପରେ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଉଭୟ ଗାଡ଼ିରେ ଥିବା ୪ ଜଣ ଆହତ ହୋଇଥିଲେ।

### ବେଗୁନିଆ ଜେଏମ୍ଏଫସି କୋର୍ଟର ପ୍ରଥମ ବିଚାରପତି ହେଲେ ଆଦର୍ଶ ବେହେରା

ବେଗୁନିଆ,୨୦।୧୦(ହର ପ୍ରସନ୍ନ ପଣ୍ଡା)

ଖୋର୍ଦ୍ଧା ଜିଲା ବେଗୁନିଆରେ ନୂତନ ଜେଏମ୍ଏଫସି କୋର୍ଟ ଖୋଲିବା ନେଇ ହାଇକୋର୍ଟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଗତ ୧୮ତାରିଖରେ ପ୍ରଥମ ବିଚାରପତି ନିଯୁକ୍ତ ପାଇଁ ଆଦେଶନାମା ଜାରି ହୋଇଥିଲା। ଉଚ୍ଚ ନ୍ୟାୟାଳୟର ସ୍ପେଶାଲ ଅଫିସର ଆଇ/ସି (ଆଡମିନ)ଙ୍କ ପକ୍ଷରୁ ଜାରି ହୋଇଥିବା ବଦଳି ତାଲିକାରେ ବେଗୁନିଆର ପ୍ରଥମ ବିଚାରପତିଭାବେ ଆଦର୍ଶ କୁମାର ବେହେରାଙ୍କ ନାମ ପ୍ରକାଶ ପାଇଛି। ଉକ୍ତ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ବେଗୁନିଆବାସୀଙ୍କ ମହଲରେ ଖୁସିର ଲହରି ଖେଳିଯାଇଛି। ଦୀର୍ଘବର୍ଷର ଦାବି ଓ ଜନସାଧାରଣଙ୍କ ମୌଳିକ ଆବଶ୍ୟକତା ପୂରଣ ହୋଇଥିବାରୁ ବେଗୁନିଆର ବରିଷ୍ଠ ଆଇନଜୀବୀ ସୁଶାନ୍ତ କୁମାର ରାୟ, ସାମାଜିକ କର୍ମୀ ଶିବ କୁମାର ମୁନିଙ୍କ ସମେତ ଅଞ୍ଚଳର ବରିଷ୍ଠ ନାଗରିକଙ୍କ ପକ୍ଷରୁ ଉଚ୍ଚ ନ୍ୟାୟାଳୟ ଓ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି। ସୂଚନାଥାଉ କି, ବେଗୁନିଆରେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ କୋର୍ଟ ଖୋଲିବା ଦ୍ୱାରା ସ୍ଥାନୀୟ ଜନସାଧାରଣ ଆଉ ଖୋର୍ଦ୍ଧା ଏସଡିଜେଏମ କୋର୍ଟକୁ ଖର୍ଚ୍ଚାନ୍ତ ହୋଇ ଦୌଡ଼ିବାକୁ ପଡିବ ନାହିଁ।

# ଦୌଡ଼କୁଦ ପ୍ରତିଯୋଗିତା ଉଦ୍‌ଯାପିତ


ଅତିଥିଙ୍କଠାରୁ ଜଣେ ପ୍ରତିଯୋଗୀ ପ୍ରମାଣପତ୍ର ଗ୍ରହଣ କରୁଛନ୍ତି।

ନିରାକାରପୁର,୨୦।୧୦(ମାନସ ଚନ୍ଦ୍ର ପଟ୍ଟନାୟକ)

ରାମେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟରେ ଦୁଇଦିନ ଧରି ଚାଲିଥିବା ଖୋର୍ଦ୍ଧା ଜିଲାସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ଜିଲା ଶାରୀରିକ କ୍ରିୟା ଅଧିକାରୀ ପଠାଣି ଆଗ୍ରାସିଂ, ଶିକ୍ଷାବିତ୍ ଦିବ୍ୟସିଂ ତ୍ରିପାଠୀ, ମୋ ସ୍କୁଲ ପରିଚାଳନା ସମିତି ସମ୍ପାଦକ ବୀରେନ୍ଦ୍ର ପଟ୍ଟନାୟକ, ଅନୁଷ୍ଠାନର ପ୍ରଧାନ ଶିକ୍ଷକ ବିଜୟ କୁମାର ଶର୍ମା ପ୍ରମୁଖ ଅତିଥିଭାବେ ଯୋଗଦେଇ ବିଜୟୀ ଖେଳାଳିଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ଦୌଡ଼କୁଦ ପ୍ରତିଯୋଗିତାରେ ଖୋର୍ଦ୍ଧା ଜିଲାର ୧୦ ବ୍ଲକର ୧୪ ଓ ୧୭ ବର୍ଷରୁ କମ ମୋଟ୍ ୧୬୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ୧୦ ବ୍ଲକରୁ ମୋଟ୍ ୬୦ ଜଣ ରାଜ୍ୟସ୍ତରୀୟ ଖେଳିବା ପାଇଁ ମନୋନୀତ ହୋଇଛନ୍ତି ବୋଲି ମୋ ସ୍କୁଲ ସମ୍ପାଦକ ବୀରେନ୍ଦ୍ର ପଟ୍ଟନାୟକ ସୂଚନା ଦେଇଛନ୍ତି। ଏହି ଉଦ୍‌ଯାପନୀ ଦିବସରେ ଅନୁଷ୍ଠାନର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।

# ସତ୍ୟନାରାୟଣ କ୍ଲବ ଫାଇନାଲରେ

ଟାଙ୍ଗୀ,୨୦।୧୦(ରଘୁନାଥ ସାହୁ)

## ପ୍ରଶାନ୍ତ ଓ ହରିହର ସ୍ମାରକୀ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ

ଟାଙ୍ଗୀ ସ୍ପୋର୍ଟ୍ସ ଆସୋସିଏଶନ ଆନୁକୂଲ୍ୟରେ ଚିଲିକା ଷ୍ଟାଡିୟମଠାରେ ଚାଲିଥିବା ପ୍ରଶାନ୍ତ ଓ ହରିହର ସ୍ମାରକୀ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ୍ ଶୁକ୍ରବାର ସତ୍ୟ ନାରାୟଣ କ୍ଲବ ହାଟବରଡ଼ି ଓ କୁଶପଲା ସ୍ପୋର୍ଟ୍ସ ଆସୋସିଏଶନ ଟିମ୍ ମଧ୍ୟରେ ହୋଇଥିଲା। ଏହି ମ୍ୟାଚ୍‌ରେ ସତ୍ୟ ନାରାୟଣ କ୍ଲବ ୨-୦ ଗୋଲରେ ବିଜୟୀ ହେବା ସହ ଫାଇନାଲରେ ପ୍ରବେଶ କରିଛି। ଅତିଥିଭାବେ ସାମାଜିକ କର୍ମୀ ଅମିନ ପରିଡ଼ା, ପ୍ରଧାନ ଶିକ୍ଷକ ପ୍ରସନ୍ନ ଶ୍ରୀଚନ୍ଦନ, ଶିକ୍ଷକ ଉମାଶଙ୍କର ସାହୁ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଅବିନାଶ ପଟ୍ଟନାୟକ, ବିପିନ କୁମାର ସାମନ୍ତରାୟ, ନନ୍ଦକିଶୋର ସ୍ୱାଇଁ ଓ କୃଷ୍ଣଚନ୍ଦ୍ର ବେହେରା ପ୍ରମୁଖ ମ୍ୟାଚ୍ ପରିଚାଳନା କରିଥିଲେ। ସୁଶାନ୍ତ କୁମାର ବିଶ୍ୱାଳ, ପ୍ରଣୟ ପାଇକରାୟ, ସତ୍ୟରଞ୍ଜନ ଜେନା, ମୁନା ନାୟକ, ସମର ମାଝୀ, କାହ୍ନା ପାତ୍ର ପ୍ରମୁଖ ସହଯୋଗ କରିଥିଲେ। ଶନିବାର ଟାଙ୍ଗୀ ସ୍ପୋର୍ଟ୍ସ ଆସୋସିଏଶନ ଓ ଗୋପାଳପୁର ଫୁଟ୍‌ବଲ କ୍ଲବ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।


ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି ଏବଂ ଅନ୍ୟମାନେ।

# 'ଓଡ଼ିଶା ପରିବର୍ତ୍ତନ ଅଭିଯାନ' ସଚେତନତା ସୃଷ୍ଟି କରିବ

ଭୁବନେଶ୍ୱର, ୨୦।୧୦ (ବନ୍ଦନା ସେଠୀ)

ଓଡିଶାରେ ବଢିଚାଲିଥିବା ଆର୍ଥିକ ଅନଗ୍ରସରତା ଓ ଉଗ୍ର ସାଂପ୍ରଦାୟିକ ରାଜନୀତିରେ ପରିବର୍ତ୍ତନ ଆଣିବାପାଇଁ ବିଭିନ୍ନ ରାଜନୈତିକ ଦଳ, ବୁଦ୍ଧିଜୀବୀ, ନାଗରିକସମାଜ ଓ ସାମାଜିକ ସଂଗଠନମାନେ 'ଓଡିଶା ପରିବର୍ତ୍ତନ ଅଭିଯାନ' ଜରିଆରେ ମିଳିତ ପ୍ରୟାସ କରିବାକୁ ରାଜ୍ୟସ୍ତରୀୟ କର୍ମଶାଳାରେ ମତ ପ୍ରକାଶ ପାଇଛି। ସାମାଜିକକର୍ମୀ ଅଶୋକ ନନ୍ଦ ଓ ମାନସ ଜେନାଙ୍କ ମିଳିତ ସଂଯୋଜନାରେ ଆୟୋଜିତ ଏହି କର୍ମଶାଳାରେ ଅତିଥିମାନେ ସମ୍ପ୍ରତି ସାମାଜିକ, ଆର୍ଥିକ ତଥା ପ୍ରଶାସନିକ ସମସ୍ୟା, ରାଜ୍ୟରେ ବଢିଚାଲିଥିବା ବେରୋଜଗାରୀ, ଦାଦନ ଓ ଦୁର୍ନୀତି ସମସ୍ୟା ସହ ଦେଶ ମଧ୍ୟରେ ଘଟୁଥିବା ସାମ୍ପ୍ରତିକ ହିଂସା, ସାମାଜିକ ଅବହେଳିତ ବର୍ଗ ପ୍ରତି ହେଉଥିବା ନିର୍ଯ୍ୟାତନା ଘଟଣାରେ ଉଦ୍‌ବେଗ ପ୍ରକାଶ କରିଥିଲେ। ଏନେଇ ଲୋକଙ୍କ ମଧ୍ୟରେ ରାଜନୈତିକ ସଚେତନା ବଢାଇବା ସହ ଏକ ସାମଗ୍ରିକ ପରିବର୍ତ୍ତନ ପାଇଁ ସାରା ରାଜ୍ୟରେ ଅଭିଯାନ ଚଳାଇବାକୁ ଯୋଜନା ପ୍ରସ୍ତୁତ ହୋଇଥିଲା। ଏହାର ପ୍ରାରମ୍ଭିକ କାର୍ଯ୍ୟକ୍ରମ ଭାବେ ଆଞ୍ଚଳିକ ଓ ଜିଲାସ୍ତରରେ କର୍ମଶାଳା ହେବାକୁ ନିଷ୍ପତ୍ତି ହୋଇଥିଲା। କାର୍ଯ୍ୟକ୍ରମକୁ ସମର୍ଥନ ଜଣାଇ କଂଗ୍ରେସ ପକ୍ଷର ପଞ୍ଚାନନ କାନୁନଗୋ ଓ ପ୍ରଚାର କମିଟି ଅଧ୍ୟକ୍ଷ ବିଜୟ ପଟ୍ଟନାୟକ, ସମୃଦ୍ଧ ଓଡିଶାର ଯତିଶ ମହାନ୍ତି, ଅଜୟ ରାଉତ, ସିପିଆଇର ରାଜ୍ୟ ସମ୍ପାଦକ ଅଭୟ ସାହୁ, ସିପିଆଇଏମ୍‌ର ସୁରେଶ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଦକ୍ଷିଣଚଣ୍ଡୀଠାରେ ସାର୍ବଜନୀନ ମହାଷ୍ଟମୀ ପୂଜା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ଲିଙ୍ଗରାଜ ଥାନା ନିକଟ, ସକାଳ ୯ଟା।
- ଓଡ଼ିଶା ଲଳିତ କଳା ଏକାଡେମୀ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ସମସାମୟିକ ଚିତ୍ରକଳା ପ୍ରଦର୍ଶନୀ 'ଦେବୀ'ର ଉଦ୍‌ଘାଟନୀ ଉତ୍ସବ, ବୁଦ୍ଧ ଆର୍ଟ ଗ୍ୟାଲେରି, ନୀଳାଦ୍ରି ବିହାର, ପୂର୍ବାହ୍ନ ୧୧ଟା।

## ସଂକ୍ଷେପରେ

### ବିଏମ୍‌ସି କଣ୍ଟ୍ରାକ୍ଟସ କମିଟି ବୈଠକରେ ୨ ପ୍ରକଳ୍ପକୁ ଅନୁମୋଦନ

ଭୁବନେଶ୍ୱର,୨୦।୧୦(ଅନୁରାଧା ମହାରଣା): ବିଏମ୍‌ସି କଣ୍ଟ୍ରାକ୍ଟସ ଷ୍ଟାଣ୍ଡିଂ କମିଟି ବୈଠକ ମେୟର ସୁଲୋଚନା ଦାସଙ୍କ ଅଧ୍ୟକ୍ଷତାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦୁଇଟି ପ୍ରକଳ୍ପ ନିର୍ମାଣକୁ ଅନୁମୋଦନ ମିଳିଛି। ଭୁବନେଶ୍ୱର ମହାନଗର ନିଗମାଞ୍ଚଳର ଉନ୍ନୟନମୂଳକ କାର୍ଯ୍ୟ ପାଇଁ ପୂର୍ବରୁ କୋଟେଶନ୍ ଆହ୍ୱାନ କରାଯାଇଥିଲା। ଉକ୍ତ କାର୍ଯ୍ୟ ପାଇଁ ମିଳିଥିବା କୋଟେସନ୍‌ଗୁଡିକୁ ଯାଞ୍ଚ କରାଯାଇ ସେଥିମଧ୍ୟରୁ ସର୍ବନିମ୍ନ ଦରଦାତାଙ୍କ ସହିତ ବୁଝାମଣାକୃତ ଦର ଓପିଡବ୍ଲ୍ୟୁ କୋଡ୍ ଅନୁଯାୟୀ ସର୍ତ୍ତମୂଳକ ଭାବେ ଗ୍ରହଣ କରାଯାଇଛି। ଏମ୍‌ଏସ୍‌ଡବ୍ଲ୍ୟୁ(୧୮୦୦ ବର୍ଗ ମିଟର) କାର୍ଯ୍ୟକ୍ଷମ କରିବା ପାଇଁ ଦୁଇ ଲାଇନ ବିଶିଷ୍ଟ ଟ୍ରମେଲ ମେସିନ ବସିବସେଥିପାଇଁ ୪ଟି ସେଡ୍ ନିର୍ମାଣ କରାଯିବ। ଏହି କାର୍ଯ୍ୟାଦେଶକୁ କଣ୍ଟ୍ରାକ୍ଟସ କମିଟି ଅନୁମୋଦନ କରିଛି । ସେହିପରି ୫୩ ନମ୍ବର ୱାର୍ଡ ଅନ୍ତର୍ଗତ ଫରେଷ୍ଟ ପାର୍କ ଅଞ୍ଚଳରରେ ଥିବା ୭ ନମ୍ବର ମୁଖ୍ୟ ଡ୍ରେନର ପ୍ଲଟ ନଂ୧୪୨୭/୨୫୩୪ରୁ ଅମର ଦାସଙ୍କ ଘର ପର୍ଯ୍ୟନ୍ତ ଏକ ସମାନ୍ତରାଳ ଡ୍ରେନ ନିର୍ମାଣ କାମକୁ ମଧ୍ୟ କଣ୍ଟ୍ରାକ୍ଟସ କମିଟି ଅନୁମୋଦନ କରିଛି। ଏହି ଦୁଇଟି ପ୍ରକଳ୍ପର ନିର୍ମାଣ କାମ ଯଥା ଶୀଘ୍ର ଶେଷ କରିବା ପାଇଁ ମାନନୀୟା ମେୟର ଓ କମିଶନର ବିଜୟ ଅମୃତା କୁଲାଙ୍ଗେ କହିଛନ୍ତି । ଆଗାମୀ ଦିନରେ ପରିମଳର ବିକାଶ ପାଇଁ ଉନ୍ନତମାନର ପ୍ରଯୁକ୍ତି ଉପଯୋଗ କରିବାକୁ ଚେଷ୍ଟା ଜାରି ରହିଛି ବୋଲି କମିଶନର ସୂଚାଇଥିଲେ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ବିରଞ୍ଚି ନାରାୟଣ ମହାସୂପକାର, ଅମରେଶ ଜେନା, ଭାରତୀ ସିଂ, ବିଭିନ୍ନ ୱାର୍ଡର କର୍ପୋରେଟର, ଓଏସ୍‌ଡି ଟୁ ମେୟର, ପ୍ରିୟବ୍ରତ ପାଢୀ, ସିଟି ଇଂଜିନିୟର ଅରୁଣ କୁମାର ନାୟକ, ୩ଟି ଜୋନ୍‌ର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଓ ଡ୍ରେନେଜ୍ ଡିଭିଜନର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

### ସ୍କୁଲ ଘର ତାଲା ଭାଙ୍ଗି ଚୋରି, ୨ ଗିରଫ

ଭୁବନେଶ୍ୱର,୨୦।୧୦ (ସୂର୍ଯ୍ୟକାନ୍ତ ବେହେରା): କପିଳପ୍ରସାଦ ୟୁପି ସ୍କୁଲର ତାଲା ଭାଙ୍ଗି ଘର ଭିତରେ ଥିବା ଟିଭି ,ଫ୍ୟାନ, ବିଜ୍ଞାନ ତଥା ଗଣିତ ସମ୍ପର୍କିତ ଉପକରଣ, ବାସନକୁସନ ସମେତ ୧୨ହଜାର ଟଙ୍କା ଚୋରି କରିବା ଅଭିଯୋଗରେ ଏୟାରଫିଲ୍ଡ ଥାନା ପୋଲିସ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସ୍ଥାନୀୟ ଥାନା ଅଞ୍ଚଳର ବିଜୟ ମଲ୍ଲିକ ଓ ମୁନା ଜେନା। ଉଭୟଙ୍କଠାରୁ ଗୋଟିଏ ଟିଭି, ଫ୍ୟାନ, ଗଣିତ ସମ୍ପର୍କିତ ଉପକରଣ, ଗୋଟିଏ ବାଇକ, ନଗଦ ୧ ହଜାର ଟଙ୍କା ଜବତ ହୋଇଛି । ପରେ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

# କଡ଼ା ସୁରକ୍ଷା ଭିତରେ ମାତିଲେ ଅପରାଧୀ

ଭୁବନେଶ୍ୱର,୨୦।୧୦(ସତ୍ୟଜିତ୍ ରାଉତ)

## କାର୍ କାଚ ଭାଙ୍ଗି ଟଙ୍କା, ଲାପଟପ୍ ଚୋରି





ଦୁର୍ଗାପୂଜା ପାଇଁ ରାଜଧାନୀ ଚଳଚଞ୍ଚଳ ହୋଇଉଠିଛି। ସୁରକ୍ଷା ପାଇଁ ବରିଷ୍ଠ ଅଧିକାରୀଙ୍କ ଦାୟିତ୍ୱରେ ୩୧ ପ୍ଲାଟୁନ ଫୋର୍ସ ମୁତୟନ ହୋଇଛନ୍ତି। କଡ଼ା ସୁରକ୍ଷା ବଳୟ ମଧ୍ୟରେ ସହରକୁ ରଖାଯାଇଥିବା ବେଳେ ଅପରାଧୀ ଏହାକୁ ଖାତିର କରୁନାହାନ୍ତି। ଶୁକ୍ରବାର ସନ୍ଧ୍ୟାରେ ଦୁର୍ବୃତ୍ତମାନେ ରସୁଲଗଡ଼ସ୍ଥିତ ଏସ୍‌ପ୍ଲାନେଡ୍ ମଲ୍ ନିକଟ ରାସ୍ତାକଡ଼ରେ ପାର୍କିଂ ହୋଇଥିବା ଏକ କାର୍‌ର କାଚ ଭାଙ୍ଗି ଚୋରି କରିଛନ୍ତି। ଏନେଇ କାର୍ ମାଲିକ ତଥା ବଡ଼ଗଡ଼ ଥାନା ଅଞ୍ଚଳର ଅଜିତାଭ ମହାନ୍ତି ଶହୀଦନଗର ଥାନାରେ ଏତଲା ଦେଇଛନ୍ତି। ତାଙ୍କ କାର୍‌ରୁ ୨୫ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଓ ଗୋଟିଏ ଲାପଟପ୍ ଚୋରି ହୋଇଥିବା ସେ ଏତଲାରେ ଉଲ୍ଲେଖ କରିଛନ୍ତି। ପୋଲିସ ସିସିଟିଭି ଯାଞ୍ଚ କରି ପ୍ରାଥମିକ ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁଯାୟୀ, ଅଜିତାଭ ତାଙ୍କ ବଡ଼ଭାଇ ଅମିତାଭଙ୍କ ସହ ସନ୍ଧ୍ୟା ପ୍ରାୟ ୭ଟାରେ ଏସ୍‌ପ୍ଲାନେଡ୍ ମଲ୍‌କୁ ଶପିଂ କରିବାକୁ ଯାଇଥିଲେ। ସେମାନେ କାର୍‌କୁ ମଲ୍ ନିକଟସ୍ଥ ଏକ ମାର୍ବଲ୍ ଦୋକାନ ସାମ୍ନାରେ ପାର୍କିଂ କରିଥିଲେ। ପ୍ରାୟ ୩୫ ମିନିଟ୍ ପରେ ମଲ୍‌ରୁ ସେମାନେ ଫେରିବା ପରେ କାର୍‌ର କାଚ ଭଙ୍ଗା ହୋଇଥିବା ଦେଖିବାକୁ ପାଇଥିଲେ। ଯାଞ୍ଚ କରିବା ପରେ କାର୍‌ରୁ ଚୋରି ହୋଇଥିବା ଜଣାପଡ଼ିଥିଲା। ତେବେ ସର୍ବସାଧାରଣ ସ୍ଥାନରେ ଏଭଳି ଘଟଣା ସୁରକ୍ଷାକୁ ନେଇ ପ୍ରଶ୍ନ ଛିଡ଼ା କରିଛି। ମା'ଙ୍କ ସପ୍ତମୀ, ଅଷ୍ଟମୀ, ନବମୀ, ଦଶମୀ ପୂଜା ସହ ରାବଣପୋଡ଼ି ଓ ଭସାଣ ଉତ୍ସବ ଆଗକୁ ଥିବାବେଳେ ଅପରାଧୀମାନେ ଏହି ସମୟରେ ଗହଳିର ସୁଯୋଗ ନେଇ ଅଧିକ ସକ୍ରିୟ ହୋଇପଡ଼ିବେ ବୋଲି କୁହାଯାଉଛି। ତେଣୁ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରିବାକୁ ସାଧାରଣରେ ଦାବି ହୋଇଛି।

# ବାହାରକୁ ଯାଉଥିଲେ ଘରେ ତାଲା ପକାନ୍ତୁ: ଡିସିପି

ଭୁବନେଶ୍ୱର,୨୦।୧୦ (ସୂର୍ଯ୍ୟକାନ୍ତ ବେହେରା)

ସାବଧାନ ହୋଇଯାଆନ୍ତୁ। କାରଣ ଏବେ ରାଜଧାନୀର ଗଳିକନ୍ଦିରେ ମାତିଛନ୍ତି ଲୁଟେରା। ଆଉ ଏବେ ଦୁର୍ଗାପୂଜା ମାହୋଲରେ ଅପରାଧୀ ବେଶ୍ ସକ୍ରିୟ। ବିଗତ ୧ ମାସ ମଧ୍ୟରେ ରାଜଧାନୀରେ ଚୋରି, ଛିନ୍‌ତାଇ, ଲୁଟ ଭଳି ଘଟଣା ବଢ଼ିବାରେ ଲାଗିଛି। ଏ ନେଇ ରାଜଧାନୀବାସୀଙ୍କୁ ଡିସିପି ପ୍ରତୀକ ସିଂ ଭିଡିଓ ବାର୍ତ୍ତା ଜରିଆରେ ସତର୍କ ରହିବାକୁ ପରାମର୍ଶ ଦେଇଛନ୍ତି। ଘର ବାହାରକୁ ଯାଉଥିଲେ କିମ୍ବା ଗ୍ରାମ ଅଭିମୁଖେ ଘରେ ତାଲା ପକାଇ ଯିବାକୁ ପ୍ରତୀକ ସିଂ ପରାମର୍ଶ ଦେଇଛନ୍ତି। ସେହିପରି ଘରେ ସିସିଟିଭି ଲଗାଇବା ସହ ଘରେ ଭିତରେ ବି କୌଣସି ମୂଲ୍ୟବାନ ଜିନିଷ ଛାଡି ଯାଆନ୍ତୁ ନାହିଁ। ଯଦି

## ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଦେଖିଲେ ୧୧୨କୁ ଫୋନ୍ କରନ୍ତୁ

କୌଣସି ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଦେଖୁଛନ୍ତି ତେବେ ତୁରନ୍ତ ୧୧୨କୁ ଫୋନ କରି ଜଣାନ୍ତୁ। ମେଢ ଦେଖିବାକୁ ଯାଉଥିଲେ ଦୁଇ ଚକିଆ ଯାନକୁ ବ୍ୟବହାର କରନ୍ତୁ ଏବଂ ପାର୍କିଂ ସ୍ଥାନରେ ଡବଲ ତାଲା ବ୍ୟବହାର କରନ୍ତୁ। ଗାଡି ଡିକିରେ କୌଣସି ବି ମୂଲ୍ୟବାନ ଜିନିଷ ଛାଡି ଯାଆନ୍ତୁ ନାହିଁ ବୋଲି ସିଂ କହିଛନ୍ତି। ଅପରପକ୍ଷେ ରାଜଧାନୀରେ ଲୋକଙ୍କ ଘର ଉପରେ ନଜର ରଖିବ କମିଶନରେଟ ପୋଲିସ। ଏନେଇ ଭୁବନେଶ୍ୱର ୨ ନମ୍ବର ଜୋନ ଏସିପି ଗିରିଜା ଚକ୍ରବର୍ତ୍ତୀ ସୂଚନା ଦେବା ପରେ ଚର୍ଚ୍ଚା ସୃଷ୍ଟି ହୋଇଛି ।

# ପୂଜାରେ ସ୍ୱଚ୍ଛତା ପାଇଁ ବିଏମ୍‌ସିର ବ୍ୟାପକ ପ୍ରସ୍ତୁତି

- ଦିନକୁ ତିନିଥର ଉଠିବ ଅଳିଆ ଜିରୋ ଡମ୍ପିଂକୁ ଗୁରୁତ୍ୱ
- ସ୍ୱଚ୍ଛ ଓ ସବୁଜ ବାର୍ତ୍ତା ବାଣ୍ଟିବା ପାଇଁ ଖୋଲିବ ସ୍ୱତନ୍ତ୍ର କିଓସ୍କ



ଭୁବନେଶ୍ୱର, ୨୦।୧୦ (ବନ୍ଦନା ସେଠୀ)

ଦଶହରା ପୂଜାକୁ ସ୍ୱଚ୍ଛ ଓ ସବୁଜ କରିବା ପାଇଁ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ପକ୍ଷରୁ ଜୋର୍‌ଦାର ପ୍ରୟାସ କରାଯାଉଛି। ଏହାକୁ ୱାର୍ଡସ୍ତରରୁ ସୁଚାରୁରୂପେ ପରିଚାଳନା କରିବା ପାଇଁ କମିଶନର ବିଜୟ ଅମୃତା କୁଲାଙ୍ଗେ ନିର୍ଦ୍ଦେଶ ଦେଇଛନ୍ତି। ଶୁକ୍ରବାର ବିଏମ୍‌ସି ମୁଖ୍ୟାଳୟରେ ଏହାକୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ପୂଜା ମଣ୍ଡପଗୁଡିକରୁ ଦୈନିକ ସକାଳେ, ଦ୍ୱିପ୍ରହରେ ଏବଂ ରାତିରେ ବର୍ଜ୍ୟ ଉଠିବା ସହ ଏହାର ଦାୟିତ୍ୱ ୱାର୍ଡ କୋର୍ କମିଟି ନେବେ ବୋଲି ଏହି ବୈଠକରେ ନିଷ୍ପତ୍ତି ହୋଇଛି। ସେହି ଅନୁପାତରେ କର୍ମଚାରୀଙ୍କୁ ନିୟୋଜିତ କରିବାକୁ ଜୋନାଲ ଡେପୁଟି କମିଶନର ଓ ୱାର୍ଡ ଅଫିସରଙ୍କୁ ଦାୟିତ୍ୱ ଦିଆଯାଇଛି। ପୂଜା ମଣ୍ଡପ ନିକଟରେ ପଡୁଥିବା ବଜାର, ଉଠାଦୋକାନୀ, ଠେଲାଗାଡିଗୁଡ଼ିକୁ ଏଣେତେଣେ ଅଳିଆ ନ ପକାଇବା ପାଇଁ ସଚେତନ କରାଯିବ। ଦଶହରା ପୂଜା ସମୟରେ ଯେପରି ଜିରୋ ଡମ୍ପି ହେବ ଏବଂ କେହି ଅଳିଆ ପୋଡିବେ ନାହିଁ, ସେଥିପ୍ରତି ଦୃଷ୍ଟି ଦେବାକୁ କମିଶନର ସମସ୍ତ କର୍ମଚାରୀ ଓ ଏଜେନ୍ସିଙ୍କୁ ତାଗିଦ କରିଛନ୍ତି। ଯେଉଁଠାରେ ଅଳିଆ ପଡିବ, ସାନିଟାରି ଇନ୍ସପେକ୍ଟରମାନେ ତୁରନ୍ତ ସଂପୃକ୍ତ ଏଜେନ୍ସିଙ୍କୁ ଅବଗତ କରାଇବେ। ଏସଆଇଙ୍କ କଥା ନ ଶୁଣିଲେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେହିପରି ଜନଗହଳିପୂର୍ଣ୍ଣ ୬ଟି ପୂଜା ମଣ୍ଡପରେ ବିଏମ୍‌ସି ପକ୍ଷରୁ ଲୋକମାନଙ୍କୁ ସ୍ୱଚ୍ଛତା ସଂପର୍କରେ ସଚେତନ କରାଇବା ପାଇଁ ସ୍ୱତନ୍ତ୍ର କିଓସ୍କ ଖୋଲାଯାଉଛି। ଏକକ ବ୍ୟବହାର ପ୍ଲାଷ୍ଟିକ ଏବଂ ବର୍ଜ୍ୟ ଜଳାଇବାକୁ ସଂପୂର୍ଣ୍ଣ ନିଷେଧ କରାଯାଇଛି। ପୂଜା ମଣ୍ଡପ ଆଖପାଖ ତଥା ଜନ ସମାଗମ ହେବାକୁ ଥିବା ଅଞ୍ଚଳରେ ମୁକୁଳା ଡ୍ରେନକୁ ତୁରନ୍ତ ଅନୁଧ୍ୟାନ କରି ସ୍ଲାବ ପକାଇବାକୁ କମିଶନର ନିର୍ଦ୍ଦେଶ ଦେଇଛନ୍ତି। ପ୍ରତି ଜୋନ୍‌ର ଇଞ୍ଜିନିୟରମାନେ ସେଗୁଡିକର ମରାମତି କରିବେ। ମୂର୍ତ୍ତି ବିସର୍ଜନ ପାଇଁ କୁଆଖାଇ ଓ ଦୟାରେ ସ୍ୱତନ୍ତ୍ର ପୋଖରୀ ଖୋଳା ହୋଇଛି। ବଡ଼ବଡ଼ ମୂର୍ତ୍ତିଗୁଡିକୁ ନେବା ପାଇଁ ଅସୁବିଧା ହେଉଥିବାରୁ, କେତେକ ପୂଜା କମିଟିର ଅନୁରୋଧକ୍ରମେ ସେଠାରେ ଜେସିବି ମଧ୍ୟ ମୁତୟନ କରାଯାଇଛି। ବୈଠକରେ ଅତିରିକ୍ତ କମିଶନର ଲକ୍ଷ୍ମୀକାନ୍ତ ସେଠୀ, ଶୁଭେନ୍ଦୁ କୁମାର ସାହୁ, ସିଟି ଇଞ୍ଜିନିୟର ଅରୁଣ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରବେଶ ଉତ୍ସବ ପାଳନ

ବାଲକାଟୀ,୨୦।୧୦(ମନୋଜ ମଣ୍ଡଳ)

ବାଲକାଟୀସ୍ଥିତ ପ୍ରତାପ ଶାସନ ଡିଗ୍ରୀ କଲେଜର ଯୁକ୍ତ ୩ ପ୍ରଥମ ବର୍ଷ ନବାଗତ ଛାତ୍ରୀଛାତ୍ରଙ୍କ କଲେଜରେ ପ୍ରବେଶ ଉତ୍ସବ ପାଳନ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଭାରେ କଲେଜ ଅଧ୍ୟକ୍ଷ ଡ.କାଳନ୍ଦୀ ଚରଣ ସାହୁ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ କଲେଜ ପରିଚାଳନା କମିଟି ସଭାପତି ଡ.ରଜନୀ ରଞ୍ଜନ ଦାଶ ଯୋଗଦେଇ କହିଥିଲେ, ଆଜିର ଛାତ୍ରୀଛାତ୍ର କାଲିର ଭବିଷ୍ୟତ। ନିଜର ସ୍ୱପ୍ନକୁ ସାକାର କରିବା ପାଇଁ ଶିକ୍ଷା ସହ ଶୃଙ୍ଖଳିତ ଜୀବନ ନିତ୍ୟାନ୍ତ ଅପରିହାର୍ଯ୍ୟ ବୋଲି କହିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ଅଧ୍ୟାପକ ଚନ୍ଦ୍ର ଧ୍ୱଜ ନନ୍ଦ, ରୁଦ୍ର କୁମାର ରାୟ, ସମ୍ବିତ ମିଶ୍ର ଉପସ୍ଥିତ ଥିଲେ। ଏହି ଅବସରରେ ପିଲାମାନଙ୍କ ବସିବା ପାଇଁ ୬ଟି ସିମେଣ୍ଟ ବେଞ୍ଚ ଲୋକାର୍ପଣ କରାଯିବା ସହ ଗତ ଅଗଷ୍ଟ ୧୫ରେ ବାଲକାଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆୟୋଜିତ ରକ୍ତଦାନ ଶିବିରରେ ରକ୍ତ ଦାନ କରିଥିବା ଛାତ୍ରୀଛାତ୍ରଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ଅଧ୍ୟାପିକା ରଞ୍ଜିତା ପ୍ରଧାନ ଧନ୍ୟବାଦ ଦେଇଥିଲେ। ଛାତ୍ର ସଂସଦ ଉପଦେଷ୍ଟା ହେମନ୍ତ କୁମାର ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# 'ଅକ୍ଷାଂଶ'ର ଶାରଦୀୟ ସଂଖ୍ୟା ଲୋକାର୍ପିତ



ଭୁବନେଶ୍ୱର,୨୦।୧୦(ଶର୍ମିଷ୍ଠା ପାଣିଗ୍ରାହୀ)

ଡ. ହରିଶ୍ଚନ୍ଦ୍ର ବେହେରାଙ୍କ ସମ୍ପାଦନାରେ ପ୍ରକାଶିତ 'ଅକ୍ଷାଂଶ' ଶାରଦୀୟ ସଂଖ୍ୟାର ଶୁଭ ଲୋକାର୍ପଣ ଉତ୍ସବ ସୂଚନା ଭବନରେ ଅନୁଷ୍ଠିତ ହୋଇଯାଇଛି। ଏହାକୁ କବି ଡ. ଫନୀ ମହାନ୍ତି ଉନ୍ମୋଚନ କରିଥିଲେ। ବରେଣ୍ୟ ଅତିଥି ଭାବେ ପୂର୍ବତନ ରାଷ୍ଟ୍ରଦୂତ ତଥା କବି ଅମରେନ୍ଦ୍ର ଖଟୁଆ, ସମ୍ମାନିତ ଅତିଥି ଭାବେ କବି କମଳ ଲୋଚନ ମହାନ୍ତି, ଡ. ପ୍ରମୋଦ ମଲ୍ଲିକ, ଧନଞ୍ଜୟ ସ୍ୱାଇଁ, ଭିକାରି ଧଳ, ମୁରଲୀଧର ସାମଲ ଯୋଗ ଦେଇ ପତ୍ରିକାଟିର ପ୍ରଶଂସା କରିଥିଲେ। ଡ. ହରିଶ୍ଚନ୍ଦ୍ର ବେହେରା ଏଥିରେ ସଭାପତିତ୍ୱ କରିଥିଲେ।

# ରାଜ୍ୟରେ ପରିବର୍ତ୍ତନ ପାଇଁ ସଚେତନତା ସୃଷ୍ଟି କରିବ 'ଓଡ଼ିଶା ପରିବର୍ତ୍ତନ ଅଭିଯାନ'



ଭୁବନେଶ୍ୱର, ୨୦।୧୦ (ବନ୍ଦନା ସେଠୀ)

ଓଡ଼ିଶାରେ ବଢିଚାଲିଥିବା ଆର୍ଥିକ ଅନଗ୍ରସରତା ଓ ଉଗ୍ର ସାମ୍ପ୍ରଦାୟିକ ରାଜନୀତିରେ ପରିବର୍ତ୍ତନ ଆଣିବାପାଇଁ ବିଭିନ୍ନ ରାଜନୈତିକ ଦଳ, ବୁଦ୍ଧିଜୀବୀ, ନାଗରିକସମାଜ ଓ ସାମାଜିକ ସଂଗଠନମାନେ 'ଓଡିଶା ପରିବର୍ତ୍ତନ ଅଭିଯାନ' ଜରିଆରେ ମିଳିତ ପ୍ରୟାସ କରିବାକୁ ରାଜ୍ୟସ୍ତରୀୟ କର୍ମଶାଳାରେ ମତ ପ୍ରକାଶ ପାଇଛି। ସାମାଜିକ କର୍ମୀ ଅଶୋକ ନନ୍ଦ ଓ ମାନସ ଜେନାଙ୍କ ମିଳିତ ସଂଯୋଜନାରେ ଆୟୋଜିତ ଏହି କର୍ମଶାଳାରେ ଅତିଥିମାନେ ସମ୍ପ୍ରତି ସାମାଜିକ, ଆର୍ଥିକ ତଥା ପ୍ରଶାସନିକ ସମସ୍ୟା, ରାଜ୍ୟରେ ବଢିଚାଲିଥିବା ବେରୋଜଗାର, ଦାଦନ ଓ ଦୁର୍ନୀତିର ସମସ୍ୟା ସହ ଦେଶ ମଧ୍ୟରେ ଘଟୁଥିବା ସାମ୍ପ୍ରତିକ ହିଂସା, ସାମାଜିକ ଅବହେଳିତ ବର୍ଗ ପ୍ରତି ହେଉଥିବା ନିର୍ଯାତନା ଘଟଣାରେ ଉଦ୍‌ବେଗ ପ୍ରକାଶ କରିଥିଲେ। ଏନେଇ ଲୋକଙ୍କ ମଧ୍ୟରେ ରାଜନୈତିକ ସଚେତନା ବଢାଇବା ସହ ଏକ ସାମଗ୍ରିକ ପରିବର୍ତ୍ତନ ପାଇଁ ସାରା ରାଜ୍ୟରେ ଅଭିଯାନ ଚଳାଇବାକୁ ଯୋଜନା ପ୍ରସ୍ତୁତ ହୋଇଥିଲା। ଏହାର ପ୍ରାରମ୍ଭିକ କାର୍ଯ୍ୟକ୍ରମ ଭାବେ ଆଞ୍ଚଳିକ ଓ ଜିଲାସ୍ତରରେ କର୍ମଶାଳା ହେବାକୁ ନିଷ୍ପତ୍ତି ହୋଇଥିଲା। କାର୍ଯ୍ୟକ୍ରମକୁ ସମର୍ଥନ ଜଣାଇ କଂଗ୍ରେସ ପକ୍ଷର ପଞ୍ଚାନନ କାନୁନଗୋ ଓ ପ୍ରଚାର କମିଟି ଅଧ୍ୟକ୍ଷ ବିଜୟ ପଟ୍ଟନାୟକ, ସମୃଦ୍ଧ ଓଡିଶାର ଯତିଶ ମହାନ୍ତି, ଅଜୟ ରାଉତ, ସିପିଆଇର ରାଜ୍ୟ ସମ୍ପାଦକ ଅଭୟ ସାହୁ, ସିପିଆଇଏମ୍‌ର ସୁରେଶ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

# ସ୍ଥାନୀୟ କାରିଗରଙ୍କୁ ପ୍ରୋତ୍ସାହନ ଦିଗରେ ପଞ୍ଚଶ୍ରୀ



ପଞ୍ଚଶ୍ରୀର ପ୍ରଥମ ବାର୍ଷିକ ଉତ୍ସବ ପାଳନ ଅବସରରେ ଷ୍ଟୁଡିଓ ପ୍ରତିଷ୍ଠାତା ଆଶୁତୋଷ ନନ୍ଦ ଓ ଅନ୍ୟମାନେ।

ଭୁବନେଶ୍ୱର,୨୦।୧୦(ଶର୍ମିଷ୍ଠା ପାଣିଗ୍ରାହୀ)

କାରିଗର, ବୁଣାକାର, ହସ୍ତଶିଳ୍ପ ଏବଂ ହସ୍ତତନ୍ତ ଉତ୍ପାଦ ନିମନ୍ତେ ଉତ୍ସର୍ଗୀକୃତ ହବ୍ ହେଉଛି ପଞ୍ଚଶ୍ରୀ। ଏହାର ପ୍ରଥମ ବାର୍ଷିକ ଉତ୍ସବ ଅବସରରେ କଳ୍ପନା ଛକସ୍ଥିତ ଷ୍ଟୁଡିଓଠାରେ କାରିଗରମାନେ ଏହାର ଅସାଧାରଣ ସଫଳତା ବିଷୟରେ ବର୍ଣ୍ଣନା କରିଛନ୍ତି। ପଞ୍ଚଶ୍ରୀ ଷ୍ଟୁଡିଓ ପ୍ରତିଷ୍ଠାତା ଆଶୁତୋଷ ନନ୍ଦ କହିଛନ୍ତି, ଏହି ଷ୍ଟୁଡିଓ ସହିତ ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ କଳାକାର ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ଜଡ଼ିତ ଅଛନ୍ତି। ସମ୍ବଲପୁରୀ କଟନ, ବୋମକେଇ ପାଟ, ଟସର ସିଲ୍କଠାରୁ ଆରମ୍ଭ କରି ବାଙ୍ଗାଲୋର ସିଲ୍କ ପର୍ଯ୍ୟନ୍ତ ବିଭିନ୍ନ ପ୍ରକାରର ବସ୍ତ୍ର ଏଠାରେ ଉପଲବ୍ଧ। ସହ-ପ୍ରତିଷ୍ଠାତା ଡ଼. ଆଦର୍ଶ ରଥ କହିଲେ, ସ୍ଥାନୀୟ କଳାକୁ ସର୍ବଭାରତୀୟ ସ୍ତରରେ ପ୍ରୋତ୍ସାହିତ କରିବା ପଞ୍ଚଶ୍ରୀର ଲକ୍ଷ୍ୟ।

## ବସ୍ତିରେ ବିଶ୍ୱ ହାତଧୁଆ ସପ୍ତାହ

ଭୁବନେଶ୍ୱର,୨୦।୧୦(ଅନୁରାଧା ମହାରଣା)

ନିୟମିତ ହାତ ଧୋଇବା ସମ୍ପର୍କରେ ଜନ ସଚେତନତାକୁ ବ୍ୟାପକ କରିବା ପାଇଁ ୪ଦିନ ଧରି ସହରର ବିଭିନ୍ନ ୱାର୍ଡରେ ସଭା, ଦସ୍ତଖତ ଅଭିଯାନ, କାନ୍ଥରେ ବାର୍ତ୍ତା ଦିଆଯାଇଛି। ସାମାଜିକ ଅନୁଷ୍ଠାନ ସିଏଫ୍‌ଏଆଇଆର, ବିଏମସି, ବସ୍ତି ବିକାଶ ସଂଘ ଓ ବିଭନ୍ନ ମହିଳା ସଂଗଠନଗୁଡ଼ିକର ମିଳିତ ସହଯୋଗରେ କେଦାରପଲ୍ଲୀ ବସ୍ତିରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ଅନନ୍ତ ନାରାୟଣ ଜେନା ଯୋଗଦେଇଥିଲେ। ପରିବେଶବିତ ସୁଦର୍ଶନ ଛୋଟରାୟ, ଡେପୁଟି ମେୟର ମଞ୍ଜୁଲତା କହ୍ନର, କର୍ପୋରେଟର ରାଜକିଶୋର ଦାସ, ମିନୁଶ୍ରୀ ଖୁଣ୍ଟିଆ, ଭାରତ ଲେଙ୍କା, ପୂଜା ମହାରଣା, ସମାଜସେବୀ ମନୋରଞ୍ଜନ ଦାସ, ନାରୀନେତ୍ରୀ ରଞ୍ଜୁଲତା ମହାପାତ୍ର କୁନୀଲତା ମହାରଣା, ରଂଜିତା ଦାସ ଓ ଜ୍ୟୋତ୍ସ୍ନା ରାଣୀ ନାୟକ ପ୍ରମୁଖ ଯୋଗଦେଇଥିଲେ।

## କାମରେ ଆସୁନି ଅସ୍ଥାୟୀ ପୋଖରୀ

# ଦୟାରେ ପଡୁଛି ଆବର୍ଜନା

ପୁରୁଣା ଭୁବନେଶ୍ୱର,୨୦।୧୦(ସୁବାସ ଚନ୍ଦ୍ର ପ୍ରଧାନ)

ପାର୍ବଣ ଆରମ୍ଭରୁ କମିଶନରେଟ ପୋଲିସ ପକ୍ଷରୁ ମୂର୍ତ୍ତି ବିସର୍ଜନ ପାଇଁ ଦୟା ବ୍ରିଜ ତଳେ ଅସ୍ଥାୟୀ ପୋଖରୀ ଖନନ କରାଯାଇଛି। ଏଠାରେ ପୂଜା ମଣ୍ଡପ, ଘରୋଇ ଓ ସରକାରୀ ଅନୁଷ୍ଠାନ, ବ୍ୟକ୍ତି ବିଶେଷ ମୂର୍ତ୍ତି ବିସର୍ଜନ କରିବାକୁ ଗାଇଡ୍‌ଲାଇନ ରହିଛି। ହେଲେ ସଚେତନତା ଅଭାବରୁ ଲୋକେ ବ୍ରିଜ ଉପରେ ଛିଡ଼ା ହୋଇ ମୂର୍ତ୍ତି ଓ ଆବର୍ଜନା ପାଣିକୁ ଫିଙ୍ଗି ଦେଉଛନ୍ତି। ଏହି ପ୍ରଦୂଷିତ ପାଣି ନୂଆଗାଁ, ଲିଙ୍ଗିପୁର, ଇଟିପୁର, ଟିକରପଡ଼ା, ବସନ୍ତପୁର ଶାସନ, ଇଟିପୁର, ଶୁଆବରେଇ ବାସିନ୍ଦାଙ୍କ ପାଇଁ ବିପଦ ପାଲଟିଛି। ସ୍ଥାନୀୟ ବାସିନ୍ଦା ଦୈନନ୍ଦିନ କାର୍ଯ୍ୟରେ ବ୍ୟବହାର କରୁଛନ୍ତି। ଫଳରେ ଗ୍ରାମବାସୀ ବିଭିନ୍ନ ସଂକ୍ରମଣ ରୋଗରେ ପଡ଼ିବା ନଜିର ରହିଛି। ଅନ୍ୟପଟେ ଅସ୍ଥାୟୀ ପୋଖରୀରେ ଗାର୍ବେଜ ନ ଥିବାରୁ ପୋଖରୀରେ ଦୂଷିତ ପାଣି ନିର୍ଗତ ହୋଇ ନଦୀ ଜଳରେ ମିଶୁଛି। ଦୟା ବ୍ରିଜ ସନ୍ନିକଟ ଅନେକ ଘାଟ, ତୁଠରେ ତିଳତର୍ପଣ ଅନ୍ତ୍ୟେଷ୍ଟି କ୍ରିୟା କାର୍ଯ୍ୟ କରାଯାଉଛି। ଫଳରେ ସେଠାରେ ଜମା ହୋଇଥିବା ଆବର୍ଜନା ନଦୀରେ ମିଶି ପାଣିକୁ ଦୂଷିତ କରୁଛି। ସଚେତନତା ଅଭାବ, ପରିବେଶ ପରିଷ୍କାର ନ ରଖିଲେ ଆଗାମୀ ଦିନରେ ଭୟାବହ ପରିସ୍ଥିତି ସୃଷ୍ଟି ହେବ। ତୁରନ୍ତ କମିଶନରେଟ ପୋଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ଖୁବ୍‌ଶୀଘ୍ର ଏହି ଘଟଣା ପ୍ରତି ଦୃଷ୍ଟି ଦିଆଯିବ ବୋଲି ଧଉଳି ଥାନା ଆଇଆଇସି କହିଛନ୍ତି। ସେହିପରି କଳିଙ୍ଗ ଐତିହ୍ୟ ସୁରକ୍ଷା ମଞ୍ଚ ଅଧ୍ୟକ୍ଷ ସଂଗ୍ରାମ କେଶରୀ ପାଇକରାୟ କହିଛନ୍ତି, ନଦୀରେ ଆବର୍ଜନା ନ ପକାଇବା ପାଇଁ ସଚେତନତା ବାର୍ତ୍ତା ବ୍ରିଜରେ ଲେଖାଯାଇଥିଲା। ତଟବର୍ତ୍ତି ବାସିନ୍ଦାଙ୍କୁ ସଚେତନ କରାଯିବା ସହ ପ୍ରଦୂଷଣ ବୋର୍ଡ ପକ୍ଷରୁ ଲୋକଙ୍କ ପାଇଁ କଟକଣା ବାର୍ତ୍ତା ରହିବା ଆବଶ୍ୟକ। ଆଞ୍ଚଳିକ ବିକାଶ ପରିଷଦ ସଭାପତି ବୃନ୍ଦାବନ ସାହୁ କହିଛନ୍ତି, ଅସ୍ଥାୟୀ ପୋଖରୀ ଖୋଳିଦେଇ ପୋଲିସ ନିଜ ଦାୟିତ୍ୱ ସାରିଦେଉଛି। ଲୋକଙ୍କୁ ସଚେତନ କରାଯିବା ସହ ବ୍ରିଜର ଉଭୟ ପଟେ ସୂଚନା ଏବଂ ସତର୍କତା ସମ୍ବନ୍ଧୀୟ ବୋର୍ଡ ଲଗାଯିବ ଉଚିତ।



# ଏସ୍‌ଏଚ୍‌ଜି, ବସ୍ତି ବାସିନ୍ଦା ସଂଘ ସମୂହଙ୍କ ତାଲିମ କାର୍ଯ୍ୟକ୍ରମ

ଭୁବନେଶ୍ୱର, ୨୦।୧୦ (ବନ୍ଦନା ସେଠୀ)



ମୁକ୍ତା-୫ଟି ଅନ୍ତର୍ଗତ ୧୧୫ଟି ପୌରସଂସ୍ଥାରେ ସହରାଞ୍ଚଳ ମଜୁରିଭିତ୍ତିକ ନିୟୋଜନ ଯୋଜନା ବ୍ୟାପକ ଭାବରେ କାର୍ଯ୍ୟକାରୀ ହେଉଛି। ୧୧୫ଟି ପୌରସଂସ୍ଥାର ୨୦୫୫ଟି ୱାର୍ଡରେ ପ୍ରତି ବ୍ୟାଚ୍ ପିଛା ୪୦ରୁ ୫୦ ମିଶନ ଶକ୍ତି ଗୋଷ୍ଠୀ/ବସ୍ତିବାସିନ୍ଦା ସଂଘ ସଦସ୍ୟଙ୍କୁ ତାଲିମ୍ ପ୍ରଦାନ କରାଯିବ। ଦକ୍ଷତା ବିକାଶ କାର୍ଯ୍ୟକ୍ରମର ସୁଗମ କାର୍ଯ୍ୟକାରିତା ନିମନ୍ତେ ୧୧୫ଟି ପୌରସଂସ୍ଥାକୁ ୧୨ଟି କ୍ଲଷ୍ଟରରେ ବିଭକ୍ତ କରାଯାଇଛି। ଏହି ପରିପ୍ରେକ୍ଷୀରେ ଗଞ୍ଜାମ କ୍ଲଷ୍ଟରର ୧୮ଟି ପୌରସଂସ୍ଥାକୁ ଅନ୍ତର୍ଭୁକ୍ତ କରି ଶୁକ୍ରବାର ମାଷ୍ଟର ଟ୍ରେନରଙ୍କର ତାଲିମ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି। ଓଡିଶା ଅର୍ବାନ ଏକାଡେମୀ, ଭୁବନେଶ୍ୱରରେ ଆୟୋଜିତ ଏହି ତାଲିମ୍ କାର୍ଯ୍ୟକ୍ରମରେ ସମୁଦାୟ ୬୦ ଜଣ ମୁକ୍ତା ପ୍ରଫେସନାଲ୍ ଏବଂ ଡୁଡା ଏକ୍ସପର୍ଟ ଅଂଶଗ୍ରହଣ କରିଥିଲେ। ମୁକ୍ତାର ଯୁଗ୍ମ ଶାସନ ସଚିବ-କମ୍-ନୋଡାଲ ଅଫିସର ସାରଦା ପ୍ରସାଦ ପଣ୍ଡା ତାଲିମ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ସହ ଯୋଜନାର ସମୀକ୍ଷା କରିଥିଲେ। କାର୍ଯ୍ୟକ୍ରମରେ ପୌର ପ୍ରଶାସନ ନିର୍ଦ୍ଦେଶକ ସଂଗ୍ରାମଜିତ୍ ନାୟକ ଯୋଗଦେଇ ତାଲିମ୍‌ପ୍ରାପ୍ତ ଜ୍ଞାନକୁ ସହରାଞ୍ଚଳ ଗରିବଙ୍କ ବୃହତ ସ୍ୱାର୍ଥ ଉଦ୍ଦେଶ୍ୟରେ ବ୍ୟବହାର କରିବାକୁ ପ୍ରବର୍ତ୍ତାଇଥିଲେ। ରାଜ୍ୟର ୧୧୫ ପୌରସଂସ୍ଥାର ସମସ୍ତ ୩୬୦ ଜଣ ମୁକ୍ତା ପ୍ରଫେସନାଲ୍ ଏବଂ ୬୫ ଡୁଡା ଏକ୍ସପର୍ଟମାନଙ୍କୁ ମାଷ୍ଟର ଟ୍ରେନର ଭାବେ ଚିହ୍ନଟ କରାଯାଇଛି। ଏମାନେ ପ୍ରାୟ ୧୦ହଜାର ମିଶନ ଶକ୍ତି ଗୋଷ୍ଠୀ/ବସ୍ତି ବାସିନ୍ଦା ସଂଘ ସମୂହକୁ ମୁକ୍ତା ଅଧୀନରେ ତାଲିମ୍ ପ୍ରଦାନ କରିବେ। ଓଡିଶା ସରକାରଙ୍କର ମୁକ୍ତା ଯୋଜନା ଏକ ଫ୍ଲାଗସିପ୍ କାର୍ଯ୍ୟକ୍ରମ, ଯାହାକି ଗୋଷ୍ଠୀ ଦ୍ୱାରା ପରିଚାଳିତ ଏବଂ ନିମ୍ନରୁ ଊର୍ଦ୍ଧ୍ୱଗାମୀ କାର୍ଯ୍ୟକାରିତା ପଦ୍ଧତି ପାଇଁ ପ୍ରଭାବଶାଳୀ ସହରାଞ୍ଚଳ ଜୀବିକା ପଦକ୍ଷେପ ଭାବେ ଉଭା ହୋଇପାରିଛି। ଗତ ୩ ବର୍ଷ ମଧ୍ୟରେ ୭୫୬ କୋଟି ଟଙ୍କା ବ୍ୟୟରେ ପ୍ରାୟ ୫୨,୫୦୦ ପ୍ରକଳ୍ପ ନିର୍ମାଣ କରାଯାଇଛି। ଏଥିରେ ପ୍ରାୟ ୬ ଲକ୍ଷ ସହରାଞ୍ଚଳ ଗରିବ ଓ ପ୍ରବାସୀ ଶ୍ରମିକଙ୍କୁ ସିଧାସଳଖ ଲାଭ ପହଞ୍ଚାଇ ୬୨ ଲକ୍ଷରୁ ଅଧିକ ଶ୍ରମ ଦିବସ ସୃଷ୍ଟି କରାଯାଇଛି। ସେମାନଙ୍କୁ ମଧ୍ୟରୁ ପ୍ରାୟ ୪୦ ପ୍ରତିଶତ ମହିଳା ହିତାଧିକାରୀ ଅଛନ୍ତି।

## ଗ୍ରାମାଞ୍ଚଳରେ ଗୁଣାତ୍ମକ ଶିକ୍ଷା ଦେବା ପାଇଁ ଗୁରୁତ୍ୱ

କଣ୍ଟାପଡା,(ସୁରନାରାୟଣ ସାହୁ): କଣ୍ଟାପଡା ବ୍ଲକ ଅନ୍ତର୍ଗତ ଆଦିକୁଣ୍ଡିଠାରେ ଥିବା ଇଂଲିଶ ମିଡିୟମ ସ୍କୁଲ ପକ୍ଷରୁ ଗ୍ରାମାଞ୍ଚଳରେ ଗୁଣାତ୍ମକ ଶିକ୍ଷା ଦେବା ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି ଶୁକ୍ରବାର ବିଦ୍ୟାଳୟ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅନୁଷ୍ଠାନର ଅଧକ୍ଷା ସରିତା ଜୟନ୍ତୀ ବାରିକ କହିଛନ୍ତି। ଏହି ସ୍କୁଲ ଚଳିତବର୍ଷଠାରୁ ଏକାଦଶ ଓ ଦ୍ୱାଦଶ ଶ୍ରେଣୀ ପାଇଁ ସିବିଏସ୍‌ଇ ସହ ଅନୁବନ୍ଧିତ ହୋଇଛି। ସହରାଞ୍ଚଳ ଭଳି ଉକ୍ତ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଡାକ୍ତରୀ ଓ ଇଞ୍ଜିନିୟରିଂ ପ୍ରବେଶିକା ପରୀକ୍ଷାରେ ସଫଳ ହେବା ପାଇଁ ଅନୁଷ୍ଠାନ ପକ୍ଷରୁ ପ୍ରୟାସ କରାଯିବ ବୋଲି ଚେୟାରମ୍ୟାନ ଜ୍ୟୋତିପ୍ରକାଶ ଲେଙ୍କା କହିଥିଲେ। ଏହି ସମ୍ମିଳନୀରେ ଉପାଧକ୍ଷ ମିର୍ ଅବ୍ଦୁଲ୍ କଲିମ, ପରିଚାଳନା ବୋର୍ଡ ସଦସ୍ୟ ସଞ୍ଜୟ ରାଉତରାୟ, ବିବେକାନନ୍ଦ ଦାଶ ଉପସ୍ଥିତ ଥିଲେ।

### ସଂକ୍ଷେପରେ

## ଅପହରଣ, ମାରପିଟ ଅଭିଯୋଗରେ ଯୁବକ ଗିରଫ

ମଙ୍ଗୁଳି-ଜଗତପୁର,୨୦।୧୦(ମାନସ ସାମଲ)

ଅପହରଣ ଓ ମାରପିଟ କରିବା ଅଭିଯୋଗରେ ଜଗତ୍‌ପୁର ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି । ସେ ହେଲେ ଜଗତପୁର ଥାନା ଅଧୀନ ତୋରଳ ଗ୍ରାମର ରଞ୍ଜିତ ବେହେରା। ଗତ ଗଣେଶ ପୂଜା ଭସାଣି ସମୟରେ କୌଣସି କାରଣକୁ ନେଇ ରଞ୍ଜିତଙ୍କ ଗୋଷ୍ଠୀ ଓ ଅନ୍ୟ ଏକ ଗୋଷ୍ଠୀ ମଧ୍ୟରେ ମାରପିଟ ହୋଇଥିଲା। ଏହାକୁ ନେଇ ରଞ୍ଜିତଙ୍କ ଗୋଷ୍ଠୀ ପ୍ରତିକ୍ରିୟାଶୀଳ ହୋଇ ଅନ୍ୟ ଗୋଷ୍ଠୀର ଜଣେ ଯୁବକଙ୍କୁ ଆକ୍ରମଣ କରିବା ପାଇଁ ଯୋଜନା କରିଥିଲେ। ଗତ ୪ ତାରିଖରେ ଅନ୍ୟ ଗୋଷ୍ଠୀର ଯୁବକ ଜଣଙ୍କ ଜଗତପୁର କଲେଜ ନିକଟ ରାସ୍ତାରେ ଠିଆ ହୋଇଥିବାବେଳେ ରଞ୍ଜିତ ଗୋଷ୍ଠୀର ୭/୮ ଜଣ ଯୁବକ ତାଙ୍କୁ ଉଠାଇ ନିକଟସ୍ଥ ସାତବାଟିଆ ବ୍ରିଜ ପାର୍ଶ୍ୱ ଏକ ଜଙ୍ଗଲିଆ ସ୍ଥାନକୁ ନେଇଯାଇଥିଲେ। ସେଠାରେ ତାଙ୍କଠାରୁ ମୋବାଇଲ ଓ ୫୦୦୦ ଟଙ୍କା ଛଡାଇ ନେବା ସହ ତାଙ୍କୁ ମାଡ ମାରିଥିଲେ। ଫଳରେ ଯୁବକ ଜଣଙ୍କ ଚେତାଶୂନ୍ୟ ହୋଇପଡିଥିଲେ। ପରେ ଅଭିଯୁକ୍ତମାନେ ତାଙ୍କୁ ବାଇକ୍‌ରେ ଆଣି ତୋରଳ ବଜାରରେ ଛାଡି ଚାଲି ଯାଇଥିଲେ। ଏ ନେଇ ସମ୍ପୃକ୍ତ ଯୁବକଙ୍କ ମା' ସଲମା ଗୁଡୁ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୫୦୨/୨୩)ରୁଜୁ କରିଥିଲା। ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତ ସାର୍ଥକଙ୍କୁ ବୁଧବାର ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଖୁବ୍‌ଶୀଘ୍ର ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଥାନାଧିକାରୀ ରବୀନ୍ଦ୍ର ନାଥ ମେହେର କହିଛନ୍ତି।

## ଚୌଦ୍ୱାର ଟେନାମେଣ୍ଟବାସୀଙ୍କୁ ମିଳିବ ସ୍ଥାୟୀ ପଟ୍ଟା

ଚୌଦ୍ୱାର,୨୦।୧୦(ଆଶୁତୋଷ ଦାସ)

ଚୌଦ୍ୱାର ପୌରପାଳିକା ୧୦ ନଂ. ୱାର୍ଡ଼ସ୍ଥିତ ଲେବର ଟେନାମେଣ୍ଟରେ ରହୁଥିବା ୧୧୬ ପରିବାରକୁ ସେମାନେ ରହୁଥିବା ସ୍ଥାନର ସ୍ଥାୟୀପଟ୍ଟା ପ୍ରଦାନ କରାଯିବା ପାଇଁ ରାଜ୍ୟ କ୍ୟାବିନେଟ୍‌ରେ ନିଷ୍ପତ୍ତି ନିଆଯାଇଛି। ଏହି ଖବର ପ୍ରଚାରିତ ହେବାପରେ ଲେବର ଟେନାମେଣ୍ଟରେ ରହୁଥିବା ଶ୍ରମିକ ଓ ସେମାନଙ୍କ ପରିବାର ବର୍ଗ ଶୁକ୍ରବାର ସନ୍ଧ୍ୟାରେ ବାଣ ଫୁଟାଇ, ମିଠା ବଣ୍ଟନ କରି ଖୁସି ମନାଇଛନ୍ତି। ଦୀର୍ଘବର୍ଷ ଧରି ସରକାରଙ୍କ ଦ୍ୱାରା ଶ୍ରମିକଙ୍କ ପାଇଁ ନିର୍ମାଣ କରାଯାଇଥିବା ଘରେ ଶ୍ରମିକ ଓ ସେମାନଙ୍କ ପରିବାର ଲୋକେ ରହିଆସୁଥିଲେ। ସେମାନଙ୍କୁ ସ୍ଥାୟୀ ପଟ୍ଟା ପ୍ରଦାନ ପାଇଁ ଦାବି ହୋଇଆସୁଥିଲା। ଫଳରେ ସରକାର ଏଭଳି ନିଷ୍ପତ୍ତି ନେଇଛନ୍ତି। ଯଯାତି କେଶରୀ କ୍ଲବ୍‌ରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ସୌଭିକ୍ ବିଶ୍ୱାଳ ଅତିଥି ଭାବେ ଯୋଗଦେଇ ଶ୍ରମିକଙ୍କ କଲ୍ୟାଣ ପାଇଁ ମୁଖ୍ୟମନ୍ତ୍ରୀ ଏଭଳି ନିଷ୍ପତ୍ତି ନେଇଥିବାରୁ କୃତଜ୍ଞତା ଜଣାଇଥିଲେ। ପୌର ଉପାଧକ୍ଷ ଶୁଭେନ୍ଦୁ ସାମଲ ଯୋଗଦେଇ ଟେନାମେଣ୍ଟବାସୀଙ୍କୁ ସ୍ଥାୟୀ ପଟ୍ଟା ପ୍ରଦାନ ପାଇଁ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଦୀର୍ଘଦିନ ଧରି ନିରବଚ୍ଛିନ୍ନ ଚେଷ୍ଟା କରି ସୁଫଳ ଆଣି ଦେଇଥିବାରୁ ତାଙ୍କୁ କୃତଜ୍ଞତା ଜଣାଇଥିଲେ। ଏଥିରେ ଅତିଥି ଭାବେ ପୌରାଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, କାଉନ୍‌ସିଲର ବିଜୟ କୁମାର ମଲ୍ଲିକ, ସୁବ୍ରତ ସାମଲ, ରମେଶ ଚନ୍ଦ୍ର ଭୂୟାଁ ଯୋଗଦେଇଥିଲେ। ବିଚିତ୍ରାନନ୍ଦ ଖଟୋଇ ଧନ୍ୟବାଦ ଦେଇଥିଲେ।



ବସ୍ ଧର୍ମଘଟ ଯୋଗୁ ଶୁକ୍ରବାର ପୂର୍ବାହ୍ନରେ କଟକ ନେତାଜୀ ବସ୍ ଟର୍ମିନାଲ ଜନଶୂନ୍ୟ।



ଗନ୍ତବ୍ୟସ୍ଥଳକୁ ଯିବା ପାଇଁ କଟକ ରେଳଷ୍ଟେଶନରେ ଯାତ୍ରୀଙ୍କ ଭିଡ଼।

# ବସ୍ ଧର୍ମଘଟ, ଦିନତମାମ ଯାତ୍ରୀ ହନ୍ତସନ୍ତ

କଟକ,୨୦।୧୦ (କାର୍ତ୍ତିକ ସାହୁ)

### ସିଏନ୍‌ବିଟି ଫାଙ୍କା, ରେଳ ଷ୍ଟେଶନରେ ଭିଡ଼

ସରକାରଙ୍କ ଲକ୍ଷ୍ମୀ ବସ୍ ଚଳାଚଳକୁ ବିରୋଧ କରି ରାଜ୍ୟ ଘରୋଇ ବସ୍ ମାଲିକ ସଂଘ ପକ୍ଷରୁ ବସ୍ ଧର୍ମଘଟ ଡାକରା ଦିଆଯାଇଥିଲା। ଫଳରେ ଦୂରଦୂରାନ୍ତରୁ ନିଜ ଗାଁକୁ ଫେରିବାକୁ ଚାହୁଁଥିବା ଲୋକମାନେ ଶୁକ୍ରବାର ଦିନତମାମ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଘରୋଇ ବସ୍ ଚଳାଚଳ ବନ୍ଦ ଯୋଗୁ କଟକ ନେତାଜୀ ବସ୍ ଟର୍ମିନାଲ(ସିଏନ୍‌ବିଟି) ଫାଙ୍କା ରହିଥିଲା। ଅନ୍ୟପକ୍ଷରେ ସରକାରୀ ବସ୍ ଓ ଟ୍ରେନ୍‌ରେ ଯିବା ନିମନ୍ତେ ଅସମ୍ଭାଳ ଭିଡ଼ ଦେଖିବାକୁ ମିଳିଥିଲା। ଶୁକ୍ରବାର ସନ୍ଧ୍ୟାରେ ରାଜ୍ୟ ସରକାରଙ୍କ ସହ ଆଲୋଚନା ପରେ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଘରୋଇ ବସ୍ ମାଲିକ ସଂଘ ବସ୍ ଧର୍ମଘଟକୁ ସ୍ଥଗିତ ରଖିଛି।

ଦଶହରା ଛୁଟି ହେତୁ ଗାଁ ଛାଡ଼ି ବାହାରେ ରହୁଥିବା ଲୋକମାନେ ଘର ମୁହାଁ ହେଉଥିଲେ। ଘରୋଇ ବସ୍ ମାଲିକ ସଂଘର ପୂର୍ବ ଘୋଷଣା ଅନୁଯାୟୀ ଧର୍ମଘଟ ହୋଇଥିଲେ ବି ଅନେକ ଲୋକ ଅନ୍ୟ ଉପାୟ ନ ପାଇ ଗାଁକୁ ଯିବା ନିମନ୍ତେ ରାସ୍ତା ପାର୍ଶ୍ୱରେ ଅପେକ୍ଷା କରିଥିଲେ। ହାଲୁକା ୪ ଚକିଆ ଯାନ, ଅଟୋ ଅଥବା ଦୁଇଚକିଆ ଯାନଗୁଡ଼ିକ ବହୁ ମାତ୍ରାରେ ଚଳାଚଳର ମାଧ୍ୟମ ପାଲଟିଥିଲା। ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମର ବସ୍ ସମେତ ମୋ' ବସ୍‌ଗୁଡ଼ିକ ସ୍ୱାଭାବିକ ଭାବେ ଚଳାଚଳ କରୁଥିଲା। ସେଥିପାଇଁ ବାଦାମବାଡ଼ି ବସ୍‌ଷ୍ଟାଣ୍ଡରୁ ସରକାରୀ ବସ୍‌ରେ ଯିବା ନିମନ୍ତେ ଲୋକମାନେ ଭିଡ଼ ଜମାଇଥିଲେ। ଲୋକଙ୍କ ସଂଖ୍ୟା ତୁଳନାରେ ବସ୍ ସଂଖ୍ୟା କମ୍ ହୋଇଥିବାରୁ ଯାତ୍ରୀମାନେ ହନ୍ତସନ୍ତ ହୋଇଥିଲେ। କେତେକ ଲୋକ କାର୍ ରିଜର୍ଭ କରି ଅଥବା ଅନ୍ୟାନ୍ୟ ଗାଡ଼ିରେ ଯାଇଥିଲେ। ସେପଟେ ରେଳଷ୍ଟେଶନରେ ପ୍ରବଳ ଗହଳି ଦେଖିବାକୁ ମିଳିଥିଲା। ଟ୍ରେନ୍ ପ୍ଲାଟ୍‌ଫର୍ମରେ ଅଟକିବା ମାତ୍ରେ ଚଢ଼ିବା ଲାଗି ଯାତ୍ରୀମାନେ ଠେଲାପେଲା ହୋଇଥିଲେ। ଏ ସମ୍ପର୍କରେ ଯାତ୍ରୀ ବସନ୍ତ ମହାଲିକ କହିଛନ୍ତି, କୋରାପୁଟରୁ ରାତିରେ ବସ୍‌ରେ ଆସି କଟକରେ ପହଞ୍ଚିଥିଲି। ହେଲେ କେନ୍ଦୁଝର ଯିବା ନିମନ୍ତେ କୌଣସି ବସ୍ ପାଇଲି ନାହିଁ। ସକାଳୁ ଦୀର୍ଘ ସମୟ ଧରି ବସ୍‌କୁ ଅପେକ୍ଷା କରିଛି। ଘର ଲୋକ ମୋ ପାଇଁ ବ୍ୟସ୍ତ ହୋଇଥିଲେ। ସେହିପରି କୁଜଙ୍ଗ ଯିବା ନିମନ୍ତେ ଅପେକ୍ଷା କରିଥିବା ଯାତ୍ରୀ ଗଣେଶ ଶର୍ମା କହିଛନ୍ତି, ବସ୍ ଧର୍ମଘଟ ସମ୍ପର୍କରେ ଜାଣିଥିଲି, ହେଲେ ଜରୁରି କାମ ଥିବାରୁ ପୂର୍ବଦିନ ଗାଁକୁ ଯାଇପାରିଲି ନାହିଁ। ଏବେ ଯିବା ନିମନ୍ତେ ଗାଡ଼ି ଖୋଜୁଛି। ଯେମିତି ହେଉ ମୋତେ ଯିବାକୁ ହେବ। ଖାଲି ସେତିକି ନୁହେଁ, ସହରାଞ୍ଚଳ ମଧ୍ୟରେ ଚଳାଚଳ କରୁଥିବା ମୋ' ବସ୍‌ଗୁଡ଼ିକରେ ମଧ୍ୟ ଦିନ ତମାମ ଅସମ୍ଭାଳ ଭିଡ଼ ପରିଲକ୍ଷିତ ହୋଇଥିଲା।



କଟକ ନିମସାହି ମହାଦେବ ପୂଜା କମିଟି ପକ୍ଷରୁ ନବନିର୍ମିତ ଚାନ୍ଦିମେଢ଼ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

### ଦଶହରା ପ୍ରସ୍ତୁତି

# ହୋଟେଲ, ରେଷ୍ଟୁରାଣ୍ଟରେ ସ୍ୱତନ୍ତ୍ର ଫୁଡ୍ ଫେଷ୍ଟିଭାଲ

କଟକ,୨୦।୧୦(ଶିଳ୍ପା ପ୍ରିୟଦର୍ଶିନୀ)

ଶନିବାର ମା' ଦୁର୍ଗାଙ୍କ ମହାସପ୍ତମୀ ପୂଜା। ଏଥିପାଇଁ ଚଳଚଞ୍ଚଳ ହୋଇଛି କଟକ ସହର। ସହରବାସୀ ବିଭିନ୍ନ ମଣ୍ଡପ ବୁଲି ମା'ଙ୍କୁ ଦର୍ଶନ କରିବା ସହ ସୁସ୍ୱାଦୁ ଖାଦ୍ୟର ମଜା ନେବେ। ଏହାକୁ ଦୃଷ୍ଟିରେ ରଖି ହୋଟେଲ ଓ ରେଷ୍ଟୁରାଣ୍ଟଗୁଡିକ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଏପରି କି ଦଶହରାରେ ଗ୍ରାହକଙ୍କ ପାଇଁ ଫୁଡ୍ ଫେଷ୍ଟିଭାଲର ବ୍ୟବସ୍ଥା କରାଯାଇଛି। ସହରରେ ଥିବା ଛୋଟ ଠୁ ବଡ଼ ତାରକା ହୋଟେଲ ଓ ରେଷ୍ଟୁରାଣ୍ଟରେ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି।







**ଗ୍ରାଣ୍ଡ୍ ରେସିଡେନ୍ସି ହୋଟେଲ:** ସ୍ୱତନ୍ତ୍ର ଭାବେ ଫୁଡ୍ ଫେଷ୍ଟିଭାଲ ଆୟୋଜନ କରାଯାଇଛି। ଖାଦ୍ୟ ମଧ୍ୟରେ ଫ୍ରେସ୍ ଚିଙ୍ଗୁଡ଼ି ମଲାଇ କରି, ଡାବ ଚିଙ୍ଗୁଡ଼ି, ବାମ୍ବୁ ଚିକେନ, ପତ୍ରପୋଡା ଚୂନାମାଛ, ପୂରଣ ଭରା ଭେକ୍ଟି, କିଙ୍ଗ୍ ଖଅଙ୍ଗା, ବାମ୍ବୁ ବିରିୟାନୀ, ଦହି କେ କବାବ, ସଁଫିଆ ପନିର ଟିକା, ମସ୍‌ରୁମ୍ ଦୋ ପ୍ଲେକ୍ସ, ପନିର ଟିକା କାଲିର୍ମିଚ ଇତ୍ୟାଦି ରହିଛି। ଗ୍ରାହକଙ୍କୁ ସୁହାଇଲା ଭଳି ଦର ରହିଛି ବୋଲି ହୋଟେଲର ନିର୍ଦ୍ଦେଶିକା ନୁପୁର ମହାନ୍ତି କହିଛନ୍ତି।



**ମହାବୀର ଗ୍ୟାଲେକ୍ସି ହୋଟେଲ:** ଦଶହରା ପାଇଁ ହୋଟେଲ ପକ୍ଷରୁ ସମସ୍ତ ପ୍ରସ୍ତୁତି କରାଯାଇଛି। ଖାସ୍ କରି ନନ୍‌ଭେଜ ପ୍ଲାଟର ଫେଷ୍ଟିଭାଲ ବ୍ୟବସ୍ଥା ରହିଛି। ନନ୍ ଭେଜ୍ ମଧ୍ୟରେ ଚିକେନ ପାର୍ସି କବାବ, କ୍ରିସ୍ପି ସ୍ପିନାଚ ଚିକେନ, ୱାଲନଟ୍ ଚିକେନ, ଝିନ୍‌ଗାରା ପ୍ରନ, ଆହ୍ଲୁନା ଚିକେନ, ମଟନ ଝିନ୍‌ଗାରା, ତାଣ୍ଡି ହାଣ୍ଡି ମଟନ, ପ୍ରନ କୋଲିୱାଡା ମସଲା ଇତ୍ୟାଦି ଖାଦ୍ୟ ରହିଛି। ଏହି ସମସ୍ତ ଖାଦ୍ୟର ଦର ୨୦୦ ଟଙ୍କାରୁ ୫୦୦ ଟଙ୍କା ମଧ୍ୟରେ ରହିଥିବା ହୋଟେଲ ମ୍ୟାନେଜର ଦୀପକ ବାଗ୍ ସୂଚନା ଦେଇଛନ୍ତି।



**ବ୍ଲାଷ୍ଟ ରେଷ୍ଟରାଣ୍ଟ:** ଦଶହରା ପାଇଁ ରେଷ୍ଟରାଣ୍ଟକୁ ସଜାଯାଇଛି। ଏହାସହ ଗ୍ରାହକଙ୍କ ପାଇଁ ସ୍ୱତନ୍ତ୍ର ଖାଦ୍ୟ ବ୍ୟବସ୍ଥା ରହିଛି। ଖାଦ୍ୟ ମଧ୍ୟରେ ଭାଟି ସେ ମଟକା ଚିକେନ, ତନ୍ଦୁରି ମୁର୍ଗ କାଲାବାଗ, ଗ୍ରିଲଡ଼ ଫିସ୍ ଲେମନ ବଟର ସସ୍, ସାହି ଟୁକଡା ଇତ୍ୟାଦି ରହିଛି। ଗ୍ରାହକଙ୍କ ପସନ୍ଦ ଅନୁଯାୟୀ ଖାଦ୍ୟ ରହିଛି। ଦଶହରାକୁ ଦୃଷ୍ଟିରେ ରଖି ଏହି ସ୍ୱତନ୍ତ୍ର ଖାଦ୍ୟ ବ୍ୟବସ୍ଥା କରାଯାଇଛି। ରେଷ୍ଟୁରାଣ୍ଟରେ ଏହି ଖାଦ୍ୟର ମଜା ଅଷ୍ଟମୀ, ନବମୀ ଓ ଦଶମୀରେ ଗ୍ରାହକ ନେଇପାରିବେ ବୋଲି ରେଷ୍ଟୁରାଣ୍ଟର ସ୍ୱତାଧିକାରୀ ସୁମିତ ସାହୁ ସୂଚନା ଦେଇଛନ୍ତି।



**ଗୋଲ୍‌ଡେନ୍ ସ୍ପୁନ ରେଷ୍ଟରାଣ୍ଟ:** ପୂଜା ଉପଲକ୍ଷେ ଗ୍ରାହକଙ୍କ ପାଇଁ ମନ ପସନ୍ଦ ଖାଦ୍ୟ ବ୍ୟବସ୍ଥା କରାଯାଇଛି। ବିଶେଷକରି ଆମିଷ ଖାଦ୍ୟକୁ ଅଧିକ ଗୁରୁତ୍ୱ ଦିଆଯାଇଛି। ଏହି ଖାଦ୍ୟ ମଧ୍ୟରେ ଲବଷ୍ଟର ତେରୟାକି, ଦେଶୀ ଘି ମଟନ, ଫିସ ତେରୟାକି ସମେତ ଅନ୍ୟାନ୍ୟ ବ୍ୟଞ୍ଜନ ରହିଛି। ଏହି ଖାଦ୍ୟ ୨୦୦ରୁ ୧୮୦୦ ଟଙ୍କା ମଧ୍ୟରେ ରହିଥିବା ରେଷ୍ଟୁରାଣ୍ଟ ମ୍ୟାନେଜର ମହମ୍ମଦ ଅସ୍‌ରଫ ସୂଚନା ଦେଇଛନ୍ତି।

## ଏସ୍‌ସିବିରେ ଜଟିଳ ଅସ୍ତ୍ରୋପଚାର ସଫଳ

କଟକ,୨୦।୧୦(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ଏସ୍‌ସିବି ମେଡିକାଲ ସ୍ନାୟୁ ଶଲ୍ୟ ବିଭାଗରେ ଏକ ଜଟିଳ ଅସ୍ତ୍ରୋପଚାର ସଫଳ ହୋଇଛି। ଏସ୍‌ସିବି ମେଡିକାଲ ଅଧୀକ୍ଷକ ତଥା ସ୍ନାୟୁ ଶଲ୍ୟ ବିଭାଗର ବରିଷ୍ଠ ପ୍ରଫେସର ଡା. ସୁଧାଂଶୁ ଶେଖର ମିଶ୍ରଙ୍କ ନେତୃତ୍ୱରେ ଅସ୍ତ୍ରୋପଚାର କରାଯାଇଥିବାବେଳେ ଡା. ଦୀପକ ଦାସ, ଡା. ଦେବାଶିଷ ସ୍ୱାଇଁ, ଡା. ପ୍ରମୋଦ ପଲାଇ ସହାୟତା କରିଥିଲେ।

ମିଳିଥିବା ସୂଚନାଅନୁଯାୟୀ, ବାଲେଶ୍ୱର ଜିଲା ରାଇପୁର ଅଞ୍ଚଳର ୪୪ ବର୍ଷୀୟା ଜଣେ ମହିଳା ୫ ବର୍ଷ ହେବ ଟ୍ରାଇଜେମିନାଲ ସ୍ନାୟୁଜନିତ ମସ୍ତିଷ୍କ ଯନ୍ତ୍ରଣାର ଶିକାର ହେଉଥିଲେ। ସେ ପାଟି ପାଖରୁ କାନ ପର୍ଯ୍ୟନ୍ତ କଷ୍ଟ ଅନୁଭବ କରୁଥିଲେ। ଏପରି କି ତାଙ୍କ ମସ୍ତିଷ୍କକୁ ମଧ୍ୟ ଆଘାତ ଦେଉଥିଲା। ସେ ଦାନ୍ତ ଘଷିବା, ମୁହଁ ଧୋଇବା, ଖାଇବା ଓ କଥା କହିବା ସମୟରେ ଯନ୍ତ୍ରଣାର ଶିକାର ହେଉଥିଲେ। ଦାନ୍ତ ଜନିତ ସମସ୍ୟା ଭାବି ସେ ଡାକ୍ତରଙ୍କ ପରାମର୍ଶ ଲୋଡିଥିଲେ। ଭୁବନେଶ୍ୱରର ଏକ ହସ୍ପିଟାଲରେ ତାଙ୍କର ଦାନ୍ତ ଓପାଡି ଦିଆଯାଇଥିଲା। ହେଲେ ତାଙ୍କ ଯନ୍ତ୍ରଣା କମି ନ ଥିଲା। ଗତ ୧୨ ତାରିଖରେ ସେ ଏସ୍‌ସିବି ମେଡିକାଲରେ ଭର୍ତ୍ତି ହୋଇଥିଲେ। ସେଠାରେ ପରୀକ୍ଷା କରାଯିବା ପରେ ସେ ଟ୍ରାଇଜେମିନାଲ ସ୍ନାୟୁ ଜନିତ ସମସ୍ୟାର ଶିକାର ହୋଇଥିବା ସ୍ପଷ୍ଟ ହୋଇଥିଲା। ମହିଳାଙ୍କର ଟ୍ରାଇଜେମିନାଲ ସ୍ନାୟୁର ପଛ ଓ ଆଗପଟେ ଦୁଇଟି ଧମନୀ ଚାପି ହୋଇରହିଥିଲା। ଅସ୍ତ୍ରୋପଚାର ପରେ ମହିଳା ଜଣଙ୍କ ସୁସ୍ଥ ଥିବା ଏସ୍‌ସିବି ମେଡିକାଲ ପକ୍ଷରୁ ସୂଚନା ମିଳିଛି।

# ଗୋରୁ, ଭ୍ୟାନ୍, ୨ ମାରଣାସ୍ତ୍ର ଜବତ: ୭ ଗିରଫ

ମଙ୍ଗୁଳି-ଜଗତପୁର,୨୦।୧୦ (ମାନସ ସାମଲ)

ଗୋଶାଳାରୁ ଗୋରୁ ଚୋରି କରିବା ଅଭିଯୋଗରେ ଜଗତପୁର ପୋଲିସ ୭ ଜଣ ଅଭିଯୁକ୍ତଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଖୋର୍ଦ୍ଧା ଥାନା ଅଧୀନ ମୁକୁନ୍ଦପ୍ରସାଦ ଗ୍ରାମର ଅବ୍ଦୁଲ୍ ମନ୍ନୁର, ସମୀର ଖାନ୍, ବସିର୍ ଅଲ୍ଲୀ, ବେଗୁନିଆ ଥାନା ଅଧୀନ ବେଗୁନିଆ କୁସପୋଲା ଗ୍ରାମର ରଞ୍ଜିତ ନାୟକ, ପ୍ରଭାତ ଭୋଇ, ବୁଲୁ ନାୟକ, ସେକ୍ ଓସିମ। ସେମାନଙ୍କ ନିକଟରୁ ୭ଟି ଗୋରୁ, ଗୋଟିଏ ପିକ୍‌ଅପ୍ ଭ୍ୟାନ୍, ଦୁଇଟି ମାରଣାସ୍ତ୍ର ଜବତ କରାଯାଇଛି। ଅଭିଯୁକ୍ତମାନେ ଏକ ମାସ ହେବ ଜଗତପୁର ପୀରବଜାର ଅଞ୍ଚଳରେ ଏକ ଭଡା ଘର ନେଇଛନ୍ତି। ପ୍ରତ୍ୟେକ ମଧ୍ୟରାତ୍ରିରେ ସେମାନେ ଏକ ବୋଲେରୋ (ନଂ.ଓଡ଼ି୦୫ବିଏଚ୍-୭୭୮୧) ଭଡା ସୂତ୍ରରେ ଆଣି ରାସ୍ତା ପାର୍ଶ୍ୱରେ ବୁଲୁଥିବା ଗୋରୁ ଚୋରି କରି ଉକ୍ତ ଭଡାଘରେ ଏକତ୍ରିତ କରିଥାନ୍ତି। ୫୦ରୁ ଉର୍ଦ୍ଧ୍ୱ ଗୋରୁ ଏକତ୍ରିତ ହେଲା ପରେ ସେମାନେ କଣ୍ଟେନରରେ ତାହାକୁ ଭର୍ତ୍ତି କରି ରାଜ୍ୟର ବିଭିନ୍ନ ଅଞ୍ଚଳକୁ ଚାଲାଣ କରିଥାନ୍ତି। ଗୁରୁବାର ରାତିରେ ଜଗତ୍‌ପୁରସ୍ଥିତ ଏକ ଗୋଶାଳାରୁ ସେମାନେ ଗୋରୁ ଚୋରି କରୁଥିଲେ। ଏହି ସମୟରେ ଗୋଶାଳା କର୍ମଚାରୀ ପାଟି କରିବା ପରେ ସେମାନେ ତାଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରି ଗୋରୁ ନେଇ ପଳାଇ ଯାଇଥିଲେ। ଏ ନେଇ ଗୋଶାଳା ମ୍ୟାନେଜର ଶ୍ରୀକାନ୍ତ ନାୟକ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୫୨୦/୨୩) ରୁଜୁ କରିଥିଲା। ଶୁକ୍ରବାର ସକାଳେ ପୋଲିସ ସିସିଟିଭି ଆଧାରରେ ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା।

## ୫ ବାଇକ୍ ଜବତ, ୨ ଗିରଫ

କଟକ,୨୦।୧୦(କାର୍ତ୍ତିକ ସାହୁ)

ବାଇକ୍ ଚୋରି ଅଭିଯୋଗରେ ବାଦାମବାଡ଼ି ପୋଲିସ ୨ ଯୁବକଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ତିର୍ତ୍ତୋଲ ଥାନା ଅନ୍ତର୍ଗତ ତାଳପଦା ଗ୍ରାମର ବିଶ୍ୱଜିତ୍ ସ୍ୱାଇଁ ଓ ଜଗତ୍‌ସିଂହପୁର ଥାନା ଅଧୀନ ଅଟମୂଳର କାଳୀପ୍ରସାଦ ପାଲ୍। ସେମାନଙ୍କଠାରୁ ୫ଟି ଚୋରା ବାଇକ୍ ଜବତ କରାଯାଇଛି। ଯାଜପୁର ଜିଲା ଜେନାପୁର ଥାନା ଅନ୍ତର୍ଗତ ପାଟପୁର ଗ୍ରାମର ହରିହର ସେନାପତି ଗତ ୧୭ ତାରିଖରେ ବାଦାମବାଡ଼ି ଅଞ୍ଚଳରେ ଥିବା ଜଣେ ଡାକ୍ତରଙ୍କ କ୍ଲିନିକ୍ ସମ୍ମୁଖରେ ବାଇକ ରଖି ଡାକ୍ତରଙ୍କୁ ରୋଗୀ ଦେଖାଇଥିଲେ। ରୋଗୀ ଦେଖାଇ ସାରିବା ପରେ ସେ ବାହାରକୁ ଆସି ତାଙ୍କ ବାଇକ୍ ନ ଥିବା ଦେଖିଥିଲେ। ଏନେଇ ସେ ବାଦାମବାଡ଼ି ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୩୮୦/୨୩) ରୁଜୁ କରିଥିଲା।

# ପିତ୍ତଳ, କାଚ ମେଢ଼ ଉଦ୍‌ଘାଟିତ

କଟକ,୨୦।୧୦(ସୁପ୍ରିୟା ପ୍ରିୟଦର୍ଶିନୀ)

ଚଳିତବର୍ଷ କେତେକ ପୂଜା କମିଟି ଚାନ୍ଦି ମେଢ ଦୌଡ଼ରୁ ବାହାରି କିଛି ନୂଆ ମେଢ ପ୍ରସ୍ତୁତ କରିଛନ୍ତି। ତେଲେଙ୍ଗାବଜାର ପୂଜା କମିଟି ପକ୍ଷରୁ ପିତ୍ତଳ ମେଢ ତିଆରି କରାଯାଇଛି। ଶୁକ୍ରବାର ଏହି ମେଢ ଉଦ୍‌ଘାଟିତ ହୋଇଛି। ଦେଢ କୁଇଣ୍ଟାଲ ପିତଳରେ ତିଆରି କରାଯାଇଥିବା ଏହି ମେଢ ଅବିକଳ ସୁନା ମେଢର ଭ୍ରମ ସୃଷ୍ଟି କରୁଛି। ୧୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏହି ମେଢ କଟକ ପାଇଁ ଆକର୍ଷଣ ପାଲଟିବ ବୋଲି ପୂଜା କମିଟି ପକ୍ଷରୁ କୁହାଯାଇଛି। ଏହି ମେଢ ତିଆରି ପାଇଁ ୪/୫ ମାସ ସମୟ ଲାଗିଛି। ୫ ଜଣ କାରିଗର ଏହାକୁ ତିଆରି କରିଛନ୍ତି। ସେହିପରି ରାଉସାପାଟଣା ଦୁର୍ଗା-କାଳୀ ପୂଜା କମିଟି ପକ୍ଷରୁ ଚଳିତବର୍ଷ ସହରରେ ପ୍ରଥମ ଥର କାଚ ମେଢ ତିଆରି କରାଯାଇଛି। ଶୁକ୍ରବାର ଏହା ଉଦ୍‌ଘାଟିତ ହୋଇଛି। ଏହି ମେଢରେ ୨୫୦ ପିସ୍ କାଚ ବ୍ୟବହାର କରାଯାଇଛି। ଏହାର ଉଚ୍ଚତା ୧୦ ଫୁଟ ଓ ଚଉଡା ୧୪ ଫୁଟ ରହିଛି। ଏହାକୁ ତିଆରି କରିବା ପାଇଁ ପ୍ରାୟ ୭ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି।



ତେଲେଙ୍ଗାବଜାର ପୂଜା ମଣ୍ଡପରେ ପିତଳରେ ପ୍ରସ୍ତୁତ ମେଢ଼।



ରାଉସାପାଟଣା ପୂଜା ମଣ୍ଡପରେ କାଚମେଢ଼।

### ବ୍ଲକ କୃଷକ ଉପଦେଷ୍ଟା କମିଟି ବୈଠକ

# ଡାଲୁଅ ଧାନଚାଷକୁ ଗୁରୁତ୍ୱ

କଟକ ସଦର,୨୦।୧୦(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ କୃଷକ ଉପଦେଷ୍ଟା କମିଟିର ବୈଠକ ସ୍ଥାନୀୟ ଆତ୍ମା ସମ୍ମିଳନୀ କକ୍ଷରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କମିଟି ସଭାପତି ରଜନୀକାନ୍ତ ସାହୁ ପୌରୋହିତ୍ୟ କରିଥିଲେ। ଚଳିତ ରବି ଋତୁରେ ମହାନଦୀ ଅବବାହିକା ଅଞ୍ଚଳରେ ଡ଼ାଲୁଅ ଧାନ ଓ ଆଖୁଚାଷ ଉପରେ ଗୁରୁତ୍ୱ ଦିଆଯାଇ କେନାଲରେ ପାଣି ଛଡାଯିବ ବୋଲି ବ୍ଲକ କୃଷି ଅଧିକାରୀ ଜାଫନା ରାୟ ସୂଚନା ଦେଇଥିଲେ। ୧୯୯୯ ମସିହା ପରେ ସରକାର ରବି ଋତୁରେ ଧାନଚାଷ ଉପରେ ମହାନଦୀ ଡେଲଟା ୧ ଓ ୨ ଅଞ୍ଚଳରେ ସେତେଟା ଗୁରୁତ୍ୱ ଦେଉ ନ ଥିଲେ। ଛତିଶଗଡ଼ ସରକାର ଜାନୁୟାରୀରୁ ବର୍ଷାଋତୁ ଆରମ୍ଭ ପର୍ଯ୍ୟନ୍ତ କଲ୍‌ମା ଆନିକଟରୁ ମହାନଦୀର ତଳ ମୁଣ୍ଡକୁ ପାଣି ଛାଡୁ ନାହାନ୍ତି। ଜାନୁୟାରୀ ପରେ ଯେତିକି ପାଣି ତଳ ମୁଣ୍ଡକୁ ଆସୁଛି, ତାହା ଚାଷ କାମରେ ନ ଲାଗି ସମୁଦ୍ରକୁ ଯାଉଛି ବୋଲି ଛତିଶଗଡ ସରକାର ମହାନଦୀ ଜଳ ଟ୍ରିବୁନାଲରେ ଯୁକ୍ତି ଉପସ୍ଥାପନ କରିବା ସହ ଉପଗ୍ରହ ସର୍ଭେ ପାଇଁ ଦାବି କରିଛନ୍ତି। ତେଣୁ କୃଷି ବିଭାଗ ଧାନ ଓ ଆଖୁ ଚାଷୀଙ୍କୁ ପ୍ରୋତ୍ସାହନ ଯୋଗାଇଦେବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ଜଳସେଚନ ଓ କୃଷି ବିଭାଗର ମିଳିତ ସହଯୋଗରେ ଯୋଜନା ପ୍ରସ୍ତୁତ କରାଯାଇଛି ବୋଲି କୃଷି ଅଧିକାରୀ ରାୟ ସୂଚନା ଦେଇଥିଲେ। ଏହାକୁ ସମସ୍ତେ ଚ୍ୟାଲେଞ୍ଜ ଭାବେ ଗ୍ରହଣ କରିବାକୁ ମୁଖ୍ୟ ଅତିଥି କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରା ଉପସ୍ଥିତ ଚାଷୀ ଓ ଜନ ପ୍ରତିନିଧିମାନଙ୍କୁ କହିଥିଲେ। କଟକ ସଦର ଅଞ୍ଚଳରେ ଚଳିତ ରବିଋତୁରେ ୫୦ ହେକ୍ଟର ଆଳୁ, ୧୨ ହେକ୍ଟର ଧନିଆ, ୩୦ ହେକ୍ଟର ଲଙ୍କା ଓ ୬ ହେକ୍ଟର ପିଆଜ ଚାଷ ସହ ଅମୃତ ଭଣ୍ଡା ଚାଷ ପାଇଁ ଯୋଜନା କରାଯାଇଥିବା ସୂଚନା ଦିଆଯାଇଥିଲା। ଏହି ବୈଠକରେ ବ୍ଲକ ଅଧ୍ୟକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ, ଜିଲା ପରିଷଦ ଉପାଧକ୍ଷା ସୁଭଦ୍ରା ଦାସ, ପ୍ରାଣୀ ଚିକିତ୍ସକ ଅମିତା ପ୍ରଧାନ, କୃଷି ଅଧିକାରୀ ମୋନାଲିସା ଜେନା ପ୍ରମୁଖ ଉପସ୍ଥିତ ଥିଲେ।




ବ୍ଲକ କୃଷକ ଉପଦେଷ୍ଟା କମିଟି ବୈଠକରେ ବିଧାୟକ ଚନ୍ଦ୍ରସାରଥି ବେହେରାଙ୍କ ସହ ଅନ୍ୟମାନେ।

## ସଂକ୍ଷେପରେ

### ଅସହାୟ ବୃଦ୍ଧାଙ୍କୁ ଭତ୍ତା ବଣ୍ଟନ କଲେ ବିଡିଓ

**କୋଣାର୍କ, ୨୦ା୧୦(ଜ୍ୟୋତିରାଜ ମହାନ୍ତି):** କୋଣାର୍କ ଥାନା ଅଧୀନସ୍ଥ କାଇମାଟି ଗ୍ରାମର ବସନ୍ତ ନାୟକଙ୍କୁ କାକଟପୁର ବିଡିଓ ଡ. ତୁଷାର ଜ୍ୟୋତି ରଞ୍ଜନ ଭେଟି ତାଙ୍କ ଘରେ ଭତ୍ତା ପ୍ରଦାନ କରିଛନ୍ତି। ପ୍ରକାଶ ଯେ, ବସନ୍ତ ନାୟକ (୮୩) ଜଣେ ଅସହାୟ ବିଧବା ମହିଳା। ତାଙ୍କ ପୁଅ-ବୋହୂ ସମ୍ପୃକ୍ତ ବୃଦ୍ଧାଙ୍କୁ ଛାଡି ଅନ୍ୟତ୍ର ରହୁଛନ୍ତି। ବସନ୍ତ ଭତ୍ତା କିମ୍ବା ରାଶନ ସାମଗ୍ରୀ ଆଣିବା ପାଇଁ କୁରୁଜଙ୍ଗ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟକୁ ଯାଇପାରନ୍ତି ନାହିଁ। ଏହି ଘଟଣା ସମ୍ପର୍କରେ ଏକ ଗଣମାଧ୍ୟମରେ ଖବର ପ୍ରଚାରିତ ହେବା ପରେ କାକଟପୁର ବିଡିଓ ଶୁକ୍ରବାର ସଂପୃକ୍ତ ମହିଳାଙ୍କ କାଇମାଟିସ୍ଥିତ ବାସଭବନରେ ପହଞ୍ଚି ୩ମାସର ୧୫ଶହ ଭତ୍ତା ଟଙ୍କା ପ୍ରଦାନ କରିଛନ୍ତି। ବକେୟା ରାଶନ ସାମଗ୍ରୀ ସମେତ ଅନ୍ୟାନ୍ୟ ସରକାରୀ ସହାୟତା ଖୁବଶୀଘ୍ର ପ୍ରଦାନ ପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ବିଡିଓ କହିଛନ୍ତି।

### 'ଭାରତ କୋ ଜାନୋ' ପ୍ରତିଯୋଗିତା

**ସାକ୍ଷୀଗୋପାଳ,୨୦ା୧୦(ଭରତ ରାଉତ/ କିଶୋର ମହାପାତ୍ର/ପ୍ରଶାନ୍ତ ବାରିକ୍)** ବାସୁକେରା ଗ୍ରାମସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ 'ଭାରତ କୋ ଜାନୋ' ପ୍ରତିଯୋଗିତା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଓଡ଼ିଆ ବିଶ୍ୱ ବିଦ୍ୟାଳୟ କୁଳପତି ସବିତା ପ୍ରଧାନ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ସତ୍ୟବାଦୀ ତହସିଲଦାର ଜୟନ୍ତ ଜୟସିଂ, ଅବସରପ୍ରାପ୍ତ ଅଧକ୍ଷ ବୃନ୍ଦାବନ ରଥ, ସତ୍ୟବାଦୀ ଦାସ, ସଭାପତି ଓଡ଼ିଶା ପ୍ରାନ୍ତ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପ୍ରଧାନ ଆଚାର୍ଯ୍ୟ ନବୀନ ସେନାପତି ପ୍ରମୁଖ ଯୋଗଦେଇଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଦେଶାତ୍ମବୋଧକ ଭାବନା ସୃଷ୍ଟି କରିବା ପ୍ରଥମ ଲକ୍ଷ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ଏହି ଅବସରରେ ୨୦ରୁ ଅଧିକ ବିଦ୍ୟାଳୟର ଛାତ୍ରୀଛାତ୍ର ପ୍ରତିଯୋଗିତାରେ ଭାଗ ନେଇଥିଲେ। ଉଦ୍‌ଯାପିତ ଉତ୍ସବରେ ଅତିଥି ଭାବେ ସୌମେନ୍ଦ୍ର ଦାସ, ପ୍ରାନ୍ତୀୟ ସଙ୍ଗଠକ ସଚିବ, ଓଡ଼ିଶା ପୂର୍ବପ୍ରାନ୍ତ ସଭାପତି ସତ୍ୟବାଦୀ ଦାସ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର, କପ ପ୍ରଦାନ କରିଥିଲେ। ଭାରତ ବିକାଶ ପରିଷଦ ସତ୍ୟବାଦୀ ଶାଖାର ସମ୍ପାଦକ ନବଘନ ଶତପଥୀ ମଞ୍ଚ ପରିଚାଳନା କରିଥିଲେ। ସତ୍ୟବାଦୀ ଶାଖାର ସଭାପତି ପୂର୍ଣ୍ଣଚନ୍ଦ୍ର ମହାପାତ୍ର ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ। ଗୁରୁମା ଗୁରୁଜୀମାନେ ପରିଚାଳନାରେ ସହଯୋଗ କରିଥିଲେ। ଭାରତ ବିକାଶ ପରିଷଦ ସତ୍ୟବାଦୀ ଶାଖା କୋଷାଧ୍ୟକ୍ଷ ବିଜୟ ପରିଡ଼ା ଧନ୍ୟବାଦ ଦେଇଥିଲେ।

### ଫୁଟ୍‌ବଲ୍ ପ୍ରତିଯୋଗିତା: ଏସ୍‌ସିଏସ୍ ଚାମ୍ପିୟନ

**ପୁରୀ, ୨୦ା୧୦(ଅଜିତ ମହାନ୍ତି):** ଉତ୍କଳ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ସଂସଦ ଦ୍ୱାରା ଚାଲିଥିବା ଆନ୍ତଃ ମହାବିଦ୍ୟାଳୟ ଫୁଟବଲ (ପୁରୁଷ) ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ସାମନ୍ତ ଚନ୍ଦ୍ରଶେଖର (ଏସ୍‌ସିଏସ୍) ସ୍ୱୟଂଶାସିତ ମହାବିଦ୍ୟାଳୟ ସଂଘର୍ଷପୂର୍ଣ୍ଣ ଭାବେ ୨-୦ ଗୋଲ୍‌ରେ ଭୁବନେଶ୍ୱରସ୍ଥିତ ଡି.ଆର୍. ନୟାପଲ୍ଲୀ କଲେଜକୁ ହରାଇ ଚାମ୍ପିୟନ ହୋଇଛି। ଏସ୍‌ସିଏସ୍ କଲେଜର ଖେଳାଳିମାନଙ୍କୁ ଅଧକ୍ଷ ପ୍ରଫେସର ଡ. ମିହିର ପ୍ରସାଦ ମିଶ୍ର, କ୍ରୀଡ଼ା ସଂସଦ ଉପାଧ୍ୟକ୍ଷ ଗୌତମ ସେଠୀ, ଡ. ଚିତ୍ତରଞ୍ଜନ ଦ୍ୱିବେଦୀ, କ୍ରୀଡ଼ା ଶିକ୍ଷକ ରଣଜିତ ମିଶ୍ର ଏବଂ ଜି.ଏମ୍. ଆଇନ ମହାବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ରାଜ କିଶୋର ମହାନ୍ତି ପ୍ରମୁଖ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ।

# ଜିଲ୍ଲାରେ ୩୨,୯୫୦ କ୍ରେଟ୍ସ ଯୋଗାଣ ଲକ୍ଷ୍ୟ

**ପୁରୀ/ଅସ୍ତରଙ୍ଗ/ନିମାପଡା/ କାକଟପୁର, ୨୦ା୧୦ (ଅଜିତ୍ ମହାନ୍ତି/ ପ୍ରଦୀପ୍ତ କୁମାର ଦୀକ୍ଷିତ/ ବିଚିତ୍ରାନନ୍ଦ ସାହୁ/ ଶୁଭଦର୍ଶନ ମିଶ୍ର)**


ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏବଂ ତୁଷାରକାନ୍ତି ବେହେରା ମହିଳାଙ୍କୁ କ୍ରେଟ୍ସ ପ୍ରଦାନ କରୁଛନ୍ତି ।

କୃଷି ଓ କୃଷକ ସଶକ୍ତୀକରଣ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ରାଜ୍ୟ ଯୋଜନାରେ 'ଉଦ୍ୟାନ କୃଷିର ଅମଳ ପରବର୍ତ୍ତୀ ପରିଚାଳନା ଏବଂ ବିପଣନ ସହାୟତା' ମାଧ୍ୟମରେ ଶୁକ୍ରବାର କାକଟପୁରଠାରେ ପ୍ଲାଷ୍ଟିକ୍ କ୍ରେଟସ୍ ବିତରଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। କାର୍ଯ୍ୟକ୍ରମରେ ଉଦ୍ୟାନ କୃଷି ନିର୍ଦ୍ଦେଶକ ରୋହିତ ଲେଙ୍କା ଫସଲ ଅମଳ ପରେ ଉତ୍ପାଦନ ଶସ୍ୟ କ୍ଷତିର ପରିମାଣକୁ ହ୍ରାସ କରିବା ସଂପର୍କରେ ସରକାରୀ ଯୋଜନା ଉପରେ ମତ ରଖିଥିଲେ। ଇଲୋକ୍ଟ୍ରୋନିକ୍, ସୂଚନା ପ୍ରଯୁକ୍ତି, କ୍ରୀଡା, ଯୁବସେବା ତଥା ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା, ଜିଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧିନ କୁମାର ନାୟକ, ବ୍ଲକ ଅଧକ୍ଷ ଶ୍ରୀଧର ନାୟକ, ମଣ୍ଡଳ ଉନ୍ନୟନ ଅଧିକାରୀ ତୁଷାର ଜ୍ୟୋତି ରଞ୍ଜନ, ଯୁଗ୍ମ ନିର୍ଦ୍ଦେଶକ ସଚିନ୍ଦ୍ର ନାଥ ଭୋଳ, ଉପ ଉଦ୍ୟାନ କୃଷି ନିର୍ଦ୍ଦେଶିକା ମଞ୍ଜୁଳା ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଯୋଜନା ମାଧ୍ୟମରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ, ଚାଷୀ ସଂଗଠନ ଏବଂ ସାଧାରଣ ଚାଷୀ ମାନଙ୍କୁ ଶତକଡା ୯୦ ଭାଗ ରିହାତିରେ କ୍ରେଟ ବଣ୍ଟନ କରାଯିବାର ଲକ୍ଷ୍ୟ ରଖାଯାଇଛି। ସେହିପରି ପୁରୀ ସଦର ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଆଭାସି ମାଧ୍ୟମରେ କାର୍ଯ୍ୟକ୍ରମର ଉଦ୍ଘାଟନ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ସଦର ବିଡିଓ ସମ୍ପିତ ସତପଥୀ, ପୁରୀ ଉଦ୍ୟାନ କୃଷି ବିଭାଗ ମୁଖ୍ୟ ସମ୍ପିତ ଆଚାର୍ଯ୍ୟ ପ୍ରମୁଖ ମଞ୍ଚାସୀନ ଥିଲେ। ସଦର ବ୍ଲକର ସମସ୍ତ ସରପଞ୍ଚ, ସମିତିସଭ୍ୟ ଉପସ୍ଥିତ ଥିଲେ। ଏହି ଯୋଜନା ମାଧ୍ୟମରେ ରାଜ୍ୟ ସରକାର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଚାଷୀ ସଙ୍ଗଠନ ଏବଂ ସାଧାରଣ ଚାଷୀଙ୍କ ପାଇଁ ଚଳିତ ବର୍ଷ ୧୦ ଲକ୍ଷ ପ୍ଲାଷ୍ଟିକ୍ କ୍ରେଟସ୍ ଶତକଡ଼ା ୯୦ ଭାଗ ରିହାତି ଦରରେ ଯୋଗାଇଦେବାର ବ୍ୟବସ୍ଥା କରିଛନ୍ତି। ସେହିପରି ପୁରୀ ସଦର ବ୍ଲକର ୩ଟି ପଞ୍ଚାୟତର ୫ଟି ଗ୍ରୁପକୁ କ୍ରେଟସ୍ ଦିଆଯାଇଛି। ଜିଲାର ସମସ୍ତ ୧୧ ବ୍ଲକ୍‌ରେ ହାରାହାରି ୩୨୦୦ଟି ପ୍ଲାଷ୍ଟିକ୍ କ୍ରେଟସ୍ ହିସାବରେ ସମୁଦାୟ ୩୨୯୫୦ଟି କ୍ରେଟସ୍ ଯୋଗାଇ ଦିଆଯିବାର ଲକ୍ଷ୍ୟ ରଖାଯାଇଛି। ପୁରୀ ଉଦ୍ୟାନ କୃଷି ବିଭାଗ ଓଭରସିଅର ଗଣେଶ ଚନ୍ଦ୍ର ମହାରଣା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅସ୍ତରଙ୍ଗ ବ୍ଲକ ପରିସରରେ ଥିବା ଆଭାସୀ ଗୃହରେ ଏବିଡିଓ ଯୋଗେନ୍ଦ୍ର ମହାକୁଡ଼, ବ୍ଲକ ଉପାଧକ୍ଷ ଦୃଜୟ ମିଶ୍ର, ଅସ୍ତରଙ୍ଗ ସହକାରୀ ଉଦ୍ୟାନ କୃଷି ଅଧିକାରୀ ଯୁଗଳ କିଶୋର ବାର୍ଲା, ମିଶନ ଶକ୍ତି ସଂଯୋଜିକା ନିବେଦିତା ଦୀକ୍ଷିତ, ଅସ୍ତରଙ୍ଗ ସରପଞ୍ଚ ରାମଚନ୍ଦ୍ର କାଣ୍ଡି, ଛୁରିଆନା ସରପଞ୍ଚ କ୍ଷୀରୋଦ କାଣ୍ଡିଙ୍କ ସହ ବିଭିନ୍ନ ପଞ୍ଚାୟତର ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଉପସ୍ଥିତ ଥିଲେ। ଏହି ଯୋଜନା ମାଧ୍ୟମରେ ରାଜ୍ୟ ସରକାର ମହିଳା ସ୍ୱୟଂସହାୟକ ଗୋଷ୍ଠୀ ଚାଷୀ ଅସ୍ତରଙ୍ଗ ବ୍ଲକର ପାଖାପାଖି ୧୫ଟି ମହିଳା ଗ୍ରୁପଙ୍କୁ କ୍ରେଟ୍ ବଣ୍ଟନ କରାଯାଇଛି।

ନିମାପଡ଼ା ଉଦ୍ୟାନ ବିଭାଗ ପକ୍ଷରୁ ପଞ୍ଚାୟତ ସମିତି ସଭାଗୃହରେ ଆୟୋଜିତ ସମାରୋହରେ ଅତିଥି ଭାବେ ପଞ୍ଚାୟତ ସମିତି ଅଧକ୍ଷ ଶଙ୍କର ଭୋଇ, ବିଡିଓ ବସନ୍ତ କୁମାର ମଲ୍ଲିକ, ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ ଖଟୋଇ, ସହକାରୀ ଉଦ୍ୟାନ କୃଷି ଅଧିକାରୀ ଶୁଭଶ୍ରୀ କର, ଉଦ୍ୟାନ କୃଷି କର୍ମଚାରୀ (ଏଚ୍ଇଡବ୍ଲୁ) ସିଲଭା ନାୟକ, ହର୍ଟିକଲଚର୍ ଓଭରସିଅର କୁଳମଣି ମହାରଣା, ଉଦ୍ୟାନ ସାଥୀ ମନୋଜ ସ୍ୱାଇଁ, ରମାକାନ୍ତ ପ୍ରଧାନ, ସୁବ୍ରତ ମଲ୍ଲିକ ପ୍ରମୁଖ ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ଏହି ଯୋଜନା ଓ କାର୍ଯ୍ୟକ୍ରମ ଏକ ଅଭିନବ ପ୍ରୟାସ ତଥା କୃଷି ଓ କୃଷକଙ୍କର ବିକାଶ ସରକାରଙ୍କ ମୁଖ୍ୟ ଲକ୍ଷ୍ୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ୮ ହଜାର ମହିଳା ଚାଷୀଙ୍କୁ ଉତ୍ପାଦିତ କୃଷିଜାତ ଦ୍ରବ୍ୟକୁ ସଂରକ୍ଷିତ ରଖିବାକୁ କ୍ରେଟ୍ ବଣ୍ଟନ କରାଯିବାକୁ ଲକ୍ଷ୍ୟଧାର୍ଯ୍ୟ ରଖାଯାଇଥିବାବେଳେ ୫୦ ଜଣ ମହିଳା ଚାଷୀଙ୍କୁ ଏହି କ୍ରେଟ୍ ବଣ୍ଟନ କରାଯାଇଥିଲା। ବ୍ଲକସ୍ତରୀୟ ସୁରକ୍ଷା ପ୍ରକଳ୍ପ ମହିଳା ମହାସଂଘର ସଭାପତି ସୌଦାମିନୀ ବେହେରା, ସଂପାଦିକା ମମତାରାଣୀ ପାଇକରାୟଙ୍କ ସମେତ ବହୁ ସରପଞ୍ଚ, ସମିତିସଭ୍ୟ, ଏସ୍ଏସ୍‌ଜି ଗ୍ରୁପ୍‌ର କମକର୍ତ୍ତା, ବହୁ ମହିଳା ଚାଷୀ ଯୋଗଦେଇଥିଲେ।


ଅନିୟମିତତାର ତଦନ୍ତ ଦାବିରେ ଶୁକ୍ରବାର ହନ୍ତୁକା ସମବାୟ ସମିତିର ସଦସ୍ୟମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି ।

# ପାଣି ଅଭାବ, ଚିନ୍ତାରେ ଚାଷୀ


ଜଳସେଚନ ବିଭାଗ ଏସ୍‌ଡିଓ ତନୁଜ କୁମାର ରାଉତଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି ।

**ଡେଲାଙ୍ଗ,୨୦ା୧୦ (ରଶ୍ମିରଞ୍ଜନ ପ୍ରଧାନ):** ଡେଲାଙ୍ଗ ବ୍ଲକରେ ପାଣି ଅଭାବରୁ ଧାନବିଲ ଫାଟି ଆଁ କଲାଣି। କେନାଲ, ସଫେଇନାଳ ଆଦି ଶୁଖିଲା ପଡିଥିବା ନେଇ ଏବେ ଚାଷୀ ମୁଣ୍ଡରେ ଚଡକ ପଡିଛି। ବ୍ଲକର ସାଉରିଆ, ଡେଲାଙ୍ଗ-କୋଠବାଡ, ଗଡମୋଟରୀ, ଅରିସଲ, ସୁଜନପୁର, ଜେନାପୁର, ବେରବୋଇ, ଗୁଆଳିପଡା ଆଦି ପ୍ରମୁଖ ପଞ୍ଚାୟତରେ ଥିବା କେନାଲ ଓ ସଫେଇନାଳଗୁଡିକ ଶୁଖିଲା ପଡିଛି। ଫଳରେ ପ୍ରାୟ ୧୨ ହଜାର ହେକ୍ଟରରୁ ଉର୍ଦ୍ଧ୍ୱ ଚାଷ ଜମି ପାଣି ଅଭାବରୁ ଚାଷ ବାଟବଣା ହେବାକୁ ବସିଲାଣି। ଏନେଇ ଅଖିଳ ଭାରତ କୃଷକ ମହାସଭାର ରାଜ୍ୟ ସମ୍ପାଦକ ଅଶୋକ ପ୍ରଧାନଙ୍କ ନେତୃତ୍ୱରେ ଡେଲାଙ୍ଗ-କୋଠବାଡ ପଞ୍ଚାୟତର ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ ଚାଷୀ ଜଳସେଚନ ବିଭାଗ ଏସ୍‌ଡିଓ ତନୁଜ କୁମାର ରାଉତଙ୍କୁ ଅରିସାଲ ମାଇନରରେ ତୁରନ୍ତ ପାଣି ଛାଡିବା ନିମନ୍ତେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ବହୁ ଅଭିଯୋଗପରେ ବେରବୋଇ ପଞ୍ଚାୟତର ବୁଆଲି ମାଇନରରେ ଗତ ୩ ଦିନ ତଳେ ପାଣି ଛଡାଯାଇଥିଲା। ହେଲେ କେନାଲ ଶଯ୍ୟା ଅନାବନା ଗଛଲତାରେ ପରିପୂର୍ଣ୍ଣ ହୋଇରହିଥିବାରୁ ଚାଷକ୍ଷେତରେ ପାଣି ପହଞ୍ଚୁନଥିବା ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତିକରି ଜଳସେଚନ ବିଭାଗର ଖଲାସୀ କର୍ମଚାରୀ ଏକରାମ ସାହା ୨ ଜଣ ଲୋକଙ୍କ ସହାୟତାରେ କେନାଲ ସଫା କରୁଥିଲେ। ସେହିସମୟରେ ସ୍ଥାନୀୟ ଚାଷୀମାନେ ନିଜ ଧାନକ୍ଷେତର ଅବସ୍ଥା ସମ୍ପର୍କରେ ଏକରାମଙ୍କୁ ଅବଗତ କରାଇବା ପରେ ଏକରାମ ଓ ଚାଷୀମାନଙ୍କ ମଧ୍ୟରେ ବଚସା ବଢିଥିଲା। ଯୁକ୍ତିତର୍କ ବଢିବାରୁ ଏକରାମ ଚାଷୀଙ୍କ ଆକ୍ରୋଶର ଶିକାର ହୋଇଥିବା ଜଣାପଡିଛି। ଅନ୍ୟପଟେ ପାଣି ଅଭାବରୁ ଚଳିତବର୍ଷ ଧାନଚାଷ ନିଶ୍ଚୟ ବାଟବଣା ହେବ ବୋଲି ସ୍ଥାନୀୟ ପୁରୁଖା ଚାଷୀମାନେ ପୂର୍ବାନୁମାନ କରିଛନ୍ତି। ୨ ଦିନ ମଧ୍ୟରେ କେନାଲରେ ପାଣି ଛଡାନଗଲେ ଚାଷୀମାନେ ଆନ୍ଦୋଳନ କରିବା ସହିତ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

### ଟାଏକୋଣ୍ଡୋ : ନିମାପଡ଼ାର ୨ ଖେଳାଳି ଜାତୀୟସ୍ତରକୁ ମନୋନୀତ

**ଚାରିଛକ, ୨୦ା୧୦(ଶିଶିର ସ୍ୱାଇଁ):** ପୁରୀ ରେଲୱେ ଇନ୍‌ଡୋର ହଲ୍‌ଠାରେ ଓଡିଶା ଟାଏକୋଣ୍ଡା ସଂଘ ଦ୍ୱାରା ୧୩ରୁ ୧୫ ତାରିଖ ପର୍ଯ୍ୟନ୍ତ ଓଡିଶା ଟାଏକୋଣ୍ଡୋ କ୍ରୀଡା ଆୟୋଜିତ ହୋଇଯାଇଛି। ଏଥିରେ ନିମାପଡ଼ାର ପ୍ରଶାନ୍ତ କୁମାର ପାତ୍ର ଏବଂ ହିମାଂଶୁ ପ୍ରଧାନ ଅଂଶଗ୍ରହଣ କରିଥିଲେ। ଏହି ସେମିନାରେ ୨୦୦ରୁ ଉର୍ଦ୍ଧ୍ୱ ବାଳିକା ଓ ବାଳକ ଅଂଶଗ୍ରହଣ କରିଥିଲେ। ଓଡିଶା ବ୍ୟତୀତ ପଶ୍ଚିମବଙ୍ଗ, କର୍ଣାଟକ, ଝାଡ଼ଖଣ୍ଡ, ବିହାରରୁ ରେଫରିମାନେ ଅଂଶଗ୍ରହଣ କରିଥିଲେ। କର୍ଣାଟକର ମାଷ୍ଟର ଥିରୁମଲ ଜେ. ଅନ୍ତର୍ଜାତୀୟ ରେଫରିଙ୍କୁ ପରୀକ୍ଷକ ଭାବେ ଆମନ୍ତ୍ରିତ କରାଯାଇଥିଲା। ସେ ଏହି ସେମିନାରେ ବିଶ୍ୱ ଟାଏକୋଣ୍ଡୋର



ନୂତନ ନିୟମଗୁଡ଼ିକ ଶିକ୍ଷାଦାନ ଦେଇଥିଲେ। ଓଡ଼ିଆ ଟାଏକୋଣ୍ଡୋ ଆସୋସିଏଶନର ସମ୍ପାଦକ ମନମୋହନ ଭଞ୍ଜ ତାଙ୍କ ବାର୍ତ୍ତାରେ ସମସ୍ତଙ୍କୁ ଶୁଭେଚ୍ଛା ସହ ସେମିନାରର ସଫଳତା କାମନା କରିଥିଲେ।

# ଏସ୍‌ଏଚ୍‌ଜି ମେଳାରେ ଋଣ ପ୍ରଦାନ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ ।

**ପିପିଲି, (ଦୁର୍ଗା ମାଧବ ମିଶ୍ର) ୨୦ା୧୦:** ରାଜ୍ୟରେ ମହିଳାମାନେ କିଭଳି ଆତ୍ମନିର୍ଭରଶୀଳ ହୋଇପାରିବେ ସେଥିପାଇଁ ବ୍ୟାଙ୍କ ମାଧ୍ୟମରେ ଋଣ ପ୍ରଦାନ କରାଯାଉଛି। ଶୁକ୍ରବାର ପିପିଲି ବ୍ଲକ ଛକ ନିକଟରେ ଥିବା ଏକ ଘରୋଇ କଲ୍ୟାଣ ମଣ୍ଡପ ପରିସରରେ ଏସ୍‌ଏଚ୍‌ଜି ମେଳା ଅନୁଷ୍ଠିତ ହୋଇଯାଇଛି। ଏସ୍‌ବିଆଇ ପକ୍ଷରୁ ଆୟୋଜିତ ଏହି ମେଳାରେ ମୁଖ୍ୟ ଅତିଥି ଭାବେ ଏସ୍‌ବିଆଇ ଭୁବନେଶ୍ୱର ସର୍କଲର ଜେନେରାଲ ମ୍ୟାନେଜର ନେଟୱର୍କ-୧ର ପୁନମବଲମ ଏମ୍. ଯୋଗଦେଇ ମହିଳାମାନଙ୍କୁ ବ୍ୟାଙ୍କ ସହାୟତାରେ କିଭଳି ସୁରୁଖୁରରେ ଋଣ ଯୋଗାଇ ଦିଆଯାଉଛି ସେ ସମ୍ପର୍କରେ କହିଥିଲେ। ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱର ସର୍କଲ ଏଗ୍ରି ବିଜନେଓ ୟୁନିଟର ଡ଼େପୁଟି ଜେନେରାଲ ମ୍ୟାନେଜର କୈଳାଶ ଚନ୍ଦ୍ର ଭଞ୍ଜ, ପୁରୀ ରିଜିଓନାଲ ମ୍ୟାନେଜର ସୌରଭ ରଥ, ଓଏଲ୍‌ଏମ୍‌ର ଏଫ୍‌ଆଇସି ମକର କେତନ ପାତ୍ର, ପିପିଲି ଶାଖାର ଚିଫ ମ୍ୟାନେଜର ହିମାଂଶୁ ଶେଖର ଦାସ, ଆଇବିଓ ପୁରୀର ଚିଫ ମ୍ୟାନେଜର ହେମନ୍ତ କୁମାର ଶାହା, ସଞ୍ଜୟ କୁମାର ସାହୁ, ପ୍ରଦୀପ ଚନ୍ଦ୍ର ନାଗ ଏବଂ ପିପିଲି ବିଡିଓ ପ୍ରମୁଖ ଯୋଗ ଦେଇଥିଲେ। ମିଶନ ଶକ୍ତିର ମା'ମାନେ ନିଜ ଚେଷ୍ଟା ଓ ଉଦ୍ୟମ ବଳରେ ପଶୁପାଳନ କୃଷି ଏବଂ କୁଟୀର ଶିଳ୍ପ ମାଧ୍ୟମରେ ପଞ୍ଚାୟତର ମହିଳାମାନଙ୍କୁ ଏକାଠି କରି ବ୍ୟାଙ୍କ ଋଣ ସହାୟତାରେ ସେମାନଙ୍କ ଆର୍ଥିକ ସହାୟତାକୁ ଅଭିବୃଦ୍ଧି କରାଇ ରୋଜଗାରର ମାଧ୍ୟମ ଦ୍ୱିଗୁଣିତ କରିପାରିବେ ବୋଲି ଅତିଥିମାନେ କହିଥିଲେ। ଏହି ମେଳାରେ ପୁରୀ ଏବଂ ଖୋର୍ଦ୍ଧା ଜିଲାର ୫୧୫ଟି ଗ୍ରୁପକୁ ୨୨କୋଟି ଟଙ୍କାର ଋଣ ଯୋଗାଇ ଦିଆଯାଇଥିବାବେଳେ ୫୫ଟି ସ୍ୱୟଂ ସହାୟିକା ଗୋଷ୍ଠୀର ମା'ମାନଙ୍କୁ ଋଣ ମଞ୍ଜୁରପତ୍ର ବଣ୍ଟନ କରାଯାଇଥିଲା। ପିପିଲି ଏସ୍‌ବିଆଇ ମ୍ୟାନେଜର ରାଜଶ୍ରୀ ରଥ, ଦାଣ୍ଡମୁକୁନ୍ଦପୁର ଶାଖା ପରିଚାଳକ ବେଦ ପ୍ରକାଶ ସାହାଣୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପାଉଣା ଦାବିରେ ଅଡ଼ିବସିଲେ ପୂଜାପଣ୍ଡା

**ସାକ୍ଷୀଗୋପାଳ, ୨୦ା୧୦ (କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ):**

**ସାକ୍ଷୀଗୋପାଳ ମନ୍ଦିର ଦେବନୀତି ବିଳମ୍ବିତ**

ସାକ୍ଷୀଗୋପାଳ ମନ୍ଦିରରେ ପାଳିଆ ପୂଜାପଣ୍ଡା ସେବାୟତ ପିତାମ୍ବର ମହାପାତ୍ରଙ୍କ ଦାବି ସମାଧାନ ନ ହେବାରୁ ସେ ଠାକୁରଙ୍କ ପୂଜା କରିବେ ନାହିଁ ବୋଲି ଅଡି ବସିବାରୁ ମନ୍ଦିରରେ ଦେବନୀତି ବିଳମ୍ବିତ ହୋଇଥିଲା। ପୂର୍ବାହ୍ନରେ ସୂର୍ଯ୍ୟପୂଜା କରାଯିବା ପରିବର୍ତ୍ତେ ଅପରାହ୍ନ ୩ଟାରେ ଆରମ୍ଭ ହୋଇଥିଲା। ମନ୍ଦିର ପ୍ରଶାସନର ବିଧି ବ୍ୟବସ୍ଥା ଅନୁଯାୟୀ ସରକାରୀ ପୂଜାପଣ୍ଡା ଠାକୁରଙ୍କ ଦେବନୀତି କରିବାକୁ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱବାସୀ ତ୍ରିପାଠୀ ଆଦେଶ କରିବା ପରେ ସରକାରୀ ପୂଜାପଣ୍ଡା ରଘୁନାଥ ମହାପାତ୍ରଙ୍କ ତରଫରୁ ତାଙ୍କ ପୁତ୍ର ବିଜୟ କୁମାର ମହାପାତ୍ର ଦେବନୀତି ସମ୍ପାଦନ କରିଥିଲେ। ସୂଚନା ଅନୁଯାୟୀ ଠାକୁରଙ୍କ ବିଜେସ୍ଥଳୀ ରାଧାକୁଣ୍ଡ ପୁଷ୍କରିଣୀ ବିକ୍ରୀ କରିଦିଆଯାଇଛି। ଏଣୁ ସେବାକୁ ଆସିବା ପୂର୍ବରୁ ସ୍ନାନ ଓ ଶୌଚ ପାଇଁ ସୁବିଧା ନାହିଁ ବୋଲି ପୂଜାପଣ୍ଡା ପୀତାମ୍ବର ମହାପାତ୍ର ଅଭିଯୋଗ କରିଥିଲେ। ମନ୍ଦିରରେ ତାଙ୍କର ମାସକୁ ଦେଢ଼ ଦିନ ସେବା ପାଇଁ ପାଆନ୍ତି ମାତ୍ର ୧୩୫ ଟଙ୍କା ପାଉଣା। ଶବ ସତ୍କାର ନିମନ୍ତେ ଶ୍ମଶାନ ନାହିଁ କିମ୍ବା ଦେବ ନୀତି ସମୟରେ କୌଣସି ଆକସ୍ମିକ ଦୁର୍ଘଟଣାରେ ସହାୟତା ବ୍ୟବସ୍ଥା ନାହିଁ । ଏପରିକି ମୃତ୍ୟୁକାଳୀନ ସହାୟତା ମିଳେନାହିଁ। ଏଥିସହିତ ସନ୍ଧ୍ୟା ସମୟରେ ଠାକୁରଙ୍କୁ ପଇଡ ଭୋଗ ଅର୍ପଣ ନିମନ୍ତେ ତାଙ୍କର ଜଣେ ଜଜମାନ ବ୍ୟବସ୍ଥା କରିଥିଲେ। ମାତ୍ର ଏହା ବନ୍ଦ କରି ଦିଆଯାଇଛି। ଏଭଳି ବହୁ ଦାବି ନେଇ ପୂଜାପଣ୍ଡା ପିତାମ୍ବର ମହାପାତ୍ର ମନ୍ଦିର ପ୍ରଶାସନ ନିକଟରେ ଅଭିଯୋଗ କରିବା ସଙ୍ଗେ ସଙ୍ଗେ ଦାବି ପୂରଣ ନହେଲେ ଦେବନୀତି କରିନୋହିଁ ବୋଲି ଧମକ ଦେଇଥିଲେ।

# ମହାବିଦ୍ୟାଳୟ କ୍ରୀଡ଼ା, ସାଂସ୍କୃତିକ ଉତ୍ସବ

**ସାକ୍ଷୀଗୋପାଳ,୨୦ା୧୦(କିଶୋର ମହାପାତ୍ର/ ପ୍ରଶାନ୍ତ ବାରିକ୍/ଭରତ ରାଉତ)**



ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟ, ସାକ୍ଷୀଗୋପାଳ କଲେଜରେ ସ୍ୱତନ୍ତ୍ର କ୍ରୀଡ଼ା ଓ ସାଂସ୍କୃତିକ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ରଙ୍କ ଶାରୀରିକ, ସାଂସ୍କୃତିକ ଓ ବୌଦ୍ଧିକ ବିକାଶ ପ୍ରତିଯୋଗିତାରେ ଯୁକ୍ତ୩ ସ୍ତରରେ ଦୌଡ଼, ଡିଆଁ, ଜାଭେଲିନ, ଡିସ୍କସ୍ ଥ୍ରୋ, ଚେସ୍, କ୍ୟାରମ ଆଦି ପ୍ରତିଯୋଗିତାରେ ଛାତ୍ରୀଛାତ୍ର ଭାଗ ନେଇଥିଲେ। ସାଂସ୍କୃତିକ ବିଭାଗରେ ପ୍ରବନ୍ଧ, ତର୍କ ସାଧାରଣ ଜ୍ଞାନ, ଚିତ୍ରାଙ୍କନ, ସଙ୍ଗୀତ, ନୃତ୍ୟ, ଏକକ ଅଭିନୟ, ଝୋଟି, ରଙ୍ଗୋଲି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। କ୍ରୀଡ଼ା ଶିକ୍ଷକ ରଘୁନାଥ ପରିଡ଼ା କ୍ରୀଡ଼ା ପ୍ରତିଯୋଗିତା ପରିଚାଳନା କରିଥିଲେ। ଅନ୍ୟ ପ୍ରତିଯୋଗିତାଗୁଡ଼ିକୁ ବିଭାଗୀୟ ଉପଦେଷ୍ଟା ପ୍ର. ମନୋଜ ପରିଡ଼ା, ପ୍ର. ରତ୍ନାକର ସାହୁ, ପ୍ର. ସସ୍ମିତା ପ୍ରଧାନ, ପ୍ର. ଡ. ଶଙ୍କର୍ଷଣ ପ୍ରଧାନ, ପ୍ର. ସ୍ୱର୍ଣ୍ଣଲତା ମାହାରୀ, ପ୍ର. ଜିତେନ ଦାସ, ପ୍ର. ଶୁଭ୍ରଦୀପ୍ତ ପଟ୍ଟନାୟକ, ପ୍ର. ବିଜୟ ଲକ୍ଷ୍ମୀ ମିଶ୍ର, ପ୍ର. ବିଶ୍ୱନାଥ ପୁହାଣ ପ୍ରମୁଖ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମର ସଫଳତା ପାଇଁ ମହାବିଦ୍ୟାଳୟ ଅଧକ୍ଷ ପ୍ର. ସତ୍ୟ ଶିବସୁନ୍ଦର ମିଶ୍ର ସମସ୍ତ ଛାତ୍ରୀଛାତ୍ର, କର୍ମଚାରୀଙ୍କୁ ଧନ୍ୟବାଦ ଦେଇଥିଲେ।

# ପ୍ରାକ୍ ନିଯୁକ୍ତି ପରାମର୍ଶ କାର୍ଯ୍ୟକ୍ରମ

**ବଳଙ୍ଗା,୨୦ା୧୦(କେଦାରେଶ୍ୱର ନନ୍ଦ):** ବଳଙ୍ଗା ମହାବିଦ୍ୟାଳୟ ପ୍ରାଙ୍ଗଣରେ ଶେଷ ବର୍ଷର ସ୍ନାତକ ଛାତ୍ରୀଛାତ୍ରମାନଙ୍କ ନିମନ୍ତେ ପ୍ରାକ୍‌ନିଯୁକ୍ତି ପରାମର୍ଶ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଭୁବନେଶ୍ୱରସ୍ଥିତ ପିନାକିଲ ହ୍ୟୁମାନ ରିସର୍ଚ୍ଚ ପ୍ରାଇଭେଟ ଲିମିଟେଡ ସଂସ୍ଥା, 'ମୋ କଲେଜ' ଅଭିଯାନ ଶାଖାର ମିଳିତ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ହରମୋହନ ମହାନ୍ତି ଅଧକ୍ଷତା କରିଥିଲେ। ସଂସ୍ଥାର ବରିଷ୍ଠ ନିଯୁକ୍ତି ପ୍ରବନ୍ଧକ ବିଜୟ ମହାନ୍ତି ଓ ନିଯୁକ୍ତି ନିର୍ଦ୍ଦେଶକ ସମ୍ପିତ ସେଠୀ ତାଙ୍କ ସଂସ୍ଥାର ସ୍ଥାପନା, ଆଭିମୁଖ୍ୟ, ସ୍ନାତକସ୍ତର ପରବର୍ତ୍ତୀ ଦିଗ, ଉଚ୍ଚଶିକ୍ଷା, ଚାକିରି ଇତ୍ୟାଦି ଉପରେ ଦିଗ୍‌ଦର୍ଶନ ଦେଇଥିଲେ। ଅଧକ୍ଷ ପ୍ରଭାତ କୁମାର ସାହୁଙ୍କ ନିର୍ଦ୍ଦେଶରେ ଶିକ୍ଷା ବିଭାଗ ମୁଖ୍ୟ ଡ. ପ୍ରଦୋଷ କୁମାର ପତିଙ୍କ ସଞ୍ଚାଳନାରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବାବେଳେ ଗଣିତ ବିଭାଗର ମୁଖ୍ୟ ବସନ୍ତ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ରେଞ୍ଚ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇଲେ ୱାର୍ଡ ସଭ୍ୟାସଭ୍ୟ

**ଡେଲାଙ୍ଗ, ୨୦ା୧୦ (ରଶ୍ମିରଞ୍ଜନ ପ୍ରଧାନ):** ରେଞ୍ଚ ପଞ୍ଚାୟତ କାର୍ଯ୍ୟାଳୟରେ ୱାର୍ଡ଼ ସଭ୍ୟାସଭ୍ୟମାନେ ତାଲା ପକାଇଛନ୍ତି । ସରପଞ୍ଚ, ପିଇଓ ଓ ଜିଆର୍‌ଏସ୍‌ମାନେ ମନମୁଖି କାର୍ଯ୍ୟ କରିବା ସହ ୱାର୍ଡ଼ମେମ୍ବରମାନଙ୍କୁ ନପଚାରିବା ଓ କୌଣସି ମିଟିଂ କରୁନଥିବା ନେଇ ସେମାନେ ଅଭିଯୋଗ କରିଛନ୍ତି। ଅପରପକ୍ଷରେ ସରପଞ୍ଚ ହରିହର ସ୍ୱାଇଁଙ୍କୁ ପଚାରିବାରୁ ସେ କହିଛନ୍ତି, ଶୁକ୍ରବାର ଗ୍ରାମସଭା ପାଇଁ ସକାଳ ୧୦ଟାରେ ସ୍ଥିର ହୋଇଥିଲା। ତେବେ ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚିବା ପରେ ତାଲା ଝୁଲୁଥିଲା ଦେଖିବାକୁ ପାଇଥିଲେ। ପରେ ଉଭୟ ପକ୍ଷରୁ ପାଟି ତୁଣ୍ଡ ହେବା ସହ ସରପଞ୍ଚ ଜାଗା ଛାଡ଼ି ଚାଲିଯାଇଥିଲେ।


ରେଞ୍ଚ ପଞ୍ଚାୟତ କାର୍ଯ୍ୟଳୟରେ ୱାର୍ଡ ସଭ୍ୟାସଭ୍ୟ ତାଲା ପକାଇଛନ୍ତି ।

# ବସ୍ ଧର୍ମଘଟ: ଯାତ୍ରୀ, ପର୍ଯ୍ୟଟକ ହନ୍ତସନ୍ତ

**ପୁରୀ, ୨୦ା୧୦(ଅଜିତ୍ ମହାନ୍ତି)**


ପୁରୀ ବସ୍‌ଷ୍ଟାଣ୍ଡରେ ବସ୍‌ଗୁଡିକ ଅଟକି ରହିଛି ।

ଲକ୍ଷ୍ମୀ ବସ୍ ଚଳାଚଳକୁ ବିରୋଧ କରି ସାରା ରାଜ୍ୟରେ ଘରୋଇ ବସ୍ ମାଲିକ ସଂଘ ପକ୍ଷରୁ ବସ୍ ଚଳାଚଳ ବନ୍ଦ ରଖାଯାଇଛି। ଏହାର ପ୍ରଭାବରେ ପର୍ଯ୍ୟଟନ କ୍ଷେତ୍ର ପୁରୀରେ ଯାତ୍ରୀ ଓ ପର୍ଯ୍ୟଟକଙ୍କୁ ହଇରାଣ ହେବାକୁ ପଡ଼ିଛି। ଧାର୍ମିକ ତଥା ପର୍ଯ୍ୟଟନ କ୍ଷେତ୍ର ଦୃଷ୍ଟିରୁ ଏକ ପ୍ରମୁଖ ସ୍ଥାନ ହୋଇଥିବାରୁ ପ୍ରତ୍ୟେକ ଦିନ ପୁରୀ ବୁଲିବା ସହ ମହାପ୍ରଭୁଙ୍କ ଦର୍ଶନ କରିବା ପାଇଁ ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ ଭକ୍ତ ବସ୍ ଯୋଗେ ଆସିଥାନ୍ତି। ତେବେ ବସ ବନ୍ଦ ଡାକରା ଯୋଗୁ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହୋଇଥିବା ଦେଖିବାକୁ ମିଳିଛି। ଅନେକ ଯାତ୍ରୀ ନିଜ ଗନ୍ତବ୍ୟ ପଥରେ ଯାଇ ନ ପାରି ବସ୍‌ଷ୍ଟାଣ୍ଡରେ ବସି ରହିଥିଲେ। କେବଳ 'ମୋ ବସ୍' ଚଳାଚଳ କରୁଥିବା ବେଳେ ଏହା ଖୁବ କମ ସଂଖ୍ୟକ ଥିବାରୁ ଲୋକେ ଯାଇ ନ ପାରି ହଇରାଣ ହୋଇଥିଲେ। ଏ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଅନ୍ୟପକ୍ଷରେ ଅନେକ ଚାରିଚକିଆ ଗାଡ଼ି ଏହାର ନେଉଥିବା ଦେଖିବାକୁ ମିଳିଥିଲା। ଚଢା ଦାମରେ ଯାତ୍ରୀଙ୍କୁ ତାଙ୍କ ଗନ୍ତବ୍ୟସ୍ଥଳକୁ ନେଇଥିଲେ। ସେହିପରି ଅନେକ ଯାତ୍ରୀ ଟ୍ରେନ ଯୋଗେ ଗନ୍ତବ୍ୟସ୍ଥଳକୁ ଯାତ୍ରା କରିଥିଲେ। ଏଥିଯୋଗୁ ପୁରୀ ରେଳଷ୍ଟେଶନ୍‌ରେ ପ୍ରବଳ ଭିଡ଼ ହୋଇଥିଲା। ପୁରୀ ଘରୋଇ ବସ୍ ମାଲିକ ସଂଘ ପକ୍ଷରୁ କୁହାଯାଇଛି ଯେ, ରାଜ୍ୟ ଘରୋଇ ବସ୍ ମହାସଂଘର ନିର୍ଦ୍ଦେଶ ଅନୁଯାୟୀ ଧର୍ମଘଟ ଚାଲିଛି। ରାଜ୍ୟ ସଂଘ ଯାହା ନିଷ୍ପତ୍ତି ନେବ ତାହାକୁ ପୁରୀ ଘରୋଇ ବସ୍ ମାଲିକ ସଂଘ ମାନିବ। ଖୁବ୍‌ଶୀଘ୍ର ଏହି ସମସ୍ୟାର ସମାଧାନ ହୋଇଯିବ ବୋଲି ଆଶା ରହିଛି। ଅନ୍ୟପକ୍ଷରେ ଶୁକ୍ରବାର ସନ୍ଧ୍ୟାରେ ପରିବହନ ମନ୍ତ୍ରୀଙ୍କ ସହିତ ଆଲୋଚନା ପରେ ରାଜ୍ୟ ଘରୋଇ ବସ୍ ମହାସଂଘ ପକ୍ଷରୁ ଧର୍ମଘଟ ସ୍ଥଗିତ ରଖାଯାଇଥିବା ସୂଚନା ମିଳିଛି।

**୪ ହଜାର ଲିଟର ପୋଚ ନଷ୍ଟ, ଜଣେ ଗିରଫ**

ତିଗିରିଆ, (ଜାଫର ଖାଁ) : ପାର୍ବଣରେ ବେଆଇନ ମଦ କାରବାରରେ ରୋକ ଲଗାଇବା ପାଇଁ ତିଗିରିଆ ପୋଲିସ ତରଫରୁ ମଦ ତିଆରି ହେଉଥିବା ସ୍ଥାନ ଗୁଡ଼ିକରେ ଘନଘନ ଚଢ଼ାଉ ଜାରି ରହିଛି। ଶୁକ୍ରବାର ଥାନା ଅଞ୍ଚଳର ଭିରୁଡ଼ାରେ ଆଠଗଡ଼ ଡିଏସ୍‌ପି ରବୀନ୍ଦ୍ର ମଲ୍ଲିକ ଓ ତିଗିରିଆ ଆଇଆଇସି ଜ୍ଞାନରଞ୍ଜନ ସାମଲ ପୋଲିସ ଫୋର୍ସ ସହିତ ଚଢ଼ାଉ କରି ୪ ହଜାର ଲିଟର ପୋଚ ନଷ୍ଟ କରିଛନ୍ତି। ଏଥିସହିତ ୧୮ ଲିଟର ଦେଶୀ ମଦ ବିକ୍ରି କରିବାକୁ ରଖିଥିବା ରବି ବେହେରାଙ୍କୁ ଗିରଫ କରିଛନ୍ତି। ଏନେଇ ଥାନାରେ ନଂ.୨୧୨/୨୩ ମାମଲା ରୁଜୁ କରାଯାଇଥିବା ଆଇଆଇସି ସୂଚନା ଦେଇଛନ୍ତି।









ଷୋଳପୂଜା ଅବସରରେ ମା' କଟକଚଣ୍ଡୀଙ୍କ ବଗଳାମୁଖୀ ବେଶ। ମା' ଗଡ଼ଚଣ୍ଡୀଙ୍କ ମହାଲକ୍ଷ୍ମୀ ବେଶ। ମା' ଝାଞ୍ଜିରିମଙ୍ଗଳାଙ୍କ ଜୟଦୁର୍ଗା ବେଶ। ମା' ବାସନ୍ତୀ ଦୁର୍ଗାଙ୍କ ମହା କାତ୍ୟାୟନୀ ବେଶ। ତିଗିରିଆ : ମା' କଳାପାଟ ଠାକୁରାଣୀଙ୍କ ଅନ୍ନପୂର୍ଣ୍ଣା ବେଶ। ବାଙ୍କୀ: ମା' ଚର୍ଚ୍ଚିକାଙ୍କ ସ୍ୱତନ୍ତ୍ର ବେଶ। ମା' ଭଟ୍ଟାରିକାଙ୍କ ବଗଳାମୁଖୀ ବେଶ।

## ଆଜି କ'ଣ କେଉଁଠି

କଟକ

- ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ବିଜୟାଦଶମୀ ଉତ୍ସବ, ସାରଳା ଭବନ ନିକଟ ପଡ଼ିଆ, ବିଜୁ ପଟ୍ଟନାୟକ ଛକ, ସକାଳ ୬ଟା ୪୫।
- ବିଜୟିନୀ ପବ୍ଲିକେଶନ୍ସ ଓ ସାହିତ୍ୟ ପତ୍ରିକା ଜନସୁଧାର ରଜତ ଜୟନ୍ତୀ ସମାରୋହ, ଶ୍ରୀରାମଚନ୍ଦ୍ର ଭବନ, ପୂର୍ବାହ୍ନ ୧୦ଟା ୨୩।
- ଶ୍ରୀ ଦୁର୍ଗା ସାହିତ୍ୟ ସଂସଦର ଶାରଦୀୟ ବନ୍ଧୁମିଳନ ଓ କବିତା ପାଠୋତ୍ସବ, ସିଦ୍ଧି ଦୁର୍ଗା ମଣ୍ଡପ, ଖପୁରିଆ ଶିଳ୍ପାଞ୍ଚଳ, ଅପରାହ୍ନ ୪ଟା ୩୦।

## ସଂକ୍ଷେପରେ

### ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବରିଷ୍ଠ ନାଗରିକ ମଞ୍ଚର ୫ ଦଫା ଦାବିପତ୍ର

ମାହାଙ୍ଗା : ୨୦।୧୦(ଯଯାତି ସିଂହ)

ମାହାଙ୍ଗା ବ୍ଲକ ଅନ୍ତର୍ଗତ ନୃତାଙ୍ଗସ୍ଥିତ ବରିଷ୍ଠ ନାଗରିକ ଜନକଲ୍ୟାଣ ମଞ୍ଚ ପକ୍ଷରୁ ଉନ୍ନତିମୂଳକ ପ୍ରସ୍ତାବ ସମ୍ବଳିତ ୫ ଦଫା ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ମାହାଙ୍ଗା ବିଡିଓଙ୍କୁ ପ୍ରଦାନ କରାଯାଇଛି। ମଞ୍ଚର ସମ୍ପାଦକ ଶିକ୍ଷାବିତ୍ ମାଧବ ଚନ୍ଦ୍ର ପଣ୍ଡା ଏହାର ନେତୃତ୍ୱ ନେଇଥିଲେ। ସେମାନଙ୍କ ଦାବିଗୁଡ଼ିକ ହେଲା ବାର୍ଦ୍ଧକ୍ୟ ଭତ୍ତା ୫ ଶହରୁ ୨ ହଜାର ଟଙ୍କାକୁ ବୃଦ୍ଧି, ରାଶନ କାର୍ଡରେ ମିଳୁଥିବା ଚାଉଳ ୫ରୁ ୧୦ କିଲୋକୁ ବୃଦ୍ଧି, ପୁରୀ ଶ୍ରୀମନ୍ଦିର ସମେତ ରାଜ୍ୟର ପ୍ରମୁଖ ମନ୍ଦିରମାନଙ୍କରେ ବରିଷ୍ଠ ନାଗରିକମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବା, ସରକାରୀ ଓ ବେସରକାରୀ ଡାକ୍ତରଖାନାରେ ବରିଷ୍ଠ ନାଗରିକମାନଙ୍କୁ ମାଗଣାରେ ଚିକିତ୍ସା ସୁବିଧା ଯୋଗାଇ ଦେବା, ବରିଷ୍ଠ ନାଗରିକ ମହାସଂଘର ଭୁବନେଶ୍ୱର କାର୍ଯ୍ୟାଳୟ ପାଇଁ ଗୃହ ଯୋଗାଇ ଦେବା ଆଦି ଅନ୍ତର୍ଭୁକ୍ତ। ଏହି ଦାବିପତ୍ର ପ୍ରଦାନ ସମୟରେ କାର୍ଯ୍ୟକାରୀ ସଭାପତି ବିଷ୍ଣୁଚରଣ ପଣ୍ଡା, ଉପସଭାପତି ସାମାଜିକ କର୍ମୀ ଶ୍ୟାମ ସୁନ୍ଦର ସ୍ୱାଇଁ, ସହ ସମ୍ପାଦକ ଜଳଧର ପରିଡ଼ା,ପ୍ରଦୀପ୍ତ କୁମାର ଚୌଧୁରୀ ,ସୁରେନ୍ଦ୍ର ଚନ୍ଦ୍ର ମାଢ଼େଇ, ଶିବପ୍ରସାଦ ଦାସ, ବ୍ରଜବନ୍ଧୁ ବେହେରା, ଗୋବିନ୍ଦ ଚନ୍ଦ୍ର ବାରିକ, ପୁରୁଷୋତ୍ତମ ସ୍ୱାଇଁ, ବଳରାମ ନାୟକ, ଶିକ୍ଷାବିତ୍ ରଙ୍ଗାଧର ନାୟକ ଓ ଆରତୀ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

### ୧୧୦ ୟୁନିଟ୍ ରକ୍ତ ସଂଗ୍ରହ

ତିଗିରିଆ,୨୦।୧୦(ଜାଫର ଖାଁ)

ତିଗିରିଆ ବ୍ଲକ ବିନ୍ଧାଣିମା ପଞ୍ଚାୟତର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବ୍ଲକ ବିଜୁ ମହିଳା, ଯୁବ ଓ ଛାତ୍ର ଜନତା ଦଳ ତରଫରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ମୋ ପରିବାର ତରଫରୁ ଆୟୋଜିତ ଶିବିରରେ ୧୧୦ ୟୁନିଟ ରକ୍ତ ସଂଗୃହିତ ହୋଇଛି। ମୁଖ୍ୟ ଅତିଥିଭାବେ ଆଠଗଡ ଯୁବ ସଙ୍ଗଠକ ଆଦିତ୍ୟ ପ୍ରତାପ ସ୍ୱାଇଁ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ।

# ଏସ୍‌ଏଚ୍‌ଜି ସଦସ୍ୟାଙ୍କ ଧାରଣା

ନିଶ୍ଚିନ୍ତକୋଇଲି,୨୦।୧୦
(ଅଶୋକ କୁମାର ମହାପାତ୍ର)



ଧାରଣାରେ ବସିଥିବା ଏସ୍‌ଏଚ୍‌ଜିର ସଦସ୍ୟାମାନେ।

**ମଧ୍ୟାହ୍ନଭୋଜନ ଟଙ୍କା ମିଳୁନି**
- ଅଧିକାରୀ ନ ଥିବାରୁ ନିରାଶ ହୋଇ ଫେରିଲେ
- ଦେଢ଼ ଲକ୍ଷ ଟଙ୍କା ବକେୟା ରହିଛି

ମଧ୍ୟାହ୍ନଭୋଜନ ପ୍ରାପ୍ୟ ନ ପାଇ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାମାନେ ବିଇଓଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। ମାତ୍ର ଅଧିକାରୀଙ୍କୁ ନ ପାଇ ଶେଷରେ ନିରାଶ ହୋଇ ଫେରିବା ପରେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ନିଶ୍ଚିନ୍ତକୋଇଲି ବ୍ଲକରେ ଏଭଳି ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଏହି ବ୍ଲକର କଳମିଶ୍ରୀ ପଞ୍ଚାୟତ ଅନ୍ତର୍ଗତ ଲେଙ୍ଗୁରା ଭଗବାନପୁରସ୍ଥିତ ଅନନ୍ତେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟର ମଧ୍ୟାହ୍ନଭୋଜନ ବଣ୍ଟନ ଦାୟିତ୍ୱ ଭଗବତୀ ସ୍ୱୟଂ ସହାୟିକା ଗୋଷ୍ଠୀକୁ ଦିଆଯାଇଛି। ଲେଙ୍ଗୁରା ଭଗବାନପୁରସ୍ଥିତ ଭଗବତୀ ସ୍ୱୟଂ ସହାୟିକା ଗୋଷ୍ଠୀ ସ୍ଥାନୀୟ ଅନନ୍ତେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟର ମଧ୍ୟାହ୍ନଭୋଜନ ବଣ୍ଟନ ଦାୟିତ୍ୱ ଦିଆଯାଇଛି। ଏହି ଗୋଷ୍ଠୀ ୨୦୧୮ ଡିସେମ୍ବର ୧ ରୁ ବିଦ୍ୟାଳୟ ମଧ୍ୟାହ୍ନଭୋଜନ ପ୍ରସ୍ତୁତ କରୁଛି। ୨୦୨୨ ମାର୍ଚ୍ଚରୁ ଅକ୍ଟୋବର ପର୍ଯ୍ୟନ୍ତ ଏହି ଭୋଜନ ପ୍ରସ୍ତୁତି ନିମନ୍ତେ ସେମାନଙ୍କ ୧ଲକ୍ଷ ଟଙ୍କା ୫୦ ହଜାର ଟଙ୍କା ବକେୟା ରହିଛି। ସଦସ୍ୟାମାନେ ବିଭିନ୍ନ ଦୋକାନରୁ ଧାର ସୂତ୍ରରେ ମଧ୍ୟାହ୍ନଭୋଜନ ନିମନ୍ତେ ସାମଗ୍ରୀ ଆଣିଥିଲେ। ମାତ୍ର ପ୍ରାପ୍ୟ ନ ମିଳିବାରୁ ଏପର୍ଯ୍ୟନ୍ତ ସେମାନେ ଟଙ୍କା ପରିଶୋଧ କରିପାରିନାହାନ୍ତି। ଏନେଇ ସ୍ୱୟଂ ସହାୟିକା ଗୋଷ୍ଠୀର ସମ୍ପାଦିକା ସସ୍ମିତା ଶତପଥୀ ଲିଖିତ ଭାବେ ମୁଖ୍ୟମନ୍ତ୍ରୀ, ବିଦ୍ୟାଳୟ ଗଣ ଶିକ୍ଷା ସଚିବ, ରାଜ୍ୟ ମିଶନ ଶକ୍ତି ସଚିବ, ଓଡିଶା ମାନବାଧିକାର କମିଶନର, ରାଜ୍ୟ ଶ୍ରମ କମିଶନର, ଜିଲାପାଳ, ଉପଜିଲାପାଳ, ଜିଲା ଶିକ୍ଷାଧିକାରୀ, ନିଶ୍ଚିନ୍ତକୋଇଲି ମଣ୍ଡଳ ଉନ୍ନୟନ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହାସତ୍ତ୍ୱେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିଲା। ଏହାର ପ୍ରତିବାଦରେ ଶୁକ୍ରବାର ସମ୍ପାଦିକା ସସ୍ମିତା ଶତପଥୀଙ୍କ ନେତୃତ୍ୱରେ କାର୍ଯ୍ୟକର୍ତ୍ତାମାନେ ନିଶ୍ଚିନ୍ତକୋଇଲି ବ୍ଲକ ଶିକ୍ଷାଧିକାରିଣୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ମାତ୍ର ଶିକ୍ଷାଧିକାରୀ କାର୍ଯ୍ୟାଳୟରେ ଉପସ୍ଥିତ ନଥିବା କାରଣରୁ ମହିଳାମାନେ ନିରାଶ ହୋଇ ଫେରିବାକୁ ବାଧ ହୋଇଥିଲେ। ଏ ସମ୍ପର୍କରେ ବିଇଓ ଲକ୍ଷେହୀରା ଲାବଣ୍ୟବତୀ ବେହେରା କୁହନ୍ତି, ପ୍ରଧାନ ଶିକ୍ଷକ ଓ ଗୋଷ୍ଠୀର କର୍ମକର୍ତ୍ତାଙ୍କ ସହ ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ କରାଯିବ। ଛୁଟି ପରେ ତ୍ୱରିତ ପଦକ୍ଷେପ ନିଆଯିବ।

# ବସ୍ ଧର୍ମଘଟ ଯୋଗୁ ଯାତ୍ରୀ ହୀନସ୍ତା

ନିଶ୍ଚିନ୍ତକୋଇଲି,୨୦।୧୦
(ଅଶୋକ କୁମାର ମହାପାତ୍ର)

ଘରୋଇ ବସ ଧର୍ମଘଟ ଯୋଗୁ ଶୁକ୍ରବାର ନିଶ୍ଚିନ୍ତକୋଇଲି ବ୍ଲକ୍ ଅଞ୍ଚଳରେ ଯାତ୍ରୀମାନେ ନାନା ହୀନସ୍ତା ଭୋଗ କରିଛନ୍ତି। ଏହାର ସୁଯୋଗରେ ଅଟୋ ଚାଳକ ଓ ଟାଟା ମ୍ୟାଜିକ ସମେତ ଛୋଟଛୋଟ ଗାଡ଼ିଗୁଡ଼ିକ ମନଇଚ୍ଛା ଯାତ୍ରୀଙ୍କଠାରୁ ଭଡ଼ା ଆଦାୟ କରିଛନ୍ତି। ଦଶହରା ପର୍ବ ଉପଲକ୍ଷେ ବିଭିନ୍ନ ସ୍ଥାନରୁ ଲୋକେ ନିଜର ପରିବାର ବର୍ଗଙ୍କୁ ଧରି ଗାଁକୁ ଫେରୁଥିଲାବେଳେ ଅସୁବିଧାର ସାମ୍ନା କରିଛନ୍ତି। ବିଭିନ୍ନ ସରକାରୀ ପ୍ରତିଷ୍ଠାନ, ସ୍କୁଲ ଓ କଲେଜ ଛୁଟି ଘୋଷଣା କରାଯାଇଥିବାରୁ ଯାତ୍ରୀଙ୍କ ସଂଖ୍ୟା ବଢ଼ିଯାଇଛି। କେତେକ ସ୍ଥାନରେ ଯାତ୍ରୀଙ୍କଠାରୁ ଛୋଟ ଗାଡ଼ିଗୁଡ଼ିକ ନିର୍ଦ୍ଧାରିତ ଭଡ଼ାଠାରୁ ତିନିରୁ ଚାରିଗୁଣା ଅଧିକ ନେଇଥିବା ଅଭିଯୋଗ ହୋଇଛି। ଯାତ୍ରୀ ଏହାର ପ୍ରତିବାଦ କରିବାରୁ ଗାଡ଼ି ଚାଳକମାନେ ସେମାନଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ସୂଚନା ମିଳିଛି। ଘରୋଇ ବସ୍ ମାଲିକ ସଂଘର ଏଭଳି ନିଷ୍ପତ୍ତିକୁ ସାଧାରଣରେ ନାପସନ୍ଦ କରାଯାଇଛି। ଏ ସମ୍ପର୍କରେ ସଞ୍ଜୟ କୁମାର ବେହେରା ନାମକ ବ୍ୟକ୍ତି କୁହନ୍ତି, ଯାତ୍ରୀଙ୍କ ସ୍ୱାର୍ଥକୁ ଘରୋଇ ବସ୍ ମାଲିକ ସଂଘ ପ୍ରାଥମିକତା ଦେବା କଥା। ପାର୍ବଣ ସମୟରେ ସଂଘର ଏଭଳି ନିଷ୍ପତ୍ତି ଆଗାମୀ ଦିନରେ ଜନ ଅସନ୍ତୋଷକୁ ଉଜ୍ଜୀବିତ କରିବ। ଅନ୍ୟପକ୍ଷରେ ସନ୍ଧ୍ୟାରେ ବସ୍ ଧର୍ମଘଟ ସ୍ଥଗିତ ହୋଇଥିବାରୁ ଯାତ୍ରୀ ଆଶ୍ୱସ୍ତ ହୋଇଛନ୍ତି।

# ସୂଚନା, ପ୍ରସାରଣ ମନ୍ତ୍ରଣାଳୟର ସ୍ୱଚ୍ଛତା କାର୍ଯ୍ୟକ୍ରମ ସମୀକ୍ଷା



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅଧିକାରୀ ଓ କର୍ମଚାରୀମାନେ।

କଟକ,୨୦।୧୦ (କାର୍ତ୍ତିକ ସାହୁ)

ସ୍ୱଚ୍ଛ ଭାରତ ଅଭିଯାନ ୩.୦ ଅନ୍ତର୍ଗତ ରାଜ୍ୟରେ ଥିବା ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ବିଭିନ୍ନ ବିଭାଗର ସ୍ୱଚ୍ଛତା ସମ୍ବନ୍ଧୀୟ କାର୍ଯ୍ୟଗୁଡ଼ିକର ସମୀକ୍ଷା କରାଯାଇଛି। ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ବରିଷ୍ଠ ଅର୍ଥନୈତିକ ପରାମର୍ଶଦାତା ରବୀନ୍ଦ୍ର କୁମାର ଜେନା କଟକ ଓ ଭୁବନେଶ୍ୱରସ୍ଥିତ ସମସ୍ତ କାର୍ଯ୍ୟାଳୟର ସ୍ୱଚ୍ଛତା କାର୍ଯ୍ୟକ୍ରମ ଦେଖିଥିଲେ। କେନ୍ଦ୍ର ସରକାରଙ୍କ ପକ୍ଷରୁ ସ୍ୱଚ୍ଛତା ଅଭିଯାନ ସମ୍ପର୍କିତ ଜାରି କରାଯାଇଥିବା ନିର୍ଦ୍ଦେଶାବଳୀର ଉପଯୁକ୍ତ ପାଳନ ସମ୍ପର୍କରେ ସେ ଅନୁଧ୍ୟାନ କରିଥିଲେ। ବରିଷ୍ଠ ଅର୍ଥନୈତିକ ପରାମର୍ଶଦାତା ଜେନା ଶୁକ୍ରବାର ଭୁବନେଶ୍ୱରସ୍ଥିତ ଏନ୍‌ଏବିଏମ୍ କାର୍ଯ୍ୟାଳୟ, ପତ୍ରସୂଚନା କାର୍ଯ୍ୟାଳୟ, କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋ କାର୍ଯ୍ୟାଳୟ, ଦୂରଦର୍ଶନ ସହିତ ଭୁବନେଶ୍ୱରଠାରେ ଥିବା ରେଡିଓ କାର୍ଯ୍ୟାଳୟରେ ସ୍ୱଚ୍ଛତା କାର୍ଯ୍ୟକ୍ରମଗୁଡ଼ିକ ଅନୁଧ୍ୟାନ କରିଥିଲେ।

ସ୍ୱଚ୍ଛତା ନିରୀକ୍ଷଣ ସମୟରେ ସେ କଟକ ଓ ଭୁବନେଶ୍ୱରଠାରେ ଚାରାରୋପଣ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। କଟକ ଆକାଶବାଣୀ କେନ୍ଦ୍ରର ମୁଖ୍ୟ ପ୍ରକାଶ କୁମାର ପତି, ଏନ୍‌ଏବିଏମ୍ ମୁଖ୍ୟ ଆନନ୍ଦ ଚନ୍ଦ୍ର ସୁବୁଦ୍ଧି, ଭୁବନେଶ୍ୱର ଦୂରଦର୍ଶନ ମୁଖ୍ୟ ରିଜ୍‌ୱାନା ଅଖତର, କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋର ଯୁଗ୍ମ ନିର୍ଦ୍ଦେଶକ ଗିରିଶ ଚନ୍ଦ୍ର ଦାଶଙ୍କ ସମେତ ଆକାଶବାଣୀ ଓ ଦୂରଦର୍ଶନର ଅଧିକାରୀ, କର୍ମଚାରୀମାନେ ସ୍ୱଚ୍ଛତା କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

# ଟୋକନ ପାଇଥିବା ଚାଷୀ ଧାନ ବିକ୍ରିରୁ ବଞ୍ଚିତ ନ ହୁଅନ୍ତୁ




ଶିବିରରେ ଯୋଗ ଦେଇଥିବା ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

ଆଠଗଡ,୨୦।୧୦(ସତ୍ୟ ପ୍ରସାଦ ରଥ)

**ଖରିଫ ଧାନ କ୍ରୟ ପାଇଁ ପ୍ରଶିକ୍ଷଣ ଶିବିର**

ଆଠଗଡ ଉପଖଣ୍ଡ ଅନ୍ତର୍ଗତ ଏନ୍‌ଏସି,ବ୍ଲକ, ତିଗିରିଆ,ବଡମ୍ବା, ନରସିଂହପୁର ଅଞ୍ଚଳରୁ ଚଳିତ ଖରିଫ ଋତୁରେ ଚାଷୀଙ୍କ ଠାରୁ ଧାନ କ୍ରୟ ନିମନ୍ତେ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଏକ ପ୍ରଶିକ୍ଷଣ ଶିବର ଅନୁଷ୍ଠିତ ହୋଇଯାଇଛି। ନରସିଂହପୁର ନିୟନ୍ତ୍ରିତ ବଜାର କମିଟି,ଆଠଗଡ ଆନୁକୂଲ୍ୟରେ ଆୟୋଜିତ ଏହି ଶିବିରରେ ୭୪ ସେବା ସମବାୟ ସମିତିର ସମ୍ପାଦକ, ସହସମ୍ପାଦକ ଏବଂ ଡିଇଓ ଯୋଗଦେଇଥିଲେ। ଶିବିରକୁ ଆଠଗଡ ଉପଜିଲାପାଳ ତଥା ବଜାର କମିଟି ଅଧକ୍ଷ ପ୍ରଶାନ୍ତ କୁମାର ତରେଇ ଉଦ୍‌ଘାଟନ କରିଥିଲେ। ଚଳିତ ଋତୁରେ କମ୍ପ୍ୟୁଟର ମାଧ୍ୟମରେ ପଞ୍ଜିକୃତ ଚାଷ ଜମିର ନିର୍ଭୁଲ ସର୍ଭେ କରି ପ୍ରକୃତ ଚାଷ ଜମି, ଚାଷୀ ଚିହ୍ନଟ କରିବା ପାଇଁ ତରେଇ ପରାମର୍ଶ ଦେଇଥିଲେ। ଟୋକନ ପାଇଥିବା ପ୍ରକୃତ ଚାଷୀ ଧାନ ବିକ୍ରୟରୁ ବଞ୍ଚିତ ନ ହେବାକୁ ସେ ଗୁରୁତ୍ୱାରୋପ କରିଥିଲେ। ଧାନମଣ୍ଡିକୁ ଆସୁଥିବା କୃଷକମାନଙ୍କୁ ସମସ୍ତ ସହଯୋଗ କରିବା ଓ ଶୃଙ୍ଖଳିତ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ। ଚଳିତ ବର୍ଷ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୧୮୩ ଟଙ୍କା ନିର୍ଦ୍ଧାରିତ ହୋଇଛି। ଏ-ଗ୍ରେଡ ଧାନ ପାଇଁ ସହାୟକ ମୂଲ୍ୟ ୨୨୦୩ ଟଙ୍କା ରହିଛି। ଧାନ ବିକ୍ରି ସମୟ କୌଣସି ସୂଚନା କିମ୍ବା ଅଭିଯୋଗ ପାଇଁ ରାଜ୍ୟ ସରକାରଙ୍କ ଟୋଲଫ୍ରି ନଂ. ୧୯୬୭ରେ ଯୋଗାଯୋଗ କରିବା ପାଇଁ ଶିବିରରେ ସୂଚନା ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଜିଲା ଯୋଗାଣ ଅଧିକାରୀ ଚନ୍ଦ୍ର ଶେଖର ପାତ୍ର, ଅତିରିକ୍ତ ଯୋଗାଣ ଅଧିକାରୀ ଉପେନ୍ଦ୍ର କୁମାର ଭୋଇ, ପ୍ରତିସନୀ ଷଡ଼ଙ୍ଗୀ, ସହକାରୀ ଯୋଗାଣ ଅଧିକାରୀ ଜଗମୋହନ ଦାସ, ସହକାରୀ ନିବନ୍ଧକ ସମବାୟ ସମିତି ସମୂହ ବ୍ରଜେନ୍ଦ୍ର କୁମାର ମହାନ୍ତି, ଭାଗ୍ୟ ଲକ୍ଷ୍ମୀ ବେହେରା, ଜାମିନୀକାନ୍ତ ମହାପାତ୍ର ଓ ସ୍ମୃତି ରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ନରସିଂହପୁର ନିୟନ୍ତ୍ରିତ ବଜାର କମିଟିର ସମ୍ପାଦକ ରାମ ନାରାୟଣ ମଲ୍ଲିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

### ସିମେଣ୍ଟ ବୋଝେଇ ଟ୍ରକ୍, ପିକ୍‌ଅପ୍ ଭ୍ୟାନ ଧକ୍କା, ବର୍ତ୍ତିଲେ ଚାଳକ

ନିଶ୍ଚିନ୍ତକୋଇଲି,୨୦।୧୦
(ଅଶୋକ କୁମାର ମହାପାତ୍ର)

ନିଶ୍ଚିନ୍ତକୋଇଲି ବ୍ଲକ କଟିକଟା ବଜାର ନିକଟ କଟକ-ଚାନ୍ଦବାଲି ରାସ୍ତାରେ ଶୁକ୍ରବାର ପୂର୍ବାହ୍ନରେ ଏକ ସିମେଣ୍ଟ ବୋଝେଇ ଟ୍ରକ୍ ଓ ପିକ୍‌ଅପ୍ ଭ୍ୟାନ ମଧ୍ୟରେ ଧକ୍କା ହୋଇଛି। ଏଥିରେ ଉଭୟ ଗାଡ଼ିର ଚାଳକ ନିଶ୍ଚିତ ମୃତ୍ୟୁ ମୁଖରୁ ବର୍ତ୍ତିଯାଇଛନ୍ତି। କଟକରୁ କେନ୍ଦ୍ରାପଡ଼ା ଅଭିମୁଖେ ସିମେଣ୍ଟ ବୋଝେଇ ଟ୍ରକ୍ ନଂ.(ଓଆର-୦୪-ଏଫ-୧୫୯୭) ଦ୍ରୁତ ଗତିରେ ଯାଉଥିଲା। ଏହି ସମୟରେ କଟକରୁ କେନ୍ଦ୍ରାପଡ଼ା ଅଭିମୁଖେ ଯାଉଥିବା ପିକ୍‌ଅପ୍ ଭ୍ୟାନ୍ ନଂ.(ଓଡି-୦୫-ଏଭି-୮୬୯୦)କୁ ଟ୍ରକ୍ ଅତିକ୍ରମ କରୁଥିଲାବେଳେ ଭାରସାମ୍ୟ ହରାଇଥିଲା। ଫଳରେ ଟ୍ରକ୍ ଓ ପିକ୍‌ଅପ୍ ଭ୍ୟାନ ମଧ୍ୟରେ ଧକ୍କା ହୋଇଥିଲା। ଟ୍ରକ୍‌ଟି ଏକ ନୟନଯୋରୀ ମଧ୍ୟକୁ ପଶିଯାଇ ଓଲଟି ପଡ଼ିଥିଲା। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ଉଭୟ ଗାଡ଼ିର ଚାଳକଙ୍କୁ ଉଦ୍ଧାର କରିଥିଲେ। ଲୋକଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ ଉଭୟେ ନିଶ୍ଚିତ ମୃତ୍ୟୁମୁଖରୁ ବର୍ତ୍ତିଯାଇଥିଲେ। ନିଶ୍ଚିନ୍ତକୋଇଲି ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ି ଦୁଇଟିକୁ ଜବତ କରି ତଦନ୍ତ ଚଳାଇଛି।

# ମଣ୍ଡଳସ୍ତରୀୟ ପ୍ରାଣୀଧନ ମେଳା




'ସଫଳ ପ୍ରାଣୀ ପାଳନ କାହାଣୀ' ପୁସ୍ତିକାକୁ ଅତିଥିମାନେ ଲୋକାର୍ପଣ କରୁଛନ୍ତି।

ବାଙ୍କୀ,୨୦।୧୦(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ଜାତୀୟ ପ୍ରାଣୀଧନ ମିଶନ୍ ଆନୁକୂଲ୍ୟରେ ଡମପଡ଼ା ମଣ୍ଡଳସ୍ତରୀୟ ପ୍ରାଣୀଧନ ମେଳା ଚକୁଳେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ଏଥିରେ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, ବରେଣ୍ୟ ଅତିଥିଭାବେ ବାଙ୍କୀ ଉପଖଣ୍ଡ ପ୍ରାଣିଚିକିତ୍ସା ଅଧିକାରୀ ଶିଶିର କୁମାର ସାହୁ, ସମ୍ମାନିତ ଅତିଥିଭାବେ ଡମପଡ଼ା ବ୍ଲକ ଉପାଧ୍ୟକ୍ଷା ଗୀତାଞ୍ଜଳି ବେଉରା, ଜିଲା ପରିଷଦ ସଭ୍ୟ ଆଶିଷ କୁମାର ସାହୁ, ମିନତୀ ମହାପାତ୍ର, ପାଥପୁର ସରପଞ୍ଚ ସୁରେନ୍ଦ୍ର ପରିଡ଼ା, ସମିତି ସଭ୍ୟ ନରେନ୍ଦ୍ର କୁମାର ସାହୁ, କୁସୁପଙ୍ଗୀ ସରପଞ୍ଚ ନରେଶ ବେହେରା ପ୍ରମୁଖ ଯୋଗଦେଇଥିଲେ।

ଡମପଡ଼ା ମଣ୍ଡଳ ପ୍ରାଣୀଚିକିତ୍ସା ଅଧିକାରୀ ଡାକ୍ତର ଚିନ୍ମୟ ଭୂୟାଁ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ପ୍ରାଣୀସମ୍ପଦ ଯଥା ମେଣ୍ଢା, ଗାଈ, କୁକୁଡ଼ା, କୁକୁର,ବତକ ଆଦି ପାଳନ ସଂପର୍କରେ ଆଲୋଚନା ହୋଇଥିଲା। ଏହି ଅବସରରେ ବିଧାୟକ ତ୍ରିପାଠୀ କହିଥିଲେ ଏସବୁ ପାଣୀଙ୍କ ଚାଷଦ୍ୱାରା ବହୁ ହିତାଧିକାରୀ ଲାଭବାନ ହୋଇପାରିଛନ୍ତି। ଏହି ଅବସରରେ 'ସଫଳ ପ୍ରାଣୀ ପାଳନ କାହାଣୀ' ପୁସ୍ତିକା ବିଧାୟକ ତ୍ରିପାଠୀ ଲୋକାର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ୨୦ଜଣ ସଫଳ ପ୍ରାଣୀ ପାଳକ ଓ ମହିଳା ମିଶନ ଶକ୍ତି ସଭ୍ୟାଙ୍କୁ ପୁରସ୍କୃତ କରାଯାଇ ସମ୍ବର୍ଦ୍ଧନା ଦିଆଯାଇଥିଲା। ସେଠାରେ ଆୟୋଜିତ ଗୋ ପ୍ରଦର୍ଶନୀକୁ ବିଧାୟକ ତ୍ରିପାଠୀ ଉଦ୍‌ଘାଟନ କରିଥିଲେ। ଡମପଡ଼ା ମଣ୍ଡଳ ପ୍ରାଣୀ ଚିକିତ୍ସା ଅଧିକାରୀ ଚିନ୍ମୟ ଭୂୟାଁ ଧନ୍ୟବାଦ ଅର୍ପଣ କରିଥିଲେ।

# ସମ୍ବଲପୁରୀ ନୃତ୍ୟ ମନ ମୋହିଲା

ବଡ଼ମ୍ବା,୨୦।୧୦(ମାୟାଧର ମଲ୍ଲିକ)



କଳାକାରମାନେ ସମ୍ବଲପୁରୀ ନୃତ୍ୟ ପରିବେଷଣ କରୁଛନ୍ତି।

**ଭଟ୍ଟାରିକା ମହୋତ୍ସବ ଉଦ୍‌ଘାଟିତ**

ବଡ଼ମ୍ବାର ଅଧିଷ୍ଠାତ୍ରୀ ଦେବୀ ତ୍ରିପୁରା ସୁନ୍ଦରୀ ମହାମାୟା ଭଟ୍ଟାରିକାଙ୍କ ପୀଠରେ ୨୨ ତମ ଭଟ୍ଟାରିକା ମହୋତ୍ସବ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସୁବାସ ପାଢ଼ୀ ଯୋଗଦେଇ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ ବଡ଼ମ୍ବା ମାଟିର କଳା ଓ ସଂସ୍କୃତି ଅନନ୍ୟ ବୋଲି କହିଥିଲେ। ସଂଯୋଜକ ରବୀନ୍ଦ୍ର କୁମାର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଉକ୍ତ ମହୋତ୍ସବରେ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ବିଶିଷ୍ଟ ବୈଜ୍ଞାନିକ ସୁରେନ୍ଦ୍ରନାଥ ଦଳେଇ ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ ନରସିଂହପୁର ବ୍ଲକ ସହକାରୀ ଯନ୍ତ୍ରୀ ଦିଲୀପ କୁମାର ବେହେରା ଯୋଗଦେଇଥିଲେ। ଭଟ୍ଟାରିକା ଆଞ୍ଚଳିକ ଉନ୍ନୟନ ପରିଷଦ ସଭାପତି ଭ୍ରମରବର ନାୟକ ସ୍ୱାଗତ ଭାଷଣ ଓ ସମ୍ପାଦକ ଶିକ୍ଷାବିତ୍ ସନାତନ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବିଶିଷ୍ଟ ବ୍ୟକ୍ତିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଭଟ୍ଟାରିକା ସରପଞ୍ଚ ଶତ୍ରୁଜିତ ପୁହାଣ, ସମିତିସଭ୍ୟ ସତ୍ୟବାନ ରଣା ଉପସ୍ଥିତ ଥିଲେ। କରଡ଼ିବନ୍ଧ ସରପଞ୍ଚଙ୍କ ପ୍ରତିନିଧି ସନ୍ତୋଷ କୁମାର ମହାନ୍ତି, କାର୍ତ୍ତିକ ପୁହାଣଙ୍କ ସମେତ ବହୁ ଯୁବ ଗୋଷ୍ଠୀ ଏଥିରେ ସହଯୋଗ କରିଥିଲେ। ଭଜନ ଗାୟକ ଶିବପ୍ରସାଦ ଦାଶଙ୍କ ଭଜନରେ ଦର୍ଶକ ବିମୋହିତ ହୋଇଥିବା ବେଳେ କଟକ କଳାକାରଙ୍କ ଦ୍ୱାରା ସମ୍ବଲପୁରୀ ନୃତ୍ୟ ଦର୍ଶକଙ୍କ ମନ ମୋହିଥିଲା।

# ମନ୍ତ୍ରଧ୍ୱନିରେ ମୁଖରିତ ପୀଠ, ମଣ୍ଡପ

ଖୋର୍ଦ୍ଧା ଅଫିସ,୨୦।୧୦(ପ୍ରଭାତ ପାଣିଗ୍ରାହୀ)

ଅନ୍ୟାୟ ଓ ଅତ୍ୟାଚାରକୁ ନାଶ କରିବା ପାଇଁ ଧରାବତରଣ କରିଛନ୍ତି ମା'ଜଗଜ୍ଜନନୀ। ମହାମାୟୀଙ୍କ ଆରାଧନା, ମନ୍ତ୍ରପାଠରେ କମ୍ପୁଛି ପରିବେଶ। ସବୁଠି ରହିଛି ଆଧ୍ୟାତ୍ମିକ ବାତାବରଣ। ଜିଲାର ପ୍ରମୁଖ ପ୍ରସିଦ୍ଧ ଶକ୍ତିପୀଠ ବାଟ ଭୁଆଶୁଣୀ, ବରୁଣେଇ ପୀଠ, ଗଡମାଣିତ୍ରୀର ମା'ରାମଚଣ୍ଡୀ, ଉଗ୍ରତାରା ଏବଂ ବାଣପୁର ସ୍ଥିତ ମା'ଭଗବତୀ ପୀଠରେ ପରମ୍ପରା ଅନୁଯାୟୀ ମହାସପ୍ତମୀ ଆଡ଼ମ୍ବରରେ ପାଳିତ ହୋଇଥିବା ବେଳେ ପୂଜାମଣ୍ଡପ ଗୁଡ଼ିକରେ ମହାଷଷ୍ଠୀ ପୂଜା ଅନୁଷ୍ଠିତ ହୋଇଛି।

ଜଗଜ୍ଜନନୀଙ୍କ ଆଗମନରେ ଚଳଚଞ୍ଚଳ ହୋଇଉଠିଛି ଖୋର୍ଦ୍ଧା ସହର। ପୂଜାମଣ୍ଡପରେ ଚାଲିଛି ମା'ଙ୍କ ପୂଜାର୍ଚ୍ଚନା। ଆକର୍ଷଣୀୟ ସାଜସଜ୍ଜା, ସୁଉଚ୍ଚ ତୋରଣ, ରଙ୍ଗିନ ଆଲୋକମାଳାରେ ଝଲସୁଛି ପୂଜାମଣ୍ଡପ। ଇଗଲ କ୍ଲବ, ଖୋର୍ଦ୍ଧା କ୍ଲବ, ଗୁରୁଜଙ୍ଗ ମାଳିସାହି, ପୁରୁଣା ଫାୟାର ଷ୍ଟେଶନ ଛକ ଏବଂ ପଲ୍ଲା ଛକରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜା ପାଉଥିବା ବେଳେ ଜୟୀରାଜଗୁରୁ ଟାଉନ ହଲ୍ ନିକଟରେ ଟ୍ରାଫିକ ଛକ ବ୍ୟବସାୟୀ ସଂଘ, ଦୁଲଣାସାହି, ମାଛ ମାର୍କେଟ ଛକ, ୪୦୭ ଷ୍ଟାଣ୍ଡ ପୂଜାମଣ୍ଡପରେ ହରପାର୍ବତୀ ପୂଜା ପାଉଛନ୍ତି। ଷଷ୍ଠୀରେ ବିଭିନ୍ନ ବେଲ ବୃକ୍ଷ ନିକଟରେ ଭକ୍ତଙ୍କ ଭିଡ ଜମିଥିଲା। ମା'ଙ୍କୁ ବିଲ୍ୱ ବରଣ ପରେ ପୂଜାମଣ୍ଡପକୁ ପାଛୋଟି ନେଇଥିଲେ। ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ପରେ ବିଭିନ୍ନ ପ୍ରକାର ଫୁଲ, ଫଳ ନୈବେଦ୍ୟ ଅର୍ପଣ କରିଥିଲେ। ଖୋର୍ଦ୍ଧା କ୍ଲବ ସଭାପତି ତଥା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର କହିଛନ୍ତି, ଶନିବାର ମହାସପ୍ତମୀରେ ଦେବୀଙ୍କ ନବପତ୍ରିକା ପ୍ରବେଶ, ଚକ୍ଷୁଦାନ, ପ୍ରାଣ ପ୍ରତିଷ୍ଠା ସହ ଷୋଡ଼ଶ ଉପଚାର ପୂଜା କରାଯିବ। ସପ୍ତମୀ ଓ ଅଷ୍ଟମୀରେ ସନ୍ଧିପୂଜା ଆଡ଼ମ୍ବରରେ ପାଳିତ ହୋଇଥାଏ। ଦଶମୀରେ ବିଶେଷ ପୂଜା କରାଯାଏ। ମା'ଙ୍କୁ ବୈଷ୍ଣବୀୟ ରୀତିରେ ପୂଜା କରାଯାଏ। ଏଠାରେ ପାଣିକଖାରୁ ବଳି ଦିଆଯାଏ। ସପ୍ତମୀଠାରୁ ନବମୀ ପର୍ଯ୍ୟନ୍ତ ବିଶେଷ ପୂଜା କରାଯାଇଥାଏ। ଏଠାର ମୁଖ୍ୟ ଆକର୍ଷଣ ହେଉଛି ୫ଶହରୁ ଊର୍ଦ୍ଧ୍ୱ ମହିଳା ତାରିଣୀ ବ୍ରତ ପାଳନ କରିଥାନ୍ତି। ମହାନବମୀରେ ମା'ଙ୍କ ନିକଟରେ ସିନ୍ଦୂର ଖେଳ ହୋଇଥାଏ। ଏଥିରେ ବଙ୍ଗୀୟ ମହିଳାମାନେ ଯୋଗଦେଇଥାନ୍ତି। ମା'ଙ୍କ ନିକଟରେ ୧୭ ପ୍ରକାର ମିଠା ଭୋଗ ଯଥା ଗୋଲାପ ଜାମୁନ, ପେଡା, ରସଗୋଲା, ଲଡ୍ଡୁ, ଛେନା,କୋରାଖଇ, ରସାବଳି, ଚମଚମ, ଛେନା, ରାମବିଳାସ, ଜିଲାପି, ଦହିବରା, ଲୁଣି ଓ ମିଠାଖଜା, ବର୍ଫି, ଗଜାମୁଗ ସାଲାଡ ଆଦି ମିଷ୍ଟାନ୍ନ ଭୋଗ କରାଯାଏ। ନବମୀ ରାତିରେ ସେରୁଆ ଅନ୍ନ ସହ ଡାଲମା, ଖିରି, ଶାଗ ଭୋଗ ଲାଗି କରାଯାଏ। ପ୍ରତ୍ୟେକ ଦିନ ସକାଳେ ମା'ଙ୍କ ମଙ୍ଗଳ ଆଳତି, ବାଳଭୋଗ, ମଧ୍ୟାହ୍ନରେ ମା'ଙ୍କ ନିକଟରେ ଠୋଲାରେ ସେରୁଆ ଅନ୍ନ ଭୋଗ କରାଯାଏ। ଅନ୍ୟପକ୍ଷରେ ଇଗଲ କ୍ଲବ ପକ୍ଷରୁ ପ୍ରସ୍ତୁତ ୧୦୦ ଫୁଟ ଉଚ୍ଚର ମହୀଶୂର ପ୍ୟାଲେସ ଓ ଆକର୍ଷଣୀୟ ସାଜସଜ୍ଜା ମଣ୍ଡପର ଶୋଭାକୁ ଦ୍ୱିଗୁଣିତ କରିଛି। ଏନେଇ ଇଗଲ କ୍ଲବ ସଭାପତି ତଥା ବେଗୁନିଆ ବିଧାୟକ ରାଜେନ୍ଦ୍ର ସାହୁ କହିଛନ୍ତି, ବ୍ୟବସ୍ଥିତ ଏବଂ ଶୃଙ୍ଖଳିତ ପୂଜା ଆୟୋଜନ ଉପରେ ଗୁରୁତ୍ୱ ଦିଆଯାଇଛି। ୫ଦିନ ବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଏ। ଭଜନ ସନ୍ଧ୍ୟା, ନବମୀରେ ପ୍ରାୟ ୫ହଜାର ଭକ୍ତଙ୍କ ପାଇଁ ଅନ୍ନପ୍ରସାଦ ବ୍ୟବସ୍ଥା କରାଯାଇଛି। ଭସାଣି ଉତ୍ସବରେ କ୍ଲବର ସମସ୍ତ ପୁରୁଷ ଓ ମହିଳା ସଦସ୍ୟମାନେ ପଞ୍ଜାବୀ ବେଶଭୂଷା ଧାରଣ କରି ଉତ୍ସବରେ ସାମିଲ ହୋଇଥାନ୍ତି। ପଞ୍ଜାବୀ ବାଦ୍ୟଯନ୍ତ୍ରର ତାଳେତାଳେ ଭାଙ୍ଗଡା ନୃତ୍ୟ ପରିବେଷଣ କରି ମା'ଙ୍କୁ ମେଲାଣି ଦେଇଥାନ୍ତି। ଏଥିରେ କ୍ଲବର ପ୍ରାୟ ୫ଶହରୁ ଊର୍ଦ୍ଧ୍ୱ ସଦସ୍ୟ ସାମିଲ ହୋଇଥାନ୍ତି। ଅନ୍ୟତମ ଆକର୍ଷଣ ହେଉଛି କୁମାର ପୂର୍ଣ୍ଣମୀ ଠାରୁ ସପ୍ତ ଦିନ ବ୍ୟାପୀ ନୂପୁର ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଟ୍ରାଫିକ ଛକ ପୂଜା କମିଟି ସମ୍ପାଦକ ଜିତେନ୍ଦ୍ର ଭଞ୍ଜ କୁହନ୍ତି, ଦୀର୍ଘ ୫୧ ଟାଉନ ହଲ ସମ୍ମୁଖରେ ହରପାର୍ବତୀଙ୍କ ପୂଜା ଆୟୋଜତହୋଇଆସୁଛି। ୫ଦିନ ବ୍ୟାପୀ ଧୁମଧାମରେ ପୂଜା ଆୟୋଜନ କରାଯାଏ। ଷଷ୍ଠୀରେ ବିଲ୍ୱବରଣ, ସପ୍ତମୀରେ ବିଭିନ୍ନ ପ୍ରକାରେ ଶୁଖିଲା ଭୋଗ, ଅଷ୍ଟମୀରେ କ୍ଷୀରୀ, କାକରା, ନବମୀରେ ଅନ୍ନ ଭୋଗ କରାଯାଏ। ଏଥିସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ରହିଛି। ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି କୁହନ୍ତି, ସହରର ସ୍ୱଚ୍ଛତା, ରାସ୍ତା ମରାମତି ଉପରେ ଗୁରୁତ୍ୱ ଦିଆଯାଇଛି। ବ୍ୟବସ୍ଥିତ ଏବଂ ସ୍ଥାନୀୟ ପ୍ରଶାସନ ସହ ସମନ୍ୱୟ ରଖି ପୂଜା ଆୟୋଜନ ଲାଗି ପୂଜା କମିଟି କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦେଇଛନ୍ତି।


ଇଗଲ କ୍ଲବ ପକ୍ଷରୁ ତିଆରି ହୋଇଥିବା ମହୀଶୂର ପ୍ୟାଲେସ ତୋରଣ।

## ସଂକ୍ଷେପରେ

### କାତ୍ୟାୟନୀ ବେଶରେ ଦର୍ଶନ ଦେଲେ ବନଦୁର୍ଗା



ନିରାକାରପୁର,୨୦।୧୦(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ରାମେଶ୍ୱର ପଞ୍ଚାୟତସ୍ଥିତ ମା' ବନଦୁର୍ଗାଙ୍କ ପୀଠରେ ଶାରଦୀୟ ଷୋଡ଼ଶ ଦିନାତ୍ମକ ପୂଜାର ପଞ୍ଚଦଶ ଦିବସ ତଥା ନବରାତ୍ରର ଷଷ୍ଠ ଦିବସରେ ବନଦୁର୍ଗା କାତ୍ୟାୟନୀ ବେଶରେ ଦର୍ଶନ ଦେଇଛନ୍ତି। ଶୁକ୍ରବାର ସକାଳେ ମଙ୍ଗଳ ଆଳତି, କଳସ ପୂଜା, ସୂର୍ଯ୍ୟ ପୂଜା, ପଞ୍ଚଦେବତା ପୂଜା, ଷୋଡ଼ଶ ଉପଚାରରେ ମଧ୍ୟାହ୍ନ ଧୂପ, ଦୁର୍ଗା ସପ୍ତଶତୀ ଚଣ୍ଡୀପାଠ, ଆଳତି, ଅଧରପଣା ଓ ମହାପ୍ରସାଦ ମା'ଙ୍କୁ ଅର୍ପଣପୂର୍ବକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା। ଡ. କୃପାସିନ୍ଧୁ ପଣ୍ଡା ଓ ପଣ୍ଡିତ ତପନ କୁମାର ମହାପାତ୍ର ପୂଜାର୍ଚ୍ଚନା କରିଥିଲେ। ସାମାଜିକ କର୍ମୀ ଦିଲୀପ କୁମାର ତ୍ରିପାଠୀ, ସୁନୀତା ମଙ୍ଗରାଜ, ଦେବୀଦତ୍ତ ପାଇକରାୟ, ଲିଙ୍ଗରାଜ ଜେନାଙ୍କ ସମେତ ବହୁ ଶ୍ରଦ୍ଧାଳୁ ଉପସ୍ଥିତ ରହି ମା'ଙ୍କ ଏହି ଦିବ୍ୟବେଶ ଦର୍ଶନ କରିଥିଲେ।

### ନିଖୋଜ ନାବାଳକ ବିଶାଖାପାଟଣାରୁ ଉଦ୍ଧାର

ବାଲୁଗାଁ,୨୦।୧୦(ସଂଗ୍ରାମ ପାଇକରାୟ)

ସ୍ଥାନୀୟ ଅଞ୍ଚଳର ଜଣେ ନାବାଳକ ୮ ଦିନ ପୂର୍ବେ କେଉଁଆଡ଼େ ନିଖୋଜ ହୋଇଯାଇଥିଲେ। ବାଲୁଗାଁ ଥାନା ପୋଲିସ ଅନୁସନ୍ଧାନ କରି ଆନ୍ଧ୍ରପ୍ରଦେଶର ବିଶାଖାପାଟଣାରୁ ଶୁକ୍ରବାର ଉକ୍ତ ନାବାଳକଙ୍କୁ ଉଦ୍ଧାର କରି ପରିବାରକୁ ହସ୍ତାନ୍ତର କରିଛି। ପୋଲିସ ସୂଚନା ଅନୁଯାୟୀ, ଗତ ୧୨ ତାରିଖ ସକାଳେ ନାବାଳକ ଜଣଙ୍କ ବଜାରକୁ ଆସି ସନ୍ଧ୍ୟା ସୁଦ୍ଧା ଘରକୁ ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି କରିବା ପରେ ସେ ଆଣିଥିବା ସାଇକେଲଟି ବାଲୁଗାଁ ଷ୍ଟେଶନ ପରିସରରେ ପଡ଼ିଥିବା ଦେଖିବାକୁ ପାଇଥିଲେ। ତେବେ କେହି ଅପହରଣ କରି ନେଇଥିବା ସନ୍ଦେହକରି ପରିବାର ପକ୍ଷରୁ ଏନେଇ ବାଲୁଗାଁ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଏକ ମାମଲା (ନଂ.୨୭୮/୨୩) ରୁଜୁକରି ତଦନ୍ତ ଚଳାଇଥିଲା। ତେବେ ମୋବାଇଲ ନମ୍ବରକୁ ଟ୍ରାକିଙ୍ଗ୍ କରି ବିଶାଖାପାଟଣାର ଏକ ହୋଟେଲରେ କାର୍ଯ୍ୟରତ ଅବସ୍ଥାରେ ସମ୍ପୃକ୍ତ ନାବାଳକଙ୍କୁ ଉଦ୍ଧାର କରିଥିଲା। ଏନେଇ ତଦନ୍ତ ଜାରି ରହିଥିବା ପୋଲିସ କହିଛି।

## ବ୍ରାଉନ୍‌ସୁଗାର, ବାଇକ୍ ଜବତ: ୨ ଗିରଫ



**ବେଗୁନିଆ,୨୦।୧୦(ହରପ୍ରସନ୍ନ ପଣ୍ଡା):** ବ୍ରାଉନ୍‌ସୁଗାର ବିକ୍ରି କରୁଥିବା ଅଭିଯୋଗରେ ବେଗୁନିଆ ଥାନା ପୋଲିସ ଶୁକ୍ରବାର ୨ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ନୟାଗଡ଼ ଅଞ୍ଚଳର ସଲିମୁଦ୍ଦିନ ଅହମ୍ମଦ ଏବଂ ବୋଲଗଡ଼ ଅଞ୍ଚଳର ସଲିମୁଦ୍ଦିନ ଖାଁ। ଏମାନଙ୍କଠାରୁ ଗୋଟିଏ ବାଇକ୍ ଏବଂ ୨୧.୧୭ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ ହୋଇଛି। ଜାମିନ ନାମଞ୍ଜୁର ପରେ ଅଭିଯୁକ୍ତଦ୍ୱୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏନେଇ ଥାନାରେ ଏକ ମାମଲା (ନଂ.୩୭୪/୨୩) ରୁଜୁ ହୋଇଥିବା ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ପ୍ରଦୀପ୍ତା ରାଉତରାୟ କହିଛନ୍ତି। ସୂଚନା ମୁତାବକ, ଏକ ବାଇକ୍‌ରେ ନୟାଗଡ଼ରୁ ଅଭିଯୁକ୍ତଦ୍ୱୟ ବ୍ରାଉନ୍‌ସୁଗାର ବିକ୍ରି କରିବା ପାଇଁ ଖୋର୍ଦ୍ଧା ଅଭିମୁଖେ ଯାଉଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ସେମାନଙ୍କୁ ଧରିବା ପାଇଁ ଆଇଆଇସି ଜ୍ୟୋତି ପ୍ରକାଶ ପଣ୍ଡାଙ୍କ ନେତୃତ୍ୱରେ ୫ଜଣିଆ ଟିମ୍ ଗଠନ କରାଯାଇଥିଲା। ଏହି ଥାନା ଅନ୍ତର୍ଗତ ଟିକାତାଳ ଛକ ନିକଟରେ ଉଭୟଙ୍କୁ ପୋଲିସ ଗିରଫ କରିଥିଲା। ଏହି ଟିମ୍‌ରେ ଏସ୍‌ଆଇ ମାଧବାନନ୍ଦ ବସ୍ତିଆ, ଏଏସ୍‌ଆଇ ଭୁବନାନନ୍ଦ ବେହେରାଙ୍କ ସମେତ ଅନ୍ୟ କର୍ମଚାରୀ ସାମିଲ ଥିଲେ।

## କୃଷ୍ଣଚୂଡ଼ା ସାହିତ୍ୟ ସଂସଦର ବାର୍ଷିକ ସମାରୋହ



ବାର୍ଷିକ ସମାରୋହରେ ମଞ୍ଚାସୀନ ଅତିଥିମାନେ।

ବେଗୁନିଆ,୨୦।୧୦(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକ ଅନ୍ତର୍ଗତ ବାଘମାରୀ ସ୍ଥିତ ଦୁର୍ଗାମଣ୍ଡପ ପରିସରରେ ଶୁକ୍ରବାର କୃଷ୍ଣଚୂଡ଼ା ସାହିତ୍ୟ ସଂସଦର ଷଷ୍ଠ ବାର୍ଷିକ ସମାରୋହ ଅନୁଷ୍ଠିତ ହୋଇଯାଇଛି। ମା'ଦୁର୍ଗା ବଣିକ ସଂଘ ଆନୁକୂଲ୍ୟରେ ଆୟୋଜିତ ସମାରୋହରେ କବିତା ପାଠ, ସମ୍ବର୍ଦ୍ଧନା ଓ ସାହିତ୍ୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି ଶିକ୍ଷାବିତ ନଳିନୀକାନ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ସ୍ଥାନୀୟ ସରପଞ୍ଚ ମାନସ ରଞ୍ଜନ ବିଶ୍ୱାଳ ଓ କୁନ୍ତଳା ଦେବୀ ନର୍ସିଂ କଲେଜ ନିର୍ଦ୍ଦେଶକ ସୁଶାନ୍ତ କୁମାର ବିଶ୍ୱାଳ ଉଦ୍‌ଘାଟକଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶୁଭାରମ୍ଭ କରିଥିଲେ। ସଭାରେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ପ୍ରାଧାପିକା ପ୍ରତିଭା ମହାରଥୀ ଏବଂ ବକ୍ତାଭାବେ କଥାଶିଳ୍ପୀ ଓ ପ୍ରକାଶକ ଶୁଭ୍ରାଂଶୁ ପଣ୍ଡା ଉପସ୍ଥିତ ଥିଲେ। ଅତିଥିଭାବେ ଆୟୋଜକ ସଂଘର ସମ୍ପାଦକ ଆର୍ତ୍ତବନ୍ଧୁ ସେଠୀ ଯୋଗଦେଇଥିଲେ। ଏହି ଅବସରରେ 'ସାହିତ୍ୟ ବିଳାସ ନା ବୃତ୍ତି' ବିଷୟ ଉପରେ ଆଲୋଚନା ହୋଇଥିଲା। ଏବେ ମଧ୍ୟ ଗାଁ ମାଟିରେ ସାହିତ୍ୟ ଭାଷା ବଞ୍ଚିରହିଛି। ଓଡ଼ିଶାର ଗାଁ ମାଟିରେ ଓଡିଆ ଆଭିଜାତ୍ୟର ବହୁ ପ୍ରତିଭା ସମ୍ପନ୍ନ କବି, ଲେଖକ ଓ ସୁସାହିତ୍ୟିକ ମାନେ ନିଜର ପରିଚୟ ସୃଷ୍ଟି କରିଯାଇଛନ୍ତି। ଯାହାକୁ ନେଇ ଓଡିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ମିଳିଛି ବୋଲି ଅତିଥି ମହାରଥୀ କହିଥିଲେ। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ବରିଷ୍ଠ ଶିଶୁ ସାହିତ୍ୟିକା ବସରିନ ବାବାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ମୁଖ୍ୟ ଅତିଥିଭାବେ ରାଜ୍ୟ ବିଜେଡି ସମ୍ପାଦକ ପ୍ରଦୀପ କୁମାର ସାହୁ ଯୋଗଦେଇଥିଲେ। ଅତିଥିଭାବେ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ, ଆୟୋଜକ ସଂଘର ସଭାପତି ଧର୍ମାନନ୍ଦ ମହାନ୍ତି, ସାମାଜିକ କର୍ମୀ ବ୍ରଜବନ୍ଧୁ ସୁବୁଦ୍ଧି ଯୋଗଦେଇଥିଲେ। ଏହି ଅବସରରେ 'ସାହିତ୍ୟ ଗୀତ ଗାଏ ମାଟିର' ବିଷୟରେ ଆଲୋଚନା କରାଯାଇଥିଲା। କଟକ, ପୁରୀ, ନୟାଗଡ, ଖୋର୍ଦ୍ଧା ଜିଲା ଅଞ୍ଚଳର ବହୁ କବୟିତ୍ରୀ ଓ କବିମାନେ ସ୍ୱରଚିତ କବିତା ପାଠ କରିଥିଲେ। କବୟିତ୍ରୀ ନିଳୀମା ନନ୍ଦ, କ୍ଷଣପ୍ରଭା କର, କବି ନିଶିକାନ୍ତ କହଲସିଂହ, ଶିତୁ ପ୍ରକାଶ ରଥ ଓ ପ୍ରସନ କୁମାର କହଲସିଂହ ପ୍ରମୁଖ ସଂଯୋଜନା କରିଥିଲେ। ସଂସଦର ସମ୍ପାଦକ ଗୋପୀନାଥ ସେଠୀ ଧନ୍ୟବାଦ ଦେଇଥିଲେ।

## ଗାଡ଼ି ଚୋରଙ୍କୁ ଧରି ପୋଲିସ ଜିମାଦେଲେ ଗ୍ରାମବାସୀ

ନିରାକାରପୁର,୨୦।୧୦(ମାନସ ଚନ୍ଦ୍ର ପଟ୍ଟନାୟକ)

ଶୁକ୍ରବାର ସନ୍ଧ୍ୟାରେ ଗାଡ଼ିଚୋରଙ୍କୁ ଧରି ପୋଲିସ ଜିମା ଦେଇଛନ୍ତି ଗ୍ରାମବାସୀ। ଏଭଳି ଘଟଣା ଜଙ୍କିଆ ଥାନା ଅନ୍ତର୍ଗତ ଓଳସିଂହ ଗ୍ରାମରେ ଦେଖିବାକୁ ମିଳିଛି। ସୂଚନା ମୁତାବକ, ତିନିଜଣ ଯୁବକ ଓଳସିଂହ ପଞ୍ଚାୟତରେ ଥିବା ଏକ ଆଦିବାସୀ ପରିବାରକୁ ଆସିଥିଲେ। ସେଠାରେ କୌଣସି କାରଣରୁ ପାଟିତୁଣ୍ଡ ହେବାରୁ ପଳାଇଯାଇଥିଲେ। ପରେ ଉକ୍ତ ଯୁବକମାନେ ଓଳସିଂହ ପଞ୍ଚାୟତ କାର୍ଯ୍ୟାଳୟ ପାଖରେ ଥିବା ଏକ ବାଇକକୁ ଗଡ଼ାଇ ଗଡ଼ାଇ ନେଇଯାଉଥିବା ବେଳେ ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଚୋର ଚୋର କହି ପାଟି କରିବାରୁ ନିକଟରେ ଥିବା ଗ୍ରାମ୍ୟ ବ୍ୟାଙ୍କ ଆଗରେ ଗାଡ଼ିକୁ ଫୋପାଡ଼ିଦେଇ ସ୍କୁଲ ପାଚେରି ଡେଇଁ ବିଲରେ ଯାଉଥିବା ବେଳେ ସ୍ଥାନୀୟ ଲୋକେ ସେମାନଙ୍କୁ କାବୁ କରି ଜଙ୍କିଆ ଥାନା ପୋଲିସ ଜିମା ଦେଇଥିଲେ।

## ରାସ୍ତାରେ ହାତୀ, ଲୋକେ ଭୟଭୀତ



ନିରାକାରପୁର,୨୦।୧୦(ମାନସ ଚନ୍ଦ୍ର ପଟ୍ଟନାୟକ)

ଟାଙ୍ଗୀ ବନାଞ୍ଚଳରେ ହାତୀ ଉପଦ୍ରବ ଦିନକୁ ଦିନ ବଢ଼ିଚାଲିଛି। ଜଙ୍ଗଲରେ ହାତୀଙ୍କ ପାଇଁ ପର୍ଯ୍ୟାପ୍ତ ଖାଦ୍ୟ ମିଳୁ ନ ଥିବାରୁ ସନ୍ଧ୍ୟାହେଲେ ଖାଦ୍ୟ ଅନ୍ୱେଷଣରେ ଗାଁମୁହାଁ ହେଉଛନ୍ତି। ଲୋକଙ୍କ ବାରିରେ ପଶି ଫସଲ ଖାଇବା ସହ ଦଳଚକଟି ନଷ୍ଟ କରୁଛନ୍ତି। ଏପରିକି ଘର ଓ ପାଚେରି ଭାଙ୍ଗିଆ'ନ୍ତି। ଅନେକ ସମୟରେ ହାତୀ ଆକ୍ରମଣରେ ଲୋକଙ୍କ ଜୀବନ ଯାଇଥିବା ନଜିର ରହିଛି। ହାତୀ ରାଜପଥକୁ ଚାଲିଆସୁଛନ୍ତି। ଶୁକ୍ରବାର ଅପରାହ୍ନ ସାଢ଼େ ୨ଟାରେ ୧୬ ନମ୍ବର ଜାତୀୟ ରାଜପଥର ମା' ଉଗ୍ରତାରାଙ୍କ ଫାଟକ ନିକଟ ରାଜପଥରେ ଏକ ହାତୀ ଅଟକି ରହିଥିଲା। ଫଳରେ ହାତୀକୁ ଦେଖି ଉଭୟ ପାର୍ଶ୍ୱରେ ଆସୁଥିବା ଯାନବାହନ ଅଟକି ରହିବା ସହିତ ଲୋକେ ଭୟଭୀତ ହୋଇପଡ଼ିଥିଲେ। କିଛି ସମୟ ପରେ ହାତୀଟି ନିକଟସ୍ଥ ଜଙ୍ଗଲକୁ ପଳାଇଥଲା। ଏହାପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା। ତେବେ ଏହି ବନାଞ୍ଚଳ ଅଧୀନରେ ହାତୀ ଉପଦ୍ରବ ଲାଗିରହିଥିବା ବେଳେ ବନ ବିଭାଗ ପକ୍ଷରୁ ଆଖିଦୃଶିଆ ପଦକ୍ଷେପ ନିଆଯାଉ ନ ଥିବା ସାଧାରଣରେ ଅଭିଯୋଗ ହେଉଛି।

## ବାଇକ୍ ଧକ୍କାରେ ବାପା ମୃତ, ପୁଅ ଆହତ

**ଯାଁଳା,୨୦।୧୦(ବୁଲା ବାରିକ):** ୧୬ ନଂ. ଜାତୀୟ ରାଜପଥର ଯାଁଳା ଫାଣ୍ଡି ନିକଟରେ ଶୁକ୍ରବାର ଏକ ବାଇକ୍ ଧକ୍କାରେ ବାପା ଭ୍ରମର ଖୁଣ୍ଟିଆ (୪୨)ଙ୍କ ମୃତ୍ୟୁ ହୋଇଥିବା ବେଳେ ପୁଅ ଗୁରୁତର ଆହତ ହୋଇଛନ୍ତି। ସୂଚନା ମୁତାବକ, ଯାଁଳା ଉତ୍ତର ମୁଣ୍ଡମୁହାଣ ଅଞ୍ଚଳରେ ଭ୍ରମର ଭଡ଼ାରେ ରହି ଏକ ଲୁହା ଗ୍ରୀଲ୍ ଦୋକାନରେ ମିସ୍ତ୍ରି ଭାବେ କାର୍ଯ୍ୟ କରୁଥିଲେ। ଶୁକ୍ରବାର ସନ୍ଧ୍ୟାରେ ସ୍ତ୍ରୀ, ଝିଅ ଓ ପୁଅଙ୍କୁ ଧରି ରାସ୍ତା ଅତିକ୍ରମ କରୁଥିବା ସମୟରେ ଖୋର୍ଦ୍ଧାରୁ ଭୁବନେଶ୍ୱର ଅଭିମୁଖେ ଆସୁଥିବା ଏକ ବାଇକ୍ ଭ୍ରମରଙ୍କୁ ଧକ୍କା ଦେଇଥିଲା। ଫଳରେ ଭ୍ରମର ଓ ତାଙ୍କ ପୁଅ ଏବଂ ବାଇକ୍ ଆରୋହୀ କିଛିବାଟ ଛିଟିକି ପଡ଼ି ଗୁରୁତର ଆହତ ହୋଇଥିଲେ। ଖବରପାଇ ୧୦୮ ଆମ୍ବୁଲାନ୍ସ ପହଞ୍ଚିବା ପରେ ଗୁରୁତରଙ୍କୁ ଏମ୍‌ସ ଡାକ୍ତରଖାନା ପଠାଯାଇଥିଲା। ସେଠାରେ ଡାକ୍ତର ଭ୍ରମରଙ୍କୁ ମୃତ ଘୋଷଣା କରିଥିଲେ। ତେବେ ଭ୍ରମରଙ୍କ ପୁଅ ଓ ବାଇକ୍ ଆରୋହୀ ଏବେ ଚିକିତ୍ସାଧୀନ ଅଛନ୍ତି।

## ମା' ରାମଚଣ୍ଡୀ କବାଡ଼ି ଟୁର୍ଣ୍ଣାମେଣ୍ଟ

# ନୟାଗଡ଼ ଡମସାହି ବିଜୟୀ

ବୋଲଗଡ଼,୨୦।୧୦(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ବାଙ୍କୋଇ କଟେରିବର ଖେଳପଡ଼ିଆରେ ସ୍ଥାନୀୟ ମା' ରାମଚଣ୍ଡୀ କବାଡ଼ି ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ରାଜ୍ୟସ୍ତରୀୟ କବାଡ଼ି ଟୁର୍ଣ୍ଣାମେଣ୍ଟର ତୃତୀୟ ଦିବସ ଲିଗ୍ ମ୍ୟାଚ୍‌ରେ ପିପିଲି କବାଡ଼ି ଟିମ୍‌କୁ ୧୩ ପଏଣ୍ଟ ଅଧିକ ବ୍ୟବଧାନରେ ହରାଇ ନୟାଗଡ଼ ଡମସାହି କବାଡ଼ି ଟିମ୍ ବିଜୟୀ ହୋଇଛି। ମ୍ୟାଚ୍‌ର ପ୍ରଥମାର୍ଦ୍ଧ ସୁଦ୍ଧା ପିପିଲି ଟିମ୍ ୭ ପଏଣ୍ଟ ହାସଲ କରିଥିବା ବେଳେ ନୟାଗଡ଼ ଡମସାହି ଟିମ୍ ୧୬ ପଏଣ୍ଟ ପାଇ ଆଗୁଆ ରହିଥିଲା। ତେବେ ମ୍ୟାଚ୍‌ର ନିର୍ଦ୍ଧାରିତ ସମୟ ମଧ୍ୟରେ ପିପିଲି ଟିମ୍ ୧୩ ପଏଣ୍ଟ ପାଇଥିବା ବେଳେ ଡମସାହି ଟିମ୍ ୨୯ ପଏଣ୍ଟ ହାସଲ କରି ମ୍ୟାଚ୍ ବିଜୟୀ ହୋଇଛି। ଭଞ୍ଜକିଶୋର ମହାପାତ୍ର, ନୀଳକଣ୍ଠ ବେହେରା, ଗୋପାଳ ଚନ୍ଦ୍ର ମାହାନ୍ତି ଏବଂ କାହ୍ନୁ ଚରଣ ସାମନ୍ତରାୟ ମ୍ୟାଚ୍ ପରିଚାଳନା କରିଥିଲେ। ସୁରେଶ କୁମାର ସାମନ୍ତରାୟଙ୍କ ପୌରୋହିତ୍ୟରେ ମୁଖ୍ୟ ଅତିଥିଭାବେ ସମାଜସେବୀ ବ୍ରଜବନ୍ଧୁ ସୁବୁଦ୍ଧି, ସମ୍ମାନିତ ଅତିଥିଭାବେ ଫାସିଓଦା ପଞ୍ଚାୟତର ସମିତି ସଭ୍ୟ ପ୍ରଦୀପ କୁମାର ପ୍ରଧାନ, ସାମାଜିକ କର୍ମୀ ପ୍ରଦୀପ କୁମାର ପଟ୍ଟନାୟକ, ଶିକ୍ଷକ ନେତା ସୁମନ୍ତ ଛୋଟରାୟ ପ୍ରମୁଖ ଯୋଗଦେଇଥିଲେ।


ଶୁକ୍ରବାର ଖେଳାଯାଇଥିବା କବାଡ଼ି ମ୍ୟାଚର ଏକ ଦୃଶ୍ୟ।

# ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଭାଜପା ଯୁବମୋର୍ଚ୍ଚାର ବିକ୍ଷୋଭ

## ଛାତ୍ରୀଛାତ୍ରଙ୍କ ମେଧାବୃତ୍ତି ଏବଂ ଦକ୍ଷତା ବିକାଶ ଟଙ୍କା ହଡ଼ପ ଅଭିଯୋଗ

ଖୋର୍ଦ୍ଧା,୨୦।୧୦(ପ୍ରଭାତ ପାଣିଗ୍ରାହୀ)

ଅନୁସୂଚିତ ଜାତି ଏବଂ ଜନଜାତି ଛାତ୍ରୀଛାତ୍ରଙ୍କ ମେଧାବୃତ୍ତି ଓ ଦକ୍ଷତା ବିକାଶ ପାଣ୍ଠିର ବ୍ୟାପକ ଅନିୟମିତତା ପ୍ରତିବାଦରେ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଖୋର୍ଦ୍ଧା ଜିଲା ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଜିଲା ଯୁବମୋର୍ଚ୍ଚା ସଭାପତି ପ୍ରଦୀପ ବଡ଼ଜେନାଙ୍କ ନେତୃତ୍ୱରେ ଏକାଧିକ କର୍ମୀ ଯୋଗଦେଇଥିଲେ। ଏହି ଅବସରରେ ପ୍ରଦୀପ କହିଥିଲେ, ଓଡ଼ିଶା ଆଜି ଦୁର୍ନୀତି ପ୍ରଦେଶରେ ପରିଣତ ହୋଇଛି। ବିଭିନ୍ନ କ୍ଷେତ୍ରରେ ଦୁର୍ନୀତି ବଢ଼ିଚାଲିଛି। ଛାତ୍ରୀଛାତ୍ର ଓ ଯୁବବର୍ଗଙ୍କ ଉଦ୍ଦେଶ୍ୟରେ ଆସୁଥିବା ଟଙ୍କା ହଡ଼ପ କରାଯାଇଛି। ମେଧାବୃତ୍ତି ଏବଂ ବିଶେଷଭାବେ ଦକ୍ଷତା ବିକାଶ ପାଇଁ ଆସୁଥିବା କୋଟି କୋଟି ଟଙ୍କାକୁ ସିଧାସଳଖ ବାଟମାରଣା କରାଯାଇଥିବା ସିଏଜି ରିପୋର୍ଟରେ ପ୍ରକାଶ ପାଇଛି। ଏହା ଅତ୍ୟନ୍ତ ଚିନ୍ତାଜନକ। ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଛାତ୍ର, ଯୁବକ, ଅଣକୁଶଳୀ ଯୁବକଙ୍କ ଦକ୍ଷତା ବିକାଶ ପାଇଁ ପୋଷ୍ଟ ମାଟ୍ରିକ୍ ମେଧାବୃତ୍ତି ନାମରେ ଦୁଇଟି ସ୍କଲାରଶିପ୍ ସରକାରଙ୍କ ଅନୁସୂଚିତ ଜାତି ଓ ଜନଜାତି ଏବଂ ସଂଖ୍ୟାଲଘୁ ଉନ୍ନୟନ ବିଭାଗ ଏବଂ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବ୍ୟବସ୍ଥା କରାଯାଇଛି। ଦୁର୍ନୀତି ଓ ଭ୍ରଷ୍ଟାଚାରକୁ ହଟାଇବା ପାଇଁ ପ୍ରଧାନମନ୍ତ୍ରୀ ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସିଧାସଳଖ ଟଙ୍କା ପଠାଇଲେ। ପ୍ରତ୍ୟେକ ବିଭାଗରେ ସେଲ୍ ଗଠନ କରାଯାଇ ହିତାଧିକାରୀଙ୍କ ସ୍ୱାର୍ଥକୁ ଅଗ୍ରାଧିକାର ଦିଆଗଲା। ମାତ୍ର ଓଡ଼ିଶାରେ ଏହାର ବ୍ୟତିକ୍ରମ କରାଯାଇଛି। ସିଏଜି ରିପୋର୍ଟ ଅନୁଯାୟୀ, ୨୦୧୪ ମସିହାରୁ ଏପର୍ଯ୍ୟନ୍ତ କୌଣସି ସେଲ୍ ଗଠନ କରାଯାଇନାହିଁ। ଭୁଲ୍ ତଥ୍ୟ ଓ ଆଧାର ସଂଯୋଗ ହୋଇ ଛାତ୍ରୀଛାତ୍ରଙ୍କ ତାଲିକା ପ୍ରସ୍ତୁତ କରାଯାଇ ମେଧାବୃତ୍ତି ଟଙ୍କା ହରିଲୁଟ୍ କରାଯାଇଥିବା ଅଭିଯୋଗ କରିଛି ଯୁବମୋର୍ଚ୍ଚା। ସେହିପରି ଦୁଇଟି ଜିଲାରେ ଅଣଓଡ଼ିଆ ସଂସ୍ଥାର ପାଖାପାଖି ୧୫.୭୯ କୋଟି ଟଙ୍କାର ଦକ୍ଷତା ବିକାଶ ପାଣ୍ଠି କେଲେଙ୍କାରି ହୋଇଥିବା ସିଏଜି ରିପୋର୍ଟରୁ ଜଣାପଡ଼ିଛି। ତାଲିକାର ପାଖାପାଖି ୩୦ରୁ ୪୦ ପ୍ରତିଶତ ଛାତ୍ରୀଛାତ୍ର ବୃତ୍ତି ପାଇବାରୁ ବଞ୍ଚିତ ହୋଇଛନ୍ତି। ଏଥିସହିତ ବାଲେଶ୍ୱର ଓ ମୟୂରଭଞ୍ଜ ଜିଲାରେ ଦୁଇଟି ଅଣଓଡ଼ିଆ ସଂସ୍ଥା ୧୬ଟି ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା କରିଥିବା ବେଳେ ୮ଟିର ଆଦୌ ସ୍ଥିତି ନାହିଁ। ଗୋଟିଏ ସଂସ୍ଥା ଧାର୍ଯ୍ୟ ସିଟ୍‌ଠାରୁ ଅଧିକ ପିଲାଙ୍କ ଉପସ୍ଥାପନ ଦେଖାଇ ବ୍ୟାପକ ଟଙ୍କା ହରିଲୁଟ୍ କରିଛି। ଅନ୍ୟ ଜିଲାରେ ମଧ୍ୟ ହରିଲୁଟ୍ କରାଯାଇଥିବା ଭାଜପା ଯୁବମୋର୍ଚ୍ଚା ଅଭିଯୋଗ କରିଛି। ଏହି କାର୍ଯ୍ୟକ୍ରମରେ ଭାଜପା ରାଜ୍ୟ ପ୍ରବକ୍ତା ସୁଦୀପ୍ତ ରାୟ, ଭାଜପା ଖୋର୍ଦ୍ଧା ଜିଲା ସଭାପତି ରଶ୍ମିରଞ୍ଜନ ମହାପାତ୍ର, ଜିଲା ସାଧାରଣ ସମ୍ପାଦକ ପ୍ରତାପ ମହାପାତ୍ର, ଯୁବମୋର୍ଚ୍ଚା ରାଜ୍ୟ ସମ୍ପାଦକ ପ୍ରଶାନ୍ତ ପାଇକରାୟ, ଓମ୍ ପ୍ରିୟଦର୍ଶୀ ଛୋଟରାୟ, ଗୋପବନ୍ଧୁ ଜେନା ପ୍ରମୁଖ ଉପସ୍ଥିତ ଥିଲେ।



ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ସଂକ୍ଷେପରେ

### ସହରକୁ ଭାରିଯାନ ପ୍ରବେଶ ଉପରେ ଅଙ୍କୁଶ ରହୁ

ପୁରୁଣା ଭୁବନେଶ୍ୱର,୨୦।୧୦(ସୁବାସ ଚନ୍ଦ୍ର ପ୍ରଧାନ): ଟ୍ରାଫିକ୍ ପୋଲିସର ନିୟମାବଳୀ ଅନୁସାରେ ଜନଗହଳିପୂର୍ଣ୍ଣ ରାସ୍ତାରେ ଭାରିଯାନ ନିଷେଦ୍ଧ ଥିବା ସତ୍ତ୍ୱେ ଏହି ଆଇନକୁ ଅନେକ ଗାଡ଼ି ମାଲିକ ଅଣଦେଖା କରୁଛନ୍ତି। ଏହି ନିମୟକୁ ଉଲ୍ଲଂଘନ କରି ସେମାନେ ସହର ଏବଂ ଜନଗହଳିପୂର୍ଣ୍ଣ ରାସ୍ତାରେ ଦ୍ରୁତଗତିରେ ଯାତାୟାତ କରିବା ଦ୍ୱାରା ଅନେକ ଦୁର୍ଘଟଣା ଘଟୁଛି। ଗୁରୁବାର ମଧ୍ୟରାତ୍ରରେ ପଥର ଓଭରଲୋଡ୍ କରି ଏକ ହାଇୱା ଲିଙ୍ଗରାଜ ଥାନ ଅଧୀନ ଗ୍ୟାରେଜ ଛକ ସାମନ୍ତରାପୁର ଦେଇ ଯାତାୟାତ କରୁଥିଲା। ବୋଝେଇ ପଦାର୍ଥ ଉପରେ ଘୋଡ଼ଣି ନ ଥିବାରୁ ରାସ୍ତା ଉପରେ ପଥର ଖଣ୍ଡ ପଡ଼ି ଅବରୋଧ କରିଥିଲା। ଫଳରେ ଏହି ରାସ୍ତାଦେଇ ଯାଉଥିବା ଅନେକ ବାଇକ୍ ଚାଳକ ଭାରସାମ୍ୟ ହରାଇ ଦୁର୍ଘଟଣା ଗ୍ରସ୍ତ ହୋଇଥିଲେ। ରାସ୍ତାରେ ବିଦ୍ୟୁତ୍ ପୋଲ ଏବଂ ବାରିକେଟ ଭାଙ୍ଗି ଯାଇଥିବା ମଧ୍ୟ ଦେଖାଯାଇଛି। ସମ୍ପୃକ୍ତ ଗାଡ଼ିଗୁଡ଼ିକର କାଗଜପତ୍ର ଯାଞ୍ଚ କରାଯିବା ସହ ସମ୍ପୃକ୍ତ ମାଲିକଠାରୁ ଫାଇନ ଅଦାୟ କରି ଚାଳକଙ୍କୁ ଗିରଫ କରାଯିବା ପାଇଁ ଏକାମ୍ର ଜନ ଜାଗରଣ ମଞ୍ଚ ପକ୍ଷରୁ ଶୁକ୍ରବାର ଟ୍ରାଫିକ୍ ପୋଲିସ ଅଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରାଯାଇଛି।

### ବିଜେଡିର ଜନସମ୍ପର୍କ ପଦଯାତ୍ରା

ବାରଙ୍ଗ,୨୦।୧୦(ଲିଙ୍ଗରାଜ ରାଉତ): ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଉତ୍ତର ଭୁବନେଶ୍ୱର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ରଘୁନାଥପୁର ପଞ୍ଚାୟତରେ ଶୁକ୍ରବାର ବିଜୁ ଜନତା ଦଳ ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପଞ୍ଚାୟତ କାର୍ଯ୍ୟାଳୟରେ ଆୟୋଜିତ ସଭାରେ କିଭଳି ଭାବେ ଗ୍ରାମର ପ୍ରତ୍ୟକ ବ୍ୟକ୍ତିଙ୍କ ପାଖରେ ରାଜ୍ୟ ସରକାରଙ୍କର ପ୍ରତ୍ୟକ ଜନକଲ୍ୟାଣକାରୀ ଯୋଜନା ପହଞ୍ଚିପାରିବ ସେନେଇ ବିଧାୟକ ସୁଶାନ୍ତ ରାଉତ ମତ ରଖିଥିଲେ। ବିଏମ୍‌ସି ମେୟର ସୁଲୋଚନା ଦାସ, ରାଜ୍ୟ ସଭା ସଦସ୍ୟ ମୁନା ଖାଁଙ୍କ ସମେତ ୫ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ମୁରବୀ, ଯୁବକ ଓ ମହିଳାମାନେ ଯୋଗଦେଇଥିଲେ। ପରେ ଶୋଭାଯାତ୍ରାରେ ବିଧାୟକ ଗ୍ରାମ ପରିକ୍ରମା କରି ଜନସାଧାରଣଙ୍କୁ ଭେଟି ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ।

### ବାଇକ୍ ଧକ୍କାରେ ବାପା ମୃତ, ପୁଅ ଆହତ

ଯାଁଳା,୨୦।୧୦(ବୁଲା ବାରିକ): ୧୬ ନଂ. ଜାତୀୟ ରାଜପଥର ଯାଁଳା ଫାଣ୍ଡି ନିକଟରେ ଶୁକ୍ରବାର ଏକ ବାଇକ୍ ଧକ୍କାରେ ବାପା ଭ୍ରମର ଖୁଣ୍ଟିଆ (୪୨)ଙ୍କ ମୃତ୍ୟୁ ହୋଇଥିବା ବେଳେ ପୁଅ ଗୁରୁତର ଆହତ ହୋଇଛନ୍ତି। ଯାଁଳା ଉତ୍ତର ମୁଣ୍ଡମୁହାଣ ଅଞ୍ଚଳରେ ଭ୍ରମର ଭଡ଼ାରେ ରହି ଏକ ଲୁହା ଗ୍ରୀଲ୍ ଦୋକାନରେ ମିସ୍ତ୍ରି ଭାବେ କାର୍ଯ୍ୟ କରୁଥିଲେ। ଶୁକ୍ରବାର ସନ୍ଧ୍ୟାରେ ସ୍ତ୍ରୀ, ଝିଅ ଓ ପୁଅଙ୍କୁ ଧରି ରାସ୍ତା ଅତିକ୍ରମ କରୁଥିବାବେଳେ ଖୋର୍ଦ୍ଧାରୁ ଭୁବନେଶ୍ୱର ଅଭିମୁଖେ ଆସୁଥିବା ଏକ ବାଇକ୍ ଭ୍ରମରଙ୍କୁ ଧକ୍କା ଦେଇଥିଲା। ଫଳରେ ଭ୍ରମର ଓ ତାଙ୍କ ପୁଅ ଏବଂ ବାଇକ୍ ଆରୋହୀ ଛିଟିକି ପଡ଼ି ଗୁରୁତର ହୋଇଥିଲେ। ଗୁରୁତରଙ୍କୁ ୧୦୮ ଆମ୍ବୁଲାନ୍ସ ଏମ୍‌ସ ପଠାଯାଇଥିଲା। ସେଠାରେ ଡାକ୍ତର ଭ୍ରମରଙ୍କୁ ମୃତ ଘୋଷଣା କରିଥିଲେ। ଶନିବାର ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ସୂଚନା ମିଳିଛି। ତେବେ ଭ୍ରମରଙ୍କ ପୁଅ ଓ ବାଇକ୍ ଆରୋହୀ ଏବେ ଚିକିତ୍ସାଧୀନ ଥିବା ଜଣାପଡ଼ିଛି।

## ଚାଲିଲା ବସ୍
# ଦିନ ସାରା ଦହଗଞ୍ଜ, ସନ୍ଧ୍ୟାରେ ଖୁସ୍


ବରମୁଣ୍ଡା ବସ୍‌ଷ୍ଟାଣ୍ଡ ସରକାରୀ ବସ୍ ଟିକେଟ କାଉଣ୍ଟରରେ ଲୋକଙ୍କ ଭିଡ଼।


ମାଷ୍ଟରକ୍ୟାଣ୍ଟିନ ବସ୍‌ଷ୍ଟାଣ୍ଡରେ ମୋ ବସ୍‌ରେ ଯିବାକୁ ଅପେକ୍ଷା କରିଥିବା ଯାତ୍ରୀ।

ଭୁବନେଶ୍ୱର,୨୦।୧୦ (ସୂର୍ଯ୍ୟକାନ୍ତ ବେହେରା)

ରାଜ୍ୟ ସରକାରଙ୍କ ପକ୍ଷରୁ 'ଲକ୍ଷ୍ମୀ' ଯୋଜନାରେ ବ୍ଲକ୍‌ରୁ ଜିଲା ମୁଖ୍ୟାଳୟକୁ ବସ୍ ଚଳାଚଳକୁ ବିରୋଧକରି ଘରୋଇ ବସ୍ ମାଲିକ ସଂଘର ଧର୍ମଘଟ ଯୋଗୁ ଶୁକ୍ରବାର ରାଜଧାନୀ ସମେତ ସାରା ରାଜ୍ୟରେ ଯାତ୍ରୀ ପରିବହନ ଗୁରୁତର ପ୍ରଭାବିତ ହୋଇଥିଲା। ବିଶେଷକରି ଭୁବନେଶ୍ୱରରେ ବସ୍‌ଷ୍ଟାଣ୍ଡରୁ ରେଳ ଷ୍ଟେଶନ ଯାଏ ଏକ ପ୍ରକାର ଦହଗଞ୍ଜ ସ୍ଥିତି ଦେଖିବାକୁ ମିଳିଥିଲା। ଲୋକେ ବରମୁଣ୍ଡା ସମେତ ବିଭିନ୍ନ ବସ୍ ଷ୍ଟାଣ୍ଡ ଓ ରାସ୍ତା ପାର୍ଶ୍ୱ ବସ୍‌ଷ୍ଟପ୍‌ରେ ଘଣ୍ଟା ଘଣ୍ଟା ଧରି ଖରା, ଗରମରେ ସରକାରୀ ବସ୍‌କୁ ଅପେକ୍ଷା କରିଥିଲେ। ଟିକେଟ ପାଇଁ ନାନା ହଟହଟା ହୋଇଥିଲେ। ବରମୁଣ୍ଡା ବସ୍ ଷ୍ଟାଣ୍ଡରେ ଗୁରୁବାର ରାତିରୁ ସରକାରୀ ଟିକେଟ କାଉଣ୍ଟରରେ ଲୋକେ ଧାଡ଼ି ଲଗାଇଥିଲେ। ଏପଟେ ବସ୍ ବନ୍ଦ ଥିବାରୁ ଟ୍ରେନ୍‌ରେ ଯିବା ପାଇଁ ଲୋକେ ଷ୍ଟେଶନକୁ ଯିବାବେଳେ ଭିଡ଼ରେ ଫସିଥିଲେ। ରେଳ ଷ୍ଟେଶନରେ ମଧ୍ୟ ସମାନ ସ୍ଥିତିକୁ ସାମ୍ନା କରିଥିଲେ। ଟିକେଟ ପାଇଁ ବହୁ ସମୟ ଧରି ଅପେକ୍ଷା କରିବାକୁ ପଡ଼ିଥିଲା। ଷ୍ଟେଶନ ପରିସର ଓ ପ୍ଲାଟ୍‌ଫର୍ମରେ ଭିଡ଼ ଏପରି ହୋଇଥିଲା ଯେ, ବସିବା ପାଇଁ ଜାଗା ନ ଥିଲା। ଦିନସାରା ଲୋକେ ଏପରି ଦହଗଞ୍ଜ ହୋଇଥିବାବେଳେ ସନ୍ଧ୍ୟାରେ ମିଳିଥିଲା ଖୁସି ଖବର। ରାଜ୍ୟ ସରକାରଙ୍କ ସହ ଆଲୋଚନା ପରେ ସଂଘ ଧର୍ମଘଟକୁ ସ୍ଥଗିତ ରଖିଥିଲା। ଏହାପରେ ବରମୁଣ୍ଡାରୁ ଚଳାଚଳ ଆରମ୍ଭ କରିଥିଲା ବସ୍। ବସ୍ ଚାଲିବା ଆଶା ରଖି ଜରୁରୀ କାମରେ ଘର ବା ଗନ୍ତବ୍ୟସ୍ଥଳକୁ ଯିବାକୁ ଚାହିଁ ବସିଥିବା ଲୋକେ ବେଶ୍ ଖୁସିରେ ବସ୍‌ରେ ଚଢ଼ୁଥିବା ଦେଖିବାକୁ ମିଳିଥିଲା।



ବରମୁଣ୍ଡା ବସ୍‌ଷ୍ଟାଣ୍ଡରେ ଅଟକି ରହିଥିବା ବସ୍।

### ବେଶି ହଇରାଣ ହେଲେ ରୋଗୀ, ବିଦେଶୀ ପର୍ଯ୍ୟଟକ

ବସ୍ ବନ୍ଦ ପାଇଁ ବେଶି ହଇରାଣ ହୋଇଥିଲେ ରୋଗୀ, ଛାତ୍ରୀଛାତ୍ର ଓ ପର୍ଯ୍ୟଟକ। ବ୍ରହ୍ମପୁର ଯିବାକୁ ବରମୁଣ୍ଡା ବସ୍‌ଷ୍ଟାଣ୍ଡରେ ଅପେକ୍ଷାରତ ଜଣେ ମହିଳା ଯାତ୍ରୀ ମେଡିକାଲ କାମରେ କଟକ ଯାଇଥିଲେ। ପାଖରେ ଯାହା କିଛି ଟଙ୍କା ଥିଲା ଡାକ୍ତରଖାନାରେ ସରିଗଲା। ଟିକେଟ ଖଣ୍ଡେ କରି ସରକାରୀ ବସ୍‌କୁ ଅପେକ୍ଷା କରି ରହିଥିଲେ ମଧ୍ୟ ବିଳମ୍ବରେ ଆସୁଥିବା ଶୁଣି ଅସନ୍ତୋଷ ପ୍ରକାଶ କରିଥିଲେ। ସେହିପରି ଅଷ୍ଟ୍ରିଆରୁ ଆସିଥିବା ବିଦେଶୀ ପର୍ଯ୍ୟଟକ କ୍ରିସ୍ ଭୁବନେଶ୍ୱରରୁ କୋଲକାତା ବସ୍‌ରେ ଯାଇଥାନ୍ତେ। ଏଥିପାଇଁ ସେ ବରମୁଣ୍ଡା ବସ୍‌ଷ୍ଟାଣ୍ଡକୁ ଆସିଥିଲେ। ହେଲେ ବସ୍ ବନ୍ଦ ଥିବା ଜାଣିବା ପରେ ଏକ ଅଟୋରେ ରେଳ ଷ୍ଟେଶନକୁ ଯାଇଥିଲେ ମଧ୍ୟ ସେଠାରେ ବହୁ ସମସ୍ୟାର ସମ୍ମୁଖୀନ ହୋଇଥିଲେ। କ୍ରିସ୍‌ଙ୍କ ଭଳି ବହୁ ଯାତ୍ରୀ ବସ୍‌ଷ୍ଟାଣ୍ଡକୁ ଆସି ଟିକେଟ ନ ପାଇବାରୁ ଭୁବନେଶ୍ୱର ଷ୍ଟେଶନକୁ କ୍ୟାବ, ଅଟୋ ଭଡା କରି ଯାଉଥିବା ଦେଖିବାକୁ ମିଳିଥିଲା। ସେହିପରି କିଛି କ୍ୟାବ ଓ ଅଟୋ ଚାଳକ ଅଧିକ ଟଙ୍କା ନେଉଥିବା ଯାତ୍ରୀମାନେ ଅଭିଯୋଗ କରିଛନ୍ତି।

### ୨୭ରୁ ଓଡ଼ିଶା ଏଣ୍ଡୋକ୍ରାଇନ୍ ସୋସାଇଟି ସମ୍ମିଳନୀ

**ଯୋଗଦେବେ ୮ଶହରୁ ଊର୍ଦ୍ଧ୍ୱ ଡାକ୍ତର**

ଭୁବନେଶ୍ୱର, ୨୦।୧୦ (ଅସମାପିକା ସାହୁ)

ଓଡ଼ିଶା ଏଣ୍ଡୋକ୍ରାଇନ୍ ସୋସାଇଟିର ୩ଦିନିଆ ରାଜ୍ୟସ୍ତରୀୟ ଦଶମ ବାର୍ଷିକ ସମ୍ମିଳନୀ ଆସନ୍ତା ୨୭ ତାରିଖରୁ ଭୁବନେଶ୍ୱରଠାରେ ଆୟୋଜିତ ହେବ। ଏହି ସମ୍ମିଳନୀରେ ରାଜ୍ୟର ୮ଶହରୁ ଊର୍ଦ୍ଧ୍ୱ ଡାକ୍ତର ଓ ରାଜ୍ୟ ବାହାରୁ ୮୦ଜଣ ଗବେଷକ ଯୋଗଦେବେ। ସେମାନେ ନିଜ ନିଜ ସନ୍ଦର୍ଭ ଉପସ୍ଥାପନା କରିବା ସହିତ ନୂଆ ଚିକିତ୍ସା ବିଜ୍ଞାନ ଉପରେ ଜ୍ଞାନ ବାଣ୍ଟିବେ ବୋଲି ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସୋସାଇଟି ସଭାପତି ଡା. ଏସ୍‌ଆର ପଟ୍ଟନାୟକ ସୂଚନା ଦେଇଛନ୍ତି। ସାଂଗଠନିକ ଅଧ୍ୟକ୍ଷ ପ୍ରଫେସର ଡା. ଅଭୟ ସାହୁ କହିଛନ୍ତି, ବିଶେଷ କରି ଗ୍ରାମାଞ୍ଚଳରେ ଏଣ୍ଡୋକ୍ରାଇନ୍ ରୋଗ ଚିକିତ୍ସା ଉପରେ ଡାକ୍ତରଙ୍କୁ ପ୍ରଶିକ୍ଷଣ ଦିଆଯିବା ସହିତ ଅତ୍ୟାଧୁନିକ ଚିକିତ୍ସା ଉପରେ ଜ୍ଞାନ ଦିଆଯିବ। ଏହାବ୍ୟତୀତ ଛୋଟପିଲାଙ୍କଠାରୁ ଆରମ୍ଭ କରି ଗର୍ଭବତୀ ମହିଳାଙ୍କ ମଧୁମେହ ଚିକିତ୍ସା ଉପରେ ଆଲୋଚନା ହେବ। ସମ୍ମିଳନୀରେ ସାଂଗଠନିକ ସମ୍ପାଦକ ଡା. ରିତେଶ ଅଗ୍ରୱାଲ କହିଛନ୍ତି, ଏଣ୍ଡୋକ୍ରାଇନୋଲୋଜି ସମ୍ବନ୍ଧୀୟ ହାଇପୋଥାଇରଏଡ୍, ଡାଇବେଟିସ୍, ପିସିଓଜ୍, ଆଡ୍ରେନାଲ ଫାଟିଗ୍ ଆଦି ରୋଗ ଓ ଚିକିତ୍ସା ବାବଦରେ ଆଲୋଚନା କରାଯିବ। ନୂତନ ଭାବେ ବିକଶିତ ଔଷଧ ଓ ଚିକିତ୍ସା ପ୍ରଣାଳୀ ବାବଦରେ ଜଣାଇବା ହେଉଛି ଏହି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ ରହିଛି। ଅନ୍ୟମାନଙ୍କ ମଧ୍ୟରେ ସାଇଣ୍ଟିଫିକ୍ ସମ୍ପାଦକ ଡା. ସ୍ୱୟଂ ସିଦ୍ଧ ମଙ୍ଗରାଜ ପ୍ରମୁଖ ଉପସ୍ଥିତ ରହିଥିଲେ।



୩ ଦଫା ଦାବି ନେଇ ଓଡ଼ିଶା ରାଜ୍ୟ ଉଜ୍ଜ୍ୱଳା ଦିଦି ସଂଘ ପକ୍ଷରୁ ଶୁକ୍ରବାର ଭୁବନେଶ୍ୱର ରାଜଭବନ ସମ୍ମୁଖରେ ଧାରଣା ଦିଆଯାଇଛି।

## ଆର୍‌ସିଏମ୍ ଜଗନ୍ନାଥ ମନ୍ଦିରରେ ଓଡ଼ିଶୀ ଆସର

ଭୁବନେଶ୍ୱର,୨୦।୧୦ (ଶର୍ମିଷ୍ଠା ପାଣିଗ୍ରାହୀ)

ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ଦ୍ୱାରା ପ୍ରସ୍ତୁତ 'ଓଡ଼ିଶୀ ଆସର' ଆର୍.ସି.ଏମ୍. ପରିସରସ୍ଥ ଶ୍ରୀଜଗନ୍ନାଥଙ୍କ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ସୁନିତାରାଣୀ ବିଶ୍ୱାଳ ଏବଂ ଅର୍ପିତା ସାହୁ ଦ୍ୱୈତ ଓଡ଼ିଶୀ ସଙ୍ଗୀତ ପରିବେଷଣ କରିଥିଲେ। ପରେ ପରେ ଏକକ ମର୍ଦ୍ଦଳ ବାଦନ କରିଥିଲେ ଜୟଗୁରୁ ପ୍ରଧାନ। ହାର୍‌ମୋନିୟମ୍‌ରେ ତାଙ୍କୁ ଗୁରୁ ରମେଶ ଚନ୍ଦ୍ର ଦାସ ସହଯୋଗ କରିଥିଲେ। ଅତିଥି କଳାକାର ମମତାରାଣୀ ଉପାଧ୍ୟାୟ ଏକକ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଗୁରୁ କେଶବ ଚନ୍ଦ୍ର ରାଉତ, ସିତାରରେ ସ୍ୱପ୍ନେଶ୍ୱର ଚକ୍ରବର୍ତ୍ତୀ, ବେହେଲାରେ ରମେଶ ଚନ୍ଦ୍ର ଦାସ, ମର୍ଦ୍ଦଳରେ ସଚ୍ଚିଦାନନ୍ଦ ଦାସ, ବଂଶୀରେ ରୁଦ୍ର ପ୍ରସାଦ ପରିଡ଼ା ସହଯୋଗ କରିଥିଲେ। ଶ୍ରୀଜଗନ୍ନାଥଙ୍କ ମନ୍ଦିରର ପ୍ରତିଷ୍ଠାତା ପ୍ରବୀର ପାଲ୍ ସସ୍ତ୍ରୀକ ଅତିଥି ରୂପେ ଯୋଗଦେଇଥିଲେ। ଓଡ଼ିଶୀ ଗବେଷଣା କେନ୍ଦ୍ରର ମୁଖ୍ୟ ନିର୍ବାହୀ ସିକତା ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଓଡ଼ିଶୀ ଗବେଷଣା କେନ୍ଦ୍ରର ପ୍ରଶାସନିକ ଅଧିକାରୀ ଅନୁଜା ତାରିଣୀ ମିଶ୍ର ପରିଚାଳନା କରିଥିଲେ।




### ଏସ୍‌ସିବିରେ ଜଟିଳ ଅସ୍ତ୍ରୋପଚାର ସଫଳ

କଟକ,୨୦।୧୦(ଶିଳ୍ପା ପ୍ରିୟଦର୍ଶିନୀ) କଟକ ଏସ୍‌ସିବି ମେଡିକାଲ ସ୍ନାୟୁ ଶଲ୍ୟ ବିଭାଗରେ ଏକ ଜଟିଳ ଅସ୍ତ୍ରୋପଚାର ସଫଳ ହୋଇଛି। ଏସ୍‌ସିବି ମେଡିକାଲ ଅଧୀକ୍ଷକ ତଥା ସ୍ନାୟୁ ଶଲ୍ୟ ବିଭାଗର ବରିଷ୍ଠ ପ୍ରଫେସର ଡା. ସୁଧାଂଶୁ ଶେଖର ମିଶ୍ରଙ୍କ ନେତୃତ୍ୱରେ ଅସ୍ତ୍ରୋପଚାର କରାଯାଇଥିବାବେଳେ ଡା. ଦୀପକ ଦାସ, ଡା. ଦେବାଶିଷ ସ୍ୱାଇଁ, ଡା. ପ୍ରମୋଦ ପଲାଇ ସହାୟତା କରିଥିଲେ।

ସୂଚନାଅନୁଯାୟୀ, ବାଲେଶ୍ୱର ଜିଲା ରାଇପୁର ଅଞ୍ଚଳର ୪୪ ବର୍ଷୀୟା ଜଣେ ମହିଳା ୫ ବର୍ଷ ହେବ ଟ୍ରାଇଜେମିନାଲ ସ୍ନାୟୁଜନିତ ମସ୍ତିଷ୍କ ଯନ୍ତ୍ରଣାର ଶିକାର ହେଉଥିଲେ। ସେ ପାଟି ପାଖରୁ କାନ ପର୍ଯ୍ୟନ୍ତ କଷ୍ଟ ଅନୁଭବ କରୁଥିଲେ। ସେ ଦାନ୍ତ ଘଷିବା, ମୁହଁ ଧୋଇବା, ଖାଇବା ଓ କଥା କହିବା ସମୟରେ ଯନ୍ତ୍ରଣାର ଅନୁଭବ କରୁଥିଲେ। ଦାନ୍ତ ଜନିତ ସମସ୍ୟା ଭାବି ସେ ଡାକ୍ତରଙ୍କ ପରାମର୍ଶ ଲୋଡିଥିଲେ। ଭୁବନେଶ୍ୱରର ଏକ ହସ୍ପିଟାଲରେ ତାଙ୍କର ଦାନ୍ତ ଓପାଡି ଦିଆଯାଇଥିଲା। ହେଲେ ଯନ୍ତ୍ରଣା ନ କମିବାରୁ ଗତ ୧୨ ତାରିଖରେ ସେ ଏସ୍‌ସିବି ମେଡିକାଲରେ ଭର୍ତ୍ତି ହୋଇଥିଲେ। ସେଠାରେ ପରୀକ୍ଷା କରାଯିବା ପରେ ସେ ଟ୍ରାଇଜେମିନାଲ ସ୍ନାୟୁ ଜନିତ ସମସ୍ୟାର ଶିକାର ହୋଇଥିବା ସ୍ପଷ୍ଟ ହୋଇଥିଲା। ମହିଳାଙ୍କର ଟ୍ରାଇଜେମିନାଲ ସ୍ନାୟୁର ପଛ ଓ ଆଗପଟେ ଦୁଇଟି ଧମନୀ ଚାପି ହୋଇରହିଥିଲା। ଅସ୍ତ୍ରୋପଚାର ପରେ ମହିଳା ଜଣଙ୍କ ସୁସ୍ଥ ଥିବା ଏସ୍‌ସିବି ମେଡିକାଲ ପକ୍ଷରୁ ସୂଚନା ମିଳିଛି।

## ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ସ୍ୱଚ୍ଛତା କାର୍ଯ୍ୟକ୍ରମ ସମୀକ୍ଷା


କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅଧିକାରୀ ଓ କର୍ମଚାରୀ।

କଟକ,୨୦।୧୦ (କାର୍ତ୍ତିକ ସାହୁ)

ସ୍ୱଚ୍ଛ ଭାରତ ଅଭିଯାନ ୩.୦ ଅନ୍ତର୍ଗତ ରାଜ୍ୟରେ ଥିବା ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ବିଭିନ୍ନ ବିଭାଗର ସ୍ୱଚ୍ଛତା ସମ୍ବନ୍ଧୀୟ କାର୍ଯ୍ୟଗୁଡ଼ିକର ସମୀକ୍ଷା କରାଯାଇଛି। ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ବରିଷ୍ଠ ଅର୍ଥନୈତିକ ପରାମର୍ଶଦାତା ରବୀନ୍ଦ୍ର କୁମାର ଜେନା କଟକ ଓ ଭୁବନେଶ୍ୱରସ୍ଥିତ ସମସ୍ତ କାର୍ଯ୍ୟାଳୟର ସ୍ୱଚ୍ଛତା କାର୍ଯ୍ୟକ୍ରମ ଦେଖିଥିଲେ। କେନ୍ଦ୍ର ସରକାରଙ୍କ ପକ୍ଷରୁ ସ୍ୱଚ୍ଛତା ଅଭିଯାନ ସମ୍ପର୍କିତ ଜାରି କରାଯାଇଥିବା ନିର୍ଦ୍ଦେଶାବଳୀର ଉପଯୁକ୍ତ ପାଳନ ସମ୍ପର୍କରେ ସେ ଅନୁଧ୍ୟାନ କରିଥିଲେ। ବରିଷ୍ଠ ଅର୍ଥନୈତିକ ପରାମର୍ଶଦାତା ଜେନା ଶୁକ୍ରବାର ଭୁବନେଶ୍ୱରସ୍ଥିତ ଏନ୍‌ଏବିଏମ୍ କାର୍ଯ୍ୟାଳୟ, ପତ୍ରସୂଚନା କାର୍ଯ୍ୟାଳୟ, କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋ କାର୍ଯ୍ୟାଳୟ, ଦୂରଦର୍ଶନ ସହିତ ଭୁବନେଶ୍ୱରଠାରେ ଥିବା ରେଡିଓ କାର୍ଯ୍ୟାଳୟରେ ସ୍ୱଚ୍ଛତା କାର୍ଯ୍ୟକ୍ରମଗୁଡ଼ିକ ଅନୁଧ୍ୟାନ କରିଥିଲେ। ସ୍ୱଚ୍ଛତା ନିରୀକ୍ଷଣ ସମୟରେ ସେ କଟକ ଓ ଭୁବନେଶ୍ୱରଠାରେ ଚାରାରୋପଣ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। କଟକ ଆକାଶବାଣୀ କେନ୍ଦ୍ରର ମୁଖ୍ୟ ପ୍ରକାଶ କୁମାର ପତି, ଏନ୍‌ଏବିଏମ୍ ମୁଖ୍ୟ ଆନନ୍ଦ ଚନ୍ଦ୍ର ସୁବୁଦ୍ଧି, ଭୁବନେଶ୍ୱର ଦୂରଦର୍ଶନ ମୁଖ୍ୟ ରିଜ୍‌ୱାନା ଅଖତର, କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋର ଯୁଗ୍ମ ନିର୍ଦ୍ଦେଶକ ଗିରିଶ ଚନ୍ଦ୍ର ଦାଶଙ୍କ ସମେତ ଆକାଶବାଣୀ ଓ ଦୂରଦର୍ଶନର ଅଧିକାରୀ, କର୍ମଚାରୀମାନେ ସ୍ୱଚ୍ଛତା କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

## ବିସିଏ ବିଭାଗର ନବାଗତଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର, ୨୦।୧୦ (ଅସମାପିକା ସାହୁ)

ରାଜଧାନୀ ମହାବିଦ୍ୟାଳୟ ଅଧୀନ ବ୍ୟାଚଲର ଅଫ କମ୍ପ୍ୟୁଟର ଆପ୍ଲିକେସନ(ବିସିଏ) ବିଭାଗର ନବାଗତ ଛାତ୍ରୀଛାତ୍ରଙ୍କ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷା ମିନତୀ ମିଶ୍ର, ଓଡ଼ିଆ ବିଭାଗର ମୁଖ୍ୟ ଡ. ମନ୍ମଥ ଘଡ଼େଇ, ଉଦ୍ଭିଦ ବିଜ୍ଞାନ ବିଭାଗର ମୁଖ୍ୟ ଡ. ହୃଷୀକେଶ ନାୟକ, ଶିକ୍ଷା ବିଭାଗର ମୁଖ୍ୟ ଡ. ସରୋଜ ଚୌଧୁରୀ, ଗଣିତ ବିଭାଗର ମୁଖ୍ୟ ଡ. ସରୋଜ କାନ୍ତ ପ୍ରଧାନ, ପାଠ୍ୟକ୍ରମର ନିର୍ଦ୍ଦେଶକ ଡ. ଜ୍ଞାନ ରଞ୍ଜନ ପାଣିଗ୍ରାହୀ ଓ ବିସିଏ ବିଭାଗର ମୁଖ୍ୟ ସୌମ୍ୟା ପଟ୍ଟନାୟକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ବିସିଏର ପ୍ରଥମ ଓ ଦ୍ୱିତୀୟ ବର୍ଷର ଛାତ୍ରୀଛାତ୍ରଙ୍କ ମଧ୍ୟରେ ନୃତ୍ୟ, ସଙ୍ଗୀତ ଓ କ୍ଷୁଦ୍ର ନାଟକ ପ୍ରତିଯୋଗିତା କରାଯାଇଥିଲା। ବିସିଏର ବରିଷ୍ଠ ଛାତ୍ର ସତ୍ୟଜିତ ନାୟକ, ବାଦଲ ମହାରଣା, ବିଶ୍ୱରଞ୍ଜନ ସାହୁ, ତପରଞ୍ଜନ ମହାରଣା ଓ ଶୁଭ୍ରାଂଶୁ ମହାପାତ୍ର କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ପ୍ରତିଯୋଗିତାରେ ମିଷ୍ଟର ଫ୍ରେଶର୍ସ ଭାବେ ସାହିଲ ଦିଗଲ ଓ ମିସ ଫ୍ରେଶର୍ସ ଭାବେ ଅର୍ପିତା ପ୍ରିୟଦର୍ଶିନୀଙ୍କୁ ଚୟନ କରାଯିବା ସହିତ କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଶୁଭମ୍‌ଜ୍ୟୋତି ମିଶ୍ର, ଚନ୍ଦ୍ରକାନ୍ତ ସ୍ୱାଇଁ, ଦେବୀତୋଷ ପାତ୍ର, ଅଜୟ କୁମାର ବେହେରା ଓ ରଶ୍ମୀକାନ୍ତ ପରିଡ଼ାଙ୍କୁ ଅନୁଷ୍ଠାନ ପକ୍ଷରୁ ବିଶେଷ ଧନ୍ୟବାଦ ଦିଆଯାଇଥିଲା।


ଅତିଥିଙ୍କ ସହ ମିଷ୍ଟର ଫ୍ରେଶର୍ସ ଭାବେ ସାହିଲ ଦିଗଲ ଓ ମିସ୍ ଫ୍ରେଶର୍ସ ଅର୍ପିତା ପ୍ରିୟଦର୍ଶିନୀ।

## ସାଲିଆସାହିରେ ଦେଶୀ ମଦଭାଟି

### ଅବକାରୀ ବିଭାଗ ଚଢ଼ାଉ,୧୫ ଗିରଫ

ଭୁବନେଶ୍ୱର,୨୦।୧୦ (ସୂର୍ଯ୍ୟକାନ୍ତ ବେହେରା)

ରାଜଧାନୀ ଭୁବନେଶ୍ୱରରେ ବେଆଇନ ଭାବେ ତିଆରି ହେଉଛି ଦେଶୀ ମଦ। ବିଶେଷକରି ବସ୍ତି ଅଞ୍ଚଳରେ ଦେଶୀ ଭାଟି ରହିଥିବାବେଳେ ଏଠାରୁ ସହର ସମେତ ବାହାରକୁ ମଧ୍ୟ ମଦ ଚୋରା ଚାଲାଣ ହେଉଛି। ପୋଲିସ ଓ ଅବକାରୀ ବିଭାଗ ସବୁଜାଣି ଅଜଣା ରହୁଥିବାବେଳେ ପାର୍ବଣ ପାଇଁ ଏବେ ତତ୍ପରତା ଦେଖାଇଛି। ଘଟଣାକ୍ରମରେ ଶୁକ୍ରବାର ସାଲିଆସାହିରେ ଚାଲିଥିବା ଏକ ଦେଶୀ ମଦ ଭାଟିରେ ଅବକାରୀ ବିଭାଗର ଏକ ଟିମ୍ ଚଢ଼ାଉ କରି ବିପୁଳ ମଦ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରିବା ସହ ମହିଳାଙ୍କ ସମେତ ୧୫ଜଣଙ୍କୁ ଗିରଫ କରିଛି। ଜବତ ଜିନିଷ ମଧ୍ୟରେ ୧୦ ହଜାର ଲିଟର ପୋଚ, ୧ ହଜାର ଲିଟର ଦେଶୀ ମଦ ଓ ମଦ ପ୍ରସ୍ତୁତ ପାଇଁ ବ୍ୟବହୃତ ସାମଗ୍ରୀ ରହିଛି। ଏଥିସହ ଶହ ଶହ ଲିଟର ମଦ ନଷ୍ଟ କରାଯାଇଛି। ଆଗକୁ ବସ୍ତି ଓ ଚୋରା ମଦ ଆଡ୍ଡା ଉପରେ ଚଢ଼ାଉ ଅଭିଯାନ ଜାରି ରହିବ ବୋଲି ଅବକାରୀ ବିଭାଗ ସୂଚନା ଦେଇଛି। ଅନ୍ୟପକ୍ଷରେ ପୋଲିସ ନିଷ୍କ୍ରିୟ ରହୁଥିବାରୁ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏପରିକି ଅଭିଯୁକ୍ତମାନେ ପୋଲିସର ଭିତିରି ସହଯୋଗରେ ବର୍ଷବର୍ଷଧରି ଏହି କାରବାର ଚଳାଉଥିବା ସ୍ଥାନୀୟ ଲୋକେ କହିଛନ୍ତି।


ଅବକାରୀ ବିଭାଗ ପକ୍ଷରୁ ଗିରଫ ଅଭିଯୁକ୍ତ।


ଭାଟିରେ ଦେଶୀ ମଦ ପ୍ରସ୍ତୁତ କରାଯାଉଛି।

# ଧରାବତରଣ କଲେ ମା’




କଟକ ଚୌଧୁରୀ ବଜାର ପୂଜା ମଣ୍ଡପରେ ଚାନ୍ଦିମେଢ଼ ସହ ସୁନା ଅଳଙ୍କାରରେ ପୂଜା ପାଉଥିବା ମା’ ଦୁର୍ଗା ।


ରାଣୀହାଟ ପୂଜାମଣ୍ଡପ ।


ଶେଖବଜାର ପୂଜା ମଣ୍ଡପ ।


ଚାଉଳିଆଗଞ୍ଜ ପୂଜା ମଣ୍ଡପ ।


କାଫଲା ବଜାର ଚାନ୍ଦିମେଢ଼ ।


ଚାନ୍ଦିନୀଚୌକ ପୂଜା ମଣ୍ଡପରେ ଚାନ୍ଦି ମୁକୁଟରେ ପୂଜା ପାଉଥିବା ମା’ ।


ଖାନନଗର ପୂଜା ମଣ୍ଡପ ।


କଟକରେ ଆକର୍ଷଣ ସାଜିଥିବା ଖାନନଗର ପୂଜା ମଣ୍ଡପର ତୋରଣ ।


ମାଲଗୋଦାମ ପୂଜା କମିଟି ପକ୍ଷରୁ ନିର୍ମିତ ତୋରଣ ।


ତୁଳସୀପୁର ସାର୍ବଜନୀନ ପୂଜା ମଣ୍ଡପ ।


ଭୁବନେଶ୍ୱର ପଳାଶୁଣୀ ମଣ୍ଡପରେ ଶୁକ୍ରବାର ଷଷ୍ଠୀ ପୂଜା ଅବସରରେ ମା’ ଦୁର୍ଗା ।


ଦୁର୍ଗାପୂଜା ପାଇଁ ଶହୀଦନଗର ପୂଜା କମିଟି ପକ୍ଷରୁ ଆୟୋଜିତ ମିନାବଜାର ।


ରସୁଲଗଡ଼ ପୂଜା କମିଟି ପକ୍ଷରୁ ନିର୍ମିତ ଇଲେକ୍ଟ୍ରିକ୍ ଗେଟ୍ ।


ପୁରୀ ବେଳାଭୂମିରେ ଶୁକ୍ରବାର ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା ୨୦୦୦ ଦୀପ ଓ ବାଲିରେ ପ୍ରସ୍ତୁତ ବାଲୁକାକଳା ।


ଭୁବନେଶ୍ୱର କାଳିବାରି ଦୁର୍ଗାପୂଜା ମଣ୍ଡପ ।

# ୪୧ କୂଟନୀତିଜ୍ଞଙ୍କୁ ଫେରାଇନେଲା କାନାଡା

**ବେଙ୍ଗାଲୁରୁ, ଚଣ୍ଡିଗଡ଼, ମୁମ୍ବାଇରେ ଭିଜା, କନ୍‌ସୁଲାର ସେବା ବନ୍ଦ**

ଟରଣ୍ଟୋ/ନୂଆଦିଲ୍ଲୀ,୨୦।୧୦

ଖଲିସ୍ତାନୀ ଆତଙ୍କବାଦୀ ହରଦୀପ ସିଂ ନିଜ୍ଜର ହତ୍ୟା ଘଟଣାକୁ ନେଇ ଭାରତ ଓ କାନାଡା ମଧ୍ୟରେ କୂଟନୈତିକ ତିକ୍ତତା ବଢ଼ିଚାଲିଛି। କାନାଡା ଶୁକ୍ରବାର ଭାରତରୁ ଏହାର ୪୧ ଜଣ କୂଟନୀତିଜ୍ଞ ଓ ସେମାନଙ୍କ ପରିବାରକୁ ଫେରାଇ ନେଇଛି। ସେମାନଙ୍କ କୂଟନୈତିକ ସୁରକ୍ଷା କାଢ଼ିନିଆଯିବ ବୋଲି ନୂଆଦିଲ୍ଲୀ ପକ୍ଷରୁ ଚେତାବନୀ ଦିଆଯାଇଥିବାରୁ କାନାଡା ସରକାର ଉପରୋକ୍ତ ନିଷ୍ପତ୍ତି ନେଇଥିବା ଏହାର ବହିର୍ବ୍ୟାପାର ମନ୍ତ୍ରୀ ମେଲାନି ଜୋଲି କହିଛନ୍ତି। ଏଥିସହିତ ବେଙ୍ଗାଲୁରୁ, ଚଣ୍ଡିଗଡ଼ ଏବଂ ମୁମ୍ବାଇରେ କାନାଡ଼ା ଏହାର ଭିଜା ଏବଂ କନ୍‌ସୁଲାର ସେବାକୁ ସାମୟିକ ଭାବେ ବନ୍ଦ କରିଦେଇଛି। କେବଳ ଦିଲ୍ଲୀରେ କାନାଡ଼ା ହାଇକମିଶନଙ୍କ କାର୍ଯ୍ୟାଳୟ ପୂର୍ବଭଳି ଚାଲିବ। ପୂର୍ବରୁ ଭାରତ କାନାଡ଼ାରେ ଭିଜା ପ୍ରକ୍ରିୟାକୁ ସ୍ଥଗିତ ରଖିଥିଲା। କାନାଡ଼ାର ପଦକ୍ଷେପକୁ ନେଇ ନୂଆଦିଲ୍ଲୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି। କୂଟନୈତିକ ସମ୍ପର୍କ ଉପରେ ଭିଏନା ଚୁକ୍ତିନାମାର ବ୍ୟବସ୍ଥା ଅନୁଯାୟୀ ଉଭୟ ପକ୍ଷର କୂଟନୈତିକ ସମାନତା ବଜାୟ ରହିବା ଜରୁରୀ। ବହିର୍ବ୍ୟାପାର ମନ୍ତ୍ରଣାଳୟର କହିବା ଅନୁଯାୟୀ ଭାରତରେ ଅଧିକ ସଂଖ୍ୟାରେ କାନାଡୀୟ କୂଟନୈତିକ ରହି କ୍ରମାଗତ ଭାବେ ଭାରତର ଆଭ୍ୟନ୍ତରୀଣ ବ୍ୟାପରରେ ହସ୍ତକ୍ଷେପ କରୁଥିଲେ। ନୂଆଦିଲ୍ଲୀ ଏବଂ ଓଟାୱା ମଧ୍ୟରେ ପାରସ୍ପରିକ କୂଟନୈତିକ ଉପସ୍ଥିତିରେ ଏହା ସମାନତା ଆଣୁନାହିଁ।

ସୂଚନାଯୋଗ୍ୟ, ଖଲିସ୍ତାନୀ ଆତଙ୍କବାଦୀ ନିଜ୍ଜରଙ୍କୁ ଜୁନ୍ ୧୮ରେ କାନାଡ଼ାର ବ୍ରିଟିଶ କଲମ୍ବିଆରେ ହତ୍ୟା କରାଯାଇଥିଲା। ଏହି ହତ୍ୟାକାଣ୍ଡ ସହ ଭାରତୀୟ ଏଜେଣ୍ଟ ସମ୍ପୃକ୍ତ ବୋଲି କାନାଡ଼ା ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋ ଗତ ମାସରେ ଅଭିଯୋଗ ଆଣିବା ପରେ ଏହାକୁ ନେଇ ଦୁଇଦେଶ ମଧ୍ୟରେ ଉତ୍ତେଜନା ଦେଖାଦେଇଥିଲା। ଏଭଳି ଅଭିଯୋଗକୁ ମିଥ୍ୟା ଓ ମନଗଢ଼ା କହି ଭାରତ ଖଣ୍ଡନ କରିଥିଲା।

## ‘ଭାରତର କାର୍ଯ୍ୟ ଅନ୍ତର୍ଜାତୀୟ ଆଇନ ବିରୋଧୀ’

ଓଟାୱା,୨୦।୧୦: ଭାରତରେ ଥିବା ୪୧ ଜଣ କାନାଡୀୟ କୂଟନୀତିଜ୍ଞଙ୍କ କୂଟନୈତିକ ସୁରକ୍ଷା ରଦ୍ଦ କରିବା ଲାଗି ନୂଆଦିଲ୍ଲୀର ନିଷ୍ପତ୍ତି ଅନ୍ତର୍ଜାତୀୟ ଆଇନର ପରିପନ୍ଥୀ ବୋଲି କାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋ ଶୁକ୍ରବାର କହିଛନ୍ତି। ଏହା ଭିଏନା ଚୁକ୍ତିନାମାର ଉଲ୍ଲଂଘନ ଏବଂ ବିଶ୍ୱର ସବୁ ଦେଶ ପାଇଁ ଚିନ୍ତାଜନକ ବୋଲି ଟ୍ରୁଡୋ କହିଛନ୍ତି। ଓଣ୍ଟାରିଓର ବ୍ରାମ୍ପଟନ୍‌ଠାରେ ଏକ ଖବରଦାତା ସମ୍ମିଳନୀକୁ ଟ୍ରୁଡୋ କହିଛନ୍ତି, ଭାରତ ସରକାରଙ୍କ ନିଷ୍ପତ୍ତି ଉଭୟ ଭାରତ ଓ କାନାଡ଼ାରେ କୋଟି କୋଟି ଲୋକଙ୍କ ସାଧାରଣ ଜୀବନଯାତ୍ରାକୁ ଅବିଶ୍ୱସନୀୟ ଭାବେ କଷ୍ଟକର କରିଦେଇଛି।


କାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋ

# କିଶୋରୀମାନେ ଯୌନ କାମନା ନିୟନ୍ତ୍ରଣ କରନ୍ତୁ

**କାଲ୍‌କାଟା ହାଇକୋର୍ଟଙ୍କ ଟିପ୍ପଣୀ**

କୋଲକାତା,୨୦।୧୦: କିଶୋରୀମାନେ ଦୁଇ ମିନିଟ୍‌ର ଖୁସି ପଛରେ ନ ଧାଇଁ ସେମାନଙ୍କ ଯୌନ କାମନାକୁ ନିୟନ୍ତ୍ରଣ କରିବା ଜରୁରୀ ବୋଲି କାଲ୍‌କାଟା ହାଇକୋର୍ଟ ଏକ ବଳାତ୍କାର ମାମଲାର ଶୁଣାଣି ବେଳେ କହିଛନ୍ତି। ସେହିପରି କିଶୋରମାନେ ମଧ୍ୟ ଯୁବତୀ ଓ ମହିଳାମାନଙ୍କୁ ତଥା ସେମାନଙ୍କ ମର୍ଯ୍ୟାଦାକୁ ସମ୍ମାନ ଦେବା ଶିଖନ୍ତୁ ବୋଲି ହାଇକୋର୍ଟ ଟିପ୍ପଣୀ ଦେଇଛନ୍ତି। ଜଣେ ନାବାଳିକା ସହ ପ୍ରେମ ସମ୍ପର୍କରେ ଥାଇ ତାଙ୍କୁ ବଳାତ୍କାର କରିବା ଅଭିଯୋଗରେ ତଳକୋର୍ଟ ଦ୍ୱାରା ଦୋଷୀସାବ୍ୟସ୍ତ ଜଣେ କିଶୋରଙ୍କୁ ଦୋଷମୁକ୍ତ କରିବା ଅବସରରେ ଜଷ୍ଟିସ୍ ଚିତ୍ତରଞ୍ଜନ ଦାଶ ଏବଂ ପାର୍ଥସାରଥୀ ସେନ୍‌ଙ୍କ ଖଣ୍ଡପୀଠ ଏହା କହିଛନ୍ତି। ଖଣ୍ଡପୀଠ କିଶୋର କିଶୋରୀଙ୍କ କର୍ତ୍ତବ୍ୟର ଏକ ତାଲିକା ଦେଇଛନ୍ତି। ଜଣେ କିଶୋରୀ ମାତ୍ର ୨ ମିନିଟ୍‌ର ଯୌନ ସନ୍ତୁଷ୍ଟି ଉପଭୋଗ କରିବାକୁ ଯାଇ ସମାଜ ଆଖିରେ କ୍ଷତିଗ୍ରସ୍ତ ହୋଇଥାଏ। ସେଥିପାଇଁ ଯୌନ ଇଚ୍ଛାକୁ କାବୁ କରିବା କିଶୋରୀମାନଙ୍କ କର୍ତ୍ତବ୍ୟ। ସେମାନେ ନିଜ ଶରୀରର ପବିତ୍ରତାକୁ ସୁରକ୍ଷିତ ରଖିବା ସହ ନିଜ ମର୍ଯ୍ୟାଦା ଓ ଆତ୍ମସମ୍ମାନକୁ ବଜାୟ ରଖିବାକୁ ହେବ। ସେହିପରି କିଶୋରମାନେ ମହିଳାଙ୍କୁ ଓ ସେମାନଙ୍କ ମର୍ଯ୍ୟାଦା ଏବଂ ଆତ୍ମସମ୍ମାନକୁ ସମ୍ମାନ ଦେଇ ଶିଖିବା ଆବଶ୍ୟକ ବୋଲି ଖଣ୍ଡପୀଠ କହିଛନ୍ତି।



# ପ୍ରଥମ ‘ନମୋ ଭାରତ’ ଟ୍ରେନ୍ ଶୁଭାରମ୍ଭ କଲେ ପ୍ରଧାନମନ୍ତ୍ରୀ

ସାହିବାବାଦ(ୟୁପି),୨୦।୧୦(ପି.ଟି.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ଭାରତର ପ୍ରଥମ ନମୋ ଭାରତ ଟ୍ରେନ୍ ଚଳାଚଳ ଶୁଭାରମ୍ଭ କରିଛନ୍ତି। ଦିଲ୍ଲୀ-ମିରଟ ରିଜିଅନାଲ ରାପିଡ୍ ଟ୍ରାନ୍‌ଜିଟ୍ ସିଷ୍ଟମ (ଆର୍‌ଆର୍‌ଟିଏସ୍) ୧୭ କିଲୋମିଟର ରୁଟ୍‌ରେ ଚଳାଚଳ କରିବ। ଖୁବ୍‌ଶୀଘ୍ର ଉତ୍ତରପ୍ରଦେଶ, ହରିୟାଣା ଓ ରାଜସ୍ଥାନର ବିଭିନ୍ନ ସହରକୁ ଏହି ଟ୍ରେନ୍ ସେବା ଉପଲବ୍ଧ ହେବ ବୋଲି ପ୍ରଧାନମନ୍ତ୍ରୀ ଘୋଷଣା କରିଛନ୍ତି। ଏହି ଅବସରରେ ଏକ କାର୍ଯ୍ୟକ୍ରମକୁ ଉଦ୍‌ବୋଧନ ଦେଇ ମୋଦି କହିଥିଲେ, ୮୨ କିଲୋମିଟର ଦୀର୍ଘ ଦିଲ୍ଲୀ-ଗାଜିଆବାଦ-ମିରଟ୍ ଆର୍‌ଆର୍‌ଟିଏସ୍ କାର୍ଯ୍ୟ ଆଗାମୀ ଦେଢ଼ ବର୍ଷ ମଧ୍ୟରେ ସମ୍ପୂର୍ଣ୍ଣ ହେବ। ୪ ବର୍ଷ ପୂର୍ବେ ସେ ଉକ୍ତ ପ୍ରକଳ୍ପର ଶିଳାନ୍ୟାସ କରିଥିବାବେଳେ ଆଗାମୀ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ସେ ଉପସ୍ଥିତ ରହିବେ ବୋଲି ଦୃଢ଼ତାର ସହ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଉତ୍ତରପ୍ରଦେଶ ରାଜ୍ୟପାଳ ଆନନ୍ଦିବେନ୍ ପଟେଲ, ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, କେନ୍ଦ୍ରମନ୍ତ୍ରୀ ହରଦୀପ ସିଂ ପୁରି ଏବଂ ସ୍ଥାନୀୟ ଏମ୍‌ପି ଯୋଗ ଦେଇଥିଲେ। ପ୍ରଧାନମନ୍ତ୍ରୀ ବେଙ୍ଗାଲୁରୁ ମେଟ୍ରୋର ଦୁଇଟି ପୂର୍ବ-ପଶ୍ଚିମ କରିଡର ସମ୍ପ୍ରସାରଣକୁ ଭର୍ଚୁଆଲି ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ କର୍ନାଟକ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା ଏବଂ ଉପମୁଖ୍ୟମନ୍ତ୍ରୀ ଡି.କେ. ଶିବକୁମାର ତାଙ୍କ ସହ ଭର୍ଚୁଆଲି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଭାରତର ପ୍ରଥମ ଦ୍ରୁତ ରେଳ ସେବା ନମୋ ଭାରତ ଟ୍ରେନ୍ ଚଳାଚଳ ଶୁଭାରମ୍ଭ ହୋଇଥିବାରୁ ଏହା ଏକ ଐତିହାସିକ ମୁହୂର୍ତ୍ତ ବୋଲି ପ୍ରଧାନମନ୍ତ୍ରୀ କହିବା ସହ ଏହି ଅତ୍ୟାଧୁନିକ ଟ୍ରେନ୍ ସେବା ନୂଆ ଭାରତର ଯାତ୍ରା ଓ ନୂଆ ସଂକଳ୍ପର ପରିଭାଷା ହେବ ବୋଲି ମତ ଦେଇଛନ୍ତି।


ଉତ୍ତର ପ୍ରଦେଶର ସାହିବାବାଦରେ ଭାରତର ପ୍ରଥମ ନମୋ ଭାରତ ଟ୍ରେନ୍ ଚଳାଚଳ ଶୁଭାରମ୍ଭ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମେଟ୍ରୋ ଷ୍ଟାଫ୍‌ଙ୍କ ସହ ଆଲୋଚନା କରୁଛନ୍ତି।

## ପୁଲ୍‌ୱାମାରେ ପାକ୍ ଆତଙ୍କବାଦୀଙ୍କ ସମ୍ପତ୍ତି ବାଜ୍ୟାପ୍ତ

ଶ୍ରୀନଗର,୨୦।୧୦

ଜମ୍ମୁ-କଶ୍ମୀରର ପୁଲ୍‌ୱାମା ଜିଲାରେ ଥିବା ଜଣେ ପାକିସ୍ତାନୀ ଆତଙ୍କବାଦୀଙ୍କ ସମ୍ପତ୍ତିକୁ ବାଜ୍ୟାପ୍ତ କରାଯାଇଥିବା ପୋଲିସ କହିଛି। ଆତଙ୍କବାଦୀ ତତ୍ତ୍ୱ ବିରୋଧରେ ଚଢ଼ାଉ ଜାରି ରହିଥିବାବେଳେ ଜିଲାର ନୁର୍‌ପୋରାରେ ଆତଙ୍କବାଦୀ ଫିରୋଜ ଗାନିଙ୍କ ସ୍ଥାବର ସମ୍ପତ୍ତି ଜବତ ହୋଇଛି। ପୁଲ୍‌ୱାମା ଅତିରିକ୍ତ ସେସନ୍ସ ଏନ୍‌ଆଇଏ କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ରାଜସ୍ୱ କର୍ତ୍ତୃପକ୍ଷ ଉପରୋକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି।

## ଇନ୍ଦ୍ରମଣି ପାଣ୍ଡେ ହେବେ ବିମ୍‌ଷ୍ଟେକ୍ ମହାସଚିବ

ନୂଆଦିଲ୍ଲୀ,୨୦।୧୦(ପି.ଟି.)

ବରିଷ୍ଠ କୂଟନୀତିଜ୍ଞ ଇନ୍ଦ୍ରମଣି ପାଣ୍ଡେ ୭ ରାଷ୍ଟ୍ର ବିଶିଷ୍ଟ ବେ ଅଫ୍ ବେଙ୍ଗଲ ଇନିସିଏଟିଭ୍ ଫର୍ ମଲ୍ଟି-ସେକ୍ଟୋରାଲ ଟେକ୍ନିକାଲ ଆଣ୍ଡ ଇକୋନୋମିକ୍ କୋଅପରେଶନ୍ (ବିମ୍‌ଷ୍ଟେକ୍)ର ନୂଆ ମହାସଚିବ ହେବେ। ଏନେଇ ଶୁକ୍ରବାର ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଭାରତ, ଶ୍ରୀଲଙ୍କା, ବାଂଲାଦେଶ, ମ୍ୟାନ୍‌ମାର, ଥାଇଲାଣ୍ଡ, ନେପାଳ ଓ ଭୁଟାନ ସଦସ୍ୟ ଥିବା ଏହି ରାଷ୍ଟ୍ରଗୋଷ୍ଠୀର ସର୍ବୋଚ୍ଚ ପଦରେ ଅବସ୍ଥାପିତ ହେବାରେ ଇନ୍ଦ୍ରମଣି ପ୍ରଥମ ଭାରତୀୟ। ୧୯୯୦ ବ୍ୟାଚ୍ ଭାରତୀୟ ବିଦେଶ ସେବା (ଆଇଏଫ୍‌ଏସ୍) ଅଧିକାରୀ ଇନ୍ଦ୍ରମଣି ବର୍ତ୍ତମାନ ଜାତିସଂଘ ଓ ଜେନେଭାସ୍ଥିତ ଅନ୍ୟ ଅନ୍ତର୍ଜାତୀୟ ସଂସ୍ଥାଗୁଡ଼ିକରେ ଭାରତର ସ୍ଥାୟୀ ପ୍ରତିନିଧି ରୂପେ କାର୍ଯ୍ୟରତ। ସେ ଖୁବ୍‌ଶୀଘ୍ର ନୂଆ ଦାୟିତ୍ୱ ଗ୍ରହଣ କରିବେ ବୋଲି ମନ୍ତ୍ରଣାଳୟ ସୂଚନା ଦେଇଛି।



## ରୁଷୀୟ ୟୁଟ୍ୟୁବରଙ୍କୁ ହଇରାଣ କଲେ ଯୁବକ



ନୂଆଦିଲ୍ଲୀ,୨୦।୧୦: ନିଜ ୟୁଟ୍ୟୁବ୍ ଚ୍ୟାନେଲ ‘କୋକୋ ଇନ୍ ଇଣ୍ଡିଆ’କୁ ନେଇ ପରିଚିତ ରୁଷୀୟ ମହିଳା ଇନ୍‌ଫ୍ଲୁଏନ୍ସରଙ୍କୁ ନିକଟରେ ଦିଲ୍ଲୀର ସରୋଜିନୀ ନଗର ମାର୍କେଟରେ ଜଣେ ବ୍ୟକ୍ତି ଦୁର୍ବ୍ୟବହାର କରିଥିଲେ। ଚ୍ୟାନେଲ ପାଇଁ ମିସ୍ କୋକୋ ଲାଇଭ୍‌ରେ ଥିବାବେଳେ ଘଟିଥିବା ସମ୍ପୂର୍ଣ୍ଣ ଘଟଣାର ଦୃଶ୍ୟ ଭାଇରାଲ ହୋଇଛି। ଉକ୍ତ କ୍ଲିପ୍‌ରେ ଯୁବକ ଜଣକ ମିସ୍ କୋକୋଙ୍କ ସହ କଥା ହେବାକୁ ଉଦ୍ୟମ କରିଥିଲେ। ସେ ତାଙ୍କୁ ସେକ୍ସି କହି ବନ୍ଧୁତା କରିବାକୁ ଆଗ୍ରହୀ କି ବୋଲି ପ୍ରଶ୍ନ କରିଥିଲେ। ଏହାକୁ ନେଇ ଇନ୍‌ଫ୍ଲୁଏନ୍ସର ହଡ଼ବଡ଼ାଇ ଯାଇଥିଲେ। ଇନ୍‌ଷ୍ଟାଗ୍ରାମରେ ମିସ୍ କୋକୋଙ୍କ ୭୦,୦୦୦ ଫଲୋଅର୍ସ ଥିବାବେଳେ ତାଙ୍କ ୟୁଟ୍ୟୁବ୍ ଚ୍ୟାନେଲକୁ ୨ ଲକ୍ଷରୁ ଊର୍ଦ୍ଧ୍ୱ ୟୁଜର୍ସ ସବ୍‌ସ୍କ୍ରାଇବ କରିଛନ୍ତି।

**ରାଜ୍ୟ ଖବର**

# ୨୦ ଲକ୍ଷ ଟଙ୍କାର ବାଣ ଜବତ, ଜଣେ ଗିରଫ

ଡେଲାଙ୍ଗ, ୨୦।୧୦ (ରଶ୍ମିରଞ୍ଜନ ପ୍ରଧାନ)

ଡେଲାଙ୍ଗ ପୋଲିସକୁ ଦିପାବଳୀ ପୂର୍ବରୁ ଏକ ବଡ଼ ସଫଳତା ମିଳିଛି। ୨୦ ଲକ୍ଷ ଟଙ୍କାର ବାଣ ଜବତ କରିବା ସହିତ ଜଣକୁ ଗିରଫ କରିଛି। ମିଳିଥିବା ସୂଚନା ଅନୁଯାୟୀ, ଆଗକୁ ଦିପାବଳୀ ଆସୁଥିବା ବେଳେ ବିଭିନ୍ନ ସ୍ଥାନରେ ବାଣ ବେପାରୀମାନେ ସକ୍ରିୟ ହେବାରେ ଲାଗିଛନ୍ତି। ହେଲେ ବେଆଇନ ବାଣ ବେପାରୀଙ୍କ ଉପରେ ପୋଲିସ କଡ଼ା ନଜର ରଖିଛି। ଗୁରୁବାର ବିଳମ୍ବିତ ରାତିରେ ଡେଲାଙ୍ଗ ଥାନା ଆଇଆଇସି ଦେବାଶିଷ ମହାନ୍ତି, ହରିରାଜପୁର ଫାଣ୍ଡି ଅଧିକାରୀ ଗଦାଧର ନାୟକ, ସିପାହୀ ଜିତେନ୍ଦ୍ର ସ୍ୱାଇଁ, ହୋମଗାର୍ଡ଼ ପ୍ରମୋଦ ସେଠୀ ରାତ୍ରି ପେଟ୍ରୋଲିଂ କରୁଥିବା ସମୟରେ ଗୋଡ଼ିପୁଟ ମାଟିଆପଡ଼ା ପଞ୍ଚାୟତର ମାନପୁର ଗ୍ରାମର ବାଣ ବ୍ୟବସାୟୀ ବେଆଇନ ଭାବେ ନିଜ ଘରେ କିଛି ବାଣ ରଖିଥିବା ଖବର ପାଇଥିଲେ। ସଦଳବଳେ ମାନପୁରରେ ପହଞ୍ଚି ଶ୍ରୀତମ ହରିଚନ୍ଦନ (୨୮)ଙ୍କ ଘରେ ଚଢ଼ାଉ କରାଯାଇଥିଲା। ଘଟଣାସ୍ଥଳରୁ ୬୧ ପେଟି ବିଭିନ୍ନ ପ୍ରକାର ବାଣ ଜବତ କରିବା ସହିତ ପୋଲିସ ଶ୍ରୀତମଙ୍କୁ ଗିରଫ କରିଥିଲେ। ଏହି ବାଣର ଆନୁମାନିକ ମୂଲ୍ୟ ୨୦ ଲକ୍ଷ ଟଙ୍କା ହେବ ବୋଲି ଥାନାଧିକାରୀ ସୂଚନା ଦେଇଛନ୍ତି। ଏ ନେଇ ୩୧୯/୨୩ରେ ଏକ ମାମଲା ରୁଜୁ କରାଯାଇଛି।



# ‘ପାସେଞ୍ଜର ଟ୍ରେନ୍‌ରେ ଏକ୍ସପ୍ରେସ୍ ଭଡ଼ା’

**ଇଷ୍ଟକୋଷ୍ଟ ରେଳୱେ ଅଫିସ ଆଗରେ ଗଣଧାରଣା**

ଭଦ୍ରକ,୨୦।୧୦(ସନାତନ ରାଉତ)

ରେଳ ବିଭାଗର ବୈମାତୃକ ମନୋଭାବ ବିରୋଧରେ ଓଡ଼ିଶା ରେଳ ଉପଭୋକ୍ତା କମିଟି ପକ୍ଷରୁ ଶୁକ୍ରବାର ଭୁବନେଶ୍ୱରସ୍ଥିତ ଇଷ୍ଟକୋଷ୍ଟ ରେଳୱେ ଅଫିସ୍ ଆଗରେ ଗଣଧାରଣା ଦିଆଯାଇଥିଲା। ଓଡ଼ିଶାରେ ପାସେଞ୍ଜର ଟ୍ରେନ୍‌ରେ ଏକ୍ସପ୍ରେସ୍ ଭଡ଼ା ଆଦାୟ କରାଯାଉଥିବା ଅଭିଯୋଗ ଆଣି ଏହାର ପ୍ରତିବାଦରେ ଭଦ୍ରକ ସର୍ବୋଦୟ ମଣ୍ଡଳ ସଭାପତି ଅମର କୁମାର ପାଣିଗ୍ରାହୀଙ୍କ ନେତୃତ୍ୱରେ ପୂର୍ବରୁ ମୁଖ୍ୟ ମହାପ୍ରବନ୍ଧକଙ୍କୁ ୨୦୨୨ ଏପ୍ରିଲ ୨୬ରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ରେଳମନ୍ତ୍ରୀ, ପ୍ରଧାନମନ୍ତ୍ରୀ ଓ ଭଦ୍ରକ ଏମ୍‌ପିଙ୍କୁ ମଧ୍ୟ ଅଭିଯୋଗ କରାଯାଇଥିଲା। କିଛି ସୁଫଳ ନ ମିଳିବାରୁ ଓଡ଼ିଶା ରେଳ ଉପଭୋକ୍ତା କମିଟି ପକ୍ଷରୁ ଶାନ୍ତିପୂର୍ଣ୍ଣ ଗଣଧାରଣା ଦିଆଯିବା ସହ ମୁଖ୍ୟ ମହାପ୍ରବନ୍ଧକଙ୍କ କାର୍ଯ୍ୟାଳୟର ମୁଖ୍ୟ ଜନସମ୍ପର୍କ ଅଧିକାରୀ ବିଶ୍ୱଜିତ୍ ସାହୁଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଭଦ୍ରକ ଜିଲା ସର୍ବୋଦୟ ମଣ୍ଡଳ ସଭାପତିଙ୍କ ସମେତ ଅର୍ଜୁନ ସାମନ୍ତରାୟ, ସୌମ୍ୟରଞ୍ଜନ ପ୍ରଧାନ, ସୌମ୍ୟରଞ୍ଜନ ଶ୍ରୀଚନ୍ଦନ, ଦେବୀକିଙ୍କର ପାଣିଗ୍ରାହୀ, ଅପର୍ଣ୍ଣା ନାୟକ, ରମାକାନ୍ତ ମଣ୍ଡଳ ପ୍ରମୁଖ ଏଥିରେ ସାମିଲ ଥିଲେ। ପଶ୍ଚିମବଙ୍ଗରେ ପାସେଞ୍ଜର ଟ୍ରେନ୍‌ରେ ସର୍ବନିମ୍ନ ୫ଟଙ୍କା ଭଡ଼ା ନିଆଯାଉଥିବା ବେଳେ ଓଡ଼ିଶାରେ ୩୦ ଟଙ୍କା କାହିଁକି ନିଆଯାଉଛି, ବରିଷ୍ଠ ନାଗରିକଙ୍କୁ ମିଳୁଥିବା ସମସ୍ତ ସୁବିଧା ପୁନର୍ବାର କାର୍ଯ୍ୟକାରୀ, ଏକ୍ସପ୍ରେସ ଓ ପାସେଞ୍ଜର ଅଧିକ ସଂଖ୍ୟକ ବଗି ସଂଯୋଗ କରାଯିବା ଆଦି ଦାବି ବିଷୟରେ ମୁଖ୍ୟ ଜନସମ୍ପର୍କ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ।


ମହାପ୍ରବନ୍ଧକଙ୍କ କାର୍ଯ୍ୟାଳୟର ମୁଖ୍ୟ ଜନସମ୍ପର୍କ ଅଧିକାରୀ ବିଶ୍ୱଜିତ୍ ସାହୁଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି ରେଳ ଉପଭୋକ୍ତା କମିଟି କର୍ମକର୍ତ୍ତା।

# ଜୁନିୟର ବାଳକରେ ବାଲେଶ୍ୱର, ଯାଜପୁର, ବଲାଙ୍ଗୀର, ପୁରୀ ଓ ଢେଙ୍କାନାଳ ବିଜୟୀ

**ରାଜ୍ୟସ୍ତରୀୟ ଖୋଖୋ**

ପୁରୀ,୨୦।୧୦(ଅଜିତ ମହାନ୍ତି)

ତାଳବଣିଆ ସ୍ପୋର୍ଟସ୍ ଗ୍ରାଉଣ୍ଡରେ ରାଜ୍ୟସ୍ତରୀୟ ୧୨ତମ ଜୁନିୟର ଏବଂ ୧୬ତମ ସବ୍ ଜୁନିୟର ବାଳକ ଓ ବାଳିକା ବର୍ଗ ଖୋଖୋ ଚାମ୍ପିୟନଶିପ୍ ଗୁରୁବାର ଉଦ୍‌ଘାଟିତ ହୋଇଛି। ତେବେ ଶୁକ୍ରବାରଠାରୁ ବିଭିନ୍ନ ଦଳ ମଧ୍ୟରେ ମ୍ୟାଚ୍ ଆରମ୍ଭ ହୋଇଛି। ଅତିଥି ଭାବେ ରାଜ୍ୟ ଖୋ ଖୋ ସଂଘର ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ମିଶ୍ର ଓ ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ ଯୋଗଦେଇଥିଲେ। ପ୍ରଥମ ମ୍ୟାଚ ବାଲେଶ୍ୱର ଓ ଭୁବନେଶ୍ୱର ଜୁନିୟର ବାଳକ ବର୍ଗ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବାଲେଶ୍ୱର ବିଜୟ ଲାଭ କରିଛି। ପରେ ଭଦ୍ରକ ଓ ଯାଜପୁର ମଧ୍ୟରେ ହୋଇଥିବା ମ୍ୟାଚ୍‌ରେ ଯାଜପୁର ବିଜୟର ସ୍ୱାଦ ଚାଖିଛି। ସେହିପରି ଅନୁଗୋଳକୁ ବଲାଙ୍ଗୀର, ସମ୍ବଲପୁରକୁ ପୁରୀ ଏବଂ ପୁରୀକୁ ଢେଙ୍କାନାଳ ପରାସ୍ତ କରିଛି। ସବ୍‌ଜୁନିୟର ବାଳିକା ବିଭାଗରେ ପ୍ରଥମ ମ୍ୟାଚ୍ ଭୁବନେଶ୍ୱର ଓ ବଲାଙ୍ଗୀର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଭୁବନେଶ୍ୱର ଜିତିଛି। ପରେ ବଲାଙ୍ଗୀର ଓ ଭଦ୍ରକ ମଧ୍ୟରେ ହୋଇଥିବା ମ୍ୟାଚ୍‌ରେ ବଲାଙ୍ଗୀର ବିଜୟୀ ହୋଇଛି। ସେହିପରି ଯାଜପୁରକୁ ପୁରୀ ଏବଂ ମୟୂରଭଞ୍ଜକୁ ସୁନ୍ଦରଗଡ଼ ହରାଇଛି। ଏହି ଚାମ୍ପିୟନଶିପ୍ ୨୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ୯୦ଟି ମ୍ୟାଚ୍ ଖେଳାଯିବ। ୨୨ ତାରିଖରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ସମସ୍ତ ଜିଲାରୁ ପ୍ରାୟ ୧୨୫୦ ଜଣ ଖେଳାଳି ଏହି ପ୍ରତିଯୋଗିତାରେ ଭାଗ ନେଇଛନ୍ତି। ସେମାନଙ୍କ ମଧ୍ୟରୁ ଯେଉଁମାନେ ଉନ୍ନତ କ୍ରୀଡ଼ା ପ୍ରଦର୍ଶନ କରିବେ ସେମାନେ ଆସନ୍ତା ଡିସେମ୍ବରରେ ହେବାକୁ ଥିବା ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ ଖେଳିବା ପାଇଁ ମନୋନୀତ ହେବେ। ଉକ୍ତ ଚାମ୍ପିୟନଶିପ୍‌ରେ ଉନ୍ନତ କ୍ରୀଡ଼ା ପ୍ରଦର୍ଶନ କରିଥିବା କ୍ରୀଡ଼ାବିତ୍‌ମାନଙ୍କୁ ଚୟନ କରାଯାଇ ଜାତୀୟ ସ୍ତରକୁ ପଠାଯିବ। ଜିଲା କ୍ରୀଡ଼ା ସଂଘର ପୂର୍ବତନ ଉପସଭାପତି ରାମଚନ୍ଦ୍ର ଦାସମହାପାତ୍ର ଏବଂ ପୂର୍ବତନ ସମ୍ପାଦକ ରବିଶଙ୍କର ପ୍ରତିହାରୀ ପ୍ରମୁଖ ମ୍ୟାଚ୍‌ଗୁଡ଼ିକୁ ପରିଚାଳନା କରୁଛନ୍ତି।


ବଲାଙ୍ଗୀର ଓ କେନ୍ଦୁଝର ଟିମ୍ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

# ହିମାଳୟ ପର୍ବତାରୋହଣ ଅଭିଯାନ ଯାତ୍ରା ଆରମ୍ଭ

**କଳାହାଣ୍ଡି ବିଶ୍ୱବିଦ୍ୟାଳୟ ଭାରତରେ ପ୍ରଥମ**

**ସାମିଲ ୧୫ ଜଣିଆ ଦୁଃସାହସିକ ପର୍ବତାରୋହୀ**

ଭବାନୀପାଟଣା,୨୦।୧୦ (ଉତ୍ତମ କୁମାର ଦାଶ)

ଓଡ଼ିଶା ତଥା ଭାରତର ପ୍ରଥମ ବିଶ୍ୱବିଦ୍ୟାଳୟ ଭାବେ ଭବାନୀପାଟଣାସ୍ଥିତ କଳାହାଣ୍ଡି ବିଶ୍ୱବିଦ୍ୟାଳୟ ତା'ର ଗବେଷଣାତ୍ମକ ହିମାଳୟ ପର୍ବତାରୋହଣ ଅଭିଯାନ ଯାତ୍ରା ଆରମ୍ଭ କରିଛି। କଳାହାଣ୍ଡି ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସଞ୍ଜୟ କୁମାର ଶତପଥୀଙ୍କ ମାର୍ଗଦର୍ଶନରେ ଏହି ପର୍ବତାରୋହଣ ଅଭିଯାନ ଆରମ୍ଭ ହୋଇଛି। ପ୍ରଫେସର ଶତପଥୀ ନିଜେ ଅଭିଯାନର ନାମ ଗୁଡ଼ହାଣ୍ଡି ଟିମ୍ ଅଫ୍ ମାଉଣ୍ଟେନିୟର୍ସ କଳାହାଣ୍ଡି ବିଶ୍ୱବିଦ୍ୟାଳୟ ରଖିବା ପାଇଁ ପ୍ରସ୍ତାବ ଦେଇଥିଲେ। କଳାହାଣ୍ଡିର ଐତିହ୍ୟ, ସଂସ୍କୃତି ଓ ପରମ୍ପରାକୁ ସମ୍ମାନ ଜଣାଇ କଳାହାଣ୍ଡି ତଥା ଓଡ଼ିଶାର ଏଭରେଷ୍ଟ ଆରୋହଣକାରୀ ଯୋଗବ୍ୟାସ ଭୋଇ ପଦକ୍ଷେପ ପାଇଁ ନୂଆଦିଲ୍ଲୀସ୍ଥିତ ଭାରତୀୟ ପର୍ବତାରୋହଣ ସଂସ୍ଥାନକୁ ଜଣାଇଥିଲେ। ପ୍ରକାଶ ଥାଉକି ଯେ, ଏଭରେଷ୍ଟ ଆରୋହଣକାରୀ ଯୋଗବ୍ୟାସ ଓ ଜାତୀୟସ୍ତର ଅଭିଜ୍ଞ ଆରୋହଣକାରୀ ରୋମାଞ୍ଚଳ ଭୋଇଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉତ୍ତରାଖଣ୍ଡର ଗଙ୍ଗୋତ୍ରୀସ୍ଥିତ ମାଉଣ୍ଟ ରୁଦୁଗେରା (୫୮୧୯ ମିଟର) ଅଭିଯାନରେ ପର୍ବତାରୋହଣ କରିବା ପାଇଁ କଳାହାଣ୍ଡି ବିଶ୍ୱବିଦ୍ୟାଳୟ ଯାଇଛି। ନୂଆଦିଲ୍ଲୀସ୍ଥିତ ଭାରତୀୟ ପର୍ବତାରୋହଣ ସଂସ୍ଥାନ ଏହି ପର୍ବତାରୋହଣ ଅଭିଯାନ ତଥା ଅଭିଯାନ ନାମକୁ ସ୍ୱୀକୃତି ଦେବା ସହ ଅନୁମତି ପ୍ରଦାନ କରିଛି। ଏହି ଅଭିଯାନର ନାମ ଗୁଡହାଣ୍ଡି ଟିମ ଅଫ ମାଉଣ୍ଟେନିୟର୍ସ କଳାହାଣ୍ଡି ବିଶ୍ୱବିଦ୍ୟାଳୟ ମାଉଣ୍ଟ ରୁଦୁଗେରା ଅଭିଯାନ-୨୦୨୩। ଏହି ପର୍ବତାରୋହଣ ଅଭିଯାନ ପାଇଁ କଳାହାଣ୍ଡି ବିଶ୍ୱବିଦ୍ୟାଳୟ ଅଧୀନ ନୂଆପଡା ଓ କଳାହାଣ୍ଡିର ଡିଗ୍ରୀ କଲେଜର ୧୦ଜଣ ଦୁଃସାହସିକ ଛାତ୍ରଙ୍କୁ ଚୟନ କରିଥିଲେ। ସେମାନେ ହେଲେ କଳାହାଣ୍ଡି ବିଶ୍ୱବିଦ୍ୟାଳୟର ଦିନେଶ ବାରିକ, ଆୟୁଷ କୁମାର ପାତ୍ର, ଧନଞ୍ଜୟ ଖାଡିଆ, ଦୀପକ କରୁଆଁ (୪ଜଣ), ନୂଆପଡ଼ା ନ୍ୟାଶନାଲ କଲେଜର ଛାତ୍ର ଜିତେନ ସାହୁ, ରିଷିଡା ମହାବିଦ୍ୟାଳୟର ଛାତ୍ର ଆର୍ତ୍ତତ୍ରାଣ ମିଶ୍ର, କରଲାପଡା ମହାବିଦ୍ୟାଳୟର ଛାତ୍ର ରମେଶ ଜାଲ, ପ୍ରଗତି ମହାବିଦ୍ୟାଳୟର ଛାତ୍ର ସ୍ମୃତିରଞ୍ଜନ ମାଝି, କେସିଙ୍ଗା ମହାବିଦ୍ୟାଳୟ ଛାତ୍ର ଆଦିତ୍ୟ ପ୍ରତାପ ନାୟକ ଓ ଧର୍ମଗଡ ମହାବିଦ୍ୟାଳୟର ଛାତ୍ର ଅଭିମନ୍ୟୁ ଧଙ୍ଗଡାମାଝି। ପର୍ବତାରୋହଣ ଅଭିଯାନରେ ବିଶ୍ୱବିଦ୍ୟାଳୟ କାର୍ଯ୍ୟାଳୟ ପକ୍ଷରୁ କ୍ରୀଡ଼ା ପରିଷଦ ନିର୍ଦ୍ଦେଶକ ଡ. ଘନଶ୍ୟାମ ବେହେରା, ନାଭାଲ ଏନ୍‌ସିସିର ଅଧିକାରୀ ଡ. ନଳିନୀକାନ୍ତ ରଣା, ଏନ୍‌ଏସ୍‌ଏସ୍ ଅଧିକାରୀ ଡ. ପ୍ରିୟରଞ୍ଜନ ବେହେରା ସାମିଲ ହୋଇଛନ୍ତି। ସମସ୍ତଙ୍କୁ ବିଶ୍ୱବିଦ୍ୟାଳୟରେ ୧୨ଦିନ ପର୍ବତାରୋହଣର ବିଭିନ୍ନ ତାଲିମ ପ୍ରଦାନ କରାଯାଇଥିଲା।



ଏଭରେଷ୍ଟ ଆରୋହଣକାରୀ ଯୋଗବ୍ୟାସ ଭୋଇଙ୍କ ସମେତ ଅନ୍ୟ ପର୍ବତାରୋହଣକାରୀ।

# ମାର୍ଚ୍ଚ ୩ରେ ଚୌରାସିଆ ପରିବାରର ମିଳନ ସମାରୋହ

## ୬୦ରୁ ଅଧିକ ସାମୂହିକ ବିବାହ ଉତ୍ସବ



ଭୁବନେଶ୍ୱର,୨୦।୧୦ (ଅୟଭ ଦାଶ)

ପ୍ରତି ବର୍ଷ ଭଳି ଚୌରାସିଆ ସମାଜ କାନପୁର ପକ୍ଷରୁ ୨୦୨୪ ମାର୍ଚ୍ଚ ୩ରେ କାନପୁରସ୍ଥିତ ମୋତିଝିଲିର ଲଜ୍‌ପତ ଭବନଠାରେ ୨୩ତମ ଚୌରାସିଆ ପରିବାରର ମିଳନ ସମାରୋହ ଉତ୍ସବର ଆୟୋଜନ କରାଯାଉଛି। ଏହି ପରିପ୍ରେକ୍ଷୀରେ ୬୦ରୁ ଅଧିକ ସାମୂହିକ ବିବାହ ଉତ୍ସବର ଆୟୋଜନ କରାଯାଉଛି। ଏ ସମ୍ପର୍କରେ ଚୌରାସିଆ ସମାଜର ଆୟୋଜନ ସମିତିର ଅଧ୍ୟକ୍ଷ କମଲ କିଶୋର ଚୌରାସିଆ କହିଛନ୍ତି, ଏଥିରେ ଭାରତ ତଥା ବିଦେଶରୁ ୧୫ହଜାରରୁ ଅଧିକ ଲୋକ ଯୋଗଦେବେ। ଉକ୍ତ କାର୍ଯ୍ୟକ୍ରମରେ ମେଧାବୀ ଛାତ୍ର, ସାମାଜିକ କର୍ମୀ ଏବଂ ସ୍ଥାନୀୟ ଲୋକ ପ୍ରତିନିଧିମାନଙ୍କୁ ମଧ୍ୟ ସମ୍ମାନିତ କରାଯିବ। ବିଶେଷକରି ସମାଜରେ ଯୌତୁକ ପ୍ରଥାକୁ ଶେଷ କରିବା ପାଇଁ ପ୍ରତିବର୍ଷ ଚୌରାସିଆ ସମାଜ ଉଦ୍ୟମ କରୁଛି। ଏପରିକି କେ.ପି. ଗ୍ରୁପ୍ ସମୂହର ବିଶେଷ ସହଯୋଗରେ ସମାଜ ଯୌତୁକ ବିନା ଅନେକ ସାମୂହିକ ବିବାହର ଆୟୋଜନ କରି ଆସୁଛି। ସେହିପରି ବିବାହ କରିବାକୁ ଇଚ୍ଛା କରୁଥିବା ଚୌରାସିଆ ସମାଜର ଭାଇମାନେ ୨୦୨୩ ଡିସେମ୍ବର ୧୫ ରୁ ୨୦୨୪ ଫେବୃୟାରୀ ୧୫ ପର୍ଯ୍ୟନ୍ତ ପଞ୍ଜୀକରଣ ପାଇଁ କୈଳାସ ନାରାୟଣ ଚୌରାସିଆ, ପାନ ଦାରିବା ଲାଟୁଶରୋଡ୍ କାନପୁର (ମୋ ୯୩୩୬୮୪୩୦୮୫)ଙ୍କ ସହ ଯୋଗାଯୋଗ କରିବା ପାଇଁ ଅନୁରୋଧ କରାଯାଇଛି। ଏହି ପରିପ୍ରେକ୍ଷୀରେ ଚୌରାସିଆ ସମାଜର ସଭାପତି କମଲ କିଶୋର ଚୌରାସିଆ, କୋଷାଧ୍ୟକ୍ଷ କୈଳାସ ଚୌରାସିଆ, ସଂଯୋଜକ ଅମିତ କୁମାର ଚୌରାସିଆ, ବିବାହ ସଂଯୋଜକ ରାମ ଖିଲାଭାନ ଚୌରାସିଆଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଅଖିଳ ଭାରତୀୟ ଚୌରାସିଆ ମହାସଭାର ପୂର୍ବତନ ସଭାପତି ଆନନ୍ଦ କୁମାର ଚୌରାସିଆ କହିଥିଲେ, ଏଭଳି ଏକ ବିଶେଷ ସୁଯୋଗକୁ ସମାଜର ସବୁ ବର୍ଗର ଆଶାୟୀ ଭାଇମାନେ ଉକ୍ତ କାର୍ଯ୍ୟକ୍ରମରେ ସାମିଲ ହେବାକୁ ଅନୁରୋଧ କରିଥିଲାବେଳେ ସମାଜ ସମସ୍ତ ବୁଦ୍ଧିଜୀବୀଙ୍କୁ ଆହ୍ୱାନ କରି କହିଛନ୍ତି , ଏହି ସୁଯୋଗକୁ ଉପଯୋଗ କରାଯିବା ଉଚିତ ଏବଂ ସମାଜର ଯୁବକମାନଙ୍କୁ ଆତ୍ମନିର୍ଭରଶୀଳ କରିବା ପାଇଁ ନୂତନ ପଦକ୍ଷେପ ଉପରେ ଆଲୋଚନା କରାଯିବା ଆବଶ୍ୟକ ରହିଛି।

ସୂଚନା ଥାଉ କି, ଅଖିଳ ଭାରତୀୟ ଚୌରାସିଆ ସମାଜ କାନ୍‌ପୁର (ରେଜି) ସହିତ ଜଡିତ ଚୌରାସିଆ ସମାଜ କାନପୁର ଦ୍ୱାରା ଆୟୋଜିତ ହେବାକୁ ୨୩ ତମ ଚୌରାସିଆ ପରିବାର ମିଳନ ସମାରୋହ ୨୦୨୪ ମାର୍ଚ୍ଚ ୩ରେ କାନପୁରସ୍ଥିତ ମୋତିଝିଲିର ଲଜ୍‌ପତ ଭବନଠାରେ ପାଳନ କରାଯିବ।

# ଲାଲ୍‌ଚାନ୍ଦ ଜୁଏଲର୍ସର ଦଶହରା ଅଫର

ଭୁବନେଶ୍ୱର,୨୦।୧୦

ଦଶହରା ଅବସରରେ ଲାଲ୍‌ଚାନ୍ଦ ଜୁଏଲର୍ସ ପକ୍ଷରୁ ଆକର୍ଷଣୀୟ ଅଫର ଘୋଷଣା କରାଯାଇଛି । ଏହି କ୍ରମରେ ସମସ୍ତ ଏଚ୍‌ୟୁଆଇଡି ହଲ୍‌ମାର୍କଯୁକ୍ତ ସୁନା ଗହଣାର ଗଢ଼ା ମୂଲ୍ୟ ପ୍ରତି ଗ୍ରାମ୍ ପିଛା ଫ୍ଲାଟ୍ ୫୯୯ଟଙ୍କା ରହିଛି । ଏହାବ୍ୟତୀତ ନିର୍ଦ୍ଦିଷ୍ଟ ହାତଘଣ୍ଟା ବ୍ରାଣ୍ଡଗୁଡ଼ିକ ଉପରେ ଫ୍ଲାଟ୍ ୨୦ ପ୍ରତିଶତ, ହୀରା ମୂଲ୍ୟ ଉପରେ ଫ୍ଲାଟ୍ ୨୫ ପ୍ରତିଶତ, ରୁପା ଗହଣାର ଗଢ଼ା ମୂଲ୍ୟ ଉପରେ ଫ୍ଲାଟ୍ ୫୦ ପ୍ରତିଶତ ଏବଂ ବ୍ରାଣ୍ଡେଡ୍ ଆଇଟମ୍ ଉପରେ ଫ୍ଲାଟ୍ ୧୫ ପ୍ରତିଶତ ରିହାତି ପ୍ରଦାନ କରାଯାଉଛି। ସୂଚନା ଥାଉ କି, ଲାଲ୍‌ଚାନ୍ଦ୍ ଜୁଏଲର୍ସ ଦୀର୍ଘ ୩୫ ବର୍ଷ ଧରି ବିଭିନ୍ନ ସମୟରେ ମିଡିଆ ଅଭିଯାନ ଚଳାଇ ଆସୁଛି। ସୁନାର ଗୁଣବତ୍ତା ଓ ଗ୍ରାହକମାନେ ଠକାମିରୁ ମୁକ୍ତ ରହିବାନେଇ ସଚେତନ କରାଯାଉଛି। କୌଣସି ଅତିରିକ୍ତ ଦେୟ ବା ଲୁକ୍କାୟିତ ସର୍ତ୍ତ ନ ରଖି ଗ୍ରାହକଙ୍କୁ ସର୍ବଦା ସ୍ପଷ୍ଟ ତଥା ସ୍ୱଚ୍ଛ ସେବା ପ୍ରଦାନ କରିଆସୁଥିବା ଲାଲ୍‌ଚାନ୍ଦ ପକ୍ଷରୁ କୁହାଯାଇଛି। ସମସ୍ତ ଗହଣା ଉପରେ ଫ୍ଲାଟ୍ ମେକିଂ ଚାର୍ଜ ପ୍ରଦାନ କରିବା ସହ ବର୍ତ୍ତମାନ ଲାଲ୍‌ଚାନ୍ଦ ଏଚ୍‌ୟୁଆଇଡି ହଲ୍‌ମାର୍କଯୁକ୍ତ ସୁନା କ୍ରୟ ଉପରେ ସଚେତନ ଓ ସାବଧାନ କରାଇବା ପାଇଁ ମିଡିଆ କ୍ୟାମ୍ପେନ୍ ଜାରି ରଖିଛି।

# ମେଗା ଜନସୁରକ୍ଷା ପରିପୂର୍ଣ୍ଣତା ଅଭିଯାନ

ଭୁବନେଶ୍ୱର,୨୦।୧୦

ଇଣ୍ଡିଆନ୍ ବ୍ୟାଙ୍କର କଟକ ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ 'ମେଗା ଜନସୁରକ୍ଷା ପରିପୂର୍ଣ୍ଣତା ଅଭିଯାନ' ଅନ୍ତର୍ଗତ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ନିକଟରେ କଟକଠାରେ ଆୟୋଜିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବ୍ୟାଙ୍କର କର୍ପୋରେଟ୍ କାର୍ଯ୍ୟାଳୟ ମହାପ୍ରବନ୍ଧକ (ଆର୍ଥିକ ଅନ୍ତର୍ଭୁକ୍ତୀକରଣ) ଭେଙ୍କଟେଶନଙ୍କ ଅଧ୍ୟକ୍ଷତାରେ ବୈଠକ ପରିଚାଳନା କରାଯାଇଥିଲା। ଉକ୍ତ ବୈଠକରେ ଭୁବନେଶ୍ୱର କ୍ଷେତ୍ର ମହାପ୍ରବନ୍ଧକ ଅରୁଣା ଏମ୍, ଆଞ୍ଚଳିକ ପ୍ରବନ୍ଧକ ପି.ଦାଶମହାପାତ୍ର, ଉପ-ଆଞ୍ଚଳିକ ପ୍ରବନ୍ଧକ ମଳୟ ମହାନ୍ତି, ମୁଖ୍ୟ ପ୍ରବନ୍ଧକ ବି.ସେନାପତି, ମୁଖ୍ୟ ପ୍ରବନ୍ଧକ ପି.କେ.ଶତପଥୀ, ନୋଡାଲ ଅଫିସର ସତ୍ୟରଞ୍ଜନ ଦାସଙ୍କ ସମେତ କଟକ ଆଞ୍ଚଳିକ କାର୍ଯ୍ୟାଳୟର କର୍ମଚାରୀମାନେ ଉପସ୍ଥିତ ଥିଲେ। ଅପରପକ୍ଷରେ ଆର୍ଥିକ ଅନ୍ତର୍ଭୁକ୍ତୀକରଣର ମହାପ୍ରବନ୍ଧକ ଭେଙ୍କଟେଶନ ଏମ୍ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନ ସୁରକ୍ଷା ଯୋଜନାର ଉପକାରିତା ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିଥିବାବେଳେ ଶାଖା ପ୍ରବନ୍ଧକଙ୍କ ଜରିଆରେ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଯୋଜନାଗୁଡ଼ିକରେ ଅଧିକରୁ ଅଧିକ ଲୋକଙ୍କୁ ସାମିଲ କରାଇବାକୁ ଲକ୍ଷ୍ୟ ରଖିଥିଲେ। ଏପରିକି ମହାପ୍ରବନ୍ଧକ ଭେଙ୍କଟେଶନ ଏମ୍ ବଛା ବଛା ବିସିଙ୍କୁ ପୁରସ୍କୃତ କରିଥିଲେ ଏବଂ ଭବିଷ୍ୟତରେ ଟାର୍ଗେଟ ହାସଲ କରିବାକୁ ପରାମର୍ଶ ଦେଇଥିଲେ। ଏହି ଅଭିଯାନ ଅନ୍ତର୍ଗତ ୨୦୦୦ରୁ ଅଧିକ ଆକାଉଣ୍ଟ ଖୋଲାଯାଇଥିଲା। ଏଥିସହ କଟକର କୁରାଙ୍ଗ ଶାସନଠାରେ ଏକ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଶିବିରର ମଧ୍ୟ ଆୟୋଜନ କରାଯାଇଥିଲା। ଏଥିରେ ଇଣ୍ଡିଆନ୍ ବ୍ୟାଙ୍କର ନିକଟବର୍ତ୍ତୀ ୮ଟି ଶାଖାର ହିତାଧିକାରୀମାନେ ଯୋଗଦେଇ ଆର୍ଥିକ ଅନ୍ତର୍ଭୁକ୍ତୀକରଣର ମହାପ୍ରବନ୍ଧକ ଭେଙ୍କଟେଶନ , କ୍ଷେତ୍ର ମହାପ୍ରବନ୍ଧକ ଅରୁଣା ଏମ୍ ଏବଂ ଆଞ୍ଚଳିକ ପ୍ରବନ୍ଧକ ପି. ଦାଶମହାପାତ୍ରଙ୍କ ଉପସ୍ଥିତିରେ ସୁରକ୍ଷା ବୀମା ଯୋଜନା ଅଧୀନରେ ନିଜର ନାମାଙ୍କନ କରାଇଥିଲେ।

# ସୋନାଲିକାର ରେକର୍ଡ ପରିମାଣର ବିକ୍ରି

ଭୁବନେଶ୍ୱର,୨୦।୧୦




ପ୍ରତି ଆର୍ଥିକ ବର୍ଷ ଭଳି ଚଳିତ ଆର୍ଥିକ ବର୍ଷର ପ୍ରଥମ ଅର୍ଦ୍ଧବାର୍ଷିକ ମଧ୍ୟରେ ସୋନାଲିକା ରେକର୍ଡ ପରିମାଣର ଟ୍ରାକ୍ଟର ବିକ୍ରି କରିଛି। ଏପରିକି ୨୦୨୩-୨୪ ଆର୍ଥିକ ବର୍ଷର ପ୍ରଥମ ୬ ମାସରେ ସୋନାଲିକା ମୋଟ ୭୮,୭୯୩ ୟୁନିଟ୍ ଟ୍ରାକ୍ଟର ବିକ୍ରି କରିଛି। ହେଭି ଡ୍ୟୁଟି ଟ୍ରାକ୍ଟର ରେଞ୍ଜ ଉତ୍ପାଦନ ସମେତ ଅଫିସିଆଲ ୱେବ୍‌ସାଇଟ୍‌ରେ ଟ୍ରାକ୍ଟର ମୂଲ୍ୟ ପ୍ରଦର୍ଶିତ କରିବା ଭଳି ବୈପ୍ଳବିକ ପଦକ୍ଷେପ ଗ୍ରହଣକରି ସୋନାଲିକା ଟ୍ରାକ୍ଟର ଉଦ୍ୟୋଗରେ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିସାରିଛି। ଏ ସମ୍ପର୍କରେ କମ୍ପାନୀର ଇଣ୍ଟରନ୍ୟାଶନାଲ ଟ୍ରାକ୍ଟର୍ସ ଲିମିଟେଡ୍‌ର ଜଏଣ୍ଟ ମ୍ୟାନେଜିଂ ଡାଇରେକ୍ଟର ରମଣ ମିତ୍ତଲ କହିଛନ୍ତି, ଚଳିତ ଆର୍ଥିକ ବର୍ଷର ପ୍ରଥମାର୍ଦ୍ଧ (୬ ମାସ)ରେ ଆମେ ୭୮,୭୯୩ ଟ୍ରାକ୍ଟର ବିକ୍ରିକରି ଉଦ୍ୟୋଗରେ ସର୍ବାଧିକ ଘରୋଇ ବିକ୍ରି ଅଭିବୃଦ୍ଧି ହାସଲ କରିଛୁ। ଏପରିକି ବଜାରରେ ପ୍ରଭାବଶାଳୀ ପ୍ରଦର୍ଶନ ସହ କମ୍ପାନୀ ଆଉ ଏକ ନୂତନ ମାଇଲଖୁଣ୍ଟ ହାସଲ କରିଥିବାରୁ ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ୨୦୨୩ ସେପ୍ଟେମ୍ବରରେ ଆମେ ୧୫.୮% ର ସର୍ବାଧିକ ବଜାର ଅଂଶ ମଧ୍ୟ ହାସଲ କରିଛୁ। ଏହି ଦମ୍‌ଦାର ପ୍ରଦର୍ଶନ ସହ କୃଷକଙ୍କ ପାଇଁ ଅଧିକ ଆନନ୍ଦ ଆଣିବା ଲାଗି ଆମେ ନିକଟରେ '୫ ବର୍ଷ ୱାରେଣ୍ଟି'ର ଶୁଭାରମ୍ଭ କରିଛୁ, ଯାହା କୃଷକମାନଙ୍କ ସହ ଆମ ସମ୍ପର୍କକୁ ସୁଦୃଢ଼ କରିବା ଏବଂ ନୂତନ ବଜାରରେ ପ୍ରବେଶ କରିବାରେ ସକ୍ଷମ କରିବ। ସେହିଭଳି ଆମର ହେଭି ଡ୍ୟୁଟି ଟ୍ରାକ୍ଟର ରେଞ୍ଜଗୁଡ଼ିକ କୃଷକଙ୍କ ସନ୍ତୋଷ ବୃଦ୍ଧି ଏବଂ ଉତ୍ପାଦକତା, ସମୃଦ୍ଧି ଓ ଜୀବନରେ ସ୍ଥାୟୀ ବୃଦ୍ଧି ସୁନିଶ୍ଚିତ କରିବା ନିମନ୍ତେ କଷ୍ଟମାଇଜ ହୋଇଛି ।

# ଶ୍ରୀଦୁର୍ଗା ପକ୍ଷରୁ 'ଯେତେ କିଣିବେ ସେତେ ସୁନା ପାଇବେ'



ଭୁବନେଶ୍ୱର,୨୦।୧୦

ଶାରଦୀୟ ଦୁର୍ଗାପୂଜା ଅବସରରେ ଶାଢ଼ି ଏବଂ ଗାର୍ମେଣ୍ଟସ୍ ଫ୍ୟାମିଲି ଷ୍ଟୋର 'ଶ୍ରୀଦୁର୍ଗା' ପକ୍ଷରୁ 'ଯେତେ କିଣିବେ ସେତେ ସୁନା ପାଇବେ' ଶୀର୍ଷକ ଅଫର ଘୋଷଣା କରାଯାଇଛି । ଶପିଂର ନିଆରା ଅନୁଭୂତି ପାଇଁ ଗ୍ରାହକମାନେ ନିଶ୍ଚିତ ଉପହାରରେ 'ସ୍ୱର୍ଣ୍ଣମୁଦ୍ରା' ଏବଂ ଲକି ଡ୍ର'ରେ 'ହାର୍ଲେ ଡେଭିଡ୍‌ସନ୍' ବାଇକ୍ ପାଇପାରିବେ । ପ୍ରତି ୯୯୯ ଟଙ୍କାର କ୍ରୟରେ ଗ୍ରାହକମାନେ 'ହାର୍ଲେ ଡେଭିଡ୍‌ସନ୍' ବାଇକ୍‌ର କୁପନ୍ ପାଇପାରିବେ । ସକାଳ ୧୦ଟାରୁ ଅପରାହ୍ନ ୪ଟା ମଧ୍ୟରେ ଶପିଂ କଲେ ଗ୍ରାହକମାନେ ଏହି ଅଫରର ଲାଭ ଉଠାଇପାରିବେ । 'ସ୍ୱର୍ଣ୍ଣମୁଦ୍ରା' ସହ ଗ୍ରାହକଙ୍କ ପାଇଁ ଅନେକ ଆକର୍ଷଣୀୟ ଉପହାର ରହିଛି। ଜାତୀୟ ଓ ଅନ୍ତର୍ଜାତୀୟ ପୁରୁଷ ପରିଧାନରେ ୩୦ରୁ ଅଧିକ ଅଫର୍ ରହିଛି। ଏଥିରେ ୪୦ ପ୍ରତିଶତ ପର୍ଯ୍ୟନ୍ତ ରିହାତି ପ୍ରଦାନ କରାଯାଉଛି । କୁର୍ତ୍ତି ଓ ଲେଗିଂସ୍‌ରେ ସ୍ୱତନ୍ତ୍ର ରିହାତି ରହିଛି। ଭୁବନେଶ୍ୱରସ୍ଥିତ ଅଶୋକନଗର, ପାତ୍ରପଡ଼ା ଏବଂ ବ୍ରହ୍ମପୁରସ୍ଥିତ ବଡ଼ବଜାରଠାରେ ଥିବା ଶୋ'ରୁମ୍‌ରେ ଏହି ସୁବିଧାଗୁଡ଼ିକ ଉପଲବ୍ଧ ରହିଛି ।

## ଅନ୍ୟାନ୍ୟ ଖବର



ତେଲଙ୍ଗାନାର ଜଗତିଆଲ ଜିଲାରେ ପ୍ରଚାର ଅଭିଯାନ ସମୟରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏକ ଫୁଡ୍ ଷ୍ଟଲ୍‌ରେ ଦୋସା ତିଆରି କରୁଛନ୍ତି।

# ୮୮ ପ୍ରାର୍ଥୀଙ୍କ ତାଲିକା ଘୋଷଣାକଲା କଂଗ୍ରେସ

## ମଧ୍ୟପ୍ରଦେଶ ନିର୍ବାଚନ

ଭୋପାଳ,୨୦।୧୦(ପି.ଟି.)

ନଭେମ୍ବର ୧୭ରେ ହେବାକୁ ଥିବା ମଧ୍ୟପ୍ରଦେଶ ବିଧାନସଭା ନିର୍ବାଚନ ପାଇଁ କଂଗ୍ରେସ ଦ୍ୱିତୀୟ ପ୍ରାର୍ଥୀ ତାଲିକାରେ ୮୮ ଜଣଙ୍କ ନାଁ ଘୋଷଣା କରିଛି। ୨୩୦ ଆସନ ବିଶିଷ୍ଟ ମଧ୍ୟପ୍ରଦେଶ ବିଧାନସଭା ନିର୍ବାଚନ ପାଇଁ କଂଗ୍ରେସ ବର୍ତ୍ତମାନ ସୁଦ୍ଧା ୨୨୯ ପ୍ରାର୍ଥୀଙ୍କ ନାଁ ଘୋଷଣା କରିସାରିଛି। କେବଳ ବେଟୁଲ୍ ଜିଲାର ଅମ୍‌ଲା ଆସନ ପାଇଁ ପ୍ରାର୍ଥୀଙ୍କ ନାଁ ଘୋଷଣା ହୋଇନାହିଁ। ଜଣେ ମହିଳା ଉପଜିଲାପାଳ ଉକ୍ତ ଆସନରୁ କଂଗ୍ରେସ ପ୍ରାର୍ଥୀ ହେବାକୁ ଚାହୁଁଥିବାବେଳେ ଭାଜପା ସରକାର ତାଙ୍କ ଇସ୍ତଫାପତ୍ରକୁ ଏପର୍ଯ୍ୟନ୍ତ ଗ୍ରହଣ କରିନାହାନ୍ତି। ଏହି ମାମଲା ଏବେ କୋର୍ଟରେ ବିଚାରାଧୀନ ରହିଛି। କଂଗ୍ରେସ ପ୍ରଥମ ପର୍ଯ୍ୟାୟରେ ୧୪୪ ପ୍ରାର୍ଥୀଙ୍କ ନାମ ଘୋଷଣା କରିଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟ ତାଲିକାରେ ସେଥିରୁ ୩ ଜଣଙ୍କ ଆସନ ବଦଳାଇଛନ୍ତି। ତେଣୁ ପ୍ରଥମ ତାଲିକାରେ ୧୪୧ ଜଣଙ୍କ ନାଁ ରହିଥିବା ଜଣେ କଂଗ୍ରେସ ନେତା କହିଛନ୍ତି। ଟିକେଟକୁ ନେଇ ଦଳୀୟ କର୍ମୀଙ୍କ ମଧ୍ୟରେ ବିବାଦ ଦେଖାଦେବା ପରେ କଂଗ୍ରେସ ଦାତିଆ, ଗୋଟେଗାଁଓ ଏବଂ ପିଥୋରେ ଆସନରେ ପ୍ରାର୍ଥୀ ବଦଳାଇଛି। ଶିବପୁରୀ ନେତାଙ୍କୁ ଟିକେଟ ନ ମିଳିବା ଘଟଣାରେ ଦଳ ମତଭେଦ ଥିବା ଦେଖାଦେଇଥିଲା। ବରିଷ୍ଠ ନେତା ଦିଗ୍‌ବିଜୟ ସିଂଙ୍କ ପୋଷାକ ଚିରିଦେବା ପାଇଁ ପ୍ରଦେଶ କଂଗ୍ରେସ ସଭାପତି କମଲ ନାଥ ଦଳୀୟ କର୍ମୀଙ୍କୁ କହୁଥିବାର ଭିଡିଓ ଭାଇରାଲ ହୋଇଥିଲା।

# ଜଳସେଚନ ପ୍ରକଳ୍ପ ଏକ ନିର୍ବାଚନୀ ଥୋପ: କଂଗ୍ରେସ

ନବରଙ୍ଗପୁର,୨୦।୧୦
(ସଦାଶିବ ପ୍ରହରାଜ)



ଖବରଦାତା ସମ୍ମିଳନୀରେ ଉପସ୍ଥିତ କଂଗ୍ରେସ ନେତାମାନେ।

ନବରଙ୍ଗପୁର ଜିଲାରେ ଜଳସେଚନ ରାଜନୀତି ଏବେ ସରଗରମ ହୋଇଛି। ପୂର୍ବରୁ ରାଜ୍ୟ ଭାଜପା ଉପସଭାପତି ତଥା ନବରଙ୍ଗପୁର ପୂର୍ବତନ ଏମ୍‌ପି ବଳଭଦ୍ର ମାଝି ଚନ୍ଦାହାଣ୍ଡି ବ୍ଲକରେ ହେବାକୁ ଥିବା ପ୍ରସ୍ତାବିତ ଜଳସେଚନ ପାଇଁ ବିଜେଡିକୁ ସମାଲୋଚନା କରିଥିଲେ। ଏହାକୁ ନେଇ ଏମ୍‌ପି ରମେଶ ମାଝି ଜବାବ ରଖିବା ସହ ବଳଭଦ୍ରଙ୍କୁ ବିକାଶ ବିରୋଧୀ ବୋଲି କହିଥିଲେ। ଚାପଯୁକ୍ତ ଉଠା ଜଳସେଚନ ପ୍ରକଳ୍ପ ପାଇଁ କ୍ୟାବିନେଟ୍‌ର ମଞ୍ଜୁର ପରେ କଂଗ୍ରେସ ବିଜେଡିକୁ ସମାଲୋଚନା କରିଛି। ସ୍ଥାନୀୟ କଂଗ୍ରେସ ଭବନରେ ଦଳ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ କରାଯାଇଛି। ଉଠା ଜଳସେଚନ ମାଧ୍ୟମରେ ୯୯୦୦ ହେକ୍ଟର ଜମିକୁ ଜଳସେଚିତ କରିବା ପାଇଁ କ୍ୟାବିନେଟ ମୋହର ବାଜିଛି। ଏହା କେବଳ ନିର୍ବାଚନୀ ଥୋପ ବୋଲି ଜିଲା କଂଗ୍ରେସ ସଭାପତି ମୁନା ତ୍ରିପାଠୀ କହିଛନ୍ତି।

ନବରଙ୍ଗପୁର ଏକ ଶିଳ୍ପବିହୀନ ଜିଲା। ଏଠାରେ ଖଣି ଖାଦାନ ନାହିଁ। ଗମନାଗମନରେ ପଛରେ ରହିଛି। ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ, ସ୍ୱାକ୍ଷର ହାର ନିମ୍ନସ୍ତରରେ, ମାତୃ ମୃତ୍ୟୁ ହାର ବଢ଼ିଛି। ରେଳ ଓ ବିମାନ ସେବା ନାହିଁ। ଏହିସବୁ କ୍ଷେତ୍ରରେ ଜିଲା ନିମ୍ନ ସ୍ଥାନରେ ରହିଛି। ନବରଙ୍ଗପୁର ଜିଲାରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୋଜନାକୁ ଛାଡ଼ିଦେଲେ ଏ ଜିଲାରେ ଗାଁ ଗହଳିର ଆଦିବାସୀ ବଞ୍ଚିବା କଷ୍ଟକର। ନିର୍ବାଚନ ସମୟ ଆସିଲେ ବିଜେଡି ଜଳସେଚନ କଥା ଆରମ୍ଭ କରେ। ନବରଙ୍ଗପୁର ଓ ଡାବୁଗାଁ ବିଧାୟକ ଗୁରୁବାର ଖବରଦାତା ସମ୍ମିଳନୀ କରି ଜଳସେଚନ ପ୍ରତି ଯାହା ମନ୍ତବ୍ୟ ଦେଇଛନ୍ତି ତାହା ଚାଷୀଙ୍କ କଟା ଘା ରେ ଚୂନ ମାରିବା ସଦୃଶ ବୋଲି ମୁନା ତ୍ରିପାଠୀ କହିଛନ୍ତି।

୨୦୧୪ରେ ଇନ୍ଦ୍ରାବତୀରେ ୨୦୦ କୋଟି ଟଙ୍କାର ଉଠାଜଳସେଚନ ପ୍ରକଳ୍ପ ଶୁଭ ଦିଆଯାଇଥିଲା। ସେ ସମୟରେ କଂଗ୍ରେସ ଏହାକୁ ବିରୋଧ କରିଥିଲା। ୧୦ ବର୍ଷ ହେଲା ଏହି ଜଳସେଚନ ପ୍ରକଳ୍ପ ସ୍ଥାଣୁ ହୋଇ ରହିଗଲା। ପରମା ପୂଜାରୀଙ୍କ ସମୟରେ ଉମରକୋଟରେ ଭାସ୍କେଲ ଜଳ ପ୍ରକଳ୍ପ, ଫୁଲମଣି ସାନ୍ତାଙ୍କ ସମୟରେ ଚନ୍ଦାହାଣ୍ଡିରେ ଫୁଲଝରି ଜଳସେଚନ ପ୍ରକଳ୍ପ ଓ ବିଧାୟକ ସଦନ ନାୟକଙ୍କ ସମୟରେ କୁସୁମୀ ଝର ଜଳସେଚନ ପ୍ରକଳ୍ପ ସହ ନବରଙ୍ଗପୁରରେ ଏବଂ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ବାସିନୀ ଗ୍ରାମରେ ନିର୍ମାଣ ହୋଇ ଚାଷୀଙ୍କ ଜଳସେଚନ ସମସ୍ୟା ଦୂର ହୋଇଥିଲା।

ଗତ ପଚିଶ ବର୍ଷ ମଧ୍ୟରେ ନବରଙ୍ଗପୁର ଜିଲାରେ ଜଳସେଚନ ପ୍ରକଳ୍ପ ନ ହେବାରୁ ଜିଲାବାସୀ ୪୦୦୦ କୋଟି ଟଙ୍କାର କ୍ଷତି ସହିଛନ୍ତି ବୋଲି କଂଗ୍ରେସ ନେତାମାନେ କହିଛନ୍ତି। ଖବରଦାତା ସମ୍ମିଳନୀରେ ପରି ସାହୁ, ଅବଦୁଲ ଫିରୋଜ, ଦ୍ୱାରିକା ମହାପାତ୍ର, ସରପଞ୍ଚ ଦିବାକର ପୂଜାରୀ, ପ୍ରଫୁଲ୍ଲ ସାମନ୍ତରାୟ, ଦିଲୀପ ପ୍ରଧାନୀ ପ୍ରମୁଖ ଉପସ୍ଥିତ ଥିଲେ।

# କୃଷିକ୍ଷେତ୍ରରେ ପ୍ରଯୁକ୍ତିବିଦ୍ୟାକୁ ଆପଣାଇବା ସମ୍ମିଳନୀର ଲକ୍ଷ୍ୟ: ମନ୍ତ୍ରୀ

ଭୁବନେଶ୍ୱର, ୨୦।୧୦
(ସୁନିତ୍ ମିଶ୍ର)

## ରାଜ୍ୟସ୍ତରୀୟ କୃଷି ସମ୍ମିଳନୀ ଉଦ୍‌ଘାଟିତ

### ଖାଦ୍ୟଶସ୍ୟ ରପ୍ତାନିରେ ଓଡ଼ିଶାର ପରିଚୟ ସ୍ୱତନ୍ତ୍ର: ମୁଖ୍ୟ ଶାସନ ସଚିବ

ରବି କାର୍ଯ୍ୟକ୍ରମ ୨୦୨୩-୨୪ ନିମନ୍ତେ ରାଜ୍ୟସ୍ତରୀୟ କୃଷି ସମ୍ମିଳନୀ ଶୁକ୍ରବାର କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଦ୍ୱାରା ଲୋକସେବା ଭବନର କନ୍‌ଭେନ୍‌ଶନ ସେଣ୍ଟରଠାରେ ଉଦ୍‌ଘାଟିତ ହୋଇଯାଇଛି। ଫସଲର କାର୍ଯ୍ୟାନ୍ୱୟନକୁ ସମୀକ୍ଷା ଓ ମୂଲ୍ୟାୟନ କରିବା ସହ କୃଷିକ୍ଷେତ୍ରରେ ପ୍ରଯୁକ୍ତିବିଦ୍ୟାକୁ ଆପଣାଇବା ଏହି ସମ୍ମିଳନୀର ମୂଳଲକ୍ଷ୍ୟ। ସମ୍ମିଳନୀରେ ରାଜ୍ୟ ଓ ଜିଲାସ୍ତରୀୟ ଅଧିକାରୀଙ୍କ ସମେତ ରାଜ୍ୟର କୃଷି ବିଶ୍ୱବିଦ୍ୟାଳୟ, ଆଇସିଏଆର୍ ଏବଂ ସିଜିଆଇଏଆର୍ ପ୍ରଭୃତି ପ୍ରତିଷ୍ଠାନର ପ୍ରତିନିଧିମାନେ ବିଭିନ୍ନ ବୈଷୟିକ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମିଳନୀରେ ରବି କାର୍ଯ୍ୟକ୍ରମ ପୁସ୍ତିକା ଉନ୍ମୋଚନ କରାଯାଇଛି। ରବି ୨୦୨୩-୨୪ କାର୍ଯ୍ୟକ୍ରମରେ ବିଭିନ୍ନ ଫସଲ ଅଧୀନରେ ଓଡ଼ିଶାରେ ପ୍ରାୟ ୨୮.୧୪ ଲକ୍ଷ ହେକ୍ଟର ଜମିରେ ରବି ଚାଷ କରାଯିବ। ଏଥିରୁ ୧୪.୩୪ ଲକ୍ଷ ହେକ୍ଟର ଜମିରେ ଡାଲି ଜାତୀୟ ଫସଲ, ୩.୭୩ ଲକ୍ଷ ହେକ୍ଟର ଜମିରେ ତୈଳବୀଜ, ୫.୩୯ ହେକ୍ଟର ଜମିରେ ପନିପରିବା, ୧.୧୩ ଲକ୍ଷ ହେକ୍ଟର ଜମିରେ ମସଲା ଚାଷ ଏବଂ ୦.୩ ଲକ୍ଷ ହେକ୍ଟର ଜମିରେ ଆଖୁଚାଷ କରାଯିବା ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏହାଦ୍ୱାରା ୧୯.୩୯ ଲକ୍ଷ ମେଟ୍ରିକ୍ ଟନ ଖାଦ୍ୟଶସ୍ୟ, ୭.୫୩ ଲକ୍ଷ ମେଟ୍ରିକ୍ ଟନ୍ ଡାଲି ଏବଂ ୪.୧୮ ଲକ୍ଷ ମେଟ୍ରିକ୍ ଟନ୍ ତୈଳବୀଜ ଉତ୍ପାଦନର ଲକ୍ଷ୍ୟ ରଖାଯାଇଛି। ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଛନ୍ତି, ପୂର୍ବରୁ ନିଅଣ୍ଟିଆ ରାଜ୍ୟ ଭାବେ ଓଡ଼ିଶାର ପରିଚୟ ଥିଲା। ଏବେ ପ୍ରମୁଖ ଖାଦ୍ୟଶସ୍ୟ ରପ୍ତାନିକାରୀ ରାଜ୍ୟ ଭାବେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଉନ୍ନୟନ କମିଶନର ଅନୁ ଗର୍ଗ କହିଛନ୍ତି, ରାଜ୍ୟ ସରକାର ପର୍ଯ୍ୟାପ୍ତ ଅର୍ଥ ବିନିଯୋଗକରି ଜଳ ସଂରକ୍ଷଣ ଓ ଜଳସେଚନ ବ୍ୟବସ୍ଥା କରୁଛନ୍ତି। କୃଷି କାର୍ଯ୍ୟ ପାଇଁ ଉଦ୍ଦିଷ୍ଟ ପ୍ରତ୍ୟେକ ବୁନ୍ଦା ଜଳ ଯେପରି ଠିକ୍ ଭାବେ ବ୍ୟବହୃତ ହୁଏ, ସେଥିପ୍ରତି ସେ ଗୁରୁତ୍ୱାରୋପ କରିଛନ୍ତି। କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଅରବିନ୍ଦ ପାଢ଼ୀ କହିଛନ୍ତି, ରାଜ୍ୟ କୃଷିନୀତି ସମୃଦ୍ଧି କୃଷକଙ୍କ ଆର୍ଥିକ ବିକାଶରେ ସହାୟକ ହୋଇଛି। ବୈଜ୍ଞାନିକ ପ୍ରଣାଳୀ ଓ ତଥ୍ୟଭିତ୍ତିକ ଉପଯୋଗରେ ଓଡ଼ିଶାର କୃଷି କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ ହୋଇପାରିଥିବା ସେ କହିଛନ୍ତି। ରାଜ୍ୟର ସମସ୍ତ ଜିଲାପାଳଙ୍କୁ ରବି ଫସଲ ନିମନ୍ତେ ଜିଲାର କୃଷି ପରିବେଶ ଅନୁଯାୟୀ ଉପଯୁକ୍ତ ରଣନୀତି ପ୍ରସ୍ତୁତ କରିବା ପାଇଁ ରବି ସର୍କୁଲାର ଜାରି କରାଯାଇଛି।

# ପିନାକୀ ମିଶ୍ରଙ୍କୁ ବହିଷ୍କାର କରାଯାଉ: ଭାଜପା

ଭୁବନେଶ୍ୱର, ୨୦।୧୦(ସୁନିତ୍ ମିଶ୍ର)

ସଂସଦରେ 'ପ୍ରଶ୍ନ ପଚାରିବା ପାଇଁ ଟଙ୍କା' ନେବା ଦୁର୍ନୀତିରେ ପୁରୀ ଏମ୍‌ପି ପିନାକୀ ମିଶ୍ରଙ୍କ ସମ୍ପୃକ୍ତି ଅଛି ବୋଲି ସିବିଆଇ ଅଦାଲତ ଏବଂ ସଂସଦର ଏଥିକ୍ସ କମିଟି ପାଖରେ ଦାଖଲ ହୋଇଥିବା ୨ଟି ସତ୍ୟପାଠରୁ ସ୍ପଷ୍ଟ ହୋଇଥିବା ଭାଜପା ମୁଖପାତ୍ର ମନୋଜ ମହାପାତ୍ର ଅଭିଯୋଗ କରିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ମନୋଜ କହିଛନ୍ତି, ଏଥିଲାଗି ପିନାକୀଙ୍କୁ ତୁରନ୍ତ ବହିଷ୍କାର କରାଯାଉ। ପିନାକୀ ଏବଂ ସଂସଦରେ ପ୍ରଶ୍ନ ପଚାରିବା ପାଇଁ ଟଙ୍କା ନେଇଥିବା ଏମ୍‌ପି ମହୁଆ ମୈତ୍ରଙ୍କ ଘନିଷ୍ଠ ସମ୍ପର୍କ ନେଇ ଜାତୀୟ ଗଣମାଧ୍ୟମରେ ଚର୍ଚ୍ଚା ଚାଲିଛି। ପିନାକୀଙ୍କ ପାଇଁ ବର୍ତ୍ତମାନ ଓଡ଼ିଶା ନିନ୍ଦିତ। ମହୁଆ କିଛି ନିର୍ଦ୍ଦିଷ୍ଟ କମ୍ପାନୀର ସ୍ୱାର୍ଥ ଦୃଷ୍ଟିରୁ ପ୍ରଶ୍ନ ପଚାରିବା ପାଇଁ ବ୍ୟାପକ ଅର୍ଥ ନେଇଛନ୍ତି। ବ୍ୟବସାୟୀ ଦର୍ଶନ ହିରନନ୍ଦାନୀ ଓ ଆଇନଜୀବୀ ଜୟ ଅନନ୍ତ ଦେହାଦ୍ରାଇ ଦେଇଥିବା ୨ଟି ଭିନ୍ନ ସତ୍ୟପାଠରେ ଏ କଥା ସ୍ପଷ୍ଟ ହୋଇଛି। ଉଭୟ ସତ୍ୟପାଠରେ ପିନାକୀଙ୍କ ସମ୍ପୃକ୍ତି ସମ୍ପର୍କରେ ଉଲ୍ଲେଖ ରହିଛି। ପିନାକୀଙ୍କ ଏଭଳି କାରନାମା ଜନବିରୋଧୀ ନୁହେଁ କି ବୋଲି ସେ ପ୍ରଶ୍ନ କରିଛନ୍ତି।

# ଠିକା କାମରେ ଦୁର୍ନୀତି ଅଭିଯୋଗ ଆଣିଲା କଂଗ୍ରେସ

ଭୁବନେଶ୍ୱର, ୨୦।୧୦(ସୁନିତ୍ ମିଶ୍ର)

ଭଦ୍ରକ ଜିଲା ଚାନ୍ଦବାଲି, ତିହିଡ଼ି, ବାସୁଦେବପୁର ଓ ଧାମନଗରର ୯୧ ପଞ୍ଚାୟତରେ ପାନୀୟଜଳ ଯୋଗାଇବା କାମର ଠିକା ପଞ୍ଚାୟତିରାଜ ଓ ପାନୀୟଜଳ ପ୍ରକଳ୍ପର ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ଅଧୀନରେ କରାଯାଉଛି। ଏହି ଠିକା କାମ ହାଇଦ୍ରାବାଦର ଏକ ଘରୋଇ କମ୍ପାନୀକୁ ୨୦୧୯ ଫେବୃୟାରୀ ୧୫ରେ ଦିଆଯାଇଥିଲା। ଏହି କାର୍ଯ୍ୟର ଠିକା ମୂଲ୍ୟ ୭୫୪ କୋଟି ଟଙ୍କା ଥିଲା। ଏଥିରୁ ୧୫ କୋଟି ଟଙ୍କା ପ୍ରକଳ୍ପ କାର୍ଯ୍ୟକ୍ଷମ ପରବର୍ତ୍ତୀ ରକ୍ଷଣାବେକ୍ଷଣ ପାଇଁ ଠିକା ମୂଲ୍ୟରୁ କାଟି ଗଚ୍ଛିତ ରଖାଯିବା କଥା। ଠିକା ଚୁକ୍ତି ଅନୁସାରେ ଠିକାଦାରଙ୍କୁ ସମୁଦାୟ ମୂଲ୍ୟର ୯୦% ଅର୍ଥ ସମୁଦାୟ ପ୍ରକଳ୍ପ ସମୟ ଆଧାରରେ ଏବଂ ସମସ୍ତ ଗୁଣବତ୍ତା ସହିତ ଶେଷ କରିଥିଲେ ପ୍ରଦାନ କରାଯିବା କଥା। ଏହି କାର୍ଯ୍ୟ ରାଜ୍ୟ ସରକାରଙ୍କ ୩ୟ ପକ୍ଷ ଅଥରଟି ଅଫ୍ ଇଞ୍ଜିନିୟରିଂ ଦ୍ୱାରା ନିଯୁକ୍ତ ଇଞ୍ଜିନିୟରିଂ ସଂସ୍ଥା ସମ୍ପୂର୍ଣ୍ଣ ତଦାରଖ କରି ରିପୋର୍ଟ ଦେବାପରେ ଅର୍ଥରାଶି ପ୍ରଦାନ କରାଯିବା ନିୟମ ରହିଛି। କିନ୍ତୁ ଏହି ସଂସ୍ଥା ଏ ପର୍ଯ୍ୟନ୍ତ ମାତ୍ର ୭୫% କାମ କରି ୯୩ ଭାଗ ଅର୍ଥରାଶି ନେଇସାରିଛନ୍ତି ଯାହାର ଆନୁମାନିକ ମୂଲ୍ୟ ୬୮୭ କୋଟି ଟଙ୍କା ହେବ। ନିୟମ ଅନୁସାରେ ତାଙ୍କୁ ଏତେ ଅର୍ଥରାଶି ପ୍ରଦାନ କରାଯିବା କଥା ନୁହେଁ। ଏନେଇ କଂଗ୍ରେସ ପକ୍ଷରୁ ବିଭାଗୀୟ ସଚିବଙ୍କୁ ପତ୍ର ଲେଖାଯାଇଛି। ୭ ଦିନ ଭିତରେ ଏହି କାମରେ ହୋଇଥିବା ଦୁର୍ନୀତିର ପର୍ଦ୍ଦାଫାଶ ନ ହେଲେ କଂଗ୍ରେସ ପରବର୍ତ୍ତୀ କାର୍ଯ୍ୟକ୍ରମ କରିବ ବୋଲି ଦଳ ପକ୍ଷରୁ ଚେତାବନୀ ଦିଆଯାଇଛି।

# ଦୋକାନଦାର


ଭଗବତୀ ଚରଣ ପାଣିଗ୍ରାହୀ

ଭଗବତୀ ଚରଣ ପାଣିଗ୍ରାହୀଙ୍କ ଜନ୍ମ ୧ ଫେବୃୟାରୀ ୧୯୦୮ରେ ଓ ପରଲୋକ ୨୩ ଅକ୍ଟୋବର ୧୯୪୩ରେ। ସେ ଥିଲେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ 'ଫରୱାର୍ଡ ବ୍ଲକ୍'ର ପ୍ରତିଷ୍ଠାତା ସଭ୍ୟ ଓ ଓଡ଼ିଶା କମ୍ୟୁନିଷ୍ଟ ପାର୍ଟିର ପ୍ରତିଷ୍ଠାତା। ତାଙ୍କର ପ୍ରସିଦ୍ଧ ଗଳ୍ପ 'ଶିକାର', ଯାହାକି ପ୍ରଥମ ଓଡ଼ିଆ ପ୍ରଗତିବାଦୀ ଗଳ୍ପ ଭାବେ ମାନ୍ୟତାପ୍ରାପ୍ତ। ୧୯୭୬ରେ ପ୍ରଖ୍ୟାତ ଚଳଚ୍ଚିତ୍ର ନିର୍ଦ୍ଦେଶକ ଓ ନିର୍ମାତା ମୃଣାଳ ସେନ୍ 'ମୃଗୟା' ଶୀର୍ଷକରେ ଚଳଚ୍ଚିତ୍ର ରୂପ ଦେଇଛନ୍ତି। 'ନବଯୁଗ ସାହିତ୍ୟ ସଂସଦ' ଓ 'ଆଧୁନିକ' ପତ୍ରିକାର ପ୍ରତିଷ୍ଠାତା ଭଗବତୀଙ୍କର ବିସ୍ମୃତ ଓ ଗ୍ରନ୍ଥାୟିତ ହୋଇ ନ ଥିବା ଗଳ୍ପ 'ଦୋକାନଦାର' ଏଠାରେ ପତ୍ରସ୍ଥ 'ସାହିତ୍ୟାୟନ'ର ପାଠିକାପାଠକଙ୍କ ପାଇଁ...

(ଭାଗ – ୧)

ତା'ର ଦୋକାନ ବନ୍ଦଥାଏ ମାସରେ ପଚିଶ ଦିନ। ସେଦିନ ବି ବନ୍ଦ ଥିଲା। ଆଶ୍ଚର୍ଯ୍ୟ ବା କ'ଣ? ଏପରି ତ କେତେ ଦୋକାନ ଦୁଆରେ ତାଲା ବନ୍ଦ ଥିବ। ତା' ପ୍ରତି କିଏ ନଜର ଦିଏ? କିନ୍ତୁ ଏ ଯେଉଁ ଦୋକାନଟି ବନ୍ଦ ଥାଏ, ସେଥିଲାଗି ଗରାକମାନଙ୍କୁ ଅସୁବିଧା ଭୋଗ କରିବାକୁ ହୁଏ ବିସ୍ତର। ଏ ଦୋକାନର ଗରାକ ସଂଖ୍ୟା ଅଳ୍ପ ହେଲେ ବି ସେମାନଙ୍କର ଗରଜ ବେଶି; ଏବଂ ଏ ଧରଣର ଦୋକାନ କଟକ ସହରରେ ଅଳ୍ପ।

ସେହି ସନ୍ଧ୍ୟାରେ ତିନିଜଣ ଗରାକ ସେ ଦୋକାନରୁ ଫେରିଲେ। ସେଥିଭିତରୁ ଜଣେ କଲେଜ ଛାତ୍ର– ସାଇକେଲ୍ ସିଟ୍ ଉପରେ ଚମଡ଼ା ପକାଇବା ଲାଗି ଦେଇଥିଲେ; ଅନ୍ୟ ଜଣେ ପୋଲିସ ସାହେବଙ୍କ ଚପରାସି– ସାହେବଙ୍କ ଘୋଡ଼ାସାଜ ମରାମତି କରିବାକୁ ଦେଇ ଯାଇଥିଲା; ଅନ୍ୟ ଜଣକ ମଟର ମରାମତିବାଲା– ମଟର ଗଦିରେ ତାର ଯୋଡ଼ିବାକୁ ଦେଇଥିଲା। ଏ ସମସ୍ତେ ପାଞ୍ଚ ଦଶ ଥର ଲେଖାଏଁ ଫେରିଲେଣି।

ଅନ୍ୟ ଦି'ଜଣଙ୍କୁ ବିରକ୍ତ ହେବାର ଦେଖି ମଟର ମରାମତିବାଲା କହିଲା, ''ବିରକ୍ତ ହେଲେ ଆଉ ହବ କ'ଣ? ଏ ଲୋକଟାର ତ ଏଇ ଦସ୍ତୁର।''

କଲେଜ ବାବୁ କହିଲେ– ''ଆଚ୍ଛା ଲୋକ। ଦେଢ଼ ମାସ ହବ ମତେ ଦଉଡ଼େଇଲାଣି। କହିପାରିବ ୟା' ଘରଟା କୋଉ ବଜାରରେ? ସେଠାରେ ହେଲେ ଖୋଜି ଦେଖେଁ!''

ମଟର ମରାମତିବାଲା କହିଲା, ''ବାବୁ, ତା'ର ଯଦି ଘରଦ୍ୱାର ଥା'ନ୍ତା, ତେବେ ଏତେଥର ଲୋକ ଦୋକାନରୁ ଲେଉଟନ୍ତେ କାହିଁକି? ସେ ନିଜେ ପରା ଫୁଟାଣି ଦେଖାଇ କହେ– ତା'ର ବୈଠକଖାନା ଦୁଇ ଜାଗାରେ– ଗୋଟାଏ ମଦଖଟି ଆରଟି ଗୁଲିଖଟି; ହୋଟେଲରେ ହୁଏ ଖିଆପିଆ; ଆଉ– ବାବୁ, ମନେ କିଛି ଭାବିବେ ନାହିଁ– ଶୁଆବସା ହୁଏ ବେଶ୍ୟା ଘରେ; ମଦ ଖାଇବାକୁ ପଇସା ନ ମିଳିଲା ତ କାମଦାମ କରାହୁଏ ଏଇ ଦୋକାନରେ।''

କଲେଜ ଛାତ୍ର କହିଲେ, ''ଆଶ୍ଚର୍ଯ୍ୟ କଥା, ତମେ ଏସବୁ କଥା ଜାଣି ବି କେମିତି ଏ ଲୋକ ପାଖରେ କାମ ବରାଦ କରୁଛ?

ମୁଁ ଯଦି ଆଗରୁ ଏସବୁ ଜାଣିଥା'ନ୍ତି, ମୋର କାମ ନ ହେଲା ବରଂ ମୁଁ ଏମିତି ଲୋକ ପାଖରେ ବରାଦ କରି ନ ଥା'ନ୍ତି।''

– ''ବୁଝିଲେନି କି ବାବୁ, ଲୋକଟାର ଏସବୁ ଦୁର୍ଗୁଣ ଭିତରେ ଗୁଣ ମଧ ଅଛି। କାମଟି ଜାଣେ ଭଲ। ଜର୍ମାନ ଯୁଦ୍ଧ ବେଳେ ସେ ବେଲ୍‌ଜିଅମ୍‌ରେ Hall and Parkinsରେ କାମ କରୁଥିଲା। ଏ କମ୍ପାନୀ ଯୁଦ୍ଧର ସବୁ ଘୋଡ଼ାସାଜ ମରାମତି କରିବାର ଭାର ନେଇଥିଲା। ଯୁଦ୍ଧ ପରେ ନାନା ଜାଗାରେ କାମ କରି ଶେଷରେ ଆସି କଲିକତାରେ କାମ କରୁଥିଲା, ବଡ଼ ସାହେବ କମ୍ପାନୀରେ। ଏଇସବୁ ବଦ ଅଭ୍ୟାସ ଯୋଗେ ବର୍ଷେ ହେଲା ସେଠାରୁ ବାହାରି ଆସିଚି।''

ଲୋକଟା ଉପରେ କଲେଜ ବାବୁଙ୍କର ମନ ଏପରି ବିଗିଡ଼ି ଯାଇଥିଲା ଯେ, ଏସବୁ ଶୁଣି ସେ ଆଦୌ ବିସ୍ମୟ ପ୍ରକାଶ ନ କରି କହିଲେ, ''ଏତେ ବଡ଼ ବଡ଼ କମ୍ପାନୀରେ କାମ କରି ବି ଲୋକଟାକୁ ବ୍ୟବସାୟର ସାମାନ୍ୟ କାଇଦା କଟକଣା ମାଲୁମ ନାହିଁ; ଏହା ହିଁ ଆଶ୍ଚର୍ଯ୍ୟ। ଗରାକଙ୍କୁ ଏତେଥର ଲେଉଟାଇଲେ କି ବ୍ୟବସାୟ ଚଳେ?'' ବାବୁଟି ବୁଝିଲେ ନାହିଁ ସେ ଦୋକାନ ଖୋଲିଛି ନିଶା ଖର୍ଚ୍ଚ ଚଳାଇବାକୁ; ବ୍ୟବସାୟ ଚଳାଇବାକୁ ତ ନୁହେଁ।

ଗରାକମାନେ ଯେ ଜୁଆଡ଼େ ଫେରିଲେ। ଦୋକାନଟି କିନ୍ତୁ ସେହିପରି ବନ୍ଦ ରହିଲା। ଏତେକଥା, ଏତେ ଅପମାନ– ତାକୁ ସେ ସବୁ କିଛି ସ୍ପର୍ଶ କଲା ନାହିଁ। ତା'ରି ପାଖ ଦୋକାନମାନଙ୍କରେ କେତେ ଗହଳ ଚହଳ। ଅଥଚ ସେଠାରେ କିଛି ନାହିଁ। ପିଲାମାନେ କୌତୁକରେ ପାଗଳା ଉପରକୁ ଟେକା ପଥର ପକାଇଲା ପରି ପବନ ରାସ୍ତାର ଲାଲ ଧୂଳି ଉଡ଼ାଇ ଆଣି ଦୋକାନ ଦୁଆର ମୁହଁରେ ପକାଇ ଦେଇଗଲା। ଦୋକାନ କବାଟ କ୍ଷଣକ ପାଇଁ ଧଡ଼ଧଡ଼ ହୋଇଉଠିଲା। ପୁଣି ସେହିପରି ସ୍ଥିର ହୋଇ ରହିଲା। ଗତ କେତେଦିନ ଧରି ଦୋକାନ ବନ୍ଦ ଥିବାରୁ କବାଟରେ, ଚୌକାଠରେ ଆଙ୍ଗୁଳେ ବହଳ ଧୂଳି ବସିଯାଇଛି।

ଏହି କ୍ଷୁଦ୍ର ଦୋକାନକୁ ଲାଗି ଚୌଧୁରୀଙ୍କର ସମ୍ଭ୍ରାନ୍ତ ମନୋହରି ଦୋକାନ। ସେ ଦୋକାନଟି ଏପରି ସଜ୍ଜା ହୋଇଛି, ନାନା ରଙ୍ଗର ଆଲୋକ ଏପରି ଭାବରେ ଖଞ୍ଜା ହୋଇଛି ଯେ ଖୁବ୍ ଜରୁରୀ କାମ ଥିବା ଲୋକ ବି ରାସ୍ତାରେ ଦଣ୍ଡେ ଠିଆ ହୋଇଯିବ ଦୋକାନର ଶୋଭା ଦେଖିବାକୁ। ଏତେ ବଡ଼ ସମୃଦ୍ଧିଶାଳୀ ଅଭିଜାତ ଦୋକାନ ପାଖରେ ସେଇ ଅପରିଷ୍କାର କ୍ଷୁଦ୍ର ଦୋକାନଟି କାନ୍ଧକୁ କାନ୍ଧ ମିଳାଇ ବସିଛି। ସେ ଦୋକାନଦାରର ମଗଜ ବି ଏହି ସମ୍ଭ୍ରାନ୍ତ ଦୋକାନଦାରମାନଙ୍କ ଅପେକ୍ଷା କୌଣସି ଅଂଶରେ କମ୍ ନୁହେଁ। କଟକ ସହରରେ ତା'ପରି ଦିଲ୍‌ଦାର ଲୋକ ହୁଏତ ଅଛନ୍ତି କି ନା ସନ୍ଦେହ।

ମସ୍‌ଜିଦ ଗଳି। ରାତି ପ୍ରାୟ ଏଗାରଟା। ସେ ଢଳି ଢଳି ଅନ୍ଧାର ଭିତରେ ଚାଲିଛି– ଖୁବ୍ ସମ୍ଭବ ଖଟିରୁ ଫେରିଲା। କିଛି ଦୂର ଯିବାପରେ ସେ ଗୋଟିଏ ବାରଣ୍ଡା ଉପରକୁ ଉଠିଯାଇ ଦୁଆରମୁହଁରେ ଆଘାତ କଲା। ଭିତରେ ଅନ୍ୟ ଲୋକର କଣ୍ଠସ୍ୱର ଶୁଣିପାରି ସେ ବିସ୍ମିତ ହୋଇ ପୁଣି ଶୁଣିଲା। ବାସ୍ତବିକ ଅନ୍ୟ ଲୋକ ସହିତ ମୋହିନୀ ଖୁସିଗପ କରୁଛି। କଟକକୁ ଆସିବା ଦିନୁ ମୋହିନୀ ସହିତ ତା'ର ପରିଚୟ ହେଲେ ସୁଦ୍ଧା ଗତ ଚାରିମାସ ହେବ ସେ ତା' ଘରେ ଖିଆପିଆ ବସବାସ କରେ। ଏହା ପୂର୍ବରୁ ତା'ର ଖିଆପିଆ ହେଉଥିଲା ହୋଟେଲରେ, କିନ୍ତୁ ବସବାସର କୌଣସି ନିର୍ଦ୍ଦିଷ୍ଟ ଜାଗା ନ ଥିଲା। ଜୀବନଯାକ ସେ ଏହିପରି ଭାବରେ କଟାଇ ଆସିଛି। ମୋଟେ ଏଇ କେତେଟା ଦିନ ହେବ ସେ ମୋହିନୀ ସହିତ ଘର ସଂସାର କରି ରହିଥିଲା। ଏ ବେଶ୍ୟାପଡ଼ାରୁ ମୋହିନୀକୁ ଉଠାଇ ନେଇ ଅନ୍ୟ ଜାଗାରେ ଗୋଟିଏ ଘର କରି ରହିବାକୁ ସେ ଅନେକ ଥର ଭାବିଛି। କିନ୍ତୁ ତାହାର ଅବସ୍ଥା ତାହା କରାଇ ଦେଇନାହିଁ, ତଥାପି ସେହି ବେଶ୍ୟାଳୟରେ ମୋହିନୀଠାରୁ ପୂର୍ଣ୍ଣ ପତିତ୍ୱ ଦାବି କରିବାକୁ ସେ ଛାଡ଼ି ନାହିଁ। ସମୟ ସମୟରେ ଘରଖର୍ଚ୍ଚ ପାଇଁ ନିଜର ରୋଜଗାରତକ ମଧ ମୋହିନୀ ହାତକୁ ବଢ଼ାଇ ଦେଇଛି। କିନ୍ତୁ ଆଜି ଅନ୍ୟ ପୁରୁଷର କଣ୍ଠସ୍ୱର ଶୁଣି ତାହାର ସ୍ୱାମୀତ୍ୱର ଅଭିମାନ ଜାଗି ଉଠିଲା। ସେ ପୁଣି ଦ୍ୱାରରେ ଆଘାତ କରି ଗର୍ଜିଉଠିଲା, ''ଦରବାଜା ଖୋଲୋ।'' ସଙ୍ଗେ ସଙ୍ଗେ ସବୁ କଳରୋଳ ବନ୍ଦ ହୋଇଗଲା। କବାଟ ଫିଟିଗଲା। ଅଳ୍ପ ଖୋଲା କବାଟ ଫାଙ୍କରେ ମୋହିନୀ ମୁହଁଟି ଗଳାଇ ତାହାର ଚଞ୍ଚଳ ନୟନ ଓ ସସ୍ମିତ ଅଧରକୁ ଆଗନ୍ତୁକ ଦିଗକୁ ତୋଳି ଧରିଲା।

ଅବିଚଳିତ ଗମ୍ଭୀର ସ୍ୱରରେ ପ୍ରଶ୍ନ ହେଲା, ''ଘରେ ଆଉ କିଏ?''

''ଆଉ କିଏ ଥାଆନ୍ତା ମ; ପଡ଼ିଶା ଘର ପାଟି ଶୁଭୁଥିବ ନା।''

କୌଣସି କଥାରେ କାନ ନ ଦେଇ ସେ ଭିତରକୁ ଚାଲିଲା। ସେହି ଘର ଭିତରେ ସେ ନିଶାରେ ଭୋଳ ହୋଇ ପଡ଼ିଥିବା ବେଳେ ମୋହିନୀ ପାଖକୁ ଅନ୍ୟ ଲୋକ ଆସିଛନ୍ତି; କିଛି ସେ ଜାଣିପାରି ନାହିଁ। କିନ୍ତୁ ଆଜି ତାହାର ନିଶା ଗଲା କୁଆଡ଼େ? ଏହି କଥାଟା ବୁଝିବାକୁ ମୋହିନୀର ବାକି ରହିଗଲା। ସେ ଭାବିଥିଲା ଏ ତ ମତୁଆଲା ହୋଇ ଆସିଥିବ। ୟାକୁ ସହଜରେ ଭୁଲାଇ ଦେଇ ଅତିଥିଟିକୁ ସସମ୍ମାନରେ ବିଦା କରିଦବ। କିନ୍ତୁ ଆଜିର ଏ ଭାବ ତାହାଠାରେ ଦେଖି ମୋହିନୀ ମନରେ ନାନା ଆଶଙ୍କା ଜାତ ହେଲା।



## କବିତା

### ବଡ଼ଦାଣ୍ଡ
**ମଧୁସୂଦନ ଦାଶ**

ଟାଲୁଟାଲୁ ଟାଳିଯାଏ
ଦୁଃଖ, ଅବସାଦ
ବୁଲୁବୁଲୁ ଭୁଲିହୁଏ
ଶୋକ, ଅପବାଦ।

ନଉଁନଉଁ ନଇଁଯାଏ
ଆପେଆପେ ମଥା
ନାଉ ନାଉ ନାଇହୁଏ
ରାମାନନ୍ଦୀ ଚିତା।

କିଣୁକିଣୁ କିଣିହୁଏ
ସଂସାରର ସୁଖ
ବୁଣୁବୁଣୁ ବୁଣିହୁଏ
ଜଂଜାଳ ଯେତକ।

ମୋ: ୯୪୩୭୩୩୨୪୯୮

### ଆବାହନୀ
**ଜୟନ୍ତୀ ରଥ**

ମା' ଗୋ!
ତମେ ଆସିବ ବୋଲି ହିଁ
ମୋ ଆଖିର ଲୁହକୁ ଦେଖ
କାକରର ମୁକ୍ତାବିନ୍ଦୁ କରି
ପୂଜାବେଦୀ ମଣ୍ଡଣି କରିଛି
କଣ୍ଟାର ମୁକୁଟ ପିନ୍ଧି
ତମପାଇଁ ଖୁସି ଖୁସି ଫୁଲଝରୀ ଜାଳୁଛି
ମହାଶୂନ୍ୟେ ଝୁଲିଝୁଲି
ପ୍ରଣବର ଶବ୍ଦ ନିନାଦୁଛି।

ତୁମେ ଆସିବ ତ
ଦୁଷ୍ଟ ସଂହାରିଣୀ ହୋଇ
ଆସ ଦେବୀ ଦଶଭୁଜା
ଏଠି ବ୍ୟଭିଚାରର ରାକ୍ଷସ ଫୁଙ୍କାର କରୁଛି
ଯୌତୁକ ନିଆଁରେ ରମଣୀ ସିଝୁଛି
ସନ୍ତ୍ରାସବାଦୀଙ୍କ ବୋମା ବିସ୍ଫୋରଣରେ
ସସାଗରା ଧରା ଆଜି ଭୟରେ ଥରୁଛି
ଅସହିଷ୍ଣୁତା କବଳେ ମାନବିକତା ହଜିଛି
ଯୁଦ୍ଧର ଆତଙ୍କ ପୁଣି କାୟା ବିସ୍ତାରୁଛି
ଯୁଗ ଯୁଗ ତ୍ରସ୍ତ ମଣିଷ
ଅଭୟ ଟିକିଏ ପାଇଁ
କାକୁସ୍ଥ ମୁଦ୍ରାରେ ଦେଖ
ତମ ପାଦପଦ୍ମ ତଳେ
ବେନି ହାତ ପ୍ରସାରି ଦେଉଛି।

ମୋ: ୮୦୯୩୪୮୬୬୭୪

### ଭୁଲିଯିବା ପରେ
**ରମାକାନ୍ତ ଦାସ**

ଭୁଲିଯିବା ପରେ
ସ୍ୱପ୍ନ ସବୁ ନୀରବରେ ଭାସିଯାଆନ୍ତି
ସୁଅ ମୁହଁର ପତ୍ର ପରି
ହସ ଭାସିଯାଏ ଲୁହର ନଈରେ
ଫଗୁଣ ରୁଷିଯାଏ ପ୍ରେମର ସହରେ
ମନ ତଳେ ଗଢ଼ିଥିବା ଆଶାର ନୀଡ଼ଟି
ଭାଙ୍ଗିଯାଏ ଅଦିନିଆ ଝଡ଼ରେ।

ଅତୀତର ବେରଙ୍ଗ ପୃଷ୍ଠା
ମନର କାନ୍‌ଭାସରେ
ସ୍ମୃତିର ଚିତ୍ର ଆଙ୍କେ
ଅବାସ୍ତବ କଳ୍ପନା
ଅସୀମ ସ୍ୱପ୍ନର ସମ୍ଭାର
ମତେ ପ୍ରତି ମୁହୂର୍ତ୍ତରେ
ଅତୀତରେ ହଜେଇଦିଏ
ସେ କଳଙ୍କିତ ଅତୀତ
ମନେପକାଇଦିଏ
ଆମ ନିବିଡ଼ତାର ବିସ୍ମୃତ ମୁହୂର୍ତ୍ତ
ଆଖିର ନଈକୂଳେ
ଲୁହସବୁ ବହିଯାଏ
ସୁଖ ଭାସିଯାଏ, ହସ ରୁଷିଯାଏ
ହୃଦୟେ ଲାଗେ ଅଦେଖା ନିଆଁ
ଭୁଲିବାକୁ ଚାହିଁଲେ ବି ବାରମ୍ବାର
ସତେଜ ହୋଇ ଉଠେ ପୁରୁଣା କ୍ଷତ
ତୁମର କାଣିଚାଏ ପ୍ରେମ ପାଇଁ
ମୁଁ ରହେ ତୁମ ଅପେକ୍ଷାରେ।

ମୋ: ୯୬୬୮୮୧୫୩୬୯

ଗୀତି–କବିତା

### ଆସ ମାଆ ଅବତରି
**ପ୍ରଣତି ଆଚାର୍ଯ୍ୟ ମିଶ୍ର**

ଆଶ୍ୱିନ ଆସିଲା ଉଶୀର ଭୂମିରେ
କାଶତଣ୍ଡୀ ହେଲା ସଜ
ଧରଣୀ ବକ୍ଷରେ ଶେଫାଳି ବିଛାଏ
ଶୁଭ୍ର ଚାଦରର ଶେଯ।

ଜୋଛନାରେ ଧୌତ ଶରଦ ଆକାଶ
ରଚେ ତାରାଫୁଲ ବନ୍ୟା
ଅପୂର୍ବ ଲାବଣ୍ୟ ଐଶ୍ୱର୍ଯ୍ୟ ସୁଷମା
ବେଶେ ଉଭା ଅନ୍ନପୂର୍ଣ୍ଣା।

ଉର୍ଜା ତୁମ ଦେଖି ଆଶ୍ଚର୍ଯ୍ୟାନ୍ୱିତ
ହୁଅନ୍ତି ଜଗତବାସୀ
ଅଗ୍ନିର ସ୍ଫୁଲିଙ୍ଗ ଢାଳ ଏ ଧରାରେ
ହର୍ଷିତ ଗଗନେ ଶଶୀ।

ମନ୍ତ୍ରେ ମନ୍ତ୍ରେ ପଲ୍ଲବିତ ବସୁନ୍ଧରା
ସୁବର୍ଣ୍ଣ ସୂରୁଯ ନଭେ
ସ୍ପର୍ଶେ ତୁମରି ଅମୃତ ବରଷା
ଶୂନ୍ୟ କୁଟୀର ଶୋଭେ।

କୋଟି କୋଟି ପ୍ରାଣ ମା' ମା' ଡାକେ
ଅର୍ଘ୍ୟଥାଳି ହସ୍ତେ ଧରି
ଅଶିଣ ଆସରେ ମହେନ୍ଦ୍ର ବାସରେ
ଆସ ଆସ ଅବତରି।

ମୋ: ୯୪୩୭୬୪୨୯୪୭

## ପୁସ୍ତକ ପରିଚୟ

### ମେମୋୟର୍ ଥ୍ରୁ ଏ ଲର୍ଣରସ୍ ଗ୍ଲାନ୍ସ




**ଲେଖକ:** ଡ. ଦେବକାନ୍ତ ମିଶ୍ର
**ପ୍ରକାଶକ:** ଫ୍ରେଣ୍ଡ୍‌ସ ପବ୍ଲିଶର୍ସ, ବିନୋଦ ବିହାରୀ, କଟକ–୨
**ପ୍ରଥମ ପ୍ରକାଶ:** ୨୦୨୩, **ମୂଲ୍ୟ:** ଟ.୨୫୦/–

ପ୍ରଖ୍ୟାତ ବୈଜ୍ଞାନିକ ଡ. ଦେବକାନ୍ତ ମିଶ୍ର ମହାବିଦ୍ୟାଳୟ ସ୍ତରରେ କେବଳ ବିଜ୍ଞାନ ଶିକ୍ଷା ପାଇଁ ନିଜର ଅଧ୍ୟାପନା ଜୀବନ ଅତିବାହିତ କରିନାହାନ୍ତି, ଜଣେ ଶିକ୍ଷା–ପ୍ରଶାସକ ଭାବେ ଦୀର୍ଘଦିନ ଧରି ଦକ୍ଷତାର ସହ କାର୍ଯ୍ୟ କରି ଏ କ୍ଷେତ୍ରରେ ନିଜର ପଦଚିହ୍ନ ରଖିବାକୁ ସକ୍ଷମ ହୋଇଛନ୍ତି। ଲୋକପ୍ରିୟ ବିଜ୍ଞାନ ରଚନା କ୍ଷେତ୍ରରେ ସେ ନିଜର ବୃତ୍ତିଗତ ଓ ଅବସରପ୍ରାପ୍ତ ଜୀବନରେ ଯେଉଁ ଯତ୍ନଶୀଳ ପ୍ରଚେଷ୍ଟାମାନ କରିଛନ୍ତି, ତାହା ବିଜ୍ଞାନକୁ ତୃଣମୂଳ ସ୍ତରରେ ପହଞ୍ଚାଇବାରେ ସହାୟକ ହୋଇଛି। ଆଲୋଚ୍ୟ ଇଂଲିଶ୍ ପୁସ୍ତକଟି ହେଉଛି ତାଙ୍କର ଆତ୍ମଜୀବନୀ, ଯେଉଁଥିରେ ସେ ତାଙ୍କ ଜୀବନରେ ଅଙ୍ଗେ ନିଭାଇଥିବା ବିଶିଷ୍ଟ ଘଟଣାଗୁଡ଼ିକର ସ୍ମୃତିଚାରଣ କରିଛନ୍ତି। ପ୍ରାକ୍‌ସୂଚନା ଓ ଉପୋଦ୍‌ଘାତ ବ୍ୟତିରେକେ ଏଥିରେ ତିନୋଟି ଭାଗରେ ସେ ତାଙ୍କର ଜୀବନାନୁଭୂତି ଅତି ବୋଧଗମ୍ୟ ଭାଷାରେ ରୂପାୟିତ କରିଛନ୍ତି। ପ୍ରଥମ ଭାଗରେ ତାଙ୍କ ବୌଦ୍ଧିକ ଜୀବନ ତଥା ସାରସ୍ୱତ ଅଭିବୃଦ୍ଧିରେ ସହାୟତା କରିଥିବା ଖ୍ୟାତନାମା ବୁଦ୍ଧିଜୀବୀ ଓ ବିଭିନ୍ନ ଅନୁଷ୍ଠାନର ଭୂମିକା, ଦ୍ୱିତୀୟ ଅଧ୍ୟାୟରେ ତାଙ୍କ ଜୀବଦ୍ଦଶାରେ ଘଟିଥିବା ନାନା ବୈଜ୍ଞାନିକ, ବୈଷୟିକ ଓ ପାରିବେଶିକ ସମସ୍ୟାଗୁଡ଼ିକର ବ୍ୟାଖ୍ୟାନ ଏବଂ ତୃତୀୟ ଭାଗରେ ବିଶ୍ୱମାନବ ପାଇଁ ଏକ ସୁରକ୍ଷିତ, ଅଭିବୃଦ୍ଧିକ୍ଷମ ଓ ସମନ୍ୱିତ ଭବିଷ୍ୟତ ନିମିତ୍ତ ଆଶାଦୀପ୍ତ କାମନା ସ୍ଥାନିତ ହୋଇଛି। ପରିଶିଷ୍ଟରେ ସ୍ଥାନିତ ହୋଇଛି ଇଂଲିଶ୍ ଓ ଓଡ଼ିଆ ଭାଷାରେ ରଚିତ ତାଙ୍କ କୃତିସମୂହର ତାଲିକା। ଆଶା, ପୁସ୍ତକଟି ସର୍ବଜନାଦୃତି ଲାଭ କରିବ।

### କିଛି କଥା କହିହୁଏ ଆଉ କିଛି ବାକିରହେ




**କବି:** ପ୍ରିୟଙ୍କା ପ୍ରିୟଦର୍ଶନୀ ଦାସ
**ପ୍ରକାଶକ:** ବର୍ଷା ପବ୍ଲିକେଶନ, ଭୁବନେଶ୍ୱର–୧୨
**ପ୍ରଥମ ପ୍ରକାଶ:** ୨୦୨୩, **ମୂଲ୍ୟ:** ଟ.୧୫୦/–

ଆରମ୍ଭରୁ ବହିଟିର ଉତ୍ସର୍ଗ ପାଠକର ମନଟାଣେ, ଯେତେବେଳେ କବି ପ୍ରିୟଙ୍କା ନିଜ ବାପା ଓ ମାଆଙ୍କୁ ବହିଟି ସମର୍ପଣ କରି ଲେଖନ୍ତି– ''ମୋ' କବିତାକୁ ମୋଟେ ବୁଝି ନ ଥିବା ପ୍ରଥମ ଈଶ୍ୱର ମୋ' ବାପାଙ୍କୁ ଓ ମୋ' ଜୀବନ ଦୀପରେ ସଳିତା ହେଇ ନିତି ଜଳୁଥିବା ମୋ' ବୋଉକୁ''। ତା'ପରେ ତାଙ୍କ କବିତା, ସଂଖ୍ୟାରେ ୩୭, ଅଥଚ ପ୍ରତ୍ୟେକଟି ଭାବଦୀପ୍ତ ଓ ସୃଜନପ୍ରଖର। ଯଥା: ''ସୂତାଖିଅରେ ଜୀବିକାକୁ/ ଯତ୍ନକରି ଗୁନ୍ଥୁଥିବା ଝିଅ,/ ମନ୍ଦିର ମନ୍ଦିର ବୁଲି/ ବିକୁଥାଏ ଜୀବନ;/ ଭୋକର ହାତରେ/ ନିତି ବନ୍ଧା ପଡ଼ନ୍ତି/ ତା' ସ୍ୱପ୍ନସବୁ/ ତଥାପି ସେ ନିଶ୍ଚଳ,/ ସାରାରାତି ସାରାଦିନ।'' ('ଫୁଲ ବିକୁଥିବା ଝିଅ'– ପୃ: ୩୧) ଓ ''କବିତା ଆଉ କ'ଣ କି?/ ଛାତିତଳ ହୁତାଶନର ବଳକା ଦରପୋଡ଼ା ଅଙ୍ଗାର,/ ଲୁହ ଆଉ କୋହର ସୁସଜ୍ଜିତ ସମାହାର।'' ('କବିତା'– ପୃ: ୭୫)। ଏସବୁ ଉଦ୍ଧୃତିରେ ପ୍ରିୟଙ୍କାଙ୍କ କବିପଣର ସରଳତା ଓ ଜୀବନ ପ୍ରତି ବିଶ୍ୱସ୍ତ ହେବାର ଅଙ୍ଗୀକାରକୁ ଲକ୍ଷ୍ୟ କରିହୁଏ। କବି ଅଜୟ ସ୍ୱାଇଁ ଲେଖିଛନ୍ତି: ''ସହଜ, ସୁକୁମାର ତାଙ୍କ ଚିତ୍ରକଳ୍ପ। 'ହୃଦୟଟା କୁହୁଳା ସହର' ହେଉ କି 'କୁହୁଡ଼ିର ଘର' ହେଉ; 'ମାୟା କାଚର ଦର୍ପଣ' ହେଉ କି 'ଷୋଳଅଣା ଭୋକର ଭାଗ୍ୟ' ହେଉ ସବୁଠି ଅଛି ଏକ ଅନ୍ତରଙ୍ଗ ଅନୁଭବ।'' ଅଜୟ ଭୁଲ କହି ନାହାନ୍ତି। ପ୍ରିୟଙ୍କାଙ୍କ କବିତାର ସବୁଠୁଁ ବଡ଼ ସମ୍ବଳ ବୋଲି ଯଦି କିଛି ଥାଏ, ତେବେ ତାହା ହେଉଛି କବିତା ରଚନା ପାଇଁ ତାଙ୍କ ଭିତରେ ମହଜୁଦ୍ ଆତ୍ମପ୍ରତ୍ୟୟ ଓ ସାମର୍ଥ୍ୟ। ଆଶା, ସାଧନା ଅବ୍ୟାହତ ରଖିଲେ 'ବାକି ରହୁଥିବା କଥା'କୁ କହିପାରିବାର ଶକ୍ତି ସେ ଅର୍ଜନ କରିବେ।

## ଭାବର ବେପାର
**ଦ୍ୱିତୀ ଚନ୍ଦ୍ର ସାହୁ**

ମିନିଗଳ୍ପ

ଦଶହରା ବେଳେ କୁମୁଟି ପାଣିର ଭାରି ଲୋଡ଼ା। ଏଇ ଏରିଆର ଏକମାତ୍ର ନାମକରା ଛେଳି ବେପାରୀ। ଭଲ ଛେଳି ଦେବ ଓ ଠିକ୍ ପଇସା ହିସାବ କରି ନେବ। ଯନ୍ତ୍ର ପୂଜା ପାଇଁ ପଶୁବଳି ଲୋଡ଼ା। ଶକ୍ତିପୀଠରେ ବି ଅଷ୍ଟମୀ ବଳି ପୂଜା। ଛେଳି ଗୁହାଳରେ ମେଞ୍ଚେ ବୋଦା ଦେଖି ଖୁସି ହେଉଥିଲା ସେ ନିଜ ଭିତରେ। ମନେମନେ ହିସାବ କରୁଥିଲା ତା' ଭାଗକୁ ଲାଭ କେତେ ରହିବ। କୁମୁଟି ଛେଳି ବିକେ। କିନ୍ତୁ ଛେଳି ମାରି ମାଂସ ପାଇଁ କିଏ ବରାଦ କଲେ ରୋକ୍‌ଠୋକ୍ ମନା କରିଦିଏ। କୁଳ ବେଉଷା ହିସାବରେ ସେ ବେପାର କରୁଛି। ସେଥିରେ ପୁଣି ଜୀବ ହତ୍ୟା କରି ପାପ ଅର୍ଜିବ। ସେଥିପାଇଁ ତା' ବେପାରର ଫର୍ମୁଲା ହେଲା ମାଂସ ନାହିଁ, ଖାସି ପାଇଁ କୁମୁଟି ଭାଇ।

ନିକଟରେ ଏକ କଂପାନୀକୁ ଦଶଟା ଖାସି ଲୋଡ଼ା ପଡ଼ିଲା। ଜଣେ କମ୍ପାନୀ କର୍ମଚାରୀ ଆସିଲେ। ଭଲ ଛେଳି ସବୁ ବାଛିଲେ। ଦର କଷିଲେ। କିନ୍ତୁ ସେଥିରୁ ଗୋଟେ ବୋଦାକୁ ଦେବାକୁ କୁମୁଟି ମନାକଲା। ଅଲଗା ବାଛିବାକୁ ଅନୁରୋଧ କଲା। ପରେ କୁମୁଟିର କହିବା ପ୍ରକାରେ ଅଲଗା ଛେଳି ବାଛିଲେ କର୍ମଚାରୀ।

ପଇସା ପୈଠ କଲାବେଳେ କର୍ମଚାରୀ ପଚାରିଲେ : 'ଆଚ୍ଛା କୁମୁଟି! ସେ ଛେଳି ଦେବାକୁ କି ପାଇଁ ମନା କଲ!' ''ଆଜ୍ଞା! ସେଇଟା ମୋ' ଛେଳି! ତାକୁ ମରିବାକୁ ଦେଇ ପାରିବିନି।''

''କ'ଣ ଏମିତି ସେ ଛେଳିରେ ଅଛି?''

''ପିଲାଦିନରୁ ମୋ' ପୁଅ ତା' ସହିତ ଖେଳି ଆସିଛି। ମୋ' ପୁଅ ଖେଳୁଥିବା ବେଳେ ଥରେ ଅଜଗରଟେ ଆସିଗଲା। ଘରେ କିଏ କୁଆଡ଼େ କାମରେ ବ୍ୟସ୍ତ ଥିଲେ। ଏଇ ଛେଳିର ମାଆ ସେ ସାପକୁ



ଅଟକେଇବାକୁ ଚେଷ୍ଟା କଲା। ହେଲେ ତାକୁ ଗିଳି ଦେଲା ସାପ। ଆମେ ଆସି ଦେଖିଲା ବେଳକୁ ତାକୁ ଅଧାଅଧି ଗିଳି ଦେଇଥିଲା। ସେ ପାଖରେ ଚାଲବୁଲ କରୁ ନଥିବା ମୋ' ବୁଢ଼ୀ ମାଆ ଦେଖି ତାଟକା ହୋଇଯାଇଥିଲା।

ସେଦିନ ମୋ' ମାଆ କହିଲା: ''ଇଏ ବି ତୋର ପୁଅ। ତୋ' ପୁଅ ଲାଗି ତା'ର ମାଆ ମରିଗଲା। ୟାକୁ ବିକିବୁନୁ କେବେ!''

''ସେଦିନଠାରୁ ସେ ଆମ ଘରର ପିଲା। ତାକୁ କେମିତି ବଳି ପାଇଁ କାହା ହାତକୁ ଟେକି ଦେବି?''

ଏସବୁ ଶୁଣି କର୍ମଚାରୀ ତଟସ୍ଥ ହୋଇ ଯାଉଥିଲେ। ଏତିକିବେଳେ ସେ ଛେଳି କୁମୁଟି ପାଖକୁ ଆସି ତା' ପିଠିରେ ଘଷି ହେଲା। କୁମୁଟି ଟଙ୍କା ଗଣିବା ଛାଡ଼ି ତା'ର ବେକକୁ ଭିଡ଼ି ଧରି ଗେଲ କଲା।

ମଣିଷ ଓ ପଶୁ ଭିତରେ ଏ ସମ୍ପର୍କ ଦେଖିବା ପରେ କର୍ମଚାରୀ କହିଲେ: ''ଆଦର ଓ ସ୍ନେହ ଦେଲେ ମଣିଷ ହୁଏତ ପଛରେ ବେଇମାନି ହୋଇପାରେ, ହେଲେ ପଶୁପକ୍ଷୀ ବୋଲ ମାନିଯାଏ। ଏମିତି କି ନିଜ ଜୀବନ ବି ଦେଇଦିଏ। କୁମୁଟି ତୁମର ଏ ଭାବର ବେପାର ଖୁବ୍ ପସନ୍ଦ ଲାଗିଲା।''

କୁମୁଟି କିଛି ଉତ୍ତର ଦେଲାନି, ଛେଳିକୁ ଗେହ୍ଲା କରି ଧାରେ ହସିଦେଲା।

ମୋ: ୯୪୩୭୯୦୯୬୭୧

## କାଳକାଳକୁ



''ଜଣେ ଯଦି କାହାରିଠାରୁ କିଛି ଚାହେଁନି, ତେବେ କେବେ ବି ହତାଶ ହୁଏନାହିଁ''
–ସିଲ୍‌ଭିୟା ପ୍ଲାଥ୍

**ସିଲ୍‌ଭିୟା ପ୍ଲାଥ୍**ଙ୍କ ଜନ୍ମ ୨୭ ଅକ୍ଟୋବର ୧୯୩୨ରେ ଓ ପରଲୋକ ୧୧ ଫେବୃୟାରୀ ୧୯୬୩ରେ। ମାତ୍ର ୩୧ ବର୍ଷ ବୟସରେ ଆତ୍ମହତ୍ୟା କରି ଜୀବନଲୀଳା ସାଙ୍ଗ କରିଥିବା ଏହି ପ୍ରଖ୍ୟାତ ଆମେରିକୀୟ ଲେଖିକାଙ୍କର କବିତାଗ୍ରନ୍ଥ 'ଦ କଲୋସସ୍ ଆଣ୍ଡ୍ ଅଦର ପୋଏମ୍‌ସ' ପ୍ରକାଶ ପାଏ ୧୯୬୦ରେ ଓ 'ଏରିୟଲ୍' ୧୯୬୫ରେ। 'ଦ ବେଲ୍ ଜାର୍' ହେଉଛି ତାଙ୍କର ଆତ୍ମଜୀବନୀମୂଳକ ଉପନ୍ୟାସ। ୧୯୮୧ରେ ପ୍ରକାଶିତ 'କବିତା ସମଗ୍ର' ପାଇଁ ୧୯୮୨ରେ ତାଙ୍କୁ ମିଳେ ମରଣୋତ୍ତର 'ପୁଲିଜର୍ ପ୍ରାଇଜ୍'। ମରଣୋତ୍ତର ଭାବେ ଏହି ପୁରସ୍କାର ପାଇବାରେ ସେ ହେଉଛନ୍ତି ଚତୁର୍ଥ ଲେଖିକା। 'ଆତ୍ମସ୍ୱୀକାରୋକ୍ତିମୂଳକ କବିତା' ରଚନା ପାଇଁ ସିଲ୍‌ଭିୟା ପ୍ଲାଥ୍ ବିଶ୍ୱ କବିତାରେ ଏକ ସ୍ୱତନ୍ତ୍ର ସ୍ଥାନ ଦାବି କରନ୍ତି। ସିଲ୍‌ଭିୟା କହନ୍ତି, ''ତୁମେ ମୋତେ ଚୁମାଟିଏ ଦିଅ, ଦେଖିବ ମୋ' ଗୁରୁତ୍ୱ କେତେ!''

## ମାଆ ପରି କିଏ ହେବ
**ସୁନନ୍ଦା ମହାନ୍ତି**

ଲଘୁଗଳ୍ପ

ସେଦିନ ଜେଜେମା' ନାତୁଣୀଙ୍କ ଲୁଚକାଳି ଖେଳ କାଳ ହେଲା। ନାତୁଣୀ ଗୁଗୁଲି ପଡ଼ିଯାଇ ହସ୍ପିଟାଲରେ। ରକ୍ତ ଦରକାର ହେଲା ତ ଜେଜେମା'ଙ୍କର ଏବି ପଜିଟିଭ ହୋଇଥିବାରୁ ଜେଜେମା' ରକ୍ତ ଦେଉଥିଲେ। ଏପଟେ ଜେଜେ ଦିବାକର ବାବୁ ଜେଜେମା' ଶାନ୍ତିଙ୍କ ପାଇଁ ଦଶହରାରେ ଦେବୀ ଦୁର୍ଗାମେଢ଼ ଦେଖିଯିବାକୁ ଶାଢ଼ି ଚୁଡ଼ି କିଣି ନେଇ ଆସି ଦେଖନ୍ତି ତ ଘର ଖୋଲା ମେଲା ପଡ଼ିଛି। ଆରପଟ ସାହାଲାରେ ଦୁଇ ପଟେ ଦୁଇ ପୁଅ ବୋହୂ ଚାଲୁଥିଲେ ବି ସେମାନଙ୍କୁ ପଚାରିବାକୁ ଇଚ୍ଛା ନ ଥିଲା ଦିବାକର ବାବୁଙ୍କର।

ମନେପଡ଼େ କେତେ କଷ୍ଟରେ ନିଅଣ୍ଟିଆ ଚାକିରି ଦରମାରେ ଦୁଇ ପୁଅଙ୍କୁ ପାଠଶାଠ ପଢ଼େଇ, ଚାକିରି କରେଇ ବାହାଘର କରିବା ପରେ ମଧ ଦୁଇପୁଅ କେବେ ଆର୍ଥିକ ସାହାଯ୍ୟ ଦେଇ ନ ଥିବା ବେଳେ ପିଲା ଛୁଆଙ୍କ ଦାୟିତ୍ୱ ତାଙ୍କ ଉପରେ ପକେଇ ନିଶ୍ଚିନ୍ତରେ ରହିଯାଆନ୍ତି। ଆହୁରି କହନ୍ତି ବାପାଙ୍କ ପେନ୍‌ସନ ଟଙ୍କା ଅଛି ଅସୁବିଧା କ'ଣ? କିନ୍ତୁ କେବେ ଭାବିପାରନ୍ତି ନାହିଁ ଘର କରିବା ଲୋନ୍ ଓ ଝିଅ ବାହାଘର ପାଇଁ କରିଥିବା ଲୋନ୍ ଶୁଝୁଁ ଶୁଝୁଁ, ନାତି ନାତୁଣୀଙ୍କ ଫରମାସି ବୁଝୁଁ ବୁଝୁଁ ଶାନ୍ତିଙ୍କୁ ଅଣହେଳା କରନ୍ତି ଦିବାକର। ଭଲ ଶାଢ଼ି ଖଣ୍ଡେ ଦେବା ତ ଦୂରେ ଥାଉ, ଡାକ୍ତର ଦେଖାଇ ଔଷଧ ଟିକିଏ ଆଣି ଦେଇ ନାହାନ୍ତି କେବେ।

ଆରବର୍ଷ ଦୁର୍ଗାପୂଜା ବେଳେ ଶାଶୁ ବୋହୂ ଦୁଇଜଣଙ୍କ ପାଇଁ ଆସିଥିବା ତିନିଖଣ୍ଡ ଶାଢ଼ି ତିନିଜଣଙ୍କୁ ଦେଇଦେଲା ପରେ ବଡ଼ ବୋହୂ କହିଥିଲା ମାଆଙ୍କ ଶାଢ଼ି ଖୁବ୍ ଭଲ ହେଇଛି ତ! ସଙ୍ଗେ ସଙ୍ଗେ ଶାନ୍ତି ନିଜ ଶାଢ଼ି ବଡ଼ ବୋହୂକୁ ଦେଇଦେବା ପରେ ସାନ ବୋହୂ ଟାଉଁ ଟାଉଁ ହୋଇ କେତେ ସବୁ କହିଗଲା। ଶାନ୍ତି ସିନା ମାଆ ବୋଲି ବଡ଼ ବୋହୂ ଫେରେଇଥିବା ଶାଢ଼ି ସାନ ବୋହୂକୁ ଦେଇ ଚୁପ୍ ହେଇଯା କହିଥିଲେ, ଦିବାକର ବାବୁ କିନ୍ତୁ ଏତେଦିନର ଅସହିଷ୍ଣୁତାକୁ ଫୋପାଡ଼ି ଦେଇଥିଲେ ଶବ୍ଦ କେତେଟାରେ। ଏଥର ନିଜ ସ୍ୱାମୀମାନଙ୍କୁ କୁହ ତୁମ ସବୁ କଥା ବୁଝିବେ। ବାସ୍ ସେତିକି କଥାରେ ଦୁଇ ବୋହୂ ଅଲଗା ରାନ୍ଧିଲେ।



ଶାନ୍ତି ପୁଣି ନିଜ ପାଇଁ ଭାତ ରାନ୍ଧୁରାନ୍ଧୁ ଦୁଇ ବୋହୂଙ୍କୁ ସାହାଯ୍ୟ କରିଚାଲିଲେ, ବେଳ ଅବେଳରେ ହାତବଟେଇ। ଭଲମନ୍ଦ ନିଜେ ନ ଖାଇ ନାତିନାତୁଣୀଙ୍କୁ ଦେଲେ। ନିଜ ମାଛ ମାଂସ ଭାଗ ଦୁଇ ପୁଅଙ୍କୁ ଦେଇଆସି ବାଇଗଣ ଚକଟି ଖାଇବା ଦେଖି ସହିପାରନ୍ତିନି ଦିବାକର ବାବୁ, ଆକଟନ୍ତି ଶାନ୍ତିଙ୍କୁ। କହନ୍ତି– ଏଥର ହସ୍ପିଟାଲ ଚାଲ। ଏଡ଼େଇ ଯାଆନ୍ତି ଶାନ୍ତି, କହନ୍ତି କ'ଣ ହେଇଛି କି ମୋର। ସେଇଥିପାଇଁ ଏବର୍ଷ ଦଶହରାରେ ନେଇଆସିଛନ୍ତି ସମ୍ବଲପୁରୀ ଶାଢ଼ି ଖଣ୍ଡେ ଶାନ୍ତିଙ୍କ ପାଇଁ ଦିବାକର ବାବୁ।

ଏହି ସମୟରେ କାର୍ ଲାଗିଲା ଦାଣ୍ଡରେ। ନାତୁଣୀକୁ ଧରି ପୁଅ ବୋହୂମାନେ କ'ଣ ଯେ ଆଜି ହୋଇଥା'ନ୍ତା କହିକହି ତାକୁ କୋଳ କରି ଘର ଭିତରକୁ ନେଲା ପରେ ଦିବାକର ବାବୁ ଦେଖିଲେ ଅତି କଷ୍ଟରେ ଓହ୍ଲାଉଛନ୍ତି ଶାନ୍ତି କାର୍‌ରୁ। ରକ୍ତ ଦେଇ ଅସୁସ୍ଥ ଦୁର୍ବଳ ଶରୀରର ଭାରସାମ୍ୟ ରଖି ଓହ୍ଲେଇ ପାରୁନଥିବା ଶାନ୍ତିଙ୍କୁ ଧରିନେଲେ ଦିବାକର। ଶାନ୍ତି ସବୁକଥା କହିସାରିବା ପରେ କହୁଥିଲେ ମାଆ ଦୁର୍ଗା ଦେବୀଙ୍କ ଦୟାରୁ ମୋ' ରକ୍ତ ନାତୁଣୀ ଗୁଗୁଲି ରକ୍ତ ସହ ମିଶିଗଲାରୁ ପିଲାଟା ଜୀବନ ପାଇଗଲା ଜାଣ। ନହେଲେ ଆଜି ମୋ' ଯୋଗୁଁ କ'ଣ ଯେ ହୋଇଥା'ନ୍ତା ପିଲାଟାର, କହି କାନ୍ଦି ପକାଉଥିଲେ ଶାନ୍ତି। ଦିବାକର ବାବୁ ପଚାରିଲେ ତୁମ ଯୋଗୁଁ ମାନେ? ଶାନ୍ତି କହିଲେ ଗୁଗୁଲି ଅନୁରୋଧରେ ତା' ସହ ଲୁଚକାଳି ଖେଳୁଥିଲି ମୁଁ, ମୋ' ଯୋଗୁଁ ପିଲାଟାର ଏ ଅବସ୍ଥା।

ମୋ: ୯୦୪୦୯୭୭୩୨୭



ଶ୍ରୀଲଙ୍କା-ନେଦରଲାଣ୍ଡ ଦିନିକିଆ କ୍ରିକେଟ ବିଶ୍ୱକପ ମ୍ୟାଚ ପାଇଁ ପ୍ରସ୍ତୁତ ଲକ୍ଷ୍ନୌର ଭାରତ ରତ୍ନ ଶ୍ରୀ ଅଟଳ ବିହାରୀ ବାଜପାୟୀ ଇକାନା ଷ୍ଟାଡିୟମ।

# ଅଷ୍ଟ୍ରେଲିଆ-ପାକିସ୍ତାନ ମ୍ୟାଚ ବେଳେ କଟକଣା

ବେଙ୍ଗାଲୁରୁ, ୨୦।୧୦ (ପି.ଟି.)

ସ୍ଥାନୀୟ ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ବିଶୃଙ୍ଖଳା କାରଣରୁ ଯେପରି ଅଷ୍ଟ୍ରେଲିଆ ବନାମ ପାକିସ୍ତାନ ବିଶ୍ୱକପ୍ ମ୍ୟାଚ୍‌ରେ ବାଧା ସୃଷ୍ଟି ନ ହୁଏ ସେଥିଲାଗି ସ୍ଥାନୀୟ ପୋଲିସ ତରଫରୁ କେତେକ ପ୍ରତିଶେଧମୂଳକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। କଳା ପୋଷାକ ପରିଧାନକରି ବିକ୍ଷୋଭ ପ୍ରଦର୍ଶନ, ଉତ୍ତେଜକ ସ୍ଲୋଗାନ କିମ୍ବା ପ୍ଲାକାର୍ଡ ପ୍ରଦର୍ଶନ ମନା ଥିଲା। ଷ୍ଟାଡିୟମ ପ୍ରବେଶ ପଥରେ ପ୍ରଶଂସକଙ୍କ ପ୍ଲାକାର୍ଡ ଏବଂ ବ୍ୟାନରକୁ ଯାଞ୍ଚର ବ୍ୟବସ୍ଥା କରାଯାଇଥିଲା। ଇସ୍ରାଏଲ୍ ସହିତ ଚାଲିଥିବା ଯୁଦ୍ଧକୁ ନେଇ ପାଲେଷ୍ଟାଇନକୁ ସମର୍ଥନ କରି ସହରରେ ଦୁଇ ଥର ବିରୋଧ ପ୍ରଦର୍ଶନ ଦେଖିବାକୁ ମିଳିବା ପରେ ଏଭଳି ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଇଥିବା ସିଟି ପୋଲିସ କମିଶନର ବି. ଦୟାନନ୍ଦ ପ୍ରକାଶ କରିଛନ୍ତି। ଷ୍ଟାଡିୟମରେ ଜଣେ ସମର୍ଥକ 'ପାକିସ୍ତାନ ଜିନ୍ଦାବାଦ' ବୋଲି ସ୍ଲୋଗାନ ଦେବାରୁ ପୋଲିସ ସମ୍ପୃକ୍ତ ବ୍ୟକ୍ତିକୁ ସେଥିରୁ ନିବୃତ୍ତ କରୁଥିବା ଲକ୍ଷ୍ୟ କରାଯାଇଥିଲା।

# ପଦକ ପକ୍କାକଲେ ୩ ଭାରତୀୟ

ନୂଆଦିଲ୍ଲୀ, ୨୦।୧୦ (ପି.ଟି.)

ଚାଇନାର ଚେଙ୍ଗଡୁଠାରେ ଚାଲିଥିବା ବ୍ୟାଡ୍‌ମିଣ୍ଟନ ଏସିଆନ ୧୭ ବର୍ଷରୁ କମ୍ ଏବଂ ୧୫ ବର୍ଷରୁ କମ୍ ଜୁନିୟର ଚାମ୍ପିୟନଶିପ୍‌ର ୪ର୍ଥ ଦିବସରେ ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି ଜାଗଶେର ସିଂ ଖାଙ୍ଗୁରା, ବର୍ନିଲ ଆକାଶ ଚାଙ୍ଗମାଇ ଓ ତନ୍‌ଭି ଶର୍ମା ସେମାନଙ୍କ ମ୍ୟାଚ ଜିତି ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଏଥିସହିତ ସେମାନେ ଗୋଟିଏ ଲେଖାଏ ପଦକ ପକ୍କା କରିଛନ୍ତି। ୧୫ ବର୍ଷରୁ କମ୍ ବାଳକ ବିଭାଗରେ ଜାଗଶେର ୨୧-୧୪, ୨୧-୧୩ରେ ଚାଇନାର ଏମ୍‌ଏ ଟୁ ଜୁଆନଙ୍କୁ ସହଜରେ ହରାଇ ଦେଇଥିଲେ। ବର୍ନିଲ କୋରିଆର ପାର୍କ ଜଙ୍ଗ୍‌ଙ୍କ ବିପକ୍ଷରେ ୨୧-୧୯, ୨୨-୧୦ରେ ସଂଘର୍ଷପୂର୍ଣ୍ଣ ବିଜୟ ହାସଲ କରିଛନ୍ତି। ୧୭ ବର୍ଷରୁ କମ୍ ବାଳିକା ସିଙ୍ଗଲ୍ସ କ୍ୱାର୍ଟରଫାଇନାଲ ମ୍ୟାଚରେ ତନଭି ଶର୍ମା ତାଙ୍କ ପ୍ରଥମ ଗେମ୍ ଚାଇନିଜ ତାଇପେର ଲିଆଓ ଜୁଇ-ଚିଙ୍ଗଠାରୁ ୨୦-୨୨, ୨୧-୧୫, ୨୧-୧୫ରେ ପରାଜିତ ହୋଇଛନ୍ତି। ୧୭ ବର୍ଷରୁ କମ୍ ବାଳିକା ଡବଲ୍ସରେ ତନଭି ଓ ରେଶିକା ଉଥୟସୁରିୟାନ ଚାଇନିଜ ତାଇପେ ଯୋଡ଼ି ଫୁ ଜିନ୍ ୟି ଏବଂ କ୍ୱିନ ଶି ୟାଙ୍ଗଙ୍କଠାରୁ ୧୦-୨୦, ୨୦-୨୨ରେ ହାରିଯାଇଛନ୍ତି। ଜାଗେଶେର ଓ ବର୍ନିଲ ୧୫ବର୍ଷରୁ କମ୍ ବାଳକ ସେମିଫାଇନାଲ ଶନିବାର ଖେଳିବେ।

# ଷ୍ଟୋକ୍ସଙ୍କୁ ନେଇ ଇଂଲଣ୍ଡର ଆଶା

ମୁମ୍ବାଇ,୨୦।୧୦(ପି.ଟି.)



ଫୁଟବଲ ଖେଳି ଅଭ୍ୟାସରତ ମାର୍କୋ ଜାନସେନ, କ୍ୱିଣ୍ଟନ ଡି'କକ୍, ରସି ଭାନ୍ ଡର୍ ଡୁସେନ ଓ ହେନରିଚ୍ କ୍ଲାସେନ।

ଷ୍ଟାର ଅଲରାଉଣ୍ଡର ବେନ୍ ଷ୍ଟୋକ୍ସଙ୍କର ଦଳକୁ ଫେରିବା ଦ୍ୱାରା ଇଂଲଣ୍ଡ କ୍ରିକେଟ ଦଳର ମନୋବଳ ବୃଦ୍ଧି ପାଇଛି। ଚଳିତ ଦିନିକିଆ ବିଶ୍ୱକପ୍‌ରେ ଆଗକୁ ଖେଳାଯିବାକୁଥିବା ମ୍ୟାଚଗୁଡ଼ିକରେ ଦଳ ଏହାର ପ୍ରଦର୍ଶନରେ ସୁଧାର ଆଣିବ ବୋଲି ମନେକରୁଛି। ଇଂଲଣ୍ଡ ଏହାର ପରବର୍ତ୍ତୀ ମ୍ୟାଚ ଶନିବାର ଦକ୍ଷିଣ ଆଫ୍ରିକା ବିପକ୍ଷରେ ଖେଳିବ। ଏହି ଦୁଇ ଦଳ ସେମାନଙ୍କ ଗତ ମ୍ୟାଚରେ ପରାଜିତ ହୋଇଛନ୍ତି। ଧର୍ମଶାଳାଠାରେ ନେଦରଲାଣ୍ଡ ବିପକ୍ଷ ବର୍ଷା ବାଧାପ୍ରାପ୍ତ ମ୍ୟାଚରେ ସର୍ବାଧିକ ସ୍କୋର (୪୨୮/୫) କରିଥିବା ଦକ୍ଷିଣ ଆଫ୍ରିକାର ବ୍ୟାଟିଂ ଲାଇନ୍‌ଅପ୍ କିନ୍ତୁ ଭୁଶୁଡ଼ି ପଡ଼ିଥିଲା। ଟୁର୍ନାମେଣ୍ଟରେ ଦଳର ଏହା ହେଉଛି ପ୍ରଥମ ପରାଜୟ। ସେହିପରି ଦିଲ୍ଲୀରେ ଆଫଗାନିସ୍ତାନ ବୋଲିଂର ଉଚିତ ମୁକାବିଲା କରି ନ ପାରି ଇଂଲଣ୍ଡକୁ ପରାଜୟ ସ୍ୱୀକାର କରିବାକୁ ପଡ଼ିଛି। ଦଳ ବର୍ତ୍ତମାନ ଚାପରେ ରହିଛି। ୫୦ଓଭର ବିଶ୍ୱକପ୍‌ରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଇଂଲଣ୍ଡର ବିଜୟ ପରାଜୟ ରେକର୍ଡ ଯଦିଓ ୪-୩ ରହିଛି ଏହି ସଂସ୍କରଣରେ ଦକ୍ଷିଣ ଆଫ୍ରିକାର ରନରେଟ୍ ଭଲ ରହିଛି। ଟୁର୍ନାମେଣ୍ଟ ଆରମ୍ଭରେ ଅଷ୍ଟ୍ରେଲିଆ ଓ ଶ୍ରୀଲଙ୍କାକୁ ୧୦୦ରୁ ଅଧିକ ରନ ବ୍ୟବଧାନରେ ପରାସ୍ତ କରି ଦକ୍ଷିଣ ଆଫ୍ରିକା ଧମାକାଦାର ଆରମ୍ଭ କରିଥିଲେ ମଧ୍ୟ ଆଇସିସି ଇଭେଣ୍ଟଗୁଡ଼ିକରେ ନେଦରଲାଣ୍ଡ ଭଳି ଦଳଠାରୁ କ୍ରମାଗତ ଦ୍ୱିତୀୟ ପରାଜୟ ପରେ ଦଳ ଚାପରେ ରହିଛି। ଡଚ୍ ଦଳଠାରୁ ହାରିଯିବା ପରେ ଇଂଲଣ୍ଡ ବିପକ୍ଷରେ ବିଜୟ ହାସଲ କରି ଦଳର ଆତ୍ମବିଶ୍ୱାସ ବୃଦ୍ଧି କରିବାକୁ ଚାହୁଁଛି। ଚଳିତ ବିଶ୍ୱକପ୍‌ରେ ଇଂଲଣ୍ଡ ପ୍ରାୟ ସମସ୍ତ ବିଭାଗରେ କରୁଛି। ପଡ଼ିଆରେ ଏପର୍ଯ୍ୟନ୍ତ ସୁଦ୍ଧା ଦଳଗତ ପ୍ରଦର୍ଶନ ଦେଖିବାକୁ ମିଳିନାହିଁ। କାଗଜପତ୍ରରେ ଇଂଲଣ୍ଡ ଏକ ବିପଜ୍ଜନକ ଦଳ ହୋଇପାରେ, ମାତ୍ର ଏହାର ପ୍ରଦର୍ଶନରେ ଅସ୍ଥିରତା ଦେଖିବାକୁ ମିଳୁଛି। ଦଳ ୱାଙ୍ଖେଡେ ଷ୍ଟାଡିୟମରେ ବେନ୍ ଷ୍ଟୋକ୍ସଙ୍କଠାରୁ କିଛି ଚମତ୍କାରିତା ଆଶା କରୁଛି। ପିଚାରେ ଇଞ୍ଜୁରି ଯୋଗୁ ଷ୍ଟୋକ୍ସ ପ୍ରଥମ ତିନୋଟି ମ୍ୟାଚ ଖେଳିନାହାନ୍ତି। ମିଡଲ ଅର୍ଡରରେ ଜୋସ ବଟଲରଙ୍କ ଭଳି ବ୍ୟାଟରଙ୍କଠାରୁ ଏପର୍ଯ୍ୟନ୍ତ ଏକ ଭଲ ଇନିଂସ ଦେଖିବାକୁ ମିଳିନାହିଁ। ଗତ ତିନୋଟି ମ୍ୟାଚରେ ତାଙ୍କ ସ୍କୋର ୪୩, ୨୦ ଓ ୯ ରହିଛି। ସେହିପରି ଲୋୟର ଅର୍ଡରରେ ଲିଆମ ଲିଭିଂଷ୍ଟୋନ୍ ଯଥାକ୍ରମେ ୨୦, ୦ ଓ ୧୦ ରନ କରିଛନ୍ତି। ଅନ୍ୟପକ୍ଷରେ ଜୋ ରୁଟ୍ ଓ ଦାୱିଦ ମଲାନ ଇଂଲଣ୍ଡର ଶ୍ରେଷ୍ଠ ବ୍ୟାଟର ରହି ଆସିଛନ୍ତି। ରୁଟ୍ ଇତିମଧ୍ୟରେ ଦୁଇଟି ଅର୍ଦ୍ଧଶତକ ଏବଂ ମଲାନ ଗୋଟିଏ ଶତକ ହାସଲ କରିସାରିଛନ୍ତି। ଦକ୍ଷିଣ ଆଫ୍ରିକାର ହାଇକ୍ୱାଲିଟି ବୋଲିଂ ଆକ୍ରମଣର ଉଚିତ ମୁକାବିଲା ପାଇଁ ବ୍ୟାଟରମାନଙ୍କ ଦଳଗତ ପ୍ରଦର୍ଶନ ଆବଶ୍ୟକ। ଏଥର ଟୁର୍ନାମେଣ୍ଟରେ ବୋଲିଂରେ ଇଂଲଣ୍ଡ ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି ରିସି ଟପ୍‌ଲେ (୫ ଉଇକେଟ)। ମାର୍କ ଉଡ୍‌ଙ୍କ ଏକ୍ସପ୍ରେସ ପେସ୍ (୩ ଉଇକେଟ) କିମ୍ବା ଆଦିଲ ରଶିଦଙ୍କ ସ୍ପିନ(୪ ଉଇକେଟ) ସେତେଟୋ ଫଳପ୍ରଦ ହୋଇପାରି ନାହିଁ। ୨୦୧୦ ସଂସ୍କରଣରେ ଇଂଲଣ୍ଡର ସବୁଠାରୁ ଭଲ ବୋଲର ଥିଲେ ଜୋଫ୍ରା ଆର୍ଚର। ସେ ୨୦ ଉଇକେଟ ଅକ୍ତିଆର କରିଥିଲେ। ଜୋଫ୍ରା ଗୁରୁବାର ମୁମ୍ବାଇରେ ଦଳ ସହିତ ଯୋଗ ଦେଇଛନ୍ତି। କିନ୍ତୁ ତାଙ୍କୁ ରିଜର୍ଭ ଖେଳାଳି ଭାବେ ରଖାଯାଇଛି। ଅନ୍ୟପକ୍ଷରେ ଟେମ୍ବା ବଭୁମାଙ୍କ ନେତୃତ୍ୱରେ ଦକ୍ଷିଣ ଆଫ୍ରିକ ଭଲ ପ୍ରଦର୍ଶନ କରୁଛି। କ୍ୱିଣ୍ଟନ ଡି'କକ୍ ଲଗାତର ଦୁଇଟି ଶତକ ହାସଲ କରିଛନ୍ତି। ଦକ୍ଷିଣ ଆଫ୍ରିକା ପାଇଁ ସେ ତାଙ୍କର ଶେଷ ବିଶ୍ୱକପ୍ ଖେଳୁଥିବାରୁ ସେ ସ୍ମରଣୀୟ ପ୍ରଦର୍ଶନ କରିବାକୁ ଚାହିଁବେ। ଏଡେନ ମାରାକ୍ରମ ଓ ରସି ଭାନ୍ ଡର ଡୁସେନ ଫର୍ମରେ ଅଛନ୍ତି। ଭୟ ଖେଳାଳି ପରିସ୍ଥିତିକୁ ନେଇ ସେମାନଙ୍କ ବ୍ୟାଟିଂ ଷ୍ଟାଇଲ ବଦଳାଇ ଥାନ୍ତି। ଦକ୍ଷିଣ ଆଫ୍ରିକା ବୋଲରମାନଙ୍କ ଦଳଗତ ପ୍ରଦର୍ଶନ ରହୁଛି। କାଗିସୋ ରାବାଡା (୭ଉଇକେଟ) ଓ ମାର୍କୋ ଜାନ୍‌ସେନ୍ (୬ ଉଇକେଟ) ବ୍ୟାଟରମାନଙ୍କ ଲାଗି ସମସ୍ୟା ସୃଷ୍ଟି କରିପାରନ୍ତି। ମାତ୍ର ଲୁନ୍‌ଗି ଏନ୍‌ଗିଡି (୪ ଉଇକେଟ)ଙ୍କଠାରୁ ଅଧିକ ଭଲ ପ୍ରଦର୍ଶନ ଦରକାର ପଡୁଛି।

# ସରକାରୀ ଶାରୀରିକ ଶିକ୍ଷା ମହାବିଦ୍ୟାଳୟ ଚାମ୍ପିୟନ



ଚାମ୍ପିୟନ ସରକାରୀ ଶାରୀରିକ ଶିକ୍ଷା ମହାବିଦ୍ୟାଳୟ ଦଳର ଖେଳାଳିମାନେ ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ।

ଭୁବନେଶ୍ୱର, ୨୦।୧୦
(ତପନ ସ୍ୱାଇଁ)

**ଆନ୍ତଃ ମହାବିଦ୍ୟାଳୟ ମହିଳା ଭଲିବଲ୍**

ଉତ୍କଳ ବିଶ୍ୱବିଦ୍ୟାଳୟର ସ୍ପୋର୍ଟ୍ସ କାଉନସିଲ୍ ଆନୁକୂଲ୍ୟରେ ଆୟୋଜିତ ଆନ୍ତଃ ମହାବିଦ୍ୟାଳୟ ମହିଳା ଭଲିବଲ୍ ଟୁର୍ନାମେଣ୍ଟରେ ସରକାରୀ ଶାରୀରିକ ଶିକ୍ଷା ମହାବିଦ୍ୟାଳୟ ଚାମ୍ପିୟନ ହୋଇଛି। ଜଗତପୁରର ଏଲ୍‌ଏନ ସାହୁ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଟୁର୍ନାମେଣ୍ଟର ଫାଇନାଲରେ ସରକାରୀ ଶାରୀରିକ ଶିକ୍ଷା ମହାବିଦ୍ୟାଳୟ (ଜିସିପିଇ), ଭୁବନେଶ୍ୱରର ମହିଳା ଦଳ ୨-୦ ସେଟରେ କେନ୍ଦ୍ରାପଡା ସାନ୍ଧ୍ୟ ମହାବିଦ୍ୟାଳୟ ମହିଳା ଦଳକୁ ପରାସ୍ତ କରି ଏହି ସଫଳତା ପାଇଛି। ପୂର୍ବରୁ ଅନୁଷ୍ଠିତ ପ୍ରଥମ ମ୍ୟାଚରେ ଜିସିପିଇ ୨-୦ ସେଟ୍‌ରେ ରିଜିଓନାଲ୍ ଇନଷ୍ଟିଚ୍ୟୁଟ ଅଫ୍ ଏଜୁକେଶନ୍‌କୁ ହରାଇ ବିଜୟ ଅଭିଯାନ ଆରମ୍ଭ କରିଥିଲା। ସେମିଫାଇନାଲରେ ଜିସିପିଇ ଆୟୋଜକ ଏଲ୍‌ଏନ୍ ସାହୁ ମହାବିଦ୍ୟାଳୟ, ଜଗତପୁରକୁ ୨-୦ ସେଟ୍ ରେ ପରାସ୍ତ କରି ଫାଇନାଲକୁ ଉନ୍ନୀତ ହୋଇଥିଲା। ଜିସିପିଇ ପକ୍ଷରୁ ଅନୁସୂୟା (ଅଧିନାୟକା), ରୁଚିସ୍ମିତା, ମାମୁନି, କୌଶଲ୍ୟା, ବିଜୟଲକ୍ଷ୍ମୀ, ଜ୍ୟୋତ୍ସ୍ନା, ମାମାଲି, ମଧୁସ୍ମିତା, ସସ୍ମିତା, ଫାଲଗୁନି, ମନୀଷା, ମାଳତୀ ପ୍ରମୁଖ ପ୍ରତିନିଧିତ୍ୱ କରିଥିଲେ। ଅଧ୍ୟାପିକା ପତ୍ରପୁଷ୍ପା ମହାନ୍ତି ଦଳର ପ୍ରଶିକ୍ଷକ ତଥା ପରିଚାଳକ ଭାବେ ଦାୟିତ୍ୱ ତୁଲାଇଥିଲେ। ମହିଳା ଦଳର ଏହି ସଫଳତା ପାଇଁ ଅଧ୍ୟକ୍ଷା ସଙ୍ଗୀତାରାଣୀ ଟପ୍ପୋ ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ଓଡ଼ିଶା ଏଫ୍‌ସିର ପ୍ଲେୟର ଡେଭଲପମେଣ୍ଟ ପ୍ରୋଗ୍ରାମ୍

ଭୁବନେଶ୍ୱର, ୨୦।୧୦
(ବିଜୟ ରଣା)

ଫୁଟ୍‌ବଲର ଅଗ୍ରଗତିକୁ ଦୃଷ୍ଟିରେ ରଖି ଓଡ଼ିଶା ଫୁଟ୍‌ବଲ କ୍ଲବ (ଓଏଫ୍‌ସି) ତରଫରୁ ପ୍ଲେୟର ଡେଭଲପମେଣ୍ଟ ପ୍ରୋଗ୍ରାମ ଆରମ୍ଭ କରାଯିବ। ରାଜ୍ୟର ୧୧ ବର୍ଷରୁ ୧୮ବର୍ଷ ପର୍ଯ୍ୟନ୍ତ ବାଳକ ଖେଳାଳିଙ୍କ ଫୁଟ୍‌ବଲ ଦକ୍ଷତାକୁ ତୀକ୍ଷ୍ଣ କରାଯିବ ଏହାର ଲକ୍ଷ୍ୟ। ଏହି ତାଲିମ ଅଣଆବାସିକ ବିଶିଷ୍ଟ ଅଟେ। ଏଥିପାଇଁ ପଞ୍ଜୀକରଣ କାର୍ଯ୍ୟ ଅକ୍ଟୋବର ୨୩ରୁ ଆରମ୍ଭ ହେବ। ପ୍ରଶିକ୍ଷକଙ୍କ ଦ୍ୱାରା ତାଲିମ କାର୍ଯ୍ୟକ୍ରମ ୟୁନିଟ୍-୧ ସ୍ଥିତ ଭୁବନେଶ୍ୱର ଫୁଟବଲ ଏକାଡେମୀ ଓ ମଦର୍ସ ପବ୍ଲିକ ସ୍କୁଲ ପରିସରରେ ହେବ। ଏହି ଅବସରରେ ଖେଳାଳିମାନଙ୍କୁ ଦୁଇ ସେଟ୍ ଜର୍ସି, ସର୍ଟସ, ସିନ୍ ପ୍ୟାଡ, ଷ୍ଟକିଙ୍ଗ ଓ ଏକ୍‌ଜିଟ୍ ବ୍ୟାଗ୍ ପ୍ରଦାନ କରାଯିବ। ଯୋଜନା ଅନୁସାରେ ସୋମବାର, ମଙ୍ଗଳବାର ଓ ବୁଧବାର ସନ୍ଧ୍ୟା ୪ରୁ ୫ଟା ୧୩ବର୍ଷରୁ କମ୍ ଏବଂ ସନ୍ଧ୍ୟା ୫ଟା ୩୦ରୁ ୭ଟା ୧୭ ବର୍ଷରୁ କମ୍ ବାଳକଙ୍କ ମାନଙ୍କ ଯୋଜନା ବ୍ୟବସ୍ଥା ରହିଛି। ସେହିପରି ମଙ୍ଗଳବାର, ବୁଧବାର ଓ ଶନିବାର ସନ୍ଧ୍ୟା ୪ରୁ ୫ ୧୫ ବର୍ଷରୁ କମ୍ ଏବଂ ସନ୍ଧ୍ୟା ୫ଟା ୩୦ରୁ ୭ଟା ପର୍ଯ୍ୟନ୍ତ ୧୯ବର୍ଷରୁ କମ୍ ଖେଳାଳିଙ୍କୁ ତାଲିମ ଦିଆଯିବ। ସୋମବାର ସମସ୍ତ ବୟସ ବର୍ଗର ମ୍ୟାଚ ସନ୍ଧ୍ୟା ୪ରୁ ୭ ପର୍ଯ୍ୟନ୍ତ ହେବ। ଖେଳାଳିମାନେ ପୁରା ସିଜନ ଅଭିଜ୍ଞ କୋଚ୍‌ଙ୍କ ଦ୍ୱାରା ତାଲିମ ପାଇବେ। ପ୍ଲେୟର ଡେଭଲପମେଣ୍ଟ ପ୍ରୋଗ୍ରାମ୍‌ରେ ସାମିଲ ହେବା ଦ୍ୱାରା ଓଡ଼ିଶା ଏଫ୍‌ସି ଏବଂ ସିନିୟର ଦଳ ପାଇଁ ମନୋନୀତ ହେବାର ସୁଯୋଗ ରହିବ।



ଦିନିକିଆ କ୍ରିକେଟ ବିଶ୍ୱକପର ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ଚିତ୍ତାକର୍ଷକ ଡାଇଭ୍ ମାରି ପାକିସ୍ତାନର ସୌଦ ଶକିଲଙ୍କ କ୍ୟାଚ ନେଉଛନ୍ତି ଅଷ୍ଟ୍ରେଲିଆର ମାର୍କୁସ ଷ୍ଟୋଇନିସ।







ବେଙ୍ଗାଲୁରୁରେ ଶୁକ୍ରବାର ଅନୁଷ୍ଠିତ ପାକିସ୍ତାନ ବିପକ୍ଷ ବିଶ୍ୱକପ୍ ମ୍ୟାଚ୍‌ରେ ଶତକ ହାସଲ ପରେ ଉଲ୍ଲସିତ ଡେଭିଡ୍ ୱାର୍ନର ଓ ମିଚେଲ ମାର୍ଶ।

## ମାର୍ଶ, ୱାର୍ନରଙ୍କ ଶତକରେ ରେକର୍ଡ

**ବେଙ୍ଗାଲୁରୁ, ୨୦।୧୦ (ପି.ଟି.)**

ଚଳିତ ଦିନିକିଆ କ୍ରିକେଟ ବିଶ୍ୱକପ୍‌ର ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ପାକିସ୍ତାନ ବିପକ୍ଷରେ ଶତକ ହାସଲ କରିଛନ୍ତି ଅଷ୍ଟ୍ରେଲିଆର ମିଚେଲ ମାର୍ଶ ଓ ଡେଭିଡ ୱାର୍ନର। ଦୁଇଜଣଙ୍କ ଶତକ ଏବଂ ଦ୍ୱିଶତକୀୟ ଭାଗୀଦାରି ସହ ଅନେକ ରେକର୍ଡ ମଧ୍ୟ ସୃଷ୍ଟି ହୋଇଛି। କୌଣସି ବିଶ୍ୱକପ୍ ମ୍ୟାଚରେ ଓପନିଂ ଯୋଡ଼ି ଶତକ ହାସଲ କରିବା ଏହା ଚତୁର୍ଥ ଦୃଷ୍ଟାନ୍ତ। ତେବେ ଅଷ୍ଟ୍ରେଲିଆ ପାଇଁ ଏହା ପ୍ରଥମ। ପ୍ରଥମେ ୱାର୍ନର ଶତକ ପୂରଣ କରିବା ପରେ ମାର୍ଶ ନିଜ ୩୨ତମ ଜନ୍ମଦିନରେ ହାସଲ କରିଥିଲେ କ୍ୟାରିୟରର ଦ୍ୱିତୀୟ ଦିନିକିଆ ଶତକ। ୱାର୍ନର ଓ ମାର୍ଶ ଓପନିଂ ଯୋଡ଼ିରେ ୨୫୯ ରନ ଯୋଗ କରିଥିଲେ। ବିଶ୍ୱକପ୍ ଇତିହାସରେ ଏହା ଦ୍ୱିତୀୟ ସର୍ବାଧିକ ଓପନିଂ ଭାଗୀଦାରି। ତେବେ ଅଷ୍ଟ୍ରେଲିଆ ପାଇଁ ଏହା ଶ୍ରେଷ୍ଠ ପାର୍ଟନରଶିପ୍। ୱାର୍ନରଙ୍କ ପାଇଁ ଏହା ଥିଲା ପାକିସ୍ତାନ ବିପକ୍ଷରେ କ୍ରମାଗତ ଚତୁର୍ଥ ଦିନିକିଆ ଶତକ। କୌଣସି ଗୋଟିଏ ଦଳ ବିପକ୍ଷରେ ୪ ଶତକ ହାସଲ କରିବାରେ ୱାର୍ନର ଭାରତର ବିରାଟ କୋହଲିଙ୍କ ସମକକ୍ଷ ହୋଇଛନ୍ତି। କୋହଲି ୱେଷ୍ଟଇଣ୍ଡିଜ ବିପକ୍ଷରେ ୪ ଶତକ ହାସଲ କରିଥିଲେ। ବିଶ୍ୱକପ୍‌ରେ ଏହାଥିଲା ୱାର୍ନରଙ୍କ ୫ମ ଶତକ। ଏଥିସହ ସେ ଅନ୍ୟତମ ଅଷ୍ଟ୍ରେଲୀୟ ଖେଳାଳି ରିକି ପଣ୍ଟିଂଙ୍କ ସମକକ୍ଷ ହୋଇଛନ୍ତି। ମାର୍ଶ ଅନ୍ତର୍ଜାତୀୟ କ୍ରିକେଟରେ ୬ଷ୍ଠ ଏବଂ ପ୍ରଥମ ଅଷ୍ଟ୍ରେଲୀୟ ଖେଳାଳିଭାବେ ନିଜ ଜନ୍ମଦିନରେ ଦିନିକିଆ ଶତକ ହାସଲ କରିଛନ୍ତି। ତେବେ ଜନ୍ମ ଦିନରେ କୌଣସି ଏକ ବିଶ୍ୱକପ୍ ମ୍ୟାଚରେ ଶତକ ହାସଲ କରିବାରେ ସେ ନ୍ୟୁଜିଲାଣ୍ଡର ରସ୍ ଟେଲରଙ୍କ ପରେ ଦ୍ୱିତୀୟ ଖେଳାଳି। ଓପନିଂ ଯୋଡ଼ିରେ ମାର୍ଶ ଓ ୱାର୍ନର ୨୦୦ରୁ ଊର୍ଦ୍ଧ୍ୱ ରନ ସ୍କୋର କରିଥିଲେ। ବିଶ୍ୱକପ୍ ଇତିହାସରେ ସର୍ବାଧିକ ଦ୍ୱିଶତକୀୟ ଭାଗୀଦାରିରେ ଭାରତର ସମକକ୍ଷ ହୋଇଛି ଅଷ୍ଟ୍ରେଲିଆ। ଉଭୟ ୫ ଥର ଲେଖାଏ ଦ୍ୱିଶତକୀୟ ଭାଗୀଦାରି ଗଢ଼ିଛନ୍ତି।

### ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ୍‌ହାର |
|---|---|---|---|---|---|
| ନ୍ୟୁଜିଲାଣ୍ଡ | ୪ | ୪ | ୦ | ୮ | +୧.୯୨୩ |
| ଭାରତ | ୪ | ୪ | ୦ | ୮ | +୧.୬୫୯ |
| ଦକ୍ଷିଣ ଆଫ୍ରିକା | ୩ | ୨ | ୧ | ୪ | +୧.୩୮୫ |
| ଅଷ୍ଟ୍ରେଲିଆ | ୪ | ୨ | ୨ | ୪ | -୦.୧୯୩ |
| ପାକିସ୍ତାନ | ୪ | ୨ | ୨ | ୪ | -୦.୪୫୬ |
| ଇଂଲଣ୍ଡ | ୩ | ୧ | ୨ | ୨ | -୦.୦୮୪ |
| ବାଂଲାଦେଶ | ୪ | ୧ | ୩ | ୨ | -୦.୭୮୪ |
| ନେଦରଲାଣ୍ଡ୍ସ | ୩ | ୧ | ୨ | ୨ | -୦.୯୯୩ |
| ଆଫଗାନିସ୍ତାନ | ୪ | ୧ | ୩ | ୨ | -୧.୨୫୦ |
| ଶ୍ରୀଲଙ୍କା | ୩ | ୦ | ୩ | ୦ | -୧.୫୩୨ |

## ନ୍ୟୁଜିଲାଣ୍ଡ ବିପକ୍ଷରେ ଖେଳିବେନି ପାଣ୍ଡ୍ୟା

**ନୂଆଦିଲ୍ଲୀ, ୨୦।୧୦(ପି.ଟି.)**

ଭାରତ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚରେ ଖେଳିବେନି। ଚଳିତ ଦିନିକିଆ କ୍ରିକେଟ ବିଶ୍ୱକପ୍‌ରେ ଗୁରୁବାର ପୁଣେଠାରେ ବଂଲାଦେଶ ବିପକ୍ଷରେ ବୋଲିଂ କରୁଥିବା ବେଳେ ତାଙ୍କ ବାମ ଗୋଇଠିରେ ଆଘାତ ଲାଗିଛି। ତାଙ୍କ ଆଘାତସ୍ଥାନର ସ୍କାନ କରାଯାଇଛି। ଆବଶ୍ୟକ ଚିକିତ୍ସା ପାଇଁ ତାଙ୍କୁ ବେଙ୍ଗାଲୁରୁସ୍ଥିତ ନ୍ୟାଶନାଲ କ୍ରିକେଟ ଏକାଡେମୀକୁ ନିଆଯାଇଛି ଏବଂ ବିଶ୍ରାମ ପାଇଁ ପରାମର୍ଶ ଦିଆଯାଇଛି। ସେ ବିସିସିଆଇ ମେଡିକାଲ ଟିମ୍‌ର ନଜରରେ ରହିଛନ୍ତି। ଭାରତ ଆସନ୍ତା ୨୨ରେ ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚ ଧର୍ମଶାଳାରେ ଖେଳିବ।

ପାଣ୍ଡ୍ୟା ଅକ୍ଟୋବର ୨୦ରେ ଧର୍ମଶାଳା ନ ଯାଇ ସିଧାସଳଖ ଲକ୍ଷ୍ନୌ ଯାଇ ଦଳରେ ଯୋଗ ଦେବେ, ଯେଉଁଠାରେ ଭାରତ ବନାମ ଇଂଲଣ୍ଡ ମ୍ୟାଚ ଖେଳାଯିବ। କେ.ଏଲ୍. ରାହୁଲ ନ୍ୟୁଜିଲାଣ୍ଡ ଗେମ୍ ପାଇଁ ରୋହିତ ଶର୍ମାଙ୍କ ଡେପୁଟି ଭାବେ କାର୍ଯ୍ୟ କରିବେ। ସୂଚନାଯୋଗ୍ୟ ରୋହିତ ଶର୍ମା ଓ ପାଣ୍ଡ୍ୟାଙ୍କ ଅନୁପସ୍ଥିତିରେ ରାହୁଲ ଅଷ୍ଟ୍ରେଲିଆ ବିପକ୍ଷ ଦ୍ୱିପାକ୍ଷିକ ସିରିଜରେ ଅଧିନାୟକତ୍ୱ କରୁଥିଲେ। ଧର୍ମଶାଳା ଓ ଲକ୍ଷ୍ନୌ ଗେମ୍ ମଝିରେ ଭାରତ ପାଇଁ ଏକ ବଡ଼ ବ୍ୟବଧାନ ରହିଛି। ଲକ୍ଷ୍ନୌରେ ଭାରତ ଓ ଇଂଲଣ୍ଡ ମ୍ୟାଚ ଅକ୍ଟୋବର ୨୯ରେ ଖେଳାଯିବ।

# ପାକିସ୍ତାନକୁ ହରାଇଲା ଅଷ୍ଟ୍ରେଲିଆ

**ବେଙ୍ଗାଲୁରୁ, ୨୦।୧୦**

ଡେଭିଡ ୱାର୍ନର ଓ ମିଚେଲ ମାର୍ଶଙ୍କ ରେକର୍ଡ ଦ୍ୱିଶତକୀୟ ଓପନିଂ ଭାଗୀଦାରି ପରେ ବୋଲରଙ୍କ ମିଳିତ ଅବଦାନ ବଳରେ ଅଷ୍ଟ୍ରେଲିଆ ଶୁକ୍ରବାର ଅନୁଷ୍ଠିତ ଦିନିକିଆ କ୍ରିକେଟ ବିଶ୍ୱକପ୍ ମ୍ୟାଚରେ ପାକିସ୍ତାନକୁ ୬୨ ରନରେ ପରାସ୍ତ କରିଛି। ହାଇସ୍କୋରିଂ ମ୍ୟାଚରେ ଅଷ୍ଟ୍ରେଲିଆ ୫୦ ଓଭରରେ ୯ ଉଇକେଟ ହରାଇ ୩୬୭ ରନ କରିଥିଲା। ପାକିସ୍ତାନ ଭଲ ଆରମ୍ଭ କରିଥିଲେ ହେଁ ଲକ୍ଷ୍ୟପଥରୁ ବିଚ୍ୟୁତ ହୋଇ ୪୫.୩ ଓଭରରେ ୩୦୫



୫ ଉଇକେଟ ହାସଲକାରୀ ପାକିସ୍ତାନର ଶାହିନ ଶାହା ଆଫ୍ରିଦି।

ରନ କରି ଅଲ୍‌ଆଉଟ ହୋଇଥିଲା। ଚଳିତ ବିଶ୍ୱକପ୍‌ରେ ଅଷ୍ଟ୍ରେଲିଆର ଏହା କ୍ରମାଗତ ଦ୍ୱିତୀୟ ବିଜୟ। ନିଜର ପ୍ରଥମ ଦୁଇ ମ୍ୟାଚରେ ଭାରତ ଓ ଦକ୍ଷିଣ ଆଫ୍ରିକାଠାରୁ ହାରିଥିବା ଏହି ଦଳ ପୂର୍ବ ମ୍ୟାଚରେ ଶ୍ରୀଲଙ୍କାକୁ ପରାସ୍ତ କରିଥିଲା। ଅନ୍ୟପକ୍ଷରେ ପାକିସ୍ତାନର ଏହା କ୍ରମାଗତ ଦ୍ୱିତୀୟ ପରାଜୟ। ନିଜର ପ୍ରଥମ ୨ ମ୍ୟାଚରେ ବାବର ଆଜମଙ୍କ ଦଳ ଯଥାକ୍ରମେ ନେଦରଲାଣ୍ଡ୍ସ ଓ ଶ୍ରୀଲଙ୍କାକୁ ହରାଇଥିବାବେଳେ ପୂର୍ବ ମ୍ୟାଚରେ ଭାରତଠାରୁ ହାରି ଯାଇଥିଲା।

ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଅଷ୍ଟ୍ରେଲିଆ ଚମତ୍କାର ଆରମ୍ଭ କରିଥିଲା। ଦୁଇ ଓପନର ଡେଭିଡ ୱାର୍ନର ଓ ମିଚେଲ ମାର୍ଶ ଶତକ ହାସଲ କରିବା ସହ ଓପନିଂ ଯୋଡ଼ିରେ ଦ୍ୱିଶତକୀୟ ଭାଗୀଦାରି ଗଢ଼ି ଦଳର ବୃହତ୍ ସ୍କୋର ପାଇଁ ପ୍ଲାଟ୍‌ଫର୍ମ ପ୍ରସ୍ତୁତ କରିଥିଲେ। ପାକିସ୍ତାନ ବୋଲରଙ୍କୁ ଧୂଳେଇ କରି ୱାର୍ନର ହାସଲ କରିଥିଲେ କ୍ୟାରିୟରର ୨୧ତମ ଓ ମାର୍ଶ ଦ୍ୱିତୀୟ ଦିନିକିଆ ଶତକ। ଏଥିସହ ଦୁହେଁ ପ୍ରଥମ ଉଇକେଟରେ ୨୦୩ ବଲ୍‌ରୁ ୨୫୯ ରନର ଭାଗୀଦାରି ଗଢ଼ି ଏକାଧିକ ରେକର୍ଡର ଅଧିକାରୀ ହୋଇଥିଲେ। ୩୪ତମ ଓଭରର ୫ମ ବଲ୍‌ରେ ମିଚେଲ ମାର୍ଶଙ୍କୁ ଆଉଟ କରି ପାକିସ୍ତାନକୁ ବହୁ ପ୍ରତୀକ୍ଷିତ ବ୍ରେକ୍ ଥ୍ରୁ ଦେଇଥିଲେ ଶାହିନ ଶାହା ଆଫ୍ରିଦି। ୧୦୦ ବଲ୍‌ରୁ ଶତକ ପୂରଣ କରିଥିବା ମାର୍ଶ ୧୦୮ ବଲ୍‌ରୁ ୧୦ ଚୌକା ଓ ୯ ଛକା ସହାୟତାରେ ୧୨୧ ରନ କରି ଆଉଟ ହୋଇଥିଲେ। ଗ୍ଲେନ ମ୍ୟାକ୍ସୱେଲ ଖାତା ଖୋଲିପାରି ନ ଥିବାବେଳେ ଷ୍ଟିଭେନ ସ୍ମିଥ୍ ମାତ୍ର ୭ ରନ କରିବାକୁ ସକ୍ଷମ ହୋଇଥିଲେ। ତେବେ ୱାର୍ନର ଖେଳିଥିଲେ କ୍ୟାରିୟରର ଅନ୍ୟତମ ଶ୍ରେଷ୍ଠ ଇନିଂସ। ସେ ମାତ୍ର ୮୫ ବଲ୍‌ରୁ ଶତକ ପୂରଣ କରିଥିବାବେଳେ ୧୨୪ ବଲ୍‌ରୁ ସର୍ବାଧିକ ୧୬୩ (୧୪ ଚୌକା, ୯ ଛକା) ରନ ସ୍କୋର କରିଥିଲେ। ୱାର୍ନର ଏବଂ ମାର୍ଶଙ୍କ ବ୍ୟାଟିଂ ସମୟରେ ଅଷ୍ଟ୍ରେଲିଆ ୪୦୦ରୁ ଊର୍ଦ୍ଧ୍ୱ ରନ ସ୍କୋର କରିବ ବୋଲି ଆକଳନ କରାଯାଉଥିଲା। ମାତ୍ର ମିଡିଲ ଏବଂ ଲୋୟର ଅର୍ଡର ବ୍ୟାଟିଂ ବିଫଳତା ଯୋଗୁ ଦଳୀୟ ଇନିଂସ ୩୬୭ରେ ସୀମିତ ରହି ଯାଇଥିଲା। ମାର୍କୁସ ଷ୍ଟୋଇନିସ ୨୧ ଓ ଜୋଶ୍ ଇଂଲିଶ୍ ୧୩ ରନ ସ୍କୋର କରିଥିଲେ। ପାକିସ୍ତାନ ପକ୍ଷରୁ ଶାହିନ ଶାହା ଆଫ୍ରିଦି ୫ ଉଇକେଟ ସଫଳତା ପାଇଥିବାବେଳେ ହାରିସ ରୌଫ ୩ଟି ଓ ଉସମା ମୀର ଗୋଟିଏ ଉଇକେଟ ନେଇଥିଲେ। ଅତିରିକ୍ତଭାବେ ପାକିସ୍ତାନ ବୋଲରମାନେ ୨୫ ରନ ବ୍ୟୟ କରିଥିଲେ।

ବଡ଼ ସ୍କୋରର ପିଛା କରିଥିବା ପାକିସ୍ତାନ ମଧ୍ୟ ଭଲ ଆରମ୍ଭ କରିଥିଲା। ଦୁଇ ଓପନର ଅବଦୁଲା ଶଫିକ ଓ ଇମାମ-ଉଲ-ହକ୍



**ଦିନିକିଆ ବିଶ୍ୱକପ**

**(ଆଜିର ମ୍ୟାଚ)**

**ନେଦରଲାଣ୍ଡ୍ସ ବନାମ ଶ୍ରୀଲଙ୍କା**

ସ୍ଥାନ: ଲକ୍ଷ୍ନୌ, ସମୟ: ପୂର୍ବାହ୍ନ ୧୦ଟା ୩୦

**ଇଂଲଣ୍ଡ ବନାମ ଦକ୍ଷିଣ ଆଫ୍ରିକା**

ସ୍ଥାନ: ମୁମ୍ବାଇ, ସମୟ: ଅପରାହ୍ନ ୨ଟା

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

ଓପନିଂ ଯୋଡ଼ିରେ ୧୩୪ ରନ ସଂଗ୍ରହ କରି ଦଳକୁ ଲକ୍ଷ୍ୟ ପଥରେ ଆଗେଇ ନେଇଥିଲେ। ଅଷ୍ଟ୍ରେଲିଆ ଅଧିନାୟକ ପ୍ୟାଟ୍ କମିନ୍ସ ନିଜ ସମେତ ୫ ବୋଲରଙ୍କୁ ବ୍ୟବହାର କରି ବିଫଳ ହେବା ପରେ ମାର୍କୁସ ଷ୍ଟୋଇନିସଙ୍କୁ ବୋଲିଂଭାର ଦେଇ ସଫଳତା ପାଇଥିଲେ। ଷ୍ଟୋଇନିସ ନିଜ ପ୍ରଥମ ଓଭର ଅର୍ଥାତ୍ ପାକିସ୍ତାନ ଇନିଂସର ୨୨ତମ ଓଭରର ପ୍ରଥମ ବଲ୍‌ରେ ଶଫିକଙ୍କୁ ଆଉଟ କରି ଅଷ୍ଟ୍ରେଲିଆକୁ ବ୍ରେକ୍ ଥ୍ରୁ ଦେଇଥିଲେ। କେବଳ ସେତିକି ନୁହେଁ ନିଜ ଦ୍ୱିତୀୟ ଓଭରରେ ମଧ୍ୟ ସଫଳତା ପାଇଥିଲେ ଷ୍ଟୋଇନିସ। ସେ ଏଥର ଅନ୍ୟତମ ସେଟ୍ ବ୍ୟାଟର ଇମାମ-ଉଲ-ହକ୍‌ଙ୍କୁ ଶିକାର ବନାଇଥିଲେ। ଶଫିକ ୬୪ ଓ ଇମାମ ୭୦ ରନକରି ପ୍ୟାଭିଲିୟନ ଫେରିଥିଲେ। ପୂର୍ବ ମ୍ୟାଚରେ ଭାରତ ବିପକ୍ଷରେ ଅର୍ଦ୍ଧଶତକ ହାସଲ କରିଥିବା ଅଧିନାୟକ ବାବର ଆଜମ ଏଠାରେ କିନ୍ତୁ ବିଫଳ ହୋଇଥିଲେ। ସେ ମାତ୍ର ୧୮ ରନକରି ସ୍ପିନର ଆଡାମ ଜାମ୍ପାଙ୍କ ବଲ୍‌ରେ ଆଉଟ ହୋଇଥିଲେ। ମହମ୍ମଦ ରିଜୱାନ ଓ ସୌଦ ଶକିଲ ଇନିଂସକୁ ଆଗେଇ ନେଇଥିଲେ। ୪ର୍ଥ ଉଇକେଟରେ ୪୮ ବଲ୍‌ରୁ ୫୭ ରନ ଯୋଗ ହେବାପରେ ଶକିଲଙ୍କୁ ଆଉଟ କରି ପାକିସ୍ତାନକୁ ଝଟ୍‌କା ଦେଇଥିଲେ କମିନ୍ସ। ୩୧ ବଲ୍‌ରୁ ଶକିଲ ୩୦ ରନ କରିଥିଲେ। ରିଜୱାନଙ୍କ ସହ କ୍ରିଜରେ ଯୋଗ ଦେଇଥିବା ଇଫତିକାର ଅହମଦ ଆରମ୍ଭରେ ଧୀମା ଖେଳିଥିଲେ ହେଁ ପରେ ଆକ୍ରମଣାତ୍ମକ ବ୍ୟାଟିଂ କରି ପାକିସ୍ତାନ ପାଇଁ ଆଶା ସଞ୍ଚାର କରିଥିଲେ। ମାତ୍ର ଆବଶ୍ୟକ ସମୟରେ ଇଫତିକାରଙ୍କୁ ଆଉଟ କରି ମ୍ୟାଚର ମୋଡ଼ ବଦଳାଇଥିଲେ ତାରକା ସ୍ପିନର ଜାମ୍ପା। ୩ ଛକା ସହାୟତାରେ ଇଫତିକାର ୨୬ ରନ କରିଥିବାବେଳେ ଲାଇନ୍ ମିସ୍‌କରି ଏଲ୍‌ବିଡବ୍ଲ୍ୟୁ ହୋଇଯାଇଥିଲେ। ଜାମ୍ପା ନିଜର ପରବର୍ତ୍ତୀ ଅର୍ଥାତ୍ ଇନିଂସର ୪୧ତମ ଓଭରରେ ଇନ୍‌ଫର୍ମ ବ୍ୟାଟର ରିଜୱାନଙ୍କୁ ଆଉଟ କରିବାରୁ ପାକିସ୍ତାନ ବିଜୟ ଆଶା ଧୂଳିସାତ ହୋଇ ଯାଇଥିଲା। ଅମ୍ପାୟରଙ୍କ ଏଲ୍‌ବିଡବଲ୍ୟୁ ଆଉଟ ନିଷ୍ପତ୍ତି ବିରୋଧରେ ରିଜୱାନ ଡିଆରଏସ୍ ନେଇଥିଲେ ହେଁ କିଛି ଲାଭ ହୋଇ ନ ଥିଲା। ସେ ୪୦ ବଲ୍‌ରୁ ୪୬ ରନ କରିଥିଲେ। ଚଳିତ ବିଶ୍ୱକପ୍‌ରେ ପ୍ରଥମଥର ପାଇଁ ସୁଯୋଗ ପାଇଥିବା ଉସମା ମୀର ଖାତା ଖୋଲିବାକୁ ସକ୍ଷମ ହୋଇ ନ ଥିଲେ। ଅଷ୍ଟ୍ରେଲିଆ ବୋଲରଙ୍କ ମଧ୍ୟରେ ଆଡାମ ଜାମ୍ପା ସର୍ବାଧିକ ୪ଟି ଏବଂ ମାର୍କୁସ ଷ୍ଟୋଇନିସ ଓ ପ୍ୟାଟ୍ କମିନ୍ସ ୨ଟି ଲେଖାଏ ଏବଂ ମିଚେଲ ଷ୍ଟାର୍କ ଓ ଜୋଶ୍ ହାଜେଲଉଡ୍ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

### ସଂକ୍ଷିପ୍ତ ସ୍କୋର

ଅଷ୍ଟ୍ରେଲିଆ ୫୦ ଓଭରରେ ୩୬୭/୯ (ଡେଭିଡ ୱାର୍ନର-୧୬୩, ମିଚେଲ ମାର୍ଶ-୧୨୧, ଶାହିନ ଶାହା ଆଫ୍ରିଦି-୫/୫୪, ହାରିସ ରୌଫ-୩/୮୩, ଉସମା ମୀର-୧/୮୨)। ପାକିସ୍ତାନ ୪୫.୩ ଓଭରରେ ୩୦୫/ଅଲ୍‌ଆଉଟ (ଇମାମ ଉଲ ହକ୍-୭୦, ଅବଦୁଲା ଶଫିକ୍-୬୪, ମହମ୍ମଦ ରିଜୱାନ-୪୬, ସୌଦ ଶକିଲ-୩୦, ଆଡାମ ଜାମ୍ପା-୪/୫୩, ମାର୍କୁସ ଷ୍ଟୋଇନିସ-୨/୪୦, ପ୍ୟାଟ୍ କମିନ୍ସ-୨/୬୨, ଜୋଶ୍ ହାଜେଲଉଡ୍-୧/୩୭, ମିଚେଲ ଷ୍ଟାର୍କ-୧/୬୫)।



# ସେମିଫାଇନାଲରେ ସିନ୍ଧୁ

## ଡେନ୍‌ମାର୍କ ଓପନ ବ୍ୟାଡ୍‌ମିଣ୍ଟନ

ଓଡେନ୍ସ, ୨୦।୧୦ (ପି.ଟି.)

ଭାରତର ଷ୍ଟାର ବ୍ୟାଡ୍‌ମିଣ୍ଟନ ଖେଳାଳି ପି.ଭି. ସିନ୍ଧୁ ଏଠାରେ ଚାଲିଥିବା ଡେନମାର୍କ ଓପନ ସୁପର ୭୫୦ ଟୁର୍ନାମେଣ୍ଟ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଦୁଇ ଥର ଅଲିମ୍ପିକ ପଦକ ବିଜୟିନୀ ଶୁକ୍ରବାର ଖେଳାଯାଇଥିବା ଏକ ମହିଳା ସିଙ୍ଗଲ୍ସ କ୍ୱାର୍ଟରଫାଇନାଲରେ ବିଶ୍ୱର ୧୯ ନମ୍ବର ସୁପାନିଦା କେଟ୍‌ଥଙ୍ଗଙ୍କୁ ୨୧-୧୯, ୨୧-୧୨ରେ ହରାଇ ଦେଇଛନ୍ତି। ଦୁଇ ସପ୍ତାହ ମଧ୍ୟରେ ଏହା ହେଉଛି ତାଙ୍କର ଦ୍ୱିତୀୟ ସେମିଫାଇନାଲ। ଏହା ପୂର୍ବରୁ ସେ ଗତ ସପ୍ତାହରେ ଫିନ୍‌ଲାଣ୍ଡର ଆର୍କଟିକ୍ ଓପନ ସୁପର ୫୦୦ରେ ସେମିଫାଇନାଲକୁ ଉନ୍ନୀତ ହୋଇଥିଲେ। ସିନ୍ଧୁ ବର୍ତ୍ତମାନ ସ୍ପେନର ୩ଥର ବିଶ୍ୱ ଚାମ୍ପିୟନ କାରୋଲିନା ମାରିନ କିମ୍ବା ଟୋକିଓ ଅଲିମ୍ପିକ୍ସରେ ରୌପ୍ୟ ବିଜେତା ଚାଇନିଜ ତାଇପେର ତାଇ ତିଜୁ ୟିଙ୍ଗ୍‌ଙ୍କୁ ଭେଟିବେ।

# ୱିନ୍‌ଙ୍କ ସହ ଓଡ଼ିଶା ଏଫ୍‌ସିର ଚୁକ୍ତି

ଭୁବନେଶ୍ୱର, ୨୦।୧୦

(ତପନ ସ୍ୱାଇଁ)


ୱିନ ଥିଙ୍ଗ୍ ଟୁନ୍

ଓଡ଼ିଶା ଏଫ୍‌ସି ଏହାର ମହିଳା ଦଳପାଇଁ ମ୍ୟାନମାର ଅନ୍ତର୍ଜାତୀୟ ଖେଳାଳି ୱିନ ଥିଙ୍ଗ୍ ଟୁନ୍‌ଙ୍କ ସହ ଏକବର୍ଷିଆ ଚୁକ୍ତି କରିଛି। ଥିଟସର ଅମନ, ଲର୍ଡ୍ସ ଏଫ୍‌ଏ, ଗୋକୁଲମ କେରଳ ଓ ଥାଇଲାଣ୍ଡରେ ବିଜି ବିଣ୍ଡିତ ଏସିଆ ପକ୍ଷରୁ ଖେଳିବାପରେ ଏହି ଫରୱାର୍ଡ ଖେଳାଳି ଓଡ଼ିଶା ଏଫ୍‌ସିରେ ଯୋଗ ଦେଇଛନ୍ତି। ଉଭୟ ଘରୋଇ ଏବଂ ଅନ୍ତର୍ଜାତୀୟ ସ୍ତରରେ ଅଭିଜ୍ଞତା ଥିବାରୁ ତାଙ୍କ ଉପସ୍ଥିତିରେ ଦଳ ଏହି ସିଜନରେ ଭଲ ପ୍ରଦର୍ଶନ କରିବ ବୋଲି କ୍ଲବ ଆଶା ରଖିଛି। ୨୦୨୨ରେ ସେ ମ୍ୟାନମାର ମହିଳା ଲିଗ୍‌ରେ ୧୦୦ ଗୋଲ ସହ ସର୍ବକାଳୀନ ଟପ୍ ସ୍କୋରର ହୋଇଥିଲେ। ''ଓଡ଼ିଶା ଏଫ୍‌ସିରେ ଯୋଗଦେଇ ମୁଁ ବହୁତ ଖୁସି। ମୁଁ ଏହି କ୍ଲବ ଏବଂ ଏହାର ଦର୍ଶକଙ୍କ ସମ୍ପର୍କରେ ଅନେକ ଶୁଣିଛି। କଠିନ ପରିଶ୍ରମ ସହ କ୍ଲବର ସଫଳତାରେ ଭାଗୀଦାରି ହେବାକୁ ମୁଁ ଲକ୍ଷ୍ୟ ରଖିଛି'' ବୋଲି ୱିନ ପ୍ରକାଶ କରିଛନ୍ତି।

# ଲସିଥ ମାଲିଙ୍ଗା ମୁମ୍ବାଇ ଇଣ୍ଡିଆନ୍ସ ବୋଲିଂ କୋଚ୍

ମୁମ୍ବାଇ,୨୦।୧୦(ପି.ଟି.): ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଫ୍ରାଞ୍ଚାଇଜ୍ ମୁମ୍ବାଇ ଇଣ୍ଡିଆନ୍ସ ଶୁକ୍ରବାର ବିଧିବଦ୍ଧ ଭାବେ ଶ୍ରୀଲଙ୍କାର ପୂର୍ବତନ ପେସ୍ ବୋଲର ଲସିଥ ମାଲିଙ୍ଗାଙ୍କୁ ଏହାର ବୋଲିଂ କୋଚ୍ ଭାବେ ନିଯୁକ୍ତି ଦେଇଛି। ଶେନ ବଣ୍ଡଙ୍କ ପରେ ଏହି ସ୍ଥାନ ଖାଲିପଡ଼ିଥିଲା। ୪୦ ବର୍ଷୀୟ ମାଲିଙ୍ଗା ପୂର୍ବରୁ ୫ ଥର ଚାମ୍ପିୟନ ମୁମ୍ବାଇ ଇଣ୍ଡିଆନ୍ସ ତରଫରୁ ଖେଳିଛନ୍ତି। ଆଗାମୀ ସିଜନ ପାଇଁ ସେ ମାର୍କ ବାଉଚର ଓ ତାଙ୍କ ପୂର୍ବତନ ଟିମ୍‌ମେଟ୍ କିରନ ପୋଲାର୍ଡଙ୍କ ନେତୃତ୍ୱାଧୀନ କୋଚିଂ ଟିମ୍‌ରେ ଯୋଗ ଦେଇଛନ୍ତି। ମାଲିଙ୍ଗାଙ୍କ ଚମତ୍କାର ବୋଲିଂ ଯୋଗୁ ଅନ୍ତର୍ଜାତୀୟ କ୍ରିକେଟରେ ଶ୍ରୀଲଙ୍କା ଏବଂ ଆଇପିଏଲ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ବହୁ ଗୁରୁତ୍ୱପୂର୍ଣ୍ଣ ଗେମ୍ ଜିତିପାରିଛି। ଏହି ପୂର୍ବତନ ଷ୍ଟାର ପେସ୍ ବୋଲର ୧୩ ବର୍ଷ ଧରି ମୁମ୍ବାଇ ଇଣ୍ଡିଆନ ସହିତ କାର୍ଯ୍ୟ କରିଛନ୍ତି। ୨୦୦୮ରୁ ୧୧ ବର୍ଷ ଖେଳାଳି ଭାବେ ଏବଂ ଗୋଟିଏ ବର୍ଷ (ଆଇପିଏଲ୍ ୨୦୧୮) ବୋଲିଂ ମେଣ୍ଟର ଭାବେ କାର୍ଯ୍ୟ କରିଛନ୍ତି।







4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

# ସେମିଫାଇନାଲରେ ସିନ୍ଧୁ

**ଡେନମାର୍କ ଓପନ ବ୍ୟାଡ୍‌ମିଣ୍ଟନ**

ଓଡେନ୍ସ, ୨୦।୧୦ (ପି.ଟି.)

ଭାରତର ଷ୍ଟାର ବ୍ୟାଡ୍‌ମିଣ୍ଟନ ଖେଳାଳି ପି.ଭି. ସିନ୍ଧୁ ଏଠାରେ ଚାଲିଥିବା ଡେନମାର୍କ ଓପନ ସୁପର ୭୫୦ ଟୁର୍ନାମେଣ୍ଟ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଦୁଇ ଥର ଅଲିମ୍ପିକ ପଦକ ବିଜୟିନୀ ଶୁକ୍ରବାର ଖେଳାଯାଇଥିବା ଏକ ମହିଳା ସିଙ୍ଗଲ୍ସ କ୍ୱାର୍ଟରଫାଇନାଲରେ ବିଶ୍ୱର ୧୯ ନମ୍ବର ସୁପାନିଦା କେଟ୍‌ଥଙ୍ଗଙ୍କୁ ୨୧-୧୯, ୨୧-୧୨ରେ ହରାଇ ଦେଇଛନ୍ତି। ଦୁଇ ସପ୍ତାହ ମଧ୍ୟରେ ଏହା ହେଉଛି ତାଙ୍କର ଦ୍ୱିତୀୟ ସେମିଫାଇନାଲ। ଏହା ପୂର୍ବରୁ ସେ ଗତ ସପ୍ତାହରେ ଫିନ୍‌ଲାଣ୍ଡର ଆର୍କଟିକ୍ ଓପନ ସୁପର ୫୦୦ରେ ସେମିଫାଇନାଲକୁ ଉନ୍ନୀତ ହୋଇଥିଲେ। ସିନ୍ଧୁ ବର୍ତ୍ତମାନ ସ୍ପେନର ୩ଥର ବିଶ୍ୱ ଚାମ୍ପିୟନ କାରୋଲିନା ମାରିନ କିମ୍ବା ଟୋକିଓ ଅଲିମ୍ପିକ୍ସରେ ରୌପ୍ୟ ବିଜେତା ଚାଇନିଜ ତାଇପେର ତାଇ ତିଜୁ ୟିଙ୍ଗ୍‌ଙ୍କୁ ଭେଟିବେ।

# ୱିନ୍‌ଙ୍କ ସହ ଓଡ଼ିଶା ଏଫ୍‌ସିର ଚୁକ୍ତି

ଭୁବନେଶ୍ୱର, ୨୦।୧୦

(ତପନ ସ୍ୱାଇଁ)



ୱିନ ଥୁଙ୍ଗ୍ ଟୁନ୍

ଓଡ଼ିଶା ଏଫ୍‌ସି ଏହାର ମହିଳା ଦଳପାଇଁ ମ୍ୟାନମାର ଅନ୍ତର୍ଜାତୀୟ ଖେଳାଳି ୱିନ ଥୁଙ୍ଗ୍ ଟୁନ୍‌ଙ୍କ ସହ ଏକବର୍ଷିଆ ଚୁକ୍ତି କରିଛି। ଥିଟସର ଅମନ, ଲର୍ଡ୍ସ ଏଫ୍‌ଏ, ଗୋକୁଳମ କେରଳ ଓ ଥାଇଲାଣ୍ଡରେ ବିଜି ବିଣ୍ଡିତ ଏସିଆ ପକ୍ଷରୁ ଖେଳିବାପରେ ଏହି ଫରୱାର୍ଡ ଖେଳାଳି ଓଡ଼ିଶା ଏଫ୍‌ସିରେ ଯୋଗ ଦେଇଛନ୍ତି। ଉଭୟ ଘରୋଇ ଏବଂ ଅନ୍ତର୍ଜାତୀୟ ସ୍ତରରେ ଅଭିଜ୍ଞତା ଥିବାରୁ ତାଙ୍କ ଉପସ୍ଥିତିରେ ଦଳ ଏହି ସିଜନରେ ଭଲ ପ୍ରଦର୍ଶନ କରିବ ବୋଲି କ୍ଲବ ଆଶା ରଖିଛି। ୨୦୨୨ରେ ସେ ମ୍ୟାନମାର ମହିଳା ଲିଗ୍‌ରେ ୧୦୦ ଗୋଲ ସହ ସର୍ବକାଳୀନ ଟପ୍ ସ୍କୋରର ହୋଇଥିଲେ। "ଓଡ଼ିଶା ଏଫ୍‌ସିରେ ଯୋଗଦେଇ ମୁଁ ବହୁତ ଖୁସି। ମୁଁ ଏହି କ୍ଲବ ଏବଂ ଏହାର ଦର୍ଶକଙ୍କ ସମ୍ପର୍କରେ ଅନେକ ଶୁଣିଛି। କଠିନ ପରିଶ୍ରମ ସହ କ୍ଲବର ସଫଳତାରେ ଭାଗୀଦାରି ହେବାକୁ ମୁଁ ଲକ୍ଷ୍ୟ ରଖିଛି" ବୋଲି ୱିନ ପ୍ରକାଶ କରିଛନ୍ତି।

# ଲସିଥ ମାଲିଙ୍ଗା ମୁମ୍ବାଇ ଇଣ୍ଡିଆନ୍ସ ବୋଲିଂ କୋଚ୍

ମୁମ୍ବାଇ,୨୦।୧୦(ପି.ଟି.): ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଫ୍ରାଞ୍ଚାଇଜ୍ ମୁମ୍ବାଇ ଇଣ୍ଡିଆନ୍ସ ଶୁକ୍ରବାର ବିଧିବଦ୍ଧ ଭାବେ ଶ୍ରୀଲଙ୍କାର ପୂର୍ବତନ ପେସ୍ ବୋଲର ଲସିଥ ମାଲିଙ୍ଗାଙ୍କୁ ଏହାର ବୋଲିଂ କୋଚ୍ ଭାବେ ନିଯୁକ୍ତି ଦେଇଛି। ଶେନ ବଣ୍ଡଙ୍କ ପରେ ଏହି ସ୍ଥାନ ଖାଲିପଡ଼ିଥିଲା। ୪୦ ବର୍ଷୀୟ ମାଲିଙ୍ଗା ପୂର୍ବରୁ ୫ ଥର ଚାମ୍ପିୟନ ମୁମ୍ବାଇ ଇଣ୍ଡିଆନ୍ସ ତରଫରୁ ଖେଳିଛନ୍ତି। ଆଗାମୀ ସିଜନ ପାଇଁ ସେ ମାର୍କ ବାଉଚର ଓ ତାଙ୍କ ପୂର୍ବତନ ଟିମ୍‌ମେଟ୍ କିରନ ପୋଲାର୍ଡଙ୍କ ନେତୃତ୍ୱାଧୀନ କୋଚିଂ ଟିମ୍‌ରେ ଯୋଗ ଦେଇଛନ୍ତି। ମାଲିଙ୍ଗାଙ୍କ ଚମତ୍କାର ବୋଲିଂ ଯୋଗୁ ଅନ୍ତର୍ଜାତୀୟ କ୍ରିକେଟରେ ଶ୍ରୀଲଙ୍କା ଏବଂ ଆଇପିଏଲ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ବହୁ ଗୁରୁତ୍ୱପୂର୍ଣ୍ଣ ଗେମ୍ ଜିତିପାରିଛି। ଏହି ପୂର୍ବତନ ଷ୍ଟାର ପେସ୍ ବୋଲର ୧୩ ବର୍ଷ ଧରି ମୁମ୍ବାଇ ଇଣ୍ଡିଆନ ସହିତ କାର୍ଯ୍ୟ କରିଛନ୍ତି। ୨୦୦୮ରୁ ୧୧ ବର୍ଷ ଖେଳାଳି ଭାବେ ଏବଂ ଗୋଟିଏ ବର୍ଷ (ଆଇପିଏଲ୍ ୨୦୧୮) ବୋଲିଂ ମେଣ୍ଟର ଭାବେ କାର୍ଯ୍ୟ କରିଛନ୍ତି।










4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ